ଧରିତ୍ରୀ 52 Years
ପୃଷ୍ଠା-୮+୬
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୪/୨୦୨୬ (୮+୬=୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 24/2026 Page 14 ₹ 7.00
୫୨ଶ ଭାଗ ୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 62 ମୂଲ୍ୟ₹୭/-



କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂସ୍କୃତି ଭବନଠାରେ ଶୁକ୍ରବାର ଆୟୋଜିତ ପରାକ୍ରମ ଦିବସ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି ହେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। (ରିପୋର୍ଟ: ପୃଷ୍ଠା-୪)

# ୧ ଡଲାର=୯୨ ଟଙ୍କା

## ଜାନୁଆରୀରେ ୨% ଦୁର୍ବଳ ହେଲାଣି ଭାରତୀୟ ମୁଦ୍ରା

**ଆମେରିକୀୟ ମୁଦ୍ରା ଡଲାର ଆଗରେ ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଧାରା ଜାରି ରହିଛି। ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ଶୁକ୍ରବାର କାରବାର ବେଳେ ଭାରତୀୟ ମୁଦ୍ରା ପୁଣି ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନସ୍ତର ୯୨ ଟଙ୍କାକୁ ଖସିବା ପରେ ୯୧.୯୯ରେ ସ୍ଥିର ରହିଛି। ଦୁର୍ବଳ ଘରୋଇ ବଜାର ସାଙ୍ଗକୁ ବିଦେଶୀ ପାଣ୍ଠିର ନିର୍ଗମନକୁ ଏଥିପାଇଁ ଦାୟୀ କରାଯାଉଛି। ବଜାରରେ ନକାରାତ୍ମକ ଟ୍ରେଣ୍ଡ ଜାରି ରହିଲେ ନିବେଶକଙ୍କ ସେଣ୍ଟିମେଣ୍ଟ ଅଧିକ ପ୍ରଭାବିତ ହେବା ସହ ଟଙ୍କା ଆହୁରି ଦୁର୍ବଳ ହୋଇପାରେ ବୋଲି ଫରେକ୍ସ ଟ୍ରେଡର୍ସ ସତର୍କ କରାଇଛନ୍ତି।**

ମୁମ୍ବାଇ,୨୩।୧

ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ଶୁକ୍ରବାର କାରବାର ଆରମ୍ଭ ବେଳେ ଟଙ୍କା ତଳମୁହାଁ ହୋଇ ପୁଣି ଏକ ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ବିଦେଶୀ ପାଣ୍ଠିଗୁଡ଼ିକରୁ ସେଲିଂ ପ୍ରେସର ଓ ବୈଶ୍ୱିକ ବଜାରରେ ରିସ୍କ୍ ସେଣ୍ଟିମେଣ୍ଟ ଦୃଢ଼ୀଭୂତ ହେବାରେ ଲାଗିଥିବାବେଳେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୧.୯୯ ଟଙ୍କାକୁ ଖସିଛି। ଇରାନ୍ ଉପରେ ଆମେରିକାର ସମ୍ଭାବ୍ୟ ଆକ୍ରମଣ ଯୋଗୁ କ୍ରୁଡ୍ ଅଏଲ୍ ଦର ପୁଣି ବଢ଼ିଥିବାବେଳେ ୟୁଏସ୍ ଟ୍ରେଜେରିର ମଜଭୁତ ଲାଭ ହାସଲ କରିବା ଏହାର ଅନ୍ୟତମ କାରଣ ବୋଲି ମନେକରାଯାଉଛି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ୯୧.୪୫ରେ ଖୋଲିଥିଲା। ପରେ ୯୧.୪୧କୁ ଉଠି ପୁଣି ଅଲ୍-ଟାଇମ୍ ଇଣ୍ଟ୍ରାଡେ ଲୋ'କୁ ସ୍ପର୍ଶ କରିଥିଲା। ସେତେବେଳେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୯୨ ଟଙ୍କାକୁ ଖସିଯାଇଥିଲା, ଯାହାକି ଅଦ୍ୟାବଧି ଏହାର ସର୍ବକାଳୀନ ଦୁର୍ବଳତା। କାରବାର ଶେଷରେ ଗୁରୁବାରର କ୍ଲୋଜିଂଠାରୁ ୩୦ ପଇସା ଦୁର୍ବଳତା ସହ ୯୧.୮୮ରେ ରହିଥିଲା। ଏହି ପୃଷ୍ଠଭୂମିରେ ଦେଖିଲେ କେବଳ ଚଳିତ ଜାନୁଆରୀରେ ଭାରତୀୟ ମୁଦ୍ରା ୨%ରୁ ଉର୍ଦ୍ଧ୍ୱ ଅର୍ଥାତ୍ ୨ ଟଙ୍କା ଦୁର୍ବଳ ହେଲାଣି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ଭାରତୀୟ ପୁଞ୍ଜିବଜାରରୁ ମୁହଁ ଫେରାଇ ନେଉଥିବାବେଳେ ଗ୍ଲୋବାଲ ମାର୍କେଟରେ ରିସ୍କ ସେଣ୍ଟିମେଣ୍ଟ ଯୋଗୁ ସେଲିଂ ପ୍ରେସର ବଢ଼ିଛି। ଅପରପକ୍ଷେ ଆମେରିକୀୟ ଡଲାରର ଚାହିଦା ବଢ଼ିଚାଲିଛି। ଏହି ଧାରା ଲାଗିରହିଲେ ଟଙ୍କା ଆହୁରି ଦୁର୍ବଳ ହୋଇପାରେ ବୋଲି ମିରାଏ ଆସେଟ୍ ଶେୟାରଖାନ୍ ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ କହିଛନ୍ତି। ଏଭଳି ସ୍ଥିତିରେ ଟଙ୍କାରେ ସ୍ଥିରତା ଆଣିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଯେପରି ହସ୍ତକ୍ଷେପ କରାଯିବା ଦରକାର, ସେପରି କରାଯାଉ ନାହିଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି।

ଟଙ୍କା ଦୁର୍ବଳ ହେବାର ପ୍ରଭାବ ଶେୟାର ମାର୍କେଟ ଉପରେ ମଧ ପଡ଼ିଛି। ଶୁକ୍ରବାର ଟ୍ରେଡିଂ ସେସନ୍‌ରେ ସେନ୍‌ସେକ୍ସ ୭୬୯ ପଏଣ୍ଟ (-୦.୯୪%) ତଳକୁ ଖସି ୮୧,୫୩୭ରେ ରହିଛି। ସେହିପରି ନିଫ୍ଟି୫୦ ମଧ ୨୪୧ ପଏଣ୍ଟ (-୦.୯୫%) ନିମ୍ନଗାମୀ ହୋଇ ୨୫,୦୪୮ରେ ରହିଛି। ଫଳରେ ନିବେଶକମାନେ ଦିନକ ଭିତରେ ୭ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବଜାର ସହ ଟଙ୍କାର ମୂଲ୍ୟ ଖସୁଥିବାବେଳେ ☞ପୃଷ୍ଠା-୪

# ପିଏମ୍-ସ୍ୱନିଧି ଋଣ ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହେଲା ଓଡ଼ିଶା

## ହିତାଧିକାରୀଙ୍କୁ ଋଣ, କ୍ରେଡିଟ୍ କାର୍ଡ ବାଣ୍ଟିଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର,୨୩।୧ (ବନ୍ଦନା ସେଠୀ)

'ପିଏମ୍-ସ୍ୱନିଧି' ଋଣ ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହେଲା ଓଡ଼ିଶା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କୃଷି ଭବନଠାରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ପିଏମ-ସ୍ୱନିଧି ଋଣ ଓ କ୍ରେଡିଟ୍ କାର୍ଡ ବଣ୍ଟନ କରିଥିଲେ। ଏଥିସହ ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ ହୋଇଥିବା ଦୁଇଜଣ ମହିଳାଙ୍କ ସମେତ ମୋଟ ତିନିଜଣ ସଫଳ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଯୋଜନା ସମ୍ପର୍କରେ ଆଲୋକପାତ କରି ମନ୍ତ୍ରୀ କହିଲେ, ଏହି ଯୋଜନାରେ ବିନା ବନ୍ଧକରେ ପ୍ରଥମେ ୧୫,୦୦୦ ଟଙ୍କା ଏବଂ ପରେ ଠିକ୍ ସମୟରେ ଋଣ ପରିଶୋଧ କଲେ ୨୫,୦୦୦ ଓ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟକାରୀ ପୁଞ୍ଜି ଋଣ ମିଳିବାର ବ୍ୟବସ୍ଥା ରହିଛି। ନୂତନ ଭାବେ ଆରମ୍ଭ ହୋଇଥିବା କ୍ରେଡିଟ୍ କାର୍ଡ ଦ୍ୱାରା ବ୍ୟବସାୟୀମାନେ ନମନୀୟ ଋଣ ସୁବିଧା ପାଇପାରିବେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧,୧୦,୧୨୮ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି। ଏହାଦ୍ୱାରା ୧.୧୦ ଲକ୍ଷରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। ଓଡ଼ିଶାରେ ଏହି ଯୋଜନାକୁ ଅନ୍ୟ ୮ଟି ସାମାଜିକ କଲ୍ୟାଣକାରୀ ଯୋଜନା ସହ ମିଶ୍ରଣ କରାଯାଇଛି। ଏଥିମଧ୍ୟରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (୧୨,୩୯୧ ଜଣ), ଜୀବନ ଜ୍ୟୋତି ବୀମା ଯୋଜନା (୬,୪୨୧ ଜଣ), ଜନ-ଧନ ଯୋଜନା (୧,୩୮୭ ଜଣ) ସମେତ 'ୱାନ ନେଶନ୍ ୱାନ୍ ରାଶନ କାର୍ଡ', ଶ୍ରମ ଯୋଗୀ ମାନଧନ ଯୋଜନା ଏବଂ ପିଏମ୍ଏୱାଇର ଶତ ପ୍ରତିଶତ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ରାସ୍ତାକଡ଼ ବିକ୍ରେତାମାନେ ସହରାଞ୍ଚଳ ଅର୍ଥନୀତିର ମେରୁଦଣ୍ଡ। ସେମାନେ ଶସ୍ତାରେ ସାମଗ୍ରୀ ଯୋଗାଇବା ସହ ବ୍ୟାପକ ଆତ୍ମନିଯୁକ୍ତି ସୃଷ୍ଟି କରୁଛନ୍ତି। ପିଏମ୍-ସ୍ୱନିଧି ଯୋଜନା କେବଳ ସେମାନଙ୍କ ଜୀବିକା ନୁହେଁ, ବରଂ ସେମାନଙ୍କ ସମ୍ମାନ, ଆତ୍ମବିଶ୍ୱାସ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରୁଛି ବୋଲି ସେ ମତ ରଖିଥିଲେ।

ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିବାବେଳେ ସୁଡା ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ସ୍ୱାଗତ ଭାଷଣ ଏବଂ ବିଏମସିର ଅତିରିକ୍ତ କମିଶନର ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜିର ସମ୍ପାଦକୀୟ ପ୍ରୋତ୍ସାହନ ଆବଶ୍ୟକ








ଭାରତର ବାୟୁ ପ୍ରଦୂଷଣ ସଙ୍କଟ ଟାରିଫ୍‌ଠାରୁ ମଧ୍ୟ ଅଧିକ ଅର୍ଥନୈତିକ କ୍ଷତି ଘଟାଉଛି। ସରକାର ପ୍ରଦୂଷଣ ରୋକିବା ଦିଗରେ ତ୍ୱରିତ ପଦକ୍ଷେପ ନେବା ଉଚିତ।

–ଗୀତା ଗୋପୀନାଥ, ଆଇଏମ୍ଏଫ୍‌ର ପୂର୍ବତନ ଡେପୁଟି ଏମ୍‌ଡି




ଆମେରିକାରେ ଜଣେ ବ୍ୟକ୍ତିଙ୍କ ବିନା ସମ୍ମତିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜରିଆରେ ତାଙ୍କ ଅଶ୍ଳୀଳ ଡିପ୍‌ଫେକ୍ କଣ୍ଟେଣ୍ଟ ପ୍ରସ୍ତୁତିକୁ ନିଷେଧ କରିବା ପାଇଁ ଉଦ୍ଦିଷ୍ଟ ଡିସ୍‌ରପ୍ଟ ଏକ୍ସପ୍ଲିସିଟ୍ ଫର୍ଜଡ ଇମେଜେସ୍ ଆଣ୍ଡ ନନ୍-କନ୍‌ସେନ୍‌ସୁଆଲ ଏଡିଟ୍ (ଡେଫିଆନ୍ସ) ଆକ୍ଟ ଉପରେ ବିତର୍କ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ୱାଶିଂଟନ୍ ଡିସିର କ୍ୟାପିଟୋଲ ହିଲ୍‌ରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ନ୍ୟୁୟର୍କ ରିପ୍ରେଜେଣ୍ଟେଟିଭ୍ ଆଲେକ୍‌ଜାଣ୍ଡ୍ରିଆ ଓକାସିଓ-କୋର୍ଟେଜ୍, ଫ୍ଲୋରିଡା ରିପ୍ରେଜେଣ୍ଟେଟିଭ୍ ଲରେଲ୍ ଲି ଏବଂ ଗଣମାଧ୍ୟମ ବ୍ୟକ୍ତିତ୍ୱ ତଥା ବିଜ୍‌ନେସଓମେନ୍ ପ୍ୟାରିସ୍ ହିଲ୍ଟନ।

# ନେତାଜୀ ବଞ୍ଚିଥିଲେ ଏସ୍ଆଇଆର୍ ନୋଟିସ ପାଇଥାନ୍ତେ: ମମତା

କୋଲକାତା,୨୩।୧

ଆଜିର ଦିନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯଦି ବଞ୍ଚିଥାଆନ୍ତେ ତେବେ ନିର୍ବାଚନ କମିଶନ (ଇସି) ତାଙ୍କୁ ଛାଡ଼ି ନ ଥାଆନ୍ତେ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଶୁଣାଣି ପାଇଁ ହାଜର ହେବାକୁ ଇସି ନେତାଜୀଙ୍କୁ ମଧ୍ୟ ନୋଟିସ ପଠାଇଥାନ୍ତେ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି।

ନେତାଜୀ ଜୟନ୍ତୀ ପାଳନ ଅବସରରେ କୋଲକାତାର ରେଡ୍ ରୋଡ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମମତା କହିଛନ୍ତି, ଏସ୍ଆଇଆର୍ ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀମାନେ ମରିବାରେ ଲାଗିଛନ୍ତି। ଅତ୍ୟଧିକ କାର୍ଯ୍ୟଚାପ ଓ ଦୁଶ୍ଚିନ୍ତା ଯୋଗୁ ଦିନକୁ ୩ରୁ ୪ ଜଣ ଲୋକ ଆତ୍ମହତ୍ୟା କରୁଛନ୍ତି। ରାଜ୍ୟରେ ଏସ୍ଆଇଆର୍ ଆରମ୍ଭ ହେବା ଦିନଠୁ ଅଦ୍ୟାବଧି ୧୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ସେହିପରି ୪୦ରୁ ୪୫ ଜଣ ହସ୍ପିଟାଲରେ ଜୀବନମୃତ୍ୟୁର ସଂଗ୍ରାମ କରୁଛନ୍ତି। ଏହି ଅସ୍ୱାଭାବିକ ମୃତ୍ୟୁ ପାଇଁ ଇସି ଏବଂ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଉତ୍ତରଦାୟୀ ହେବା ଉଚିତ।



ଏତେ ଘଟଣା ଘଟିଯିବା ପରେ ଆମକୁ ଭାରତୀୟ ନାଗରିକତ୍ୱର ପ୍ରମାଣ ଦେବାକୁ ପଡ଼ୁଛି। ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଉଛି ଏବଂ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ନେତାଜୀ ବଞ୍ଚିଥିଲେ ତାଙ୍କୁ ମଧ୍ୟ ଇସି ଏସ୍ଆଇଆର୍ ଶୁଣାଣି ପାଇଁ ନୋଟିସ ପଠାଇଥାନ୍ତେ। କେନ୍ଦ୍ର ସରକାର ନେତାଜୀ, ଗାନ୍ଧିଜୀ ଓ ଆମ୍ବେଡକରଙ୍କ ଭଳି ଜାତୀୟ ପ୍ରତୀକମାନଙ୍କୁ ଅପମାନିତ କରୁଛି। କ୍ଷମତାରେ ଥିବା ଲୋକେ ଦେଶର ଇତିହାସକୁ ଖରାପ ଚିତ୍ରଣ କରୁଥିବା ମମତା ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗବାସୀ ଏପରି ଅପମାନକୁ ଗ୍ରହଣ କରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଫାସିବାଦୀ ହତ୍ୟାକାରୀ ୟୁନୁସ୍‌ଙ୍କୁ ହଟାଅ: ହାସିନା



ନୂଆଦିଲ୍ଲୀ,୨୩।୧(ପି.ଟି.)

ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଜଣେ ଫାସିବାଦୀ ହତ୍ୟାକାରୀ। ସେ କ୍ଷମତାରେ ଥିବା ପର୍ଯ୍ୟନ୍ତ ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନ ହୋଇପାରିବ ନାହିଁ। ତେଣୁ ୟୁନୁସ ସରକାରଙ୍କୁ ତୁରନ୍ତ ହଟାଇବାକୁ ବାଂଲାଦେଶବାସୀଙ୍କୁ ଶୁକ୍ରବାର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଆହ୍ୱାନ ଦେଇଛନ୍ତି। ୧୭ ମାସ ତଳେ ବାଂଲାଦେଶରୁ ପଳାୟନ କରି ଭାରତରେ ଶରଣ ନେଇଥିବା ଆୱାମି ଲିଗ୍ ନେତ୍ରୀ ହାସିନା ପ୍ରଥମ ଥର ପାଇଁ ସେଠାକାର ଏକ ରାଲିକୁ ସମ୍ବୋଧିତ କରି କହିଛନ୍ତି, ଗତବର୍ଷ ଯାହାକିଛି ଘଟିଲା, ଜାତିସଂଘ ସେସବୁର ନିରପେକ୍ଷ ତଦନ୍ତ କରାଇବା ଉଚିତ। ଏଥିସହ ସମ୍ବିଧାନର ପୁନଃ ଅବସ୍ଥାପନ ଓ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ପାଇଁ ଦେଶବାସୀ ଏକଜୁଟ୍ ହୁଅନ୍ତୁ ବୋଲି ହାସିନା କହିଛନ୍ତି। ଫେବୃଆରୀ ୧୨ରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପୂର୍ବରୁ ରେକର୍ଡ କରାଯାଇଥିବା ତାଙ୍କର ଏକ ଅଡିଓ କ୍ଲିପ୍‌କୁ ନୂଆଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଜାରି କରାଯାଇଛି। ପ୍ରକାଶ ଯେ, ଆୱାମି ଲିଗ୍‌କୁ ଦେଶରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାରଣ କରାଯାଇଛି।

# ମଧ୍ୟପ୍ରାଚ୍ୟ ମୁହାଁ ଆର୍ମଡା

**ଇରାନ୍‌ରେ ଦେଶବ୍ୟାପୀ ଘାତକ ଆନ୍ଦୋଳନ ଜାରି ରହିଥିବାବେଳେ ଆମେରିକାର କଡ଼ା ଆଭିମୁଖ୍ୟ ବର୍ତ୍ତମାନ ତେହରାନ୍ ଓ ୱାଶିଂଟନ୍‌କୁ ମୁହାଁମୁହିଁ ଅବସ୍ଥାକୁ ନେଇଆସିଛି। ତେବେ ଆମେରିକା ପଟୁ ଆକ୍ରମଣ ହେଲେ ତେହରାନ୍ ଏହାର କଡ଼ା ଜବାବ ଦେବ ବୋଲି ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ସିଧା ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ ପ୍ରଶାସନ ଇରାନ୍ ସହ ଆଲୋଚନା କରି କୌଣସି ପ୍ରକାର ସାଲିସ କରିବା ମୁଡ୍‌ରେ ନାହିଁ। ଇତିମଧ୍ୟରେ ଆମେରିକା ସାମରିକ ସ୍ତରରେ ଇରାନ୍‌କୁ ଘେରିବା ଉଦ୍ୟମ ଆରମ୍ଭ କରିଛି। ଭୂରାଜନୈତିକ ଉତ୍ତେଜନା ଓ ସମ୍ଭାବ୍ୟ ସଂଘର୍ଷ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ତୈଳ ଦର ପୁଣି ବଢ଼ିଯାଇଛି।**

## ଇରାନ୍‌କୁ ଘେରୁଛି ଟ୍ରମ୍ପଙ୍କ ସେନା

ୱାଶିଂଟନ୍/ତେହରାନ୍,୨୩।୧

ଇରାନ୍‌ର ବିପର୍ଯ୍ୟସ୍ତ ଅର୍ଥନୀତି ଓ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ବେପରୁଆ ଶାସନ ବିରୋଧରେ ୨୦୨୫ ଡିସେମ୍ବର ଶେଷଭାଗରୁ ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନରେ ଅଦ୍ୟାବଧି ୫,୦୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଆକ୍ଟିଭିଷ୍ଟଙ୍କ ମତରେ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହୋଇପାରେ। ଇଣ୍ଟରନେଟ୍ ଶଟ୍‌ଡାଉନ୍ ତୃତୀୟ ସପ୍ତାହରେ ପହଞ୍ଚିଥିବାବେଳେ ଇରାନ୍‌ରେ ଯାହା ସବୁ ଘଟୁଛି, ସେନେଇ ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରୁ ନାହିଁ। ଇରାନ୍‌କୁ ଘେରିବା ପାଇଁ ଆମେରିକାର ଆର୍ମଡା ଯୁଦ୍ଧଜାହାଜ ଓ ଏକ ଏୟାରକ୍ରାଫ୍ଟ ମଧ୍ୟପ୍ରାଚ୍ୟର ନିକଟତର ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ ଟ୍ରମ୍ପ ତେହରାନ୍‌କୁ ବାରମ୍ବାର ଚେତାବନୀ ଦେବା ସତ୍ତ୍ୱେ ଆକ୍ରମଣକୁ ଏଡ଼ାଇଆସିଛନ୍ତି। ଏହା ୱାଶିଂଟନ୍‌ର ଏକ ଚାପ କୌଶଳ ହୋଇଥାଇପାରେ। କିନ୍ତୁ ଆମେରିକୀୟ ସେନା ଇରାନ୍ ଉପରେ ଏୟାର ଷ୍ଟ୍ରାଇକ୍ କରିବା ବିକଳ୍ପ ଉପରେ ଖୁବ୍‌ଶୀଘ୍ର କିଛି ନିଷ୍ପତ୍ତି



ହୋଇପାରେ ବୋଲି ମନେକରାଯାଉଛି। ଦେଖିବାକୁ ଗଲେ ସାମରିକ ଛକାପଞ୍ଝା, କୂଟନୈତିକ ନୀରବତା ଓ ଅର୍ଥନୈତିକ ପ୍ରଭାବ ସମ୍ପ୍ରତି ବିଶ୍ୱର ସବୁଠୁ ଶକ୍ତିଶାଳୀ ଆମେରିକା ଓ ଇସ୍‌ଲାମିକ୍ ରାଷ୍ଟ୍ର ଇରାନ୍‌କୁ ପୁଣିଥରେ ସାମ୍ନାସାମ୍ନି କରାଇଛି।

ଇରାନ୍‌ରେ ସରକାର ବିରୋଧୀ ବିକ୍ଷୋଭରେ ସାମିଲ ହୋଇଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ତେହରାନ୍ ନେଉଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଦେଖି ଆମେରିକା ଆନ୍ଦୋଳନକାରୀଙ୍କୁ ସାହାଯ୍ୟର ହାତ ବଢ଼ାଇବ ବୋଲି କହିଥିଲା। ଏପରି କି ଆମେରିକାର ଆବ୍ରାହମ୍ ଲିଙ୍କନ୍ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍‌କୁ ଦକ୍ଷିଣ ଚାଇନା ସାଗରରୁ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଆମେରିକୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଗତ ସପ୍ତାହରେ ଇରାନ୍ ସରକାର ବିକ୍ଷୋଭକାରୀଙ୍କ ଉପରେ ଦମନଲୀଳାକୁ ବନ୍ଦ କରୁଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯିବା ପରେ ରିପବ୍ଲିକାନ୍ ରାଷ୍ଟ୍ରପତି ଟ୍ରମ୍ପ ନିଜ ଏୟାର ଷ୍ଟ୍ରାଇକ୍ ଚେତାବନୀରୁ ଓହରିଯାଇଥିଲେ। ଶୁକ୍ରବାର ଟ୍ରମ୍ପ ଏହା ଉପରେ ପୁଣି ପ୍ରତିକ୍ରିୟା ରଖି ନିଜ ମତ ବଦଳାଇଛନ୍ତି। ଇରାନ୍ ବିରୋଧରେ ସାମରିକ ପ୍ରସ୍ତୁତି ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି। ସୁଇଜରଲାଣ୍ଡର ଡାଭୋସ୍‌ରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ଡବ୍ଲ୍ୟୁଇଏଫ୍) ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଫେରିବାବେଳେ ଏୟାରଫୋର୍ସ ୱାନ୍‌ରେ ଖବରଦାତାମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ଆମେ ଇରାନ୍‌କୁ ଅନୁଧ୍ୟାନ କରୁଛୁ। ଉପସାଗରୀୟ ଅଞ୍ଚଳ ଆଡ଼କୁ ଅନେକ ଯୁଦ୍ଧଜାହାଜ ମୁହାଁଇଛି। ଇରାନ୍ ଆଡ଼କୁ ଆମର ଏକ ବଡ଼ ଶକ୍ତି ଯାଉଛି। ବୃହତ୍ ଯୁଦ୍ଧଜାହାଜ ଆର୍ମଡା ସେପଟକୁ ଯାଉଛି, ତେବେ ଏହାର ବ୍ୟବହାର ଆବଶ୍ୟକ ହୋଇ ନ ପାରେ। ୮୩୭ ବିକ୍ଷୋଭକାରୀଙ୍କୁ ଇରାନ୍ ଫାଶୀ ଦେଲେ ସ୍ଥିତି ଭୟାବହ ହେବ। ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନର ବିକଳ୍ପ ଖୋଲା ଅଛି ବୋଲି ସେ କହିଛନ୍ତି। ୨୦୨୫ ଜୁନ୍‌ରେ ଇରାନ୍ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିବାବେଳେ ଏହି ୧୨ ଦିନିଆ ଯୁଦ୍ଧରେ ନେତାନ୍ୟାହୁଙ୍କ ସେନାକୁ ଆମେରିକା ସାହାଯ୍ୟ କରିଥିଲା। ତେଣୁ ଇରାନ୍ ଉପରେ ଆମେରିକା ପୁଣି ଆକ୍ରମଣ କରିବା ଆଶଙ୍କା ଘନୀଭୂତ ହୋଇଛି।

# ୟୁଏଇ ଆଲୋଚନା ଟେବୁଲରେ ରୁଷିଆ, ୟୁକ୍ରେନ୍

କିଭ୍/ମସ୍କୋ,୨୩।୧

ଆସନ୍ତା ଫେବୃଆରୀରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୪ ବର୍ଷ ପୂରିବାକୁ ଯାଉଥିବାବେଳେ ଏହାର ଅବସାନ ଘଟାଇବା ପାଇଁ ଆମେରିକା ଚାପରେ ଉଭୟ ପକ୍ଷ ଆଲୋଚନା ଟେବୁଲକୁ ଆସିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଆବୁଧାବିରେ ଶୁକ୍ରବାର ରୁଷୀୟ ଓ ୟୁକ୍ରେନୀୟ କୂଟନୀତିଜ୍ଞମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷକରି ଭୂଖଣ୍ଡ ଅକ୍ତିଆର ପ୍ରସଙ୍ଗରେ ଆଲୋଚନା ହୋଇଥିବା କୁହାଯାଉଛି। ଶାନ୍ତି ଚୁକ୍ତି ପାଇଁ ଆମେରିକା ୟୁକ୍ରେନ୍ ଉପରେ ଚାପ ପକାଉଥିବାବେଳେ ରୁଷିଆ ଯୁଦ୍ଧ ବନ୍ଦ କରିବା ପୂର୍ବରୁ ମସ୍କୋ ଦଖଲରେ ଥିବା ଡୋନ୍‌ବାସର ଶିଳ୍ପାଞ୍ଚଳକୁ କିଭ୍ ଛାଡ଼ିଦେଉ ବୋଲି ଦାବି କରିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଭୂଖଣ୍ଡ ବିବାଦର ସମାଧାନ ଉପରେ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ଗତବର୍ଷ ଅଗଷ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଅନୁଯାୟୀ ମସ୍କୋ ଡୋନ୍‌ବାସକୁ ନିଜ ଦଖଲରେ ରଖିବାକୁ ଚାହୁଁଛି। ଶନିବାର ମଧ୍ୟ ଏହା ଉପରେ ଆଲୋଚନା ଜାରି ରହିବ।

# ଆଜିଠୁ ଆରାବଳୀ ବଞ୍ଚାଅ ଅଭିଯାନ

## ୪୦ ଦିନରେ ୭୦୦ କି.ମି. ପଦଯାତ୍ରା

ନୂଆଦିଲ୍ଲୀ,୨୩।୧

ଭାରତର ସର୍ବପ୍ରାଚୀନ ଭୂତାତ୍ତ୍ୱିକ ସମ୍ପଦ ଆରାବଳୀ ପର୍ବତମାଳାର ସୁରକ୍ଷା ପାଇଁ ଗୁଜରାଟର ଆରାବଳୀ ଜିଲାରେ ଶନିବାରଠାରୁ ପଦଯାତ୍ରା ଆରମ୍ଭ ହେବ। ଜନ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରାୟ ୪୦ ଦିନରେ ୭୦୦ କି.ମି. ଅତିକ୍ରମ କରିବାକୁ ନିଷ୍ପତ୍ତି ହୋଇଛି। 'ଆରବଳୀ ସଙ୍କର୍ଷଣ ଯାତ୍ରା' ନାମରେ ପରିବେଶବିତ୍, ଗୋଷ୍ଠୀ ନେତା ଓ ପ୍ରଭାବିତ ବାସିନ୍ଦାମାନେ ଏହି ଶୋଭାଯାତ୍ରାରେ ସାମିଲ ହେବେ। ଗୁଜରାଟର ୩, ରାଜସ୍ଥାନର ୨୭ ଓ ହରିୟାଣାର ୭ ଜିଲା ଦେଇ ଶୋଭାଯାତ୍ରା କରାଯିବାକୁ ଥିବାବେଳେ ଦିଲ୍ଲୀରେ ଏହା ଶେଷ ହେବ।

# ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ନିଜ ପାଦ କାଟିଦେଲେ

## ଏମ୍‌ବିବିଏସ୍ ସ୍ୱପ୍ନ ଧୂଳିସାତ୍

ଲକ୍ଷ୍ନୌ,୨୩।୧

ଉତ୍ତର ପ୍ରଦେଶର ଜଉନପୁର ଜିଲାରେ ବିଚଳିତ କରିଦେବା ଭଳି ଏକ ଘଟଣା ଘଟିଛି। ଜଣେ ୨୪ ବର୍ଷୀୟ ଯୁବକ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍ଇଇଟି) ଜରିଆରେ ଆଡ୍‌ମିଶନ କରି ଏମ୍‌ବିବିଏସ୍ ସ୍ୱପ୍ନ ସାକାର କରିବାକୁ ଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ଲାଗି ନିଜ ଗୋଡ଼କୁ କାଟିଦେଇଛନ୍ତି।

ସୁରଜ ଭାସ୍କର ଲାଇନ୍ ବାଜାର ଥାନା ଅଧୀନ ଖଲିପୁରର ବାସିନ୍ଦା। ସେ ଫାର୍ମାସିରେ ଡିପ୍ଲୋମା (ଡି. ଫାର୍ମା) ପାଠ୍ୟକ୍ରମ ଶେଷକରିଛନ୍ତି। ଏନ୍ଇଇଟି ପାଇଁ ପ୍ରସ୍ତୁତ ହେଉଥିବା ସୁରଜ ଜାନୁଆରୀ ୧୮ରେ ନିଜ ବାମ ଗୋଡ଼ର ପାଦକୁ କାଟି ଦେଇଥିଲେ। ତେବେ ଆକ୍ରମଣରେ ସେ ପାଦ ହରାଇଥିବା ନେଇ ଥାନାରେ ଅଜ୍ଞାତ ବ୍ୟକ୍ତିମାନଙ୍କ ବିରୋଧରେ ମିଥ୍ୟା ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଏନେଇ ତଦନ୍ତ କରିବାବେଳେ ତାଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ଶୁକ୍ରବାର ସତକଥା ଜାଣିବାକୁ ପାଇଛି। ୨୦୨୬ରେ କୌଣସି ପ୍ରକାରେ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଡ଼ କରି ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିଲେ। ଶେଷରେ ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇବାକୁ ଯାଇ ସେ ଏପରି କାଣ୍ଡ ଭିଆଇଥିବା ସର୍କଲ ଅଫିସର (ସିଟି) ଗୋଲ୍ଡି ଗୁପ୍ତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଫୁର୍‌ସତ୍

# ଆକବର ପିଉଥିଲେ ଗଙ୍ଗାଜଳ

ଗଙ୍ଗାକୁ ବିଶ୍ୱର ସବୁଠୁ ପବିତ୍ର ନଦୀ କୁହାଯାଏ। ଭାରତରେ ଗଙ୍ଗା ନଦୀକୁ ମାତା ବୋଲି ମଧ୍ୟ ସମ୍ବୋଧନ କରାଯାଏ। ଧାର୍ମିକ ବିଶ୍ୱାସ ଅନୁଯାୟୀ, ଗଙ୍ଗାରେ ସ୍ନାନ କରିବା ଦ୍ୱାରା ସମସ୍ତ ପାପ ଧୋଇ ହୋଇଯାଏ ଏବଂ ଗଙ୍ଗା ଜଳକୁ ଅମୃତ ବୋଲି ବିବେଚନା କରାଯାଏ। ଏଥିସହ କୁହାଯାଏ, ଗଙ୍ଗା ଜଳ ପିଇବା ଦ୍ୱାରା ଅନେକ ରୋଗ ଭଲ ହୁଏ। ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟ ଧର୍ମର ଲୋକେ ମଧ୍ୟ ଗଙ୍ଗା ନଦୀକୁ ସମ୍ମାନ କରନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୋଗଲ ଶାସକମାନେ ଗଙ୍ଗା ନଦୀର ଜଳକୁ ପବିତ୍ର ମାନିଥିଲେ। ଜଣେ ମୋଗଲ ଶାସକ ସର୍ବଦା ଗଙ୍ଗାଜଳ ପିଉଥିଲେ ଏବଂ ଏହାକୁ ସ୍ୱର୍ଗର ଜଳ ବୋଲି ଗ୍ରହଣ କରିଥିଲେ। ଏହି ମୋଗଲ ଶାସକଙ୍କ ନାମ ଥିଲା ଆକବର। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆବୁଲ ଫଜଲଙ୍କ ପୁସ୍ତକ 'ଆଇନ-




ଇ-ଆକବରୀ' ରେ ଉଲ୍ଲେଖ ଅଛି। ଆକବର ଗଙ୍ଗାଜଳ ପିଉଥିବା ନେଇ ଉକ୍ତ ପୁସ୍ତକରେ ସୂଚିତ କରାଯାଇଛି ।

ଯେତେବେଳେ ମୋଗଲ ଶାସକ ଆକବର ଆଗ୍ରା ଏବଂ ଫତେପୁର ସିକ୍ରିରେ ରହୁଥିଲେ, ସେତେବେଳେ ତାଙ୍କ ପାନୀୟ ପାଇଁ ଉତ୍ତରପ୍ରଦେଶର ସୋରୋନରୁ ଗଙ୍ଗାଜଳ ଅଣାଯାଉଥିଲା। ଯେତେବେଳେ ଆକବର ଲାହୋରକୁ ତାଙ୍କର ରାଜଧାନୀ କରିଥିଲେ, ସେତେବେଳେ ପିଇବା ପାଇଁ ହରିଦ୍ୱାରରୁ ଗଙ୍ଗାଜଳ ଅଣାଯିବା ଆରମ୍ଭ ହୋଇଥିଲା। ଋଷିକେଶ ଓ ହରିଦ୍ୱାରରୁ ଗଙ୍ଗା ଜଳ ଆଣିବା ଲାଗି ଅନେକ ଘୋଡ଼ସବାର ସୈନିକଙ୍କୁ ଦିଲ୍ଲୀ ଏବଂ ଆଗ୍ରାରେ ନିୟୋଜିତ କରାଯାଇଥିଲା। ରିପୋର୍ଟ ଅନୁସାରେ, ଆକବର ଘରେ ଏବଂ ଯାତ୍ରା ସମୟରେ କେବଳ ଗଙ୍ଗାଜଳ ପିଉଥିଲେ। ସେ ଗଙ୍ଗାଜଳ ଆଣିବା ପାଇଁ ନଦୀ କୂଳରେ ତାଙ୍କର ସବୁଠୁ ବିଶ୍ୱସ୍ତ ଲୋକଙ୍କୁ ନିୟୋଜିତ କରିଥିଲେ। ସେଥିରେ କୌଣସି ବିଷାକ୍ତ ତତ୍ତ୍ୱ ଯେପରି ନ ମିଶିପାରେ ସେଥିଲାଗି ଆକବରଙ୍କ ପାଇଁ ପାଣି ସିଲ୍ ହୋଇଥିବା ପାତ୍ରରେ ଅଣାଯାଉଥିଲା।

ଆକବରଙ୍କ ଖାଦ୍ୟରେ ଯମୁନା ଏବଂ ଚେନାବ ନଦୀର ପାଣି ବ୍ୟବହାର କରାଯାଉଥିଲା, କିନ୍ତୁ ଏଥିରେ ଗଙ୍ଗାଜଳ ସର୍ବଦା ମିଶ୍ରିତ ହେଉଥିଲା। ଆକବରଙ୍କ ବ୍ୟତୀତ ବାବର ଏବଂ ହ୍ୟୁମାୟୁନ ମଧ୍ୟ ଗଙ୍ଗା ଜଳକୁ ପସନ୍ଦ କରୁଥିଲେ। ସେ ଏହାକୁ 'ଆବ-ଏ-ହାୟତ'ବୋଲି ବିବେଚନା କରୁଥିଲେ, ଯାହାର ଅର୍ଥ 'ସ୍ୱର୍ଗରୁ ପାଣି'। କେତେଜଣ ବ୍ୟକ୍ତ ମୋଗଲ ଶାସକମାନେ ଗଙ୍ଗାଜଳ ପିଇବାର ଅନେକ କାରଣ ଦର୍ଶାଇଛନ୍ତି। ସେମାନଙ୍କ ମତରେ, ଗଙ୍ଗା ଜଳ ଦୀର୍ଘ ସମୟ ପାଇଁ ସଂରକ୍ଷଣ କରାଯାଇପାରିବ। କାରଣ ଗଙ୍ଗାଜଳରେ ଜୀବାଣୁ ବୃଦ୍ଧି ପାଏ ନାହିଁ। ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ, ଗଙ୍ଗାଜଳରେ ଅନେକ ଉପାଦାନ ଏବଂ ଖଣିଜ ପଦାର୍ଥ ରହିଛି ଯାହା ଏହାକୁ ଭଲ ରଖିଥାଏ।

# ରାଣୀଙ୍କୁ ଚାରିଆଡ଼ୁ ପ୍ରଶଂସା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଆଗାମୀ ଫିଲ୍ମ 'ମର୍ଦ୍ଦାନୀ-୩' ପାଇଁ ଚର୍ଚ୍ଚାରେ ଅଛନ୍ତି। ନିକଟରେ ରିଲିଜ୍ ହୋଇଥିବା ଟ୍ରେଲରକୁ ଦର୍ଶକ ପସନ୍ଦ କରିଛନ୍ତି। କେବଳ ପ୍ରଶଂସକ ନୁହେଁ, ସେଲିବ୍ରିଟିମାନେ ରାଣୀଙ୍କୁ ବାଃ ବାଃ କହିଛନ୍ତି। ମର୍ଦ୍ଦାନୀ ୩ ରାଣୀ ମୁଖାର୍ଜୀଙ୍କ 'ମର୍ଦ୍ଦାନୀ' ଫ୍ରାଞ୍ଚାଇଜର ତୃତୀୟ ଫିଲ୍ମ। ସେ ପୁଣି ଥରେ ବଡ଼ ପରଦାରେ ନିର୍ଭୀକ ଏବଂ ଦକ୍ଷ ପୋଲିସ ଅଧିକାରୀ ଶିବାନୀ ଶିବାଜୀ ରୟ ଭାବରେ ଦେଖାଯିବେ। ପୂର୍ବରୁ ଏହି ସିରିଜର ଉଭୟ ଫିଲ୍ମକୁ ଦର୍ଶକେ ଭଲ ଭାବରେ ଗ୍ରହଣ କରିଥିଲେ। 'ମର୍ଦ୍ଦାନୀ ୨'ର ୭ ବର୍ଷ ପରେ 'ମର୍ଦ୍ଦାନୀ ୩' ମୁକ୍ତିଲାଭ କରିବାକୁ ଯାଉଛି। ଅଭିନେତ୍ରୀ ଅନୁଷ୍କା ଶର୍ମା ମଧ୍ୟ ରାଣୀଙ୍କ ମର୍ଦ୍ଦାନୀ ୩ର ଟ୍ରେଲରକୁ ପସନ୍ଦ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଅନୁଷ୍କା ଲେଖିଛନ୍ତି, 'ଅଭିନନ୍ଦନ, ରାଣୀ। ତୁମ ପାଇଁ କ'ଣ ଅଛି ତାହା ଦେଖିବାକୁ ମୁଁ ବହୁତ ଉତ୍ସାହିତ। ମର୍ଦ୍ଦାନୀ ୩ ରାଣୀଙ୍କ ସ୍ୱାମୀ ଆଦିତ୍ୟ ଚୋପ୍ରାଙ୍କ ଦ୍ୱାରା ପ୍ରଯୋଜିତ ଓ ଅଭିରାଜ ମିନାୱାଲାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଛି। ଯଶ ରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଦକ୍ଷିଣ ଅଭିନେତ୍ରୀ ମଲ୍ଲିକା ପ୍ରସାଦ ଖଳନାୟିକା ଭୂମିକାରେ ଅଭିନୟ କରିଛନ୍ତି। ମର୍ଦ୍ଦାନୀ ୩ ଜାନୁଆରୀ ୩୦ରେ ମୁକ୍ତିଲାଭ କରିବାକୁ ଯାଉଛି। ଫିଲ୍ମ ନିର୍ମାଣରେ ପ୍ରାୟ ୭୫ କୋଟି ଖର୍ଚ୍ଚ ହୋଇଛି।



ରାଣୀ ମୁଖାର୍ଜୀ

## ପୁଣି ରାଜଧାନୀରେ ଆମ ବସ୍ ଆତଙ୍କ




# ସୁରକ୍ଷିତ ରହିବାକୁ ଦେବୀ, ପ୍ରତାପ

■ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅରବିନ୍ଦ ସମର୍ଥକଙ୍କ ମେଳି

■ ପୁନର୍ବିଚାର, ପ୍ରତିଶ୍ରୁତି, ଫଳକୁ ଅପେକ୍ଷା

ଭୁବନେଶ୍ୱର, ୨୩।୧(ସୁନିତ୍ ମିଶ୍ର)

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବନ କରାଯିବାକୁ ନେଇ କିଛିଦିନ ହେଲା ରାଜ୍ୟ ରାଜନୀତି ଜୋର୍ ଧରିଛି। ଅରବିନ୍ଦଙ୍କୁ ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ଉଠାଇ ବିଜେଡିରୁ କଢ଼ାଯାଇଛି। ଅରବିନ୍ଦ କ'ଣ ଦଳବିରୋଧୀ କରିଛନ୍ତି ତା'ର ସେ ପ୍ରମାଣ ମାଗିବା ସହିତ ପ୍ରଥମେ ଶୋ' କଜ୍ ନ ଦେଇ କାହିଁକି ଦଳରୁ କଢ଼ାଗଲା ବୋଲି ବାରମ୍ବାର ପ୍ରଶ୍ନ ଉଠାଉଛନ୍ତି। ଅନ୍ୟପଟେ ୨ଦିନ ତଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଅରବିନ୍ଦଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ତାଙ୍କ ଚିରାଚରିତ ଢଙ୍ଗରେ ନୂଆ ଏକ ଉଦ୍ୟମ କରିଛନ୍ତି। କେନ୍ଦ୍ରାପଡ଼ାର ଅନ୍ୟଜଣେ ନେତାଙ୍କ ଜରିଆରେ ପାଟକୁରା ନିର୍ବାଚନମଣ୍ଡଳୀର ବହୁ ଦଳୀୟ ନେତା ଓ କର୍ମୀଙ୍କୁ ଡାକି ନବୀନ କହିଥିଲେ, ଯିଏ ଲୋକଙ୍କ ସହିତ ନ ରହିବ ଏବଂ ସେମାନଙ୍କୁ ଅବହେଳା କରିବ ସେଭଳି ନେତାଙ୍କୁ ଦଳ ସବୁବେଳେ କାଢ଼ିଦେଇଛି। ଏହି ଘଟଣାର ଗୋଟିଏ ଦିନ ପରେ ଅରବିନ୍ଦଙ୍କ ଶତାଧିକ ସମର୍ଥକ ଶୁକ୍ରବାର ନବୀନ ନିବାସ ନିକଟରେ ପହଞ୍ଚିଥିଲେ। ଅରବିନ୍ଦଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ପୁନର୍ବିଚାର କରିବାକୁ ସେମାନେ ଦାବି ଉଠାଇଥିଲେ। ଏହି ଘଟଣା ପରେ ଦଳୀୟ ନେତା ଦେବୀ ପ୍ରସାଦ ମିଶ୍ର ଏବଂ ପ୍ରତାପ ଜେନାଙ୍କ ସହିତ ଅରବିନ୍ଦଙ୍କର କିଛି ସମର୍ଥକ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅରବିନ୍ଦଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ପୁନର୍ବିଚାର କରାଯିବ ବୋଲି ଦେବୀ ଓ ପ୍ରତାପ ପ୍ରତିଶ୍ରୁତି ଦେଇଥିବା ଅରବିନ୍ଦଙ୍କ ଜଣେ ସମର୍ଥକ ଗଣମାଧ୍ୟମକୁ ଜଣାଇଥିଲେ।

ସୂଚନାଯୋଗ୍ୟ, ପ୍ରତାପ ଓ ଦେବୀ ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଏବେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଜଣାଶୁଣା ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ନବୀନଙ୍କ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦେବୀ, ପ୍ରତାପଙ୍କୁ ଦାୟିତ୍ୱ ଦେଇଥିବାର ବାର୍ତ୍ତା ଦେଇ ନିଜକୁ ସୁରକ୍ଷିତ ରଖିବାର ପ୍ରୟାସ କରିଛନ୍ତି। ଭବିଷ୍ୟତରେ ଅରବିନ୍ଦଙ୍କ ସେହି ସମର୍ଥକ କିମ୍ବା ପାଟକୁରାର ସାଧାରଣ ଲୋକମାନେ ଏ ବାବଦରେ ଯଦି କିଛି ଆଶାନୁରୂପ ଫଳ ନ ପାଆନ୍ତି, ତେବେ ସେମାନେ ଦେବୀ, ପ୍ରତାପଙ୍କୁ ଧରିବେ। ତେଣୁ ସୁଚିନ୍ତିତ ଭାବେ ଦୁଇ ବରିଷ୍ଠ ନେତାଙ୍କୁ ଆଗକୁ ଛାଡ଼ି ନବୀନ ଖସିଗଲେ ବୋଲି ଚର୍ଚ୍ଚା ହେଉଛି।



ଶଙ୍ଖଭବନରେ ପାଟକୁରା ନିର୍ବାଚନମଣ୍ଡଳୀର ଅରବିନ୍ଦ ମହାପାତ୍ରଙ୍କ ସପକ୍ଷବାଦୀ ନେତା ଓ କର୍ମୀମାନଙ୍କୁ ପ୍ରତାପ ଜେନା ଓ ଦେବୀ ପ୍ରସାଦ ମିଶ୍ର ବୁଝାଶୁଝା କରୁଛନ୍ତି।

# ୩୩ ପ୍ରଶ୍ନ ପାଇଁ ପ୍ରସ୍ତୁତ ରୁହ

## ଏପ୍ରିଲ ୧୬ରୁ ଘର ଗଣନା

**୧୫ ବର୍ଷ ପରେ ଭାରତରେ ଜନଗଣନା ହେବାକୁ ଯାଉଛି। ଏପ୍ରିଲ ୧୬ରୁ ରାଜ୍ୟରେ ଜନଗଣନା ହେବାଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ସମୟରେ ଲୋକଙ୍କୁ ୩୩ଟି ପ୍ରଶ୍ନ ପଚରାଯିବ। ଏହି କାର୍ଯ୍ୟରେ ମୁଖ୍ୟତଃ ଶିକ୍ଷକମାନେ ନିୟୋଜିତ ହେଉଥିବାରୁ ତାହା ପାଠପଢ଼ା ଉପରେ ପ୍ରଭାବ ପକାଇବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। କାରଣ ଏହି କାମ ୧ ମାସ ଧରି ଚାଲିବ। ଶିକ୍ଷାବର୍ଷ ଆରମ୍ଭରୁ ଶିକ୍ଷକଙ୍କ ମୁଣ୍ଡ ଉପରେ ଏହି ଦାୟିତ୍ୱ ଲଦି ଦିଆଯାଉଥିବାରୁ ସବୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗର ତାଲିକା ବଢୁଥିବା ପରିଲକ୍ଷିତ ହେଉଛି।**

ଭୁବନେଶ୍ୱର,୨୩।୧ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଜନଗଣନା ନେଇ ନିର୍ଦ୍ଦେଶନାମା ଜାରି ହେବା ପରେ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ଘର ଗଣନା ପାଇଁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଏହାପୂର୍ବରୁ ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଯେଉଁଥିରେ ଜନଗଣନା ଅଧିକାରୀମାନେ ପ୍ରତ୍ୟେକ ଘରେ ପହଞ୍ଚିଲେ ସେଠାରେ ଘର ମାଲିକ ତଥା ବ୍ୟକ୍ତିବିଶେଷଙ୍କୁ ୩୩ଟି ପ୍ରଶ୍ନ ପଚାରିବାକୁ ବାଧ ହେବେ ବୋଲି ବିଜ୍ଞପ୍ତିରେ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି।

ଗୁରୁବାର ଜନଗଣନା କମିଶନରଙ୍କ ପକ୍ଷରୁ ରେଜିଷ୍ଟ୍ରାର ଜେନେରାଲ ମୃତ୍ୟୁଞ୍ଜୟ କୁମାର ନାରାୟଣ ଜାରି କରିଥିବା ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ୨୦୨୭ ଜନଗଣନାକୁ ଦୃଷ୍ଟିରେ ରଖି ସମସ୍ତ ଜନଗଣନା ଅଧିକାରୀ ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶକୁ ଠିକଣା ଭାବେ ଅନୁପାଳନ କରିବାକୁ ବାଧ। ତେବେ ଦୀର୍ଘ ୧୫ବର୍ଷ ପରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଲୋକେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଜନଗଣନା ଅଧିକାରୀମାନେ ଘରକୁ ଆସିଲେ କେଉଁସବୁ ୩୩ଟି ପ୍ରଶ୍ନ ପଚାରିବେ ସେଥିପାଇଁ ଆମକୁ କିଭଳି ପ୍ରସ୍ତୁତ ରହିବାକୁ ହେବ ତାହା ଉପରେ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୧୬ରୁ ରାଜ୍ୟରେ ଘର ଗଣନା ହେବାକୁ ରହିଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବ ପତ୍ର ଗଣନା କରାଯିବ। ଏହି ସମୟରେ ଜନଗଣନା ଅଧିକାରୀମାନେ ଘରର କ୍ରମିକ ସଂଖ୍ୟା(ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ), ଜନଗଣନା ଅନୁଯାୟୀ ଘର ନମ୍ବର, ଘରର ଚଟାଣ କେଉଁ ପ୍ରକାରର, କାନ୍ଥ କେଉଁ ସାମଗ୍ରୀରେ ପ୍ରସ୍ତୁତ, ବ୍ୟବହାର ଯୋଗ୍ୟ କି ନାହିଁ, ଘରର ସ୍ଥିତି ଏବେ କିପରି ରହିଛି, କେତେଜଣ ସଦସ୍ୟ ପରିବାରରେ ଅଛନ୍ତି, ବାସ୍ତବରେ କେତେ ସଦସ୍ୟ ଘରେ ରହୁଛନ୍ତି, ଘରର ମୁଖିଆ କିଏ ବୋଲି ପ୍ରଶ୍ନ ରହିଛି।

ଏହାସହିତ ଘରର ମୁଖିଆଙ୍କ ଲିଙ୍ଗ କ'ଣ, କେଉଁ ଜାତିର, ଅନୁସୂଚିତ ଜାତି କିମ୍ବା ଜନଜାତି କିମ୍ବା ଅନ୍ୟାନ୍ୟ?, ଜନଗଣନା ଘରର ମାଲିକାନା କାହାର?, ଘରେ କେତୋଟି ରୁମ୍ ବ୍ୟବହାର କରୁଛନ୍ତି, ପରିବାରରେ କେତେ ଜ'ଣ ବିବାହିତ ଦମ୍ପତି ଅଛନ୍ତି। ପିଇବା ପାଣିର ମୂଳ ଉତ୍ସ କ'ଣ? ଆବଶ୍ୟକ ପରିମାଣର ପାଣି ମହଜୁଦ ରହିଛି କିମ୍ବା ନାହିଁ?, ବିଦ୍ୟୁତ୍‌ର ମୂଳ ଉତ୍ସ କ'ଣ? ଶୌଚାଳୟ ରହିଛି କି ନାହିଁ, ଯଦି ଅଛି ତାହା କେଉଁ ସ୍ଥିତିରେ ଅଛି? ବର୍ଜ୍ୟ ଜଳ ନିଷ୍କାସନ ପାଇଁ ସୁବିଧା ଅଛି କି ନାହିଁ? ଶୌଚାଳୟରେ ଗାଧୋଇବା ଘର ଅଛି କି ନାହିଁ? ରୋଷେଇଶାଳ ଘରେ ଅଛି କି ନାହିଁ, ସେଠାକୁ ଏଲ୍‌ପିଜି/ପିଏନ୍‌ଜି ସଂଯୋଗ ଅଛି କି ନାହିଁ? ଜାଳେଣି ଉତ୍ସ କ'ଣ? ଘରେ ରେଡିଓ, ଟିଭି, ଇଣ୍ଟରନେଟ, ଲାପ୍‌ଟପ୍, ଟେଲିଫୋନ୍, ମୋବାଇଲ, କମ୍ପ୍ୟୁଟର ଅଛି କି ନାହିଁ? ସାଇକେଲ, ସ୍କୁଟର, ମୋଟରସାଇକେଲ ଓ ମୋପେଡ ଅଛି କି ନାହିଁ? କାର, ଜିପ୍, ଭ୍ୟାନ ଅଛି କି ନାହିଁ? ସେହିପରି ଆପଣ କେଉଁ ମୁଖ୍ୟ ଶସ୍ୟ ଖାଉଛନ୍ତି ଅର୍ଥାତ ଭାତ, ରୁଟି ନା ଅନ୍ୟ କିଛି। ଏହା ସହ ମୋବାଇଲ ନମ୍ବର ମଧ୍ୟ ଦେବାକୁ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ତେବେ ଏପ୍ରିଲ ୧୬ରୁ ଗୃହ ଗଣନା ଆରମ୍ଭ କରାଯିବ ଏବଂ ଏହି କାର୍ଯ୍ୟ ୩୦ଦିନ ଅର୍ଥାତ ଏପ୍ରିଲ ୧୬ରୁ ମେ' ୧୫ ମଧ୍ୟରେ ଶେଷ ହେବ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି।

# ଭାଜପାରେ ମିଶିଲେ ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷ

## ୬ କାଉନ୍‌ସିଲର ବିଜେଡି ଛାଡ଼ି ଭାଜପାରେ ସାମିଲ ହେଲେ

ଭୁବନେଶ୍ୱର/ପାଟଣାଗଡ଼, ୨୩।୧ (ସୁନିତ୍ ମିଶ୍ର/ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍‌ଏସିର ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେର ଓ ଅନ୍ୟ ୬ କାଉନ୍‌ସିଲର ବିଜେଡି ଛାଡ଼ି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ବଲାଙ୍ଗୀର ଜିଲା, ପାଟଣାଗଡ଼ ବିଧାନସଭା ଓ ଏନ୍‌ଏସିରେ ଦଳର ସଂଗଠନ ଆହୁରି ମଜଭୁତ ହେବ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ସୂଚନାଯୋଗ୍ୟ, ପ୍ରଫୁଲ୍ଲ ଭାଜପାରେ ମିଶିବା କଥା ଜାଣିବା ପରେ ଆଗୁଆ ବିଜେଡି ତାଙ୍କୁ ଦଳରୁ ନିଲମ୍ବନ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ଭାଜପା ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ଦେଶର ୨୧ ରାଜ୍ୟରେ ଭାଜପା ଏବଂ ଏନ୍‌ଡିଏର ସରକାର ଅଛି। ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ଭାଜପା ଏକତରଫା ଭାବେ ଭାରତବର୍ଷରେ ଶାସନ କ୍ଷମତାରେ ରହିଛି। ସମସ୍ତେ ମିଳିମିଶି ଏଠାକାର ମୌଳିକ ସମସ୍ୟାର ସମାଧାନ କରି ବଲାଙ୍ଗୀର ଜିଲା, ପାଟଣାଗଡ଼ ଏନ୍‌ଏସିର ବିକାଶ କରାଯିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କେ. ଭି. ସିଂହଦେଓ ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳକୁ ସ୍ୱାଗତ କରି କହିଛନ୍ତି। ସମସ୍ତେ ମିଳିମିଶି ସରକାରଙ୍କ ସମସ୍ତ ଯୋଜନାକୁ ଏଠାରେ କାର୍ଯ୍ୟକାରୀ କରିବା। ବଲାଙ୍ଗୀର ଓ ପାଟଣାଗଡ଼ ସମେତ ସାରା ରାଜ୍ୟକୁ ବିକାଶ ଅଭିମୁଖେ ଆଗେଇ ନେବା।




# କିଏ କାହାକୁ ଡାକିଥିଲେ

ଭୁବନେଶ୍ୱର,୨୩।୧(ସୁନିତ୍ ମିଶ୍ର)

ବିଜେଡିର ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂଦେଓ ଶୁକ୍ରବାର ନବୀନ ନିବାସ ଆସି ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ହଠାତ୍ ଅନଙ୍ଗ ନବୀନ ନିବାସକୁ ଆସିବା ବିଷୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କୁହାଯାଏ, ବିଦେଶରେ ଥିବା ଡୁନ୍ ସ୍କୁଲ୍‌ରେ ଉଭୟେ ନବୀନ ଏବଂ ଅନଙ୍ଗ ଏକାଠି ପାଠ ପଢ଼ିବା ସହିତ ସାଙ୍ଗ ଥିଲେ। ତେଣୁ ଅନଙ୍ଗଙ୍କ ରାଜନୈତିକ କଥା ଯେତେବେଳେ ଆଲୋଚନା ହୁଏ ନବୀନଙ୍କ ବିଷୟ ଆପେ ଆପେ ଚାଲିଆସେ। ପଶ୍ଚିମ ଓଡ଼ିଶାରେ ବିଜେଡିର ସ୍ଥିତି କେତେ କଦର୍ଯ୍ୟ ସେକଥା ଦୈନିକ ଦଳର ବିଭିନ୍ନସ୍ତରର ନେତାଙ୍କ ମୁହଁରୁ ଶୁଣିବାକୁ ମିଳିଛି। ଏପରି କ'ଣ ପରିସ୍ଥିତି ସୃଷ୍ଟି ହେଲା ଅନଙ୍ଗ ନବୀନ ନିବାସରେ ପହଞ୍ଚିଲେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଆହୁରି ଚର୍ଚ୍ଚା ହେଉଛି ଅନଙ୍ଗଙ୍କୁ ନବୀନ ଡାକିଥିଲେ ନା ସେ ସମୟ ଲୋଡ଼ିଥିଲେ।

# କନ୍ୟା ବୋଝ ନୁହେଁ, ରତ୍ନ

**ଆଜି ଜାତୀୟ କନ୍ୟା ଦିବସ**

କନ୍ୟା ସନ୍ତାନ ସମାଜ ପାଇଁ ବୋଝ ନୁହେଁ ବରଂ ରତ୍ନ। କନ୍ୟା ରତ୍ନକୁ ସୁରକ୍ଷିତ ରଖିବା ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ବହୁବିଧ ଯୋଜନା କରୁଛନ୍ତି। କନ୍ୟାଙ୍କୁ ପାଠପଢ଼ାଇବାଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଯୋଜନା କରାଯାଉଥିଲେ ସୁଦ୍ଧା ଆଜିବି ଅନେକ ଲୋକଙ୍କ ପାଇଁ କନ୍ୟା ସନ୍ତାନ ବୋଝ ସଦୃଶ। ଝିଅଟିଏ ହେଲେ କିଏ ରାସ୍ତା କଡ଼ରେ ତ ପୁଣି ଅଳିଆ ଆବର୍ଜନାକୁ ଫୋପାଡ଼ି ଦେଉଛନ୍ତି। ହେଲେ ସଚେତନତା ଜରିଆରେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହେବାରେ ଲାଗିଛି। ଶତପ୍ରତିଶତ ନ ହେଲେ ମଧ୍ୟ କିଛି ପରିମାଣରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଲୋକଙ୍କ ମନରୁ ଏଭଳି ଭାବନାକୁ ଦୂର କରିବା ପାଇଁ ୨୦୦୮ରୁ ପ୍ରତିବର୍ଷ ଜାନୁଆରୀ ୨୪କୁ ଜାତୀୟ କନ୍ୟା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ ରହିଛି 'ଦୃଢ଼ ଭବିଷ୍ୟତ ପାଇଁ କନ୍ୟାକୁ ସଶକ୍ତ କରିବା'। ଜାତୀୟ କନ୍ୟା ଦିବସ ଅବସରରେ ସମାଜ ପାଇଁ ଉଦାହରଣ ପାଲଟିଥିବା କିଛି ସଫଳ ଝିଅଙ୍କ କାହାଣୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା....

ପରିବାର ପ୍ରତିପୋଷଣ ପାଇଁ ଦିନେ ରାସ୍ତାକଡ଼ରେ ଦିନମଜୁରିଆ ଭାବେ କାମ କରୁଥିଲେ ତ ପୁଣି କାହା ଘରକୁ ଯାଇ ଘରକାମ କରୁଥିଲେ।



ରାଣୀ ହେମ୍ବ୍ରମ



ଚାନ୍ଦିନୀ ନାୟକ

କରୋନାରେ ବାପା ଚାଲିଗଲା ପରେ ମାଆଙ୍କୁ ସାହାରା ଦେବା ପାଇଁ କାମ କରିବାକୁ ବାହାରି ପଡ଼ିଥିଲେ। ଆଉ ଡାକ୍ତର ହେବାର ସ୍ୱପ୍ନ ଦେଖିଥଲେ। ତାହା ପୂରଣ କରିବା ପାଇଁ ସେ ଦୃଢ଼ ଇଚ୍ଛାଶକ୍ତିସହ କଠିନ ପରିଶ୍ରମକୁ ଆଦରି ନେଇଥିଲେ। ଆଦିବାସୀ ଅଞ୍ଚଳରେ ରହି ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ସେ ଦଶମ ଶ୍ରେଣୀ ପରୀକ୍ଷାରେ ୫୧୧ ନମ୍ବର ମାର୍କ ରଖିଥିଲେ। ଯୁକ୍ତ ୨ରେ ଭଲ ମାର୍କ ରଖି ପଢ଼ିବା ପରେ ପ୍ରଥମ ଚେଷ୍ଟାରେ ଡାକ୍ତରୀ ପାଠପଢ଼ିବା ପାଇଁ ମନୋନୀତ ହୋଇଥିଲେ। ଜଣେ ଆଦିବାସୀ ଝିଅ ହୋଇ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି ରାଣୀ ହେମ୍ବ୍ରମ।

କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ ବୀଣାପାଟିଆ ଗାଁର ସାଲଖାନ ହେମ୍ବ୍ରମଙ୍କ ଝିଅ ରାଣୀ। କରୋନାରେ ବାପା ଚାଲିଗଲାପରେ ସେ ମାଆଙ୍କ ସାହାରା ପାଲଟିଥିଲେ। ଡାକ୍ତର ହେବାର ଲକ୍ଷ୍ୟ ଏବଂ ପରିବାର ପ୍ରତିପୋଷଣ ପାଇଁ ସେ କାମ କରିବାକୁ ବାହାରି ଥିଲେ। ବାହାରେ କାମ କରୁଥିବା ବେଳେ ସ୍ଥାନୀୟ ଅଙ୍ଗନୱାଡି ସୁପରଭାଇଜର ତାଙ୍କର ସମସ୍ତ କାହାଣୀ ଶୁଣି ଥିଲେ। ତାଙ୍କୁ ଯେପରି ସମସ୍ତ ପ୍ରକାରର ସାହାଯ୍ୟ ମିଳିପାରିବ ସେ ନେଇ ଚେଷ୍ଟା କରିଥିଲେ। ଏହାପରେ ଯଶୋଦା ମା' ଫାଉଣ୍ଡେଶନର ନିବେଦିତା ଲେଙ୍କା ସହଯୋଗରେ ସେ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ପଢ଼ିଥିଲେ। ଏହାପରେ ସେ ମେଡ଼ିକାଲ ପଢ଼ିବା ପାଇଁ ମଧ୍ୟ କୋଚିଂ ନେଇଥିଲେ। ନିଟ୍ ପରୀକ୍ଷାରେ ଭଲ ର୍‍ୟାଙ୍କରେ ରହି ଫୁଲବାଣୀ ମେଡ଼ିକାଲ କଲେଜରେ ଏମ୍‌ବିବିଏସ୍ ପ୍ରଥମ ବର୍ଷର ଛାତ୍ରୀ ଭାବେ ସେ ଅଧ୍ୟୟନ କରୁଛନ୍ତି। ରାଣୀଙ୍କର ଏହି ଯାତ୍ରା ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି।

ଆଉ ଜଣେ କନ୍ୟା ହେଲେ ଭୁବନେଶ୍ୱରର ହରେକୃଷ୍ଣନଗର ଅଞ୍ଚଳର ଏକକ ମା' ଚାନ୍ଦିନୀ ନାୟକ। ତାଙ୍କର ସହନଶୀଳତା ଓ ଶିକ୍ଷା ଯୋଗୁ ସେ ସମାଜ ପାଇଁ ଉଦାହରଣ ପାଲଟିଛନ୍ତି। ସାଧାରଣ ପରିବାରରୁ ଆସିଥିବା ଚାନ୍ଦିନୀଙ୍କ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ। ମାନସିକ ଭାବେ ଅସୁସ୍ଥ ମା' ଏବଂ ଶାରୀରିକ ଭାବେ ଅସମର୍ଥ ଭାଇ ସହିତ ନିଜର ଛୋଟ କନ୍ୟାର ଦାୟିତ୍ୱ ତାଙ୍କ ଉପରେ ରହିଛି। ପରିବାରର ଆର୍ଥିକ ଆଧାର କେବଳ ଦିନମଜୁରି କରୁଥିବା ପିତାଙ୍କ ଆୟ ଉପରେ ହିଁ ନିର୍ଭର କରୁଥିଲା। ଏତେ ସମସ୍ୟା ସତ୍ତ୍ୱେ ମଧ୍ୟ ସେ ନିଜ ସ୍ୱପ୍ନକୁ ଛାଡ଼ି ନ ଥିଲେ। ସେ ଦୃଢ଼ ମନୋବଳ ସହ ନର୍ସିଂ ପଢ଼ା ଜାରି ରଖିଥିଲେ। କିନ୍ତୁ ଆର୍ଥିକ ଅଭାବ ତାଙ୍କ ପଥରେ ବଡ଼ ବାଧା ହୋଇ ଛିଡ଼ା ହୋଇଥିଲା। ଏହା ପରେ ଭିକ୍ଷୁଜ ସଂସ୍ଥାର ସହଯୋଗରେ ସେ କମ୍ପ୍ୟୁଟର ଶିକ୍ଷା କରିଥିଲେ। ଚାନ୍ଦିନୀଙ୍କ ପରିଶ୍ରମ ଶେଷରେ ସଫଳତାରେ ପରିଣତ ହୋଇଥିଲା। ପ୍ରଥମ ଚେଷ୍ଟାରେ ହିଁ ସେ ଏକ ବେସରକାରୀ ହସ୍ପିଟାଲରେ ଚାକିରି ପାଇଥିଲେ। ଏହି ଚାକିରି ମାଧ୍ୟମରେ ସେ ପରିବାରକୁ ଆର୍ଥିକ ସମର୍ଥନ ଦେବାରେ ସମର୍ଥ ହୋଇଛନ୍ତି। ତାଙ୍କର ଏହି ଯାତ୍ରା ଆଜି ଅନେକ ଯୁବତୀଙ୍କ ପାଇଁ ଆଶାର ଆଲୋକ ହୋଇଉଠିଛି।

–ସୁଚିସ୍ମିତା ସାହୁ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁଜିୟମ୍ ଛକ, ସମୟ: ସକାଳ ୮ଟା।
- ସୃଷ୍ଟି ଓ ସ୍ରଷ୍ଟା ରାଜ୍ୟସ୍ତରୀୟ ଦ୍ୱିତୀୟ ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର ସଭା କକ୍ଷ, ସମୟ: ସକାଳ ୮ଟା ୪୫।
- ୧୮ତମ ପର୍ଯ୍ୟାୟ ରୋଜଗାର ମେଳା, ସ୍ଥାନ: ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି, ଆଚାର୍ଯ୍ୟ ବିହାର, ସମୟ: ସକାଳ ୯ଟା ୩୦।
- ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ରାଜ୍ୟ ସଂଗ୍ରହାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଦ୍ମଚରଣ ନାୟକ ଜନ୍ମ ଶତବାର୍ଷିକୀ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମୁକ୍ତେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଅଗ୍ନି ସ୍ଥାପନ, ସ୍ଥାନ: ଭିଙ୍ଗାରପୁର ପଞ୍ଚାୟତ ଇଛାଦେଇପାଟଣାସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରିସର, ସମୟ: ସକାଳ ୯ଟା।
- ସେବାନିବୃତ୍ତ ସମ୍ବର୍ଦ୍ଧନା ସଭା, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକ ସମ୍ପାଦକଙ୍କ କର୍ମଶାଳା, ସ୍ଥାନ: ଓଷ୍ଟା ସମ୍ମିଳନୀ କକ୍ଷ, ନୟାସଡ଼କ, ସମୟ: ପୂର୍ବାହ୍ନ ୧୧ଟା।
- କର୍ମଚାରୀ ନେତା ଦୁର୍ଗା ଚରଣ ନାୟକଙ୍କ ଲିଖିତ ଓଡ଼ିଶା କର୍ମଚାରୀ ସଂଗଠନର ଇତିହାସ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଏସ୍ଏସ୍ ସରକାର ସ୍ମାରକୀ ହଲ, ଯୋବ୍ରା ରୋଡ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ୍‌ର ଚତୁର୍ଥ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

## କଟକ

- ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଯାପନୀ ଦିବସ, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଫିଲାଟେଲିକ୍ ଆସୋସିଏଶନ୍ ପକ୍ଷରୁ ଡାକ ଟିକଟ ପ୍ରଦର୍ଶନୀ, ସ୍ଥାନ: ମୁଖ୍ୟ ଡାକଘର ଅବସର ବିନୋଦନ କେନ୍ଦ୍ର, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ

- ଜାତୀୟ ଶିଶୁକନ୍ୟା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନ୍ ପକ୍ଷରୁ ୪୪ତମ ରାଜ୍ୟ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଫୁଟ୍‌ବଲ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: କାଠଖୁଣ୍ଟିଆ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ସରସ୍ୱତୀ ପୂଜା ଓ ମାଘ ସପ୍ତମୀ ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ବାଖରାବାଦ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃ ଜିଲା କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଚିନ୍ତାମଣି ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଦହପଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶତବାର୍ଷିକୀ ମହାସମାରୋହ-୨୦୨୬, ସ୍ଥାନ: ବିଞ୍ଝ ସରକାରୀ ଉ.ପ୍ରା. ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପଳସା, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଏଫ୍ଏମ୍‌ୟୁରେ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତାରକେଶ୍ୱର ଯଜ୍ଞର ରୌପ୍ୟଜୟନ୍ତୀ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ତାରକେଶ୍ୱର ମନ୍ଦିର ପ୍ରାଙ୍ଗଣ, ଶିରିପୁର ବାସିନ୍ଦିପୁର, ଖଇରା, ସମୟ: ଅପରାହ୍ନ ୩ଟା।
- ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ଅପରାହ୍ନ ୪ଟା।
- ରେମୁଣା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମହୋତ୍ସବ ପଡ଼ିଆ, ହାତିଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ହିନ୍ଦୁ ସମ୍ମିଳନୀ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ,ସ୍ଥାନ:ଓଳଗ ଜୟେଶ୍ୱରୀ ମନ୍ଦିର, ପ୍ରାଙ୍ଗଣ, ଆରଡ଼ି,ସମୟ: ସକାଳ ୭ଟା।
- ସୁଭାସ ବୋଷ ଜୟନ୍ତୀ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ବକ୍ତୃତା, ନୃତ୍ୟ କାର୍ଯ୍ୟକ୍ରମ,ସ୍ଥାନ: ବେତାଳି ଗାଁ ବଜାର, ଧୂଷୁରୀ, ସମୟ:ସକାଳ ୯ ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ପଳାସଗଡ଼ିଆ,ବନ୍ତ, ସମୟ:ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଭିଏସ୍ଏସ୍ ସ୍ତରୀୟ ଅଗ୍ନି ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ରେଞ୍ଜ ପରିସର, ସ୍ଥାନ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ମହୋତ୍ସବର ପ୍ରସ୍ତୁତି ବୈଠକ,ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ଭଲିବଲ ଟୁର୍ନାମେଣ୍ଟ 'ମୁସ୍କାନ',ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୨ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ,ସ୍ଥାନ:ଆରପଟା, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ନିରଞ୍ଜନ ମହିଳା ମହାବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ସେବା ଶିବିର ଆରମ୍ଭ, ସ୍ଥାନ: ପୁଡୁଗେଶ୍ୱରପଲ୍ଲୀ, ଆସିକା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ବାଲାଜୀ ବିଦ୍ୟାପୀଠ, କନିସି ହାଟ,ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ

- ଢେଙ୍କାନାଳ ମହୋତ୍ସବ ଉଦ୍‌ଯାପନ, ସ୍ଥାନ:ମହିଷାପାଟ ପଲ୍ଲିଶ୍ରୀମେଳା ପଡିଆ, ଢେଙ୍କାନାଳ ; ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ପୌରପରିଷଦ ପକ୍ଷରୁ ଷ୍ଟ୍ରିଟ୍ ଭେଣ୍ଡର ଓ ବ୍ୟାଙ୍କର୍ସମାନଙ୍କୁ ନେଇ ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ,ପୌର ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- କାନମାସ୍‌ର ରଜତ ଜୟନ୍ତୀ ନାଟକ ଉତ୍ସବରେ ନାଟକ ବୈଷ୍ଣବ ପରିବେଷଣ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ,ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର, ବିଜୟନଗର, ମହାକାଳପଡ଼ା, ସମୟ: ସକାଳ ୯ଟା, ସ୍ଥାନ: ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଅବଦୁଲ କରିମ ଖାଁ ମୋମେରିଅଲ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଅଷ୍ଟପ୍ରହରୀ ନାମଯଜ୍ଞର ନଗର ଭ୍ରମଣ,ସ୍ଥାନ: କୋରେଇ ବ୍ଲକ ଅଧୀନ ସାନ ପାଟୁଳି, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଜାମାଲାଗି ବେଶର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ନବମ ଦିବସରେ ପ୍ରଥମ କ୍ୱାର୍ଟର ଫାଇନାଲରେ ଖଳିସାହି ବନାମ ଦିବାଂସି କ୍ରିକେଟ କ୍ଲବ ପାଟଣା, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ହିନ୍ଦୁ ସମାଜର କଳସ ଯାତ୍ରା, ହିନ୍ଦୁ ସମ୍ମିଳନୀ, ସ୍ଥାନ: ଗାୟତ୍ରୀ ପଡ଼ିଆ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ତାରିଣୀ ମା'ଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ତାରିଣୀ ମନ୍ଦିର ପରିସର, ହାଲ ସୁନାବେଡ଼ା, ସମୟ: ଅପରାହ୍ନ ୩ଟା ୩୦।

## ମାଲକାନଗିରି

- ଏନ୍ଏସ୍ଏସ୍ କ୍ୟାମ୍ପ, ସ୍ଥାନ: ବାଲିମେଳା କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରାର ସମୀକ୍ଷା ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ଏନବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପିଏଚଡି ପଡିଆ, ସମୟ: ଅପରାହ୍ନ ୫ଟା।
- କଣ୍ଠଶିଳ୍ପୀ ଉମାକାନ୍ତ ବାରିକ ଓ ସାଥିଙ୍କ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ପିଏଚଡି ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ଜଳ ଅର୍ପଣ ଦିବସ, ସ୍ଥାନ: ଯୋଗୀସର୍ଡା ପଞ୍ଚାୟତ ପରିସର, ଲୋଇସିଂହା ବ୍ଲକ୍, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଲୋଇସିଂହା ଆଦର୍ଶ ବିଦ୍ୟାଳୟର ଇନ୍‌ସ୍ପେୟାର ୨.୦ ଉତ୍ସବ, ସ୍ଥାନ: ଝାରମୁଣ୍ଡା ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଆର୍ଏସ୍‌ପି ପ୍ରାୟୋଜିତ ସର୍ବଭାରତୀୟ ହାଫ୍ ମାରାଥନ, ସ୍ଥାନ: ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ, ସମୟ: ପ୍ରାତଃ ୫ଟା ୩୦।

## ବରଗଡ଼

- ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା,ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: କୁମ୍ଭାରୀ, ବରପାଲି, ସମୟ:ସକାଳ ୮ଟା।

## ବୌଦ୍ଧ

- ୨୨ତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ତିଳେଶ୍ୱର ଖେଳ ପଡିଆ, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସର୍ବଭାରତୀୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟର ଷଷ୍ଠ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନୂଆପଡ଼ା

- ପାତାଳଗଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ବୋଡେନ ଉଚ୍ଚ ବିଦ୍ୟାଳୟ ପଡିଆର ଦ୍ୱାରଶନୀ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- କୁଷ୍ଠ ସଚେତନତା ଶିବିର, ସ୍ଥାନ: କପିଳାସପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖନା ବୋଲେ ଶୁଣି ଯାଅ,**
**ନଡ଼ିଆ ଗଛ ମୂଳେ ଚିଟା ଦିଅ।**
**ଗଛ ହେବ ବହୁତ ମୋଟା,**
**ଶୀଘ୍ର ଶୀଘ୍ର ଧରେ ଗୋଟା ।**

ସାଧାରଣତଃ ନଡ଼ିଆ ଗଛ ମୂଳେ ଅଗାଡ଼ି ଦେଲେ ନଡ଼ିଆ ଗଛଟିର ଆକାର ବୃଦ୍ଧି ପାଇଥାଏ। ଏଥିସହିତ ନଡ଼ିଆ ଗଛଟିରେ ଶୀଘ୍ର ଫଳ ଧରିବା ସହ ଫଳର ଆକାର ମଧ୍ୟ ବଡ଼ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ଖାଇବାକୁ ଦେଲେ ବଳେ,**
**ନାଁ ରହିବ କାଳେ କାଳେ।**

ଖାଇବାକୁ ଦେଲେ ଲୋକେ ତାହା ଅନେକ ଦିନ ପର୍ଯ୍ୟନ୍ତ ମନେରଖିଥାନ୍ତି। ସେହିପରି କୌଣସି ସମୟରେ ଭୋଜିଭାତ କରି ଖୁବ୍ ଭଲ ଖାଇବାକୁ ଦେଲେ ଦେବାଲୋକର ନାଁ କାଳ କାଳକୁ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଫଳକରେ ନାମ ନ ରଖିବା ରାଜ୍ୟ ସଭା ପ୍ରତି ଅପମାନ: ଦେବାଶିଷ

## ସପକ୍ଷରେ ବାହାରିଲେ ସୋଫିଆ, ସୁବାସ, ସୁକାନ୍ତ

କଟକ,୨୩।୧(ଶିଳ୍ପା ପ୍ରିୟଦର୍ଶିନୀ)

ନେତାଜୀ ଜୟନ୍ତୀ ଅବସରରେ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ପରିସରରେ ପୋଷ୍ଟାଲ ଗ୍ୟାଲେରି ଓ ନିକଟରେ ଥିବା ସଂସ୍କୃତି ଭବନକୁ ଉପରାଷ୍ଟ୍ରପତି ଉଦ୍‌ଘାଟନ କରିଥିଲେ। ଉକ୍ତ ସ୍ଥାନରେ ନାମ ଫଳକକୁ ସ୍ଥାନିତ କରାଯାଇଥିଲା। ହେଲେ ଏଥିରେ ସ୍ଥାନୀୟ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନାମ ନ ଥିବା ଦେଖିବାକୁ ମିଳିଛି। ଦେବାଶିଷ ଉପସ୍ଥିତ ନ ଥିବାବେଳେ ଜଣେ ରାଜ୍ୟ ସଭା ସଦସ୍ୟ ଭାବେ କାହିଁକି ତାଙ୍କ ନାମ ଉଲ୍ଲେଖ କରାଗଲା ନାହିଁ ସେ ନେଇ ନାନା ପ୍ରଶ୍ନ ଉପୁଜିଛି। ଏ ସମ୍ପର୍କରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ଭୁଲଟା କେଉଁଠି ହେଇଛି ତାହା ଜାଣି ହେଉନି। ଉପରାଷ୍ଟ୍ରପତି ହେଉଛନ୍ତି ରାଜ୍ୟ ସଭାର ଅଧ୍ୟକ୍ଷ ଏବଂ ମୁଁ ଜଣେ ତାଙ୍କର ସଦସ୍ୟ। ଏଭଳି ପଦକ୍ଷେପ ଉପରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ କରାଯାଇଛି। ସଂସ୍କୃତି ବିଭାଗ ଏଭଳି କାର୍ଯ୍ୟ କରିଛି ଏବଂ ଏଥିପାଇଁ ମୁଁ ସଚିବଙ୍କୁ ଚିଠି ମଧ୍ୟ ଲେଖିବି। ଜିଲା ପ୍ରଶାସନ ମଧ୍ୟ ଦୋଷ ମାନୁନାହାନ୍ତି। ଅନ୍ୟ ବିଧାୟକଙ୍କ ନାମ ରହିଛି ହେଲେ ମୋ ନାମ ରହିବା କେବଳ ଜାଣତରେ ଏଭଳି କରାଯାଇଛି। ହୁଏତ ଅଭିଜ୍ଞ ଅଧିକାରୀମାନେ ଏଭଳି କରିଥିବେ ବୋଲି ସାମନ୍ତରାୟ କହିଛନ୍ତି। ବିଧାୟିକା ସୋଫିଆ ଦେବାଶିଷଙ୍କ ସପକ୍ଷରେ ବାହାରି କହିଛନ୍ତି, ସେ ଜଣେ ଲୋକପ୍ରତିନିଧି ଏବଂ ରାଜ୍ୟ ସଭାର ସଦସ୍ୟ । ତାଙ୍କର ନାମ ରହିବା ନିହାତି ଜରୁରୀ। ହେଲେ ତ୍ରୁଟି କେଉଁଠି ରହିଛି ତାହାର ତଦନ୍ତ ଓ ତର୍ଜମା କରାଯାଉ। ମେୟର ସୁବାସ ସିଂ କହିଛନ୍ତି, ଫଳକରେ ନାମ ରହିବା ଜରୁରୀ ଥିଲା। ସେ ଜଣେ ଲୋକ ପ୍ରତିନିଧି ଏବଂ ବିଧାୟକ ମଧ୍ୟ ଥିଲେ। ହେଲେ ପ୍ରଶାସନ ଏଭଳି କାହିଁକି କରିଛି ସେ ନେଇ ଉତ୍ତର ଦେଉ ବୋଲି ସିଂ କହିଛନ୍ତି। ଅନ୍ୟପଟେ କଟକ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳ କହିଛନ୍ତି, ପ୍ରଶାସନ କ'ଣ ନିଷ୍ପତ୍ତି ନେଇଛି ତାହା ଜାଣିନି। ହେଲେ ସାମ୍ବିଧାନିକ ପ୍ରକ୍ରିୟା ଅନୁଯାୟୀ ତାଙ୍କ ନାମ ରହିବା ଜରୁରୀ ଥିଲା। ମୁଁ ଜଣେ କର୍ମୀ ଭାବେ ଏଠାରେ ପ୍ରବେଶ କରି ପାରିନାହିଁ। ବହୁ ଅବ୍ୟବସ୍ଥା କରାଯାଇଛି ବୋଲି ବିଶ୍ୱାଳ କହିଛନ୍ତି। ସୂଚନାଥାଉକି, ନେତାଜୀ ଜୟନ୍ତୀ ଅବସରରେ ନେତାଜୀ ସଂଗ୍ରହାଳୟରେ ପୋଷ୍ଟାଲ ଗ୍ୟାଲେରି ଓ ସଂସ୍କୃତି ଭବନ ଉଦ୍‌ଘାଟନ କରାଯାଇଥିଲା। ଏଠାରେ ଥିବା ଫଳକରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନାମ ଉଲ୍ଲେଖ କରାଯାଇଛି।

# ଭାରତକୁ ଶକ୍ତିଶାଳୀ ରାଷ୍ଟ୍ର କରିବା ଥିଲା ନେତାଜୀଙ୍କ ପରିକଳ୍ପନା: ଉପରାଷ୍ଟ୍ରପତି

## ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପରାକ୍ରମ ଦିବସ

କଟକ,୨୩।୧(କାର୍ତ୍ତିକ ସାହୁ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନ ଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା। ନେତାଜୀ ଭାରତକୁ ଏକ ମଜଭୁତ, ଶକ୍ତିଶାଳୀ ଏବଂ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବାକୁ ସମୂହ ଭାବରେ ପ୍ରତିଜ୍ଞା କରିବା ଲାଗି ନାଗରିକମାନଙ୍କୁ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆହ୍ୱାନ ଦେଇଥିଲେ।

କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଶୁକ୍ରବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସରେ ଯୋଗଦେଇ ଉପରାଷ୍ଟ୍ରପତି କହିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି। ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେତାଜୀଙ୍କୁ ଯଥାର୍ଥ ସମ୍ମାନ ପ୍ରଦାନ କରିଛନ୍ତି। ୨୦୨୧ ମସିହାରୁ ନେତାଜୀଙ୍କ ଜନ୍ମବାର୍ଷିକୀକୁ ପରାକ୍ରମ ଦିବସ ଭାବରେ ପାଳନ କରାଯାଉଛି। ଏଥିସହ ରସ ଦ୍ୱୀପକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବରେ ନାମିତ କରାଯାଇଛି। ପରାକ୍ରମ ଦିବସ କେବଳ ନେତାଜୀଙ୍କ ବୀରତ୍ୱକୁ ମନେ ପକାଇବାର ଏକ ଅବସର ନୁହେଁ, ବରଂ ପ୍ରତ୍ୟେକ ଭାରତୀୟଙ୍କୁ ଦେଶ ସେବାରେ ସାହସିକ ଭାବରେ କାର୍ଯ୍ୟ କରିବା ପାଇଁ ଏକ ଆହ୍ୱାନ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରେକର୍ଡ ହୋଇଥିବା ଭାଷଣ ପ୍ରସାରଣ କରାଯାଇଥିଲା।

ସ୍ମାରକୀ କାର୍ଯ୍ୟକ୍ରମର ଅଂଶସ୍ୱରୂପ, ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ୍ ଫୌଜ ଉପରେ ଡାକ ଟିକଟ ଗ୍ୟାଲେରି ଏବଂ ନେତାଜୀ ସଂସ୍କୃତି ଭବନର ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହାୟତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନେତାଜୀଙ୍କୁ ଉପଯୁକ୍ତ ଭାବରେ ସମ୍ମାନିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ଉପରାଷ୍ଟ୍ରପତି ପ୍ରଶଂସା କରିଥିଲେ। ଏହି ଅବସରରେ ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ, ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ବି.ଏସ. ସିଂଦେଓ ଏବଂ ଆଜାଦ ହିନ୍ଦ ଫୌଜର ଯବାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। ଏଥିସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟ ଉପରେ ଏକ ସ୍ୱତନ୍ତ୍ର ପ୍ରଚ୍ଛଦକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଉପରାଷ୍ଟ୍ରପତି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ମେୟର ସୁବାସ ଚନ୍ଦ୍ର ସିଂହ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧ ଡଲାର=୯୨ ...

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେବା ପରିବର୍ତ୍ତେ ନୀରବ ରହିଛନ୍ତି। ଏକଦା ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୪୦ ଟଙ୍କା ଥିବାବେଳେ ସେମାନେ ଜାତୀୟସ୍ତରରେ ଭୟର ବାତାବରଣ ଖେଳାଇଦେଇଥିଲେ। ଏବେ ସେମାନେ କାହିଁକି ନୀରବ ବସିଛନ୍ତି ବୋଲି ଶିବସେନା ୟୁବିଟି ନେତା ଆଦିତ୍ୟ ଠାକ୍‌ରେ ପ୍ରଶ୍ନ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ଶନିଙ୍କ ସହିତ ଚନ୍ଦ୍ରଙ୍କ ସଂଯୋଗ ଯୋଗୁ ବନ୍ଧୁ ପରିଜନ ସ୍ନେହ, ଶ୍ରଦ୍ଧା ଆଦର ପାଇ ଦୁଃଖ ଭୁଲିଯିବେ। କର୍ମକ୍ଷେତ୍ରରେ ଭାବପ୍ରବଣତାରୁ କାମଗୁଡ଼ିକ ବିଶୃଙ୍ଖଳିତ ହେବ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବା ସଙ୍ଗେ ସଙ୍ଗେ ସତ୍‌ସଙ୍ଗର ସୁଯୋଗ ପାଇବେ। ସ୍ୱାମୀ/ସ୍ତ୍ରୀଙ୍କ ଅମନୋଯୋଗୀ ଓ ଚିଡା ସ୍ୱଭାବ ଯୋଗୁ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ**: ରବି ଷଷ୍ଠସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ ତର୍କବିତର୍କର ସୂତ୍ରପାତ ହେବ। ଆର୍ଥିକ ଦୁରବସ୍ଥାକୁ ବାଲ୍ୟବନ୍ଧୁ ଦୂରେଇ ନେବାରେ ସାହାଯ୍ୟ କରିବେ। ସାଂସ୍କୃତିକ କାର୍ଯ୍ୟ,ବାଣିଜ୍ୟ, ପରିବହନ, ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିବ। ପ୍ରତୀକ୍ଷିତ ଖବର ପାଇ ଆନନ୍ଦିତ ହେବେ।

**ମିଥୁନ**: କର୍ମସ୍ଥାନରେ ଶନି ଓ ଚନ୍ଦ୍ର ରହିଥିବାରୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସଭାସମିତି, ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ଆଜିର ଯାତ୍ରା, ବାଣିଜ୍ୟ ବ୍ୟବସାୟ, ବନ୍ଧୁସମ୍ପର୍କ ଏବଂ ଜମିଜମା ସମ୍ପର୍କୀୟ କଥାବାର୍ତ୍ତାର ଆଲୋଚନା ଫଳପ୍ରଦ ହେବ।

**କର୍କଟ**: ରାଶିର ସପ୍ତମରେ ଏକାଧିକ ଗ୍ରହ ରହିଥିବାରୁ ଆଜି ବିବାଦରେ ପଶିବା ଠିକ୍ ହେବନି। ଉଚ୍ଚସ୍ଥ ମଙ୍ଗଳଙ୍କ ପ୍ରଭାବରୁ ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବେ। ପରିବାରର ଖର୍ଚ୍ଚ ବୃଦ୍ଧିପାଇବା ହେତୁ ଚିନ୍ତା ଉଦ୍ରେକ ହେବ। ରୋଗପୀଡ଼ାର ଲାଘବ ସାଙ୍ଗକୁ ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି।

**ସିଂହ**: ଅଷ୍ଟମ ଶନିଙ୍କ ସ୍ଥିତି ଜନିତ କୌଣସି କାମ ପରେ ପଶ୍ଚାତାପ କରିପାରନ୍ତି। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆବୃତ୍ତି ଲାଭ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରୁ ସମ୍ବର୍ଦ୍ଧିତ ମଧ୍ୟ ହେବେ। ରାଜନୈତିକ କ୍ଷେତ୍ର କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ବିଚଳିତ କରିବ।

**କନ୍ୟା**: ନବମାଧିପତି କୋଣଭାବସ୍ଥ ଯୋଗୁ ସନ୍ତାନଙ୍କ ସକାଶେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ପ୍ରତ୍ୟାବର୍ତ୍ତନ ପଥରେ ଖୋଜୁଥିବା ଲୋକଟିକୁ ଠିକଣା ଜାଗାରେ ନ ପାଇ ବ୍ୟସ୍ତ ହେବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ଦୂରେଇ ରହିବେ। ଆଜି ଆତ୍ମୀୟସ୍ୱଜନଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ତୁଳା**: ଉଚ୍ଚସ୍ଥ ମଙ୍ଗଳଙ୍କ ଯୋଗଫଳରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତିରେ ଭାରସାମ୍ୟ ରକ୍ଷା କରିପାରିବେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପରିବାର ସହମତିରେ ଯାନବାହନ, ବସ୍ତ୍ରଭୂଷଣାଦି କ୍ରୟ ଯୋଗ ରହିଛି। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବିଛା**: ସଫଳତା ଲାଭର ଯୋଗ ରହିଛି, କିନ୍ତୁ ଶନିଙ୍କ ଦୃଷ୍ଟି ଆପଣଙ୍କ ପ୍ରକାଶଭଙ୍ଗୀକୁ ଏପଟସେପଟ କରିଦେବ। ଅଧସ୍ତନ କର୍ମଚାରୀଙ୍କ ମନମୁଖିଆ ଚିନ୍ତାଧାରା ସମସ୍ୟା ସୃଷ୍ଟି କରିବ। ପରିବାରରେ ପାରସ୍ପରିକ ଆଲୋଚନା ମାଧ୍ୟମରେ ତିକ୍ତତାର ସମାପ୍ତି ଘଟାଇବେ। ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଓ ଆନୁଷ୍ଠାନିକ କାମରେ ଉତ୍ସାହିତ ହୋଇପାରନ୍ତି।

**ଧନୁ**: ଚତୁର୍ଥସ୍ଥାନ ପାପଯୁକ୍ତ ଯୋଗୁ ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟ କରିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ମକର**: ରାଶିରେ ରାଜଯୋଗ ଉନ୍ନତ ଚିନ୍ତା ଓ ଚେତନା ମାଧ୍ୟମରେ କାର୍ଯ୍ୟସିଦ୍ଧି କାରାଇ ପ୍ରଶଂସିତ କରାଇବ। ଗ୍ରହଦୃଷ୍ଟିର ପ୍ରଭାବରେ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଘଟିପାରେ। ପରିଜନ ଓ ବନ୍ଧୁମାନଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ପାଇପାରନ୍ତି।

**କୁମ୍ଭ**: ପରିସ୍ଥିତିର ବଶବର୍ତ୍ତୀ ହୋଇ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ବନ୍ଧୁଙ୍କ ଠିକ୍ ଖବର ଦେବାରେ ହେଳା ଉଦ୍‌ବେଗର କାରଣ ହୋଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଆଲୋଚନା ପରିସରରେ ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ।

**ମୀନ**: ସମସ୍ୟା ସୁଧୁରିଯାଇଥିବାରୁ ଉତ୍ସାହିତ ହୋଇପାରନ୍ତି। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ଶାନ୍ତି ସୌହାର୍ଦ୍ଦ୍ୟ ସହ ହସ ଖୁସିରେ ଅତିବାହିତ ହେବ। ଅଯଥା ଗୁଡ଼ାଏ କାଳ୍ପନିକ ବିଷୟବସ୍ତୁକୁ ନେଇ ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ଜାନୁୟାରୀ ୨୪ ତାରିଖ, ଜାତୀୟ କନ୍ୟାସନ୍ତାନ ଦିବସ, ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସ, ମାଘ ଶୁକ୍ଳ ଷଷ୍ଠୀ, ଶନିବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୫ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୯।୧୩ ଗତେ ଘ.୧୦।୩୫ ମଧ୍ୟେ ରାହୁକାଳ।

# ମୃତଦେହ ରଖି ରାସ୍ତାରୋକୋ, ପୋଲିସର ଲାଠି ଚାର୍ଜ

## ସଂଘବଦ୍ଧ ଆକ୍ରମଣରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ: ୨ ଗିରଫ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

ଜଗତ୍‌ସିଂହପୁର, ୨୩।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଚାଟରା ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇଥିବା ଶ୍ରମିକଙ୍କ ଗୁରୁବାର ରାତିରେ ମୃତ୍ୟୁ ଘଟିଛି । ସେ ହେଲେ ଏହି ଗ୍ରାମର ବାସୁଦେବ ଦାସ । ଏନେଇ ଥାନାରେ ଅଭିଯୋଗ ହେବା ପରେ ଜଗତ୍‌ସିଂହପୁର ପୋଲିସ ମାମଲା (ନଂ.୭୩/୨୬) ରୁଜୁ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଚାଟରାରେ ରହୁଥିବା ନିଆଳି ଥାନା ଅଞ୍ଚଳର ରତିକାନ୍ତ ପାଢ଼ୀ ଓ ଚାଟରା ବାରିକ ସାହିର ଯଦୁଆ ବାରିକ । ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ସହ କ୍ଷତିପୂରଣ ଦାବିରେ ଶତାଧିକ ଲୋକ ହାଟପୋଲ ଉପରେ ମୃତଦେହ ରଖି ନିଆଁଜାଳି ରାସ୍ତାରୋକୋ କରିଥିଲେ । ହାଟ ବଜାରରେ ମକର ଯାତ୍ରା ଚାଲିଥିବାରୁ ଗହଳି ହେଉଥିବାବେଳେ ରାସ୍ତାରୋକୋ ଯୋଗୁ ଜଗତ୍‌ସିଂହପୁର-ଆଳିପିଙ୍ଗଳ ମୁଖ୍ୟ ରାସ୍ତା ଏକପ୍ରକାର ଠପ୍ ହୋଇଯାଇଥିଲା । ଉତ୍ତେଜନା ସୃଷ୍ଟି ହେବାରୁ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ବାଧ ହୋଇ ଲାଠି ଚାର୍ଜ କରିଥିଲା । ଏହି ପ୍ରସଙ୍ଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ବାସୁଦେବ ମଜୁରି ଲାଗିବା ସହ ସୋମନାଥ ହାଟରୁ ମଝିରେ ମଝିରେ ଦୋକାନୀଙ୍କଠାରୁ କିଛି ମାଗି ପରିବାର ପ୍ରତିପୋଷଣ କରନ୍ତି । ତାଙ୍କର ୨ଟି ପୁଅ । ଚର୍ଚ୍ଚିକା ମନ୍ଦିର ଚୋରି ମାମଲାରେ ବାସୁଦେବ ପୋଲିସକୁ ଅଭିଯୁକ୍ତମାନଙ୍କ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ । ଏହି ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ।

# ବାଘଛାଲ ଜବତ: ୩ ଗିରଫ



ବନ କର୍ମଚାରୀଙ୍କ ସହ ଜବତ ବାଘଛାଲ ଓ ଗିରଫ ଅଭିଯୁକ୍ତ ।

କୋଡ଼ିଙ୍ଗା, ୨୩।୧ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ବନ ବିଭାଗ କର୍ମଚାରୀ ଗୁରୁବାର ରାତିରେ ଏକ କଲରା ପତରିଆ ବାଘଛାଲ ଜବତ କରିଛନ୍ତି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ଝରିଗାଁ ବ୍ଲକ୍ ଦେଉଳକଣା ଗ୍ରାମର ଦାସରୁ ହରିଜନ, ବଳରାମ ଦାସ, ଧନସିଂ ଦାସ ।

ସୂଚନାନୁଯାୟୀ, କଲରାପତରିଆ ବାଘଛାଲ ଚାଲାଣ ହେଉଥିବା ନେଇ କୋଡ଼ିଙ୍ଗା ବନ ବିଭାଗକୁ ଗୁରୁବାର ଖବର ମିଳିଥିଲା । ଏସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆ, କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, କୋଡ଼ିଙ୍ଗା ଥାନା ଆଇଆଇସି ଯୁଗଳ ଶବର, ଫରେଷ୍ଟର ପ୍ରଭାତ ବିଷୋୟୀ, ଫରେଷ୍ଟଗାର୍ଡ ଉମାଶଙ୍କର ପାଣିଗ୍ରାହୀ, ଲାଲୁ ବିଷୋୟୀ, ଦୀପକ ପ୍ରଧାନ, ନରେନ୍ଦ୍ର ପୂଜାରୀ, ଭବାନୀ ବିଷୋୟୀଙ୍କ ନେଇ ଏକ ଟିମ୍ ଗଠନ କରାଯାଇଥିଲା । ଟିମ୍ କୋଡ଼ିଙ୍ଗା ବନାଞ୍ଚଳର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ । ଏହି ସମୟରେ ନୁନପାଣି ଗ୍ରାମ ନିକଟରେ ଅଭିଯୁକ୍ତମାନେ ବାଇକ୍‌ରେ ଆସୁଥିବା ଦେଖି ବନ କର୍ମଚାରୀମାନେ ତାଙ୍କୁ ଅଟକାଇଥିଲେ । ଯାଞ୍ଚବେଳେ ସେମାନଙ୍କ ନିକଟରୁ ବାଘଛାଲ ମିଳିଥିଲା । କୋଡ଼ିଙ୍ଗା ବନ ବିଭାଗ ପକ୍ଷରୁ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଅନୁଯାୟୀ କେସ୍ ନଂ. ୬୭/୨୬ରେ ଏକ ମାମଲା ରୁଜୁ କରାଯାଇଛି ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଜେଲ ଗଲେ ଯୁବକ

ରଣପୁର, ୨୩।୧ (ସୁକାନ୍ତ କିଶୋର ଡାକୁଆ)



ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛନ୍ତି ।

ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ଗୁରୁବାର ଏକ ଲଜ୍ଜାଜନକ ଘଟଣା ଘଟିଯାଇଛି । ଜଣେ ନାବାଳିକାଙ୍କୁ ୨ଜଣ ଦୁଆରୁ ଡାକି ନେଇ ଏକ ବୁଦାମୂଳେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏ ନେଇ ରଣପୁର ଥାନାରେ ପରିବାର ଲୋକ ଅଭିଯୋଗ କରିବା ପରେ ପୋଲିସ ନଂ. ୨୬/୨୬ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଶୁକ୍ରବାର ଯୁବକଙ୍କୁ ଗିରଫ କରିବା ସହିତ ଏହି ଘଟଣାରେ ଜଡ଼ିତ ନାବାଳକଙ୍କୁ ଥାନାରେ ରଖି ପଚରାଉଚରା କରୁଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି ।

ରଣପୁର ଥାନା ଅଞ୍ଚଳରେ ଜଣେ ନାବାଳିକା(୧୦)ଙ୍କ ପରିବାର ରୁହନ୍ତି । ଗୁରୁବାର ନାବାଳିକା ଘର ଆଗରେ ଖେଳୁଥିବା ସମୟରେ ଜଣେ ନାବାଳକ ତାକୁ ଖେଳିବା ପାଇଁ ଡାକି ନିକଟରେ ଥିବା ଏକ ବୁଦାମୂଳକୁ ନେଇ ଯାଇଥିଲେ । ସେଠାରେ ପ୍ରଶାନ୍ତ ନାୟକ (୨୩) ଓ ନାବାଳକ ଜଣଙ୍କ ମିଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ । ଏହି ସମୟରେ ନାବାଳିକାଙ୍କୁ ଖୋଜି ମା' ବୁଦାମୂଳକୁ ଯାଇଥିବା ବେଳେ ଝିଅ ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ । ଘଟଣାସ୍ଥଳରୁ ବଳାତ୍କାରୀ ଦ୍ୱୟ ଫେରାର ହୋଇଯାଇଥିଲେ । ପୀଡ଼ିତାଙ୍କୁ ସେଠାରୁ ମା' ଉଦ୍ଧାର କରିଥିଲେ । ଶୁକ୍ରବାର ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଯୁବକଙ୍କୁ ରଣପୁର କୋର୍ଟକୁ ଚାଲାଣ କରାଯାଇଥିଲା । ସେଠାରେ ଯୁବକଙ୍କ ଜାମିନ ନାମଞ୍ଜୁର ହେବାରୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ଅପରପକ୍ଷେ ନାବାଳକଙ୍କୁ ଥାନାରେ ରଖାଯାଇଛି ।

# ହୋମ୍‌ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ଭଣ୍ଡାରିପୋଖରୀ, ୨୩।୧ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ବ୍ଲକ୍ ମଞ୍ଜୁରୀରୋଡ ଲକ୍ଷ୍ମୀବଜାରରେ କାର୍ଯ୍ୟରତ ହୋମଗାର୍ଡଙ୍କୁ ମରଣାନ୍ତକ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ହେଲେ ଖୁରୁଣା ପଞ୍ଚାୟତ ବାବଲପୁର ଗ୍ରାମର ବିଶ୍ୱଜିତ କର(୪୦) ଓ ଅନିଲ କର(୩୬) । ଅଭିଯୋଗ ମୁତାବକ, ଗତ ବୁଧବାର ସୁଶାନ୍ତ ମଞ୍ଜୁରୀରୋଡ ବଜାରରେ କାର୍ଯ୍ୟରତ ଥିଲେ । ସେଠାରେ ଏକ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ମଧ୍ୟ ଏକ କାର(ନଂ. ଓଡି ୦୨ ସିଏସ-୦୧୮୮) ମଧ୍ୟରେ ଥିଲେ । ରାତ୍ର ପ୍ରାୟ ୧ଟା ସମୟରେ କେତେକ ବ୍ୟକ୍ତି ବାଡ଼ି, କତା, ଛୁରି ଆଦି ମାରଣାସ୍ତ୍ର ସହ ଆସି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ସେମାନେ ହୋମଗାର୍ଡ ସୁଶାନ୍ତଙ୍କ ସମେତ ଅର୍ଥ ଲଗାଣକାରୀ ସଂସ୍ଥାର ସମସ୍ତ କର୍ମଚାରୀଙ୍କୁ ଆକ୍ରମଣ କରି ମୋବାଇଲ, ସ୍କୁଟି, ସୁନା ଚେନ, ନଗଦ ଟଙ୍କା ଛଡ଼ାଇ ନେଇଥିଲେ ।

# ଅଶ୍ଳୀଳ ଫଟୋ ଭାଇରାଲ, ଧରାପଡ଼ିଲେ ୨ ଯୁବକ

ବଡ଼ଗାଁ, ୨୩।୧ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ୨ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଜରଙ୍ଗଲୋଇ ଗ୍ରାମର ପ୍ରମୋଦ କୁମାର ଦୀପ (୩୮) ଓ କ୍ଷୀରୋଦ କୁମାର ଗନ୍ଧା (୩୨) । ଏନେଇ ପୋଲିସ ନଂ. ୩୦/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଘଟଣା ଅନୁଯାୟୀ, ଜଣେ ଯୁବକ ମୋବାଇଲ ଫୋନରେ ତାଙ୍କ ପ୍ରେମିକାଙ୍କ ଅଶ୍ଳୀଳ ଫଟୋ, ଭିଡିଓ ରଖିଥିଲେ । ତାଙ୍କର ଜଣେ ସାଙ୍ଗ ସେହି ଫଟୋ, ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ । ଏହା ଜଣାପଡ଼ିବା ପରେ ପ୍ରେମିକା ଜଣକ ବଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Lady Office Assistant
ମାଗଣା ରହିବା + ଖାଇବା
Salary 10000 + Bonus up to 50000 yearly at Near Phulanakhara, Cuttack
Contact : 7809525452

See Career Appointment on every Wednesday & Saturday

APPOINTMENT
District Disability Rehabilitation Centre (DDRC), Subarnapur
Applications are invited for the following Posts of DDRC, Subarnapur
1. Clinical / Rehab. Psychologist: M.Phil or Prof. Diploma in clinical Psych. / M.Phil or PGDRP (20,500/- (@ 850 p.v), 2. Sr. Prosth. / Orth. (OH Cat): Bachelor in Prost. & Orth. (BPO) From RCI recognized inst. 20,500/- ( @ 850 p.v), 3. Prosthetist / Orth. Tech.: Diploma in P&O or Certificate in P&O with 3 years Exp. 14,500/-, 4. Audiologist & Sr. Speech Therapist: Bachelor in Audiology and Speech & Language Pathology (BASLP) or B.SC Speech & Hearing (20,500/-( @ 850 p.v), 5. Voc. Couns.-Cum-Comp. Asst.: Diploma in Vocational Rehab. (DVR) / ADCGC / BRSc (14,500/-), 6. Early Inter. Therapist: PGDDT / PGDEI / BMR / BRSc / BRT / MRSc / MSc-EI (14,500/-).
Candidates shall send their resume within 7days to the PIA, DDRC, Subarnapur, At- Design Display Centre (RTO Office Road), Po- Sonepur, Pin-767017, Dist-Subarnapur, by post / in person or Email: ddrcsubarnapur@rediffmail.com
Contact: 8260292953 (PIA, DDRC, SUBARNAPUR)

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାରକରି ବନ୍ଧାହେଲେ ଯୁବକ

ଗୋପାଳପୁର, ୨୩।୧
(ନବୀନ ରାଜ ଆଚାରୀ)

ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଗଞ୍ଜାମ ଜିଲା ଗୋପାଳପୁର ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଯାଜପୁର ଜିଲା ଜେନାପୁର ବାଲିସାହି ଅଞ୍ଚଳର ବସନ୍ତ ମଲ୍ଲିକ (୨୧) । ଗତ ଡିସେମ୍ବର ୨୮ରେ ଗୋସାଣି ନୂଆଗାଁ ଥାନା ଅଞ୍ଚଳର ନାବାଳିକା ଜଣଙ୍କ ଗୋପାଳପୁରସ୍ଥିତ ପିଉସୀଙ୍କ ଘରକୁ ବୁଲିବାକୁ ଆସିଥିଲେ । ବୁଲାବୁଲି ସରିବା ପରେ ପିଉସୀ ଓ ପିଉସା ତାଙ୍କୁ ବ୍ରହ୍ମପୁର ଯିବା ପାଇଁ ବସ୍‌ରେ ବସାଇଥିଲେ । କିନ୍ତୁ ନାବାଳିକା ଘରକୁ ଫେରି ନ ଥିଲେ । ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ନ ମିଳିବାରୁ ୨୯ ତାରିଖରେ ନାବାଳିକାଙ୍କ ଜେଜେମା' ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ. ୪୫୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବସନ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ପୋଲିସ ଖବରପାଇ ଢେଙ୍କାନାଳ ଜିଲା ବିଧାରପୁର ଗ୍ରାମରୁ ତାଙ୍କୁ ଧରିଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ନାବାଳିକାକୁ ଅପହରଣ ସହ ବଳାତ୍କାର କରାଯାଇଥିବା ନେଇ ପୋଲିସ ନିକଟରେ ସେ ପ୍ରକାଶ କରିଥିଲେ । ଶୁକ୍ରବାର ନାବାଳିକାଙ୍କ ଡାକ୍ତରୀ ମାଇନା, ବିଚାର ପତି ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିଲା । ବସନ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି ।


# ନିୟନ୍ତ୍ରଣ ମଧ୍ୟରେ ବି ସ୍ୱାଧୀନତା:
## ଫ୍ଲେକ୍ସି କ୍ୟାପ୍ ଫଣ୍ଡ ନମନୀୟତାକୁ ବୁଝନ୍ତୁ



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

ଯେବେ ଆପଣ ନିବେଶ ପରିପ୍ରେକ୍ଷୀରେ ''ନମନୀୟତା'' ଶବ୍ଦ ଶୁଣନ୍ତି, ତାହା ଆପଣଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପରି ପ୍ରତୀତ ହୋଇପାରେ । କିନ୍ତୁ ବାସ୍ତବରେ, ବିଶେଷକରି ମ୍ୟୁଚୁଆଲ ଫଣ୍ଡ ପରି ନିୟନ୍ତ୍ରିତ ବଜାରରେ, 'ନମନୀୟତା' ସ୍ପଷ୍ଟ ଭାବରେ ପରିଭାଷିତ ସୀମା ମଧ୍ୟରେ କାର୍ଯ୍ୟ କରିଥାଏ । ସ୍ୱାଧୀନତା ଓ ନିୟନ୍ତ୍ରଣ କେମିତି ସହାବସ୍ଥାନ କରେ ଫ୍ଲେକ୍ସି କ୍ୟାପ୍ ପାଣ୍ଠି ହେଉଛି ତାହାର ଏକ ଉତ୍କୃଷ୍ଟ ଉଦାହରଣ । ଏହି ପାଣ୍ଠିଗୁଡ଼ିକ ଆପଣଙ୍କୁ ନିଷ୍ପତ୍ତି ନେବା ପାଇଁ ସ୍ୱାଧୀନତା ଦେଇଥାଏ, କିନ୍ତୁ ତାହା ସର୍ବଦା ନିବେଶକ ଭାବରେ ଆପଣଙ୍କୁ ସୁରକ୍ଷା ଦେବା ପାଇଁ ପରିକଳ୍ପିତ ଏକ ଢାଞ୍ଚା ମଧ୍ୟରେ କାର୍ଯ୍ୟ କରିଥାଏ ।

### ନମନୀୟତାର ଅର୍ଥ ପ୍ରକୃତରେ କ'ଣ?

ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡ଼ିକୁ ପ୍ରିସେଟ୍ ଆବଣ୍ଟନ ସୀମା ବିନା ଲାର୍ଜ, ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍‌ରେ ନିବେଶ କରିବାକୁ ଅନୁମତି ଦିଆଯାଇଛି । ବଜାର ଚକ୍ରର ବିଭିନ୍ନ ପର୍ଯ୍ୟାୟରେ କେଉଁଠାରେ ସୁଯୋଗ ଅଧିକ ଆକର୍ଷଣୀୟ ଦେଖାଯାଉଛି ତାହା ସ୍ଥିର କରିବାକୁ ଏହା ପାଣ୍ଠି ପରିଚାଳକମାନଙ୍କୁ ବିବେକାଧିକାର ପ୍ରଦାନ କରିଥାଏ ।

ବାସ୍ତବରେ, ଏହାର ଅର୍ଥ ହେଉଛି ପୋର୍ଟଫୋଲିଓ ବିକଶିତ ହୋଇପାରେ । ଯେତେବେଳେ ଲାର୍ଜ କ୍ୟାପ୍ ଷ୍ଟକ୍ ଆପେକ୍ଷିକ ସ୍ଥିରତା ଏବଂ ଯୁକ୍ତିଯୁକ୍ତ ମୂଲ୍ୟାଙ୍କନ ପ୍ରଦାନ କରେ, ସେଠାରେ ଏକ୍ସପୋଜର ବୃଦ୍ଧି ପାଇପାରେ । ଯେତେବେଳେ ମଧ୍ୟମ କିମ୍ବା ଛୋଟ କ୍ୟାପ୍‌ରେ ଅଭିବୃଦ୍ଧି ସମ୍ଭାବନା ଅଧିକ ଶକ୍ତିଶାଳୀ ଦେଖାଯାଏ, ଆବଣ୍ଟନ ବଦଳିପାରେ । ଏହି ସ୍ୱାଧୀନତା ପାଣ୍ଠିକୁ ଏକ ସ୍ଥିର ସଂରଚନାରେ ବନ୍ଦ ରହିବା ପରିବର୍ତ୍ତେ ପରିବର୍ତ୍ତିତ ବଜାର ଅବସ୍ଥା ଅନୁଯାୟୀ ପ୍ରତିକ୍ରିୟାଶୀଳ ରହିବାକୁ ଅନୁମତି ଦେଇଥାଏ ।

ତଥାପି, ଏହି ନମନୀୟତାର ଅର୍ଥ ଏହା ନୁହେଁ ଯେ ଆପଣ ନିୟମ ବିନା କାର୍ଯ୍ୟ କରିପାରିବେ ।

### ନିୟାମକ ସୀମା ଯାହାକୁ ଆପଣ ଜାଣିରଖିବା ଉଚିତ୍

ଫ୍ଲେକ୍ସି କ୍ୟାପ୍ ପାଣ୍ଠି ସ୍ପଷ୍ଟ ନିୟାମକ ନିୟମ ଅନୁସରଣ କରେ । ସେମାନେ ସେମାନଙ୍କର ପୋର୍ଟଫୋଲିଓର ଅତି କମରେ ୬୫% ଇକ୍ୱିଟିରେ ବିନିଯୋଗ କରିବା ଆବଶ୍ୟକ ଓ ତାହା ବିବିଧ ରହିବା ଏବଂ ପ୍ରକାଶ ଏବଂ ବିପଦ ପରିଚାଳନା ଉପରେ କଠୋର ଆବଶ୍ୟକତା ପୂରଣ କରିବା ଆବଶ୍ୟକ । ଫଣ୍ଡ ପୋର୍ଟଫୋଲିଓଗୁଡିକ ନିୟମିତ ଭାବରେ ଶେୟାର୍ କରାଯାଏ, ଏବଂ ନିବେଶକମାନଙ୍କୁ ସୂଚନା ନ ଦେଇ ପାଣ୍ଠିର ଘୋଷିତ ଉଦ୍ଦେଶ୍ୟକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ଏହି ନିୟମଗୁଡିକ ନିଶ୍ଚିତ କରେ ଯେ ଷ୍ଟକ୍ ବାଛିବାରେ ଫଣ୍ଡ ମ୍ୟାନେଜରଙ୍କର ନମନୀୟତା ଥିବାବେଳେ, ସେହି ନିଷ୍ପତ୍ତି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ନିଆଯାଇଥାଏ । ଏହା ସ୍ୱଚ୍ଛତା ଏବଂ ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରେ, ତେଣୁ ଆପଣ ଆକସ୍ମିକ କିମ୍ବା ଅନିୟନ୍ତ୍ରିତ ପରିବର୍ତ୍ତନର ସମ୍ମୁଖୀନ ହୁଅନ୍ତି ନାହିଁ ଯାହା ପାଣ୍ଠିର ଅଧାଦେଶ ବାହାରେ ଥାଏ ।

### ବିବେକ ଏବଂ ତଦାରଖ କିପରି ଏକତ୍ର କାର୍ଯ୍ୟ କରିଥାଏ

ପୋର୍ଟଫୋଲିଓକୁ ଆଡଜଷ୍ଟ କରିବାର ସ୍ୱାଧୀନତା ଫଣ୍ଡ ମ୍ୟାନେଜରଙ୍କର ଅଛି, କିନ୍ତୁ ସ୍ପଷ୍ଟ ନିୟମ ଅନୁଶାସନକୁ ସୁନିଶ୍ଚିତ କରିଥାଏ । ଏହାର ଅର୍ଥ ସେମାନେ ପାଣ୍ଠିକୁ ଅତ୍ୟଧିକ ବିପଦ ଆଡ଼କୁ ନେଇପାରିବେ ନାହିଁ କିମ୍ବା ଏହାର ଘୋଷିତ ଉଦ୍ଦେଶ୍ୟରୁ ଦୂରେଇ ନେଇପାରିବେ ନାହିଁ । ଆପଣଙ୍କ ପାଇଁ, ଏହି ସନ୍ତୁଳନ ନମନୀୟତାକୁ ସାର୍ଥକ ଏବଂ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରେ । ପୋର୍ଟଫୋଲିଓରେ ଯେକୌଣସି ପରିବର୍ତ୍ତନ ଆକ୍ରମଣାତ୍ମକ କିମ୍ବା ଅପ୍ରତ୍ୟାଶିତ ନିଷ୍ପତ୍ତି ପରିବର୍ତ୍ତେ ଯତ୍ନପୂର୍ବକ ଭାବେ ଏବଂ ଏକ ଉଦ୍ଦେଶ୍ୟ ସହିତ କରାଯାଇଥାଏ ।

### ଜଣେ ନିବେଶକ ଭାବରେ ଆପଣ କ'ଣ ମନେରଖିବା ଉଚିତ୍

ନମନୀୟତା ସୁଗମ ରିଟର୍ଣ୍ଣର ଗ୍ୟାରେଣ୍ଟି ଦିଏ ନାହିଁ । ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡିକ ଅସ୍ଥିରତା ଅନୁଭବ କରିପାରନ୍ତି, ବିଶେଷକରି ଯେତେବେଳେ ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍‌ଗୁଡ଼ିକର ଏକ୍ସପୋଜର ବୃଦ୍ଧି ପାଇଥାଏ । ସମଗ୍ର ବଜାର ଚକ୍ରରେ ଉପଲବ୍ଧ ନମନୀୟତାକୁ ପାଣ୍ଠି ପରିଚାଳକ କେତେ ଫଳପ୍ରଦ ଭାବେ ବ୍ୟବହାର କରନ୍ତି ତାହା ଉପରେ ଫଳାଫଳ ନିର୍ଭର କରିଥାଏ ।

ଆପଣ ନିଜର ସମୟ ସୀମାକୁ ନେଇ ସ୍ପଷ୍ଟ ରହିବା ଉଚିତ୍ । ଏହି ପାଣ୍ଠିଗୁଡ଼ିକ ସାଧାରଣତଃ ଦୀର୍ଘକାଳୀନ ବିନିଯୋଗ ପାଇଁ ଅଧିକ ଉପଯୁକ୍ତ, ଯେଉଁଠାରେ ବଜାର ଚକ୍ରକୁ ବୃଦ୍ଧି କିମ୍ବା ହ୍ରାସ ହେବା ପାଇଁ ଅଧିକ ସମୟ ମିଳିଥାଏ ଏବଂ ସ୍ୱଳ୍ପମିଆଦୀ ଅସ୍ଥିରତାର ପ୍ରଭାବ ଆପଣଙ୍କ ଉପରେ କମ୍ ପଡ଼ିଥାଏ ।

### ବ୍ୟାପକ ଦୃଷ୍ଟିକୋଣ

ଫ୍ଲେକ୍ସି କ୍ୟାପ୍ ପାଣ୍ଠି ସ୍ୱାଧୀନତା ଏବଂ ନିୟମାବଳୀ ମଧ୍ୟରେ ଏକ ସନ୍ତୁଳନକୁ ପ୍ରତିଫଳିତ କରିଥାଏ । ନିବେଶକଙ୍କ ସ୍ୱାର୍ଥର ରକ୍ଷା ପାଇଁ ପରିକଳ୍ପିତ ସୁରକ୍ଷା ମଧ୍ୟରେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକ ବଜାର ପରିସ୍ଥିତି ସହ ଖାପ ଖୁଆଇବା ପାଇଁ ଆପଣଙ୍କୁ ସୁଯୋଗ ପ୍ରଦାନ କରିଥାଏ । ଏହି ସନ୍ତୁଳନକୁ ବୁଝିବା ଆପଣଙ୍କୁ ବାସ୍ତବବାଦୀ ଆଶା ସ୍ଥିର କରିବାରେ ସାହାଯ୍ୟ କରେ ଏବଂ ଏହିପରି ପାଣ୍ଠି ଆପଣଙ୍କ ଆର୍ଥିକ ଲକ୍ଷ୍ୟ ଏବଂ ବିପଦ ସହନଶୀଳତା ସହିତ ସମାନ କି ନୁହେଁ ତାହା ସ୍ଥିର କରିବାରେ ସାହାଯ୍ୟ କରେ ।

ଉତ୍ସ: https://www.sebi.gov.in/legal/circulars/nov-2020/circular-on-introduction-of-flexi-cap-fund-as-a-new-category-under-equity-schemes_48108.html

ଦାବିତ୍ୟାଗ:
ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ । ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ । ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ । କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal

ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ ।

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS





DADLS-82
ଓଡ଼ିଶା ସରକାର

ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
ତା.୨୪.୦୧.୨୦୨୬

ସକାଳ ୮ ଘଟିକା– ମ୍ୟୁଜିୟମ୍ ଛକ, ଭୁବନେଶ୍ୱରସ୍ଥିତ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସକାଳ ୧୦.୪୫ ମି. – ବି.ଜେ.ବି. ଉଚ୍ଚ ବିଦ୍ୟାଳୟ, ଖୋରଧା ପରିସରସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ପୂର୍ବାହ୍ଣ ୧୧ ଘଟିକା — ସାଧାରଣ ସଭା, ପୌର ପରିଷଦ, ଜୟୀ ରାଜଗୁରୁ ଟାଉନ୍‌ହଲ୍, ଖୋରଧା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ, ଓଡ଼ିଶା

ସମ୍ମାନନୀୟ ଅତିଥି – ଖୋର୍ଦ୍ଧା ଜିଲ୍ଲାର ସାଂସଦ ଓ ବିଧାୟକ ବୃନ୍ଦ ଏବଂ ଜିଲ୍ଲା ପରିଷଦର ସଭାପତି ଓ ଉପସଭାପତି

ସଭାପତି – ଶ୍ରୀଯୁକ୍ତ ଅମ୍ରିତ୍ ଋତୁରାଜ,ଭା.ପ୍ର.ସେ,
ଜିଲ୍ଲାପାଳ, ଖୋରଧା

ପାଇକ ଆଖଡ଼ା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଜିଲ୍ଲା ପ୍ରଶାସନ, ଖୋରଧା
OIPR-

❝ ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ । ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ । **–ଶ୍ରୀମା**



# ପ୍ରୋତ୍ସାହନ ଆବଶ୍ୟକ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସିବିଆଇ, ଆଇବି କିମ୍ବା କେନ୍ଦ୍ରୀୟ ସଶସ୍ତ୍ରବଳ ବାହିନୀରେ କାର୍ଯ୍ୟକରିବା ଅର୍ଥ ହେଉଛି ପ୍ରତିଷ୍ଠା, ପ୍ରଭାବ ଏବଂ ଜାତୀୟ ଶକ୍ତିର ପ୍ରତ୍ୟକ୍ଷ ଅବଲୋକନ । ହେଲେ ଏବେ ଏହି ଆକର୍ଷଣ କ୍ଷୀଣ ହୋଇଯାଉଛି । ମଞ୍ଜୁରୀପ୍ରାପ୍ତ ସଂଖ୍ୟା ବୃଦ୍ଧି ସତ୍ତ୍ୱେ କେନ୍ଦ୍ରରେ ଅନେକ ଶହ ଆଇପିଏସ୍ ପଦବୀ ଖାଲି ପଡ଼ିଛି । ସୂତ୍ରରୁ ଜଣାପଡ଼ିଛି, ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ ସମସ୍ୟା ନୁହେଁ; ଆଗ୍ରହର ଅଭାବ ରହିଛି । ଅଧିକାରୀମାନେ ଅଛନ୍ତି, କିନ୍ତୁ ସେମାନେ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ଚାହୁଁନାହାନ୍ତି । ସିଧାକଥା ହେଉଛି, ନିଯୁକ୍ତି ଅନୁଯାୟୀ ସେମାନଙ୍କୁ ଲାଭ ମିଳୁନାହିଁ । କେନ୍ଦ୍ରୀୟ ଡେପୁଟେଶନ ହେଉଛି ଆହ୍ୱାନପୂର୍ଣ୍ଣ ଏବଂ ଏଥିରେ କମ୍ ସ୍ୱାଧୀନତା, ଦାୟିତ୍ୱ ଅଧିକ,କ୍ଷମତା ସୀମିତ । ଭବିଷ୍ୟତରେ କେନ୍ଦ୍ରୀୟ କିମ୍ବା ବିଦେଶରେ ନିଯୁକ୍ତି ଉପରେ କଟକଣା ସମେତ ଡେପୁଟେଶନକୁ ପ୍ରତ୍ୟାଖ୍ୟାନ କରୁଥିବା ଅଧିକାରୀମାନଙ୍କୁ ଦଣ୍ଡିତକରିବା ସକାଶେ କାର୍ଯ୍ୟକାଳ ସମ୍ବନ୍ଧିତ ନିୟମଗୁଡ଼ିକ ଅନୁପାଳନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । କିନ୍ତୁ ଏହା ପରିବର୍ତ୍ତେ ସେଗୁଡ଼ିକୁ ନେଇ ପ୍ରତିରୋଧ ସୃଷ୍ଟି ହୋଇଥିଲା । ଏବେ ଏକ ବ୍ୟବସ୍ଥାଗତ ପରିବର୍ତ୍ତନ ହେଉଛି । କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀରେ ଆଇପିଏସ୍‌ଙ୍କ ପ୍ରାଧାନ୍ୟ ହ୍ରାସକରିବା ପାଇଁ କୋର୍ଟଗୁଡ଼ିକ ଜୋର ଦେଉଥିବାରୁ ବରିଷ୍ଠ ଡେପୁଟେଶନ ସୁଯୋଗ କ୍ରମଶଃ ହ୍ରାସ ପାଇବାରେ ଲାଗିଛି, ଯାହା ପୋଲିସ ବ୍ୟବସ୍ଥାରେ ଏକ ପିଢ଼ିଗତ ପରିବର୍ତ୍ତନକୁ ପ୍ରତିଫଳିତକରେ । ଅନେକ ଯୁବ ଅଧିକାରୀ ଦିଲ୍ଲୀର ସ୍ଥିରୀକୃତ ପଦାନୁକ୍ରମ ଅପେକ୍ଷା ରାଜ୍ୟ ପଦବୀରେ ଅଧିକ ପ୍ରଭାବ ଏବଂ ସ୍ୱଚ୍ଛତା ଦେଖୁଛନ୍ତି । ତେବେ ଏକ ବ୍ୟବସ୍ଥାରେ ଅର୍ଥ ତୁଳନାରେ ଖ୍ୟାତି, ସମ୍ମାନକୁ ଯେଉଁ ଗୁରୁତ୍ୱ ଦିଆଯାଇଥାଏ ତାହା ବଦଳିଯାଇଛି । ଯଦି କେନ୍ଦ୍ରୀୟ ଡେପୁଟେଶନ ପ୍ରତି ବିଶ୍ୱସନୀୟତା ଫେରିପାଇବାକୁ ହୁଏ, ତେବେ ଏହାକୁ ଉନ୍ନତ ପ୍ରୋତ୍ସାହନ ଏବଂ କାର୍ଯ୍ୟର ସ୍ପଷ୍ଟ ମୂଲ୍ୟାୟନ ଆବଶ୍ୟକ ।

### ଅନ୍ତିମ ଚେତାବନୀ

ନିକଟରେ ଆଇଏଏସ୍ ଅଧିକାରୀଙ୍କୁ ସେମାନଙ୍କ ସ୍ଥାବର ସମ୍ପତ୍ତି ରିଟର୍ନ (ଆଇପିଆର୍) ଦାଖଲକରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହିଭଳି ନିୟମିତ କରାଯାଉଛି, କିନ୍ତୁ ଏହାର ମାନେ କିଛି ନାହିଁ । ଜାନୁଆରୀ ୩୧ ସୁଦ୍ଧା ଆଇପିଆର୍ ଦାଖଲ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ପଦୋନ୍ନତି ବନ୍ଦ ହୋଇପାରେ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଚେତାବନୀ ଦେଇଛି । କହିବାକୁ ଗଲେ, ଏହା କୌଣସି ନୂତନ ବାଧ୍ୟବାଧକତା ନୁହେଁ । ଆଇଏଏସ୍ ଅଧିକାରୀଙ୍କୁ ସର୍ବଦା ପ୍ରତିବର୍ଷ ସେମାନଙ୍କ ଅସ୍ଥାବର ସମ୍ପତ୍ତି ଘୋଷଣା କରିବାକୁ କୁହାଯାଏ । ତେବେ ସ୍ୱଚ୍ଛତା ହେଉଛି କାର୍ଯ୍ୟ ବିବରଣୀର ଏକ ଅଂଶ । ନୂତନ କଥା ହେଉଛି କଡ଼ା କାର୍ଯ୍ୟାନୁଷ୍ଠାନ । ବର୍ଷ ବର୍ଷ ଧରି ଆଇପିଆର୍ ଦାଖଲରେ ହେଉଥିବା ବିଳମ୍ବ କ୍ଷେତ୍ରରେ ରିମାଇଣ୍ଡର ବା ଅନୁସ୍ମାରକ ଜାରି କରାଯାଉଥିଲା, ସ୍ପଷ୍ଟୀକରଣ ଗ୍ରହଣ କରାଯାଉଥିଲା, ସମୟସୀମା ମଧ୍ୟ ବୃଦ୍ଧି କରାଯାଉଥିଲା । ଏବେ ସେହି ପର୍ଯ୍ୟାୟ ଶେଷ ହୋଇଗଲା ପରି ମନେହେଉଛି । ପ୍ରଯୁକ୍ତି ଅଧିକାଂଶ ସମସ୍ୟା ତଥା ତ୍ରୁଟିକୁ ଦୂର କରିଦେଇଛି । ୨୦୧୭ରୁ ଅଧିକାରୀମାନେ ଏସ୍‌ପିଏଆର୍‌ଆର୍‌ଓଡବ୍ଲ୍ୟୁ ଅନ୍‌ଲାଇନ ପୋର୍ଟାଲ ମାଧ୍ୟମରେ ଆଇପିଆର୍ ଫାଇଲ କରିବାରେ ସକ୍ଷମ ହେଉଛନ୍ତି । ୨୦୨୫ ପାଇଁ ସିଷ୍ଟମ ଜାନୁଆରୀ ୩୧, ୨୦୨୬ ପରେ ବନ୍ଦ ହୋଇଯିବ । କୌଣସି ସମୟସୀମା ବୃଦ୍ଧି ନାହିଁ, କୌଣସି ମାନୁଆଲ ବ୍ୟବସ୍ଥା ନାହିଁ । ଯେଉଁ ଅଧିକାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆଇପିଆର୍ ଫାଇଲ କରିବାରେ ବିଫଳ ହେବେ ସେମାନଙ୍କୁ ପେ–ମ୍ୟାଟ୍ରିକ୍ସର ପରବର୍ତ୍ତୀ ସ୍ତରରେ ନିଯୁକ୍ତି ପାଇଁ ବିବେଚନା କରାଯିବ ନାହିଁ । ବାସ୍ତବରେ ସ୍ୱଚ୍ଛତାକୁ କ୍ୟାରିୟରରେ ଗୁରୁତ୍ୱ ଦିଆଯାଇଛି । ସମାଲୋଚକମାନେ ଯୁକ୍ତି ବାଢ଼ିପାରନ୍ତି ଯେ ଏହିପଦ୍ଧତି କଠୋର । କିନ୍ତୁ ବର୍ଷକୁ ଥରେ ସମ୍ପତ୍ତି ରିଟର୍ନ ଦାଖଲକରିବା ଏକ ଅଯୌକ୍ତିକ ଦାବି ନୁହେଁ ।

### ବୈବାହିକ ସମ୍ପର୍କ ଓ ସ୍ଥାନାନ୍ତର

ବିବାହଭିତ୍ତିକ ଆନ୍ତଃ–କ୍ୟାଡର ସ୍ଥାନାନ୍ତର ମାନବୀୟ ସଂସ୍କାର ହେଲେ ମଧ୍ୟ କ୍ଷତିକାରକ ମନେହୁଏ । ତେବେ ସିଭିଲ ସର୍ଭିସେସ୍ ଅଧିକାରୀଙ୍କୁ ସରକାରୀ ସେବା ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରୁ ଗୋଟିକୁ ବାଛିବାକୁ ବାଧ୍ୟ କରାଯିବା ଉଚିତ ନୁହେଁ । କିନ୍ତୁ ଏହିପରି ଅନେକ ସ୍ଥାନାନ୍ତର ମୁଷ୍ଟିମେୟ କ୍ୟାଡରଙ୍କ ପାଇଁ ଲାଗୁ ହେଉଛି । ଏଣୁ ଏହାକୁ ବନ୍ଦକରିବାର ଏବଂ ପ୍ରଶ୍ନ ଉଠାଇବାର ସମୟ ଆସିଛି । ବିବାହଭିତ୍ତିକ ସ୍ଥାନାନ୍ତର ମାଧ୍ୟମରେ ଅଧିକ ସଂଖ୍ୟକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ହରିୟାଣା ଏବଂ ପଞ୍ଜାବ ଯିବାକୁ ଚାହିଁବା କେବଳ ଏକ ସଂଯୋଗ ନୁହେଁ । ଏହି କ୍ୟାଡରଗୁଡ଼ିକ ଦିଲ୍ଲୀର ନିକଟତର ହେବାକୁ ଏବଂ ଉନ୍ନତ ଦୀର୍ଘ କ୍ୟାରିୟର ଦୃଷ୍ଟିକୋଣ ରଖିଥାନ୍ତି । କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ପ୍ରସ୍ତୁତ ନିୟମଗୁଡ଼ିକ ଏପରି ସ୍ଥାନାନ୍ତରକୁ ଅନୁମତି ଦିଏ ଏବଂ ଏହାର ଯଥେଷ୍ଟ କାରଣ ଅଛି । ସମାନ ପ୍ରକାର କ୍ୟାରିୟର ମଧ୍ୟରେ ବିବାହ ଏବେ ଏକ ସାଧାରଣ କଥା । ଯେତେବେଳେ ଅନେକ ଅଧିକାରୀ ସମାନ କ୍ୟାଡରରେ ରହନ୍ତି ,ସେତେବେଳେ ଅନ୍ୟ ରାଜ୍ୟଗୁଡ଼ିକ ପ୍ରତିଭା, ଅଭିଜ୍ଞତା ଏବଂ ସଂସ୍ଥାଗତ ଦକ୍ଷତା ହରାଇ ବସନ୍ତି । ତେବେ ସ୍ଥାନାନ୍ତର ନ୍ୟାୟ ବିଷୟରେ କ୍ୱଚିତ ଚର୍ଚ୍ଚା ହୁଏ । ଯେଉଁ ବାବୁମାନେ ବର୍ଷ ବର୍ଷ ଧରି କଠିନ କିମ୍ବା ଦୂରବର୍ତ୍ତୀ କ୍ୟାଡରରେ ବିତାଇଥାନ୍ତି ସେମାନେ ଲକ୍ଷ୍ୟ କରୁଛନ୍ତି ଯେ ପ୍ରାୟତଃ ସହକର୍ମୀମାନେ ଆଇନଗତ ଓ ସୁବିଧାଜନକ ରାସ୍ତା ଦେଇ ଅଧିକ ସୁନ୍ଦର ଭୌଗୋଳିକ ଅଞ୍ଚଳକୁ ଚାଲିଯାଉଛନ୍ତି । ଏଭଳି ଦୃଷ୍ଟିକୋଣ ଭଲ ନୁହେଁ । ଏଥିପାଇଁ କଡ଼ା କଟକଣା, ଅଧିକ ସ୍ୱଚ୍ଛତା ଏବଂ ପ୍ରଶାସନିକ ବ୍ୟବସ୍ଥାର ପୁନର୍ଗଠନର ଏକ ସାମୟିକ ଅଡିଟ୍ ହେବା ଦରକାର । ଏହା ନ ହେଲେ କ୍ୟାଡର ପରିଚାଳନାରେ ବୈବାହିକ ସମ୍ପର୍କ କ୍ୟାରିୟରକୁ ଦ୍ୱିଗୁଣ ତ୍ୱରାନ୍ୱିତ କରିବ ।

Email: dilipcherian@gmail.com

# ବାଳିକା, ବିବାହ ଓ ବ୍ୟଥା



ଶୁଭନାରାୟଣ ଶତପଥୀ

ହଠାତ୍ ଦିନେ ୧୬ ବର୍ଷର ବାଳିକା ଲାଡ଼ଲିକୁ ବିଦ୍ୟାଳୟ ଯିବାକୁ ବାରଣ କଲେ ତା'ର ମାଆବାପା । ସେହିଦିନ ତାକୁ ନୂଆ ଶାଢ଼ି ପିନ୍ଧାଇ ସଜବାଜ କରାଇ ନେଇଗଲେ ଡ୍ରଇଂ ରୁମ୍‌କୁ । ଡ୍ରଇଂ ରୁମ୍‌ରେ ପୂର୍ବରୁ ବସିଥିଲେ ଲାଡଲିର ବାପା ଏବଂ କିଛି ଅଚିହ୍ନା ଅତିଥି । ଅତିଥିମାନଙ୍କ ମଧ୍ୟରେ ମହିଳାମାନେ ଅଧିକ ଥିଲେ । ସେହି ମହିଳାମାନେ ସଙ୍ଗେ ସଙ୍ଗେ ଲାଡଲିକୁ ଦେଖି ହସିଦେଲେ । ତା' ଗାଲରେ ଚୁମ୍ବନ ଦେଇ ନିଜ ମେଳରେ ବସାଇଲେ । ଅଜଣା ଲୋକମାନେ ଲାଡଲିକୁ ଚୁମ୍ବନ ଦେବାବେଳେ ଲାଡଲି ଅସହଜ ଅନୁଭବ କରୁଥିଲା । କିନ୍ତୁ ଲାଡଲି ଅନୁଭବ କରିପାରୁଥିଲା ତା' ମାଆବାପାଙ୍କର ସହମତି । ସେହି ମହିଳାମାନେ କହୁଥିଲେ ବୋହୂ ଆମର ଭାରି ପସନ୍ଦ । ଲାଡଲି କିଛି ବୁଝିବା ପୂର୍ବରୁ ବୋଧହୁଏ ତା'ର ବୋହୂ ହେବାର ଚିଟଉ ଲେଖା ସରିଥିଲା । ଜଣେ ମହିଳା ଜରିଗୁଡ଼ା ହୋଇଥିବା ଏକ ବିଡ଼ା ଜଣେ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଲାଡ଼ଲିର ବାପାଙ୍କ ହାତକୁ ବଢ଼ାଇଦେଲେ । ବାପା ଭାରି ଖୁସି ଦେଖାଯାଉଥିଲେ । ଲାଡ଼ଲି ଏବେ ବୁଝିସାରିଥିଲା ଯେ, ତା'ର ବୟସ ପୂର୍ବରୁ ବିବାହ ନିଷ୍ପତ୍ତି ହୋଇସାରିଛି । ସେ ସେଠାରୁ ଉଠି ଧାଇଁଗଲା ଘର ଭିତରକୁ । ଦୁଆର ଦେଇ କଇଁକଇଁ ହୋଇ କାନ୍ଦିବାକୁ ଲାଗିଲା । ଲାଡ଼ଲିର ମନକୁ ବୁଝିବା ପରିବର୍ତ୍ତେ ସେମାନେ କହୁଥିଲେ ଲାଡଲି ଲାଜରେ ଚାଲିଗଲା । ତା'ର ସମ୍ମତି ଅଛି ବୋଲି ଏଠାରେ ଜୋରଜବରଦସ୍ତ ଭାବରେ କୁହାଗଲା । ସେହିଦିନଠାରୁ ସାଙ୍ଗମାନଙ୍କ ସହିତ ମିଳାମିଶା ତା'ର ବନ୍ଦ । ବିଦ୍ୟାଳୟକୁ ଯିବା ବନ୍ଦ । ଘର ସତେଯେମିତି ତା'ପାଇଁ ବନ୍ଦୀ ଗୃହରେ ପରିଣତ ହୋଇଗଲା । ଲାଡ଼ଲି ଜଣିପାରୁଥିଲା ତା'ର ଭବିଷ୍ୟତ କଣ ହେବ, କାରଣ ଜଣେ ଶିଶୁ ଅଧିକାର କର୍ମୀ ଆସି କହିଥିଲେ ଏପରି ଦୃଶ୍ୟ ହେଉଛି ବାଲ୍ୟବିବାହର ପୂର୍ବାବସ୍ଥା, ଯାହା ଜୀବନ, ସୁଖ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସମୟ ଛଡାଇନିଏ । ଏମିତି କାହାରି ହେଉଥିବା ଜାଣିଲେ ଚାଇଲ୍ଡ ହେଲ୍‌ପଲାଇନକୁ ଫୋନ୍ କରିବ । ଲାଡ଼ଲି ସୁଯୋଗ ପାଇ ତା' ମାଆଙ୍କ ଫୋନ୍‌ରୁ ଚାଇଲ୍ଡ ହେଲ୍‌ପଲାଇନ ନମ୍ବର ୧୦୯୮କୁ ଫୋନ୍ କରି ସବୁକଥା କହିଲା । ଏହାପରେ ଉଦ୍ଧାର କାର୍ଯ୍ୟ ଓ ଥଇଥାନ ହେଲା । ଲାଡ଼ଲିର ବାଲ୍ୟବିବାହ ବନ୍ଦ ହେଲା ସତ, କିନ୍ତୁ ଏବେ ବି ଲାଡଲି ପରି ଅନେକ ବାଳିକା ଏମିତି ବାଲ୍ୟ ବିବାହର ଜାଲରେ ଛନ୍ଦି ହୋଇ ମାନସିକ ଓ ଶାରୀରିକ କଷ୍ଟ ପାଇବା ସହିତ ମୃତ୍ୟୁମୁଖରେ ପଡୁଛନ୍ତି । ତେବେ ଏ ପରିସ୍ଥିତି ପରେ ଲାଡ଼ଲିର ମନ ଭିତରେ ନିଜ ଲୋକମାନଙ୍କ ପ୍ରତି ଡର, ସାମାଜିକ ବ୍ୟବସ୍ଥା ପ୍ରତି ଅବିଶ୍ୱସନୀୟତା, ନିଜ ସମ୍ପର୍କୀୟମାନେ ବିଶ୍ୱାସଘାତକ ବୋଲି ଧାରଣା ସୃଷ୍ଟି ହୋଇଗଲା ।



ଅନ୍ୟ ଏକ ଘଟଣାରେ ସନ୍ତୋଷବାବୁଙ୍କର ଦୁଇଟି ଝିଅ । ବଡ଼ଝିଅର ବାହାଘର କରିବେ ଓ ଭଲ ଜ୍ୱାଇଁ ପୁଅଟିଏ ମିଳିବ ବୋଲି ତାଙ୍କର କେତେ ଆଶା । ସେଥିପାଇଁ ଝିଅର ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା, ଷ୍ଟାଟସକୁ ବିଚାରକୁ ନେଇ ଯେଉଁ ଜ୍ୱାଇଁ ଖୋଜୁଥିଲେ ତାହା ସମାଜରେ ବିରଳ । ଏମିତି ଜ୍ୱାଇଁ ଖୋଜୁ ଖୋଜୁ ଝିଅର ବୟସ ଚାଳିଶ ପାର୍ । ଆଉ କିଏ ବାହାହେବ ? ନାନାକଥା ଟାହିଟାପରା ଶୁଣିଲେ ସନ୍ତୋଷବାବୁ । କିଏ କହିଲା ଚାଖି ଚାଖି ଚାଳିଶ ତ ଆଉ କିଏ କହୁଥିଲା ଚୋପା ଛଡ଼ାଇ ଛଡ଼ାଇ ଚୋପାଛଡ଼ା । ସନ୍ତୋଷବାବୁ ମନେମନେ ଭାବୁଥିଲେ ଝିଅ ବାହାଘର ପାଇଁ ପ୍ଲାନିଂ ବଡ଼ କଥା । କ୍ୟାରିଅର, ଯୋଗ୍ୟତା, ଶିକ୍ଷା, ବୟସ, ବିବାହ, ଚାକିରି ସର୍ବୋପରି ତା'ର ଇଚ୍ଛାକୁ ସମ୍ମାନ ଦେଇ ସମୟୋଚିତ ନିଷ୍ପତ୍ତି ଝିଅଟିକୁ ବୈବାହିକ ତଥା ଉପଯୁକ୍ତ ଜୀବନସାଥୀ ଦେଇପାରିଥାନ୍ତା । ତେବେ ଏକ ମଧ୍ୟସ୍ଥର ସାହାରା ନେଇ ଶେଷରେ ଜଣେ ଦ୍ୱିତୀୟ ବିବାହିତ ପୁରୁଷ ସହିତ ଅନେକ ଡେରିରେ ବିବାହ କରାଇଲେ । ଏଠି କଥା ଉଠୁଛି ଝିଅର ମାନସିକତା କ'ଣ ହେଉଥିବ । ଯେଉଁ ସମୟରେ ଯେଉଁ କଥା ତାହା ହୋଇପାରିଲା ନାହିଁ । ଏହାକୁ ଦେଖି ବିଜୟବାବୁ କହିଲେ ହଉ ଭାଇ ଜାତିରେ ଝିଅ ମିଳୁ ନାହାନ୍ତି ବୋଲି ଜାଣିଜାଣି ଝିଅକୁ ବୁଢ଼ୀ କରିଦେଲ ? ଦେଖ ମୁଁ କ'ଣ କରିଛି ? ଝିଅ ବାହାଘର ପାଇଁ ମଧ୍ୟସ୍ଥଙ୍କୁ ଟିପ୍ପଣୀ ଦେଇ କହିଲି ମୁଁ ଦେବିନି ନେବି । ମଧସ୍ଥ ଏକ ବରପାତ୍ର ଯୋଗାଡ କଲା, ଯିଏ ପାଞ୍ଚଲକ୍ଷ ଦେଇ କନିଆ ଘରର ଭୋଜିଭାତ, ଅଳଙ୍କାର, ସାଜସଜ୍ଜା ଖର୍ଚ୍ଚ ବହନ କରି ଝିଅର ହାତ ଧରିଲା । ତେବେ ମିଳିବାର ମୋହରେ ଝିଅର ବିବାହ ବୟସ ଟିକେ ଗଡ଼ିଯାଇଥିଲେ ହେଁ ବିଜୟବାବୁଙ୍କ ଦୁଃଖ ନଥିଲା । କରଣ ସେ କହୁଥିଲେ ଟିକେ ବାର୍‌ଗେନ୍ କଲେ ସିନା ବେନିଫିଟ ମିଳିବ । ଏପଟେ ମାଆବାପାଙ୍କ ଏପରି କାର୍ଯ୍ୟକଳାପ ଦେଖି ବିଜୟବାବୁଙ୍କ ସାନଝିଅ ଚମ୍ପା ଯୁକ୍ତ ୨ ପଢ଼ିବାବେଳେ କଲେଜର ଏକ ସାଙ୍ଗ ସହିତ ଚମ୍ପଟ । ବିବାହର ଦୁଇ ବର୍ଷ ପରେ ପୁଣି ଝିଅ ଆସି ବିଜୟବାବୁଙ୍କ ପାଖରେ । କରଣ ହେଉଛି ଝିଅପୁଅ ଖାପଖୁଆଇ ଚଳିପାରିଲେ ନାହିଁ । ଫେରିଆସିଲା ଝିଅ ପୁଣି ବିଜୟବାବୁଙ୍କ ପାଖକୁ । ବଡ କଷ୍ଟରେ ଅଙ୍ଗନୱାଡି କର୍ମୀଙ୍କ ପରାମର୍ଶରେ ତା'ର ପୁନର୍ବିବାହ କରାଇଲେ । ଏମିତି ଅନେକ ଘଟଣା ଆଜିକାଲି ଖବରକାଗଜରେ ପଢ଼ିବାକୁ ମିଳୁଛି । ଏ ଅସନ୍ତୁଳନ ବାସ୍ତବରେ ବିପଦ । ସମାଜକୁ କୁଆଡେ ନେଉଛି ତାହା ବିଚାରଯୋଗ୍ୟ ।

ଏପରି ଘଟଣାରେ ମାତାପିତା, ପରିବାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ସମାଜରେ ବାଳିକାମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ହେଲାଣି । ପାଠ ପଢ଼ିବାଠାରୁ ବିବାହ ଖର୍ଚ୍ଚ ପର୍ଯ୍ୟନ୍ତ ବ୍ୟବସ୍ଥା ହେଲାଣି । ତଥାପି ସମାଜ ଓ ପରିବାରରେ ଅସନ୍ତୁଳନ ଦାୟିତ୍ୱ, କର୍ତ୍ତବ୍ୟ, ମାନସିକତାକୁ ନେଇ ବାଳିକାମାନେ ଦ୍ୱନ୍ଦ୍ୱରେ ପଡ଼ି ହଇରାଣ ହରକତ ହୁଅନ୍ତି । ତାଙ୍କୁ ମାର୍ଗଦର୍ଶନ କରିବା ଦୂରର କଥା ସେମାନଙ୍କୁ ବିପଦକୁ ଠେଲିଦେଉଛନ୍ତି ପାଖରେ ରହୁଥିବା, ଲାଳନପାଳନ କରୁଥିବା ବ୍ୟକ୍ତିବିଶେଷ ଓ ସମ୍ପର୍କୀୟ । ମାତାପିତା ବା ସମ୍ପର୍କୀୟ ଲୋଭ, ସ୍ୱାର୍ଥରେ ପଡି ବାଳିକାର କିଣାବିକା, ଚାଲାଣ କରିବାକୁ ବି ପଛାଉ ନାହାନ୍ତି । ଯଦିଓ ମାତାପିତାଙ୍କ ଦୁର୍ବଳ ମାନସିକତା, ଅଶିକ୍ଷା, ପାରମ୍ପରିକ ସାମାଜିକ ବ୍ୟବସ୍ଥା ଏଥିପ୍ରତି ଦାୟୀ ତଥାପି ସାମାଜିକ ଉନ୍ନତି ଓ ଅଭିବୃଦ୍ଧିରେ ନିଜ ଝିଅକୁ ନିଜ ଗୋଡରେ ଠିଆ କରାଇ ମନଲାଖି ବରପାତ୍ର ଯୋଗାଡ କରିବା, ପାରିବାରିକ ଭିତ୍ତିଭୂମିକୁ ଅନୁଧ୍ୟାନ କରିବା, ଆଇନଗତ ଦିଗକୁ ଲକ୍ଷ୍ୟ କରିବା, ସମାନ ମାନସିକତା ଆଧାରିତ ପରିବାର, ଝିଅପୁଅଙ୍କୁ ପରଖିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମାଜରେ ପାରିବାରିକ ସହାବସ୍ଥାନ ନିମନ୍ତେ ବିବାହର ଆବଶ୍ୟକତା ରହିଛି । କିନ୍ତୁ ବିବାହ ଝିଅ ପାଇଁ ବେଡି ନ ହେଉ । ଏହା ବୁଝିବାରେ ଆବଶ୍ୟକତା ରହିଛି । ତେବେ ଯେଉଁ ବାଳିକାଙ୍କର ଏକକ ଅଭିଭାବକ ଥାଆନ୍ତି ବା ମାତାପିତା ମୃତ୍ୟୁବରଣ କରିଥାନ୍ତି ସେମାନଙ୍କ ଅବସ୍ଥା ଅଧିକ ଜଟିଳ । ଏ ପରିପ୍ରେକ୍ଷୀରେ କିଶୋରୀମାନଙ୍କୁ ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ଚିହ୍ନଟ କରି ପରିବାର ସଦସ୍ୟାସଦସ୍ୟଙ୍କ ସହିତ ଆଲୋଚନା କରି ବାଳିକାଙ୍କ ଭବିଷ୍ୟତ ତଥା ଶିକ୍ଷାଗତ ଯୋଗ୍ୟତା ଲକ୍ଷ୍ୟ ପୂରଣ, ବୈବାହିକ ଜୀବନର ସୁଖ ସୁବିଧା ପରିପୂରଣ ନିମନ୍ତେ ସନ୍ତୁଳନ ରକ୍ଷା କରି ବିବାହ ଯୋଜନା କରାଯାଇପାରେ । ଏହା ଯୋଗୁ ଅନ୍ତତଃ ବାଲ୍ୟବିବାହ, ପଳାୟନ ବିବାହ, ପୁନର୍ବିବାହ ଓ ବିଳମ୍ବ ବିବାହ ଭଳି ବ୍ୟଥାକୁ ଏଡାଇ ଦିଆଯାଇପାରିବ । ଫଳରେ ବାଳିକାଟିଏ ବଡ଼ ହୋଇ ସୁସ୍ଥ ଜୀବନଯାପନ, ଉପଯୁକ୍ତ ଜୀବନସାଥୀ ପାଇବାର ସୁଯୋଗ ଲାଭ କରିପାରିବ ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

# ବୁଦ୍ଧି–ଜ୍ଞାନ



ଡ. ବାସୁଦେବ ମିଶ୍ର

ବେଳେବେଳେ ଦେଖାଯାଏ, ବୁଦ୍ଧି ପାଖରେ ବିଦ୍ୟା ଓ ଧନ ଉଭୟେ ହାର୍ ମାନନ୍ତି । ଏକଥା ସତ ଯେ, ଜୀବନଧାରଣ ନିମିତ୍ତ ବିଦ୍ୟା ଓ ଧନର ନିତାନ୍ତ ପ୍ରୟୋଜନ ରହିଛି । ଜୀବନଧାରଣ ପାଇଁ ଆବଶ୍ୟକ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଧନ ଦ୍ୱାରା ପ୍ରାପ୍ତ କରିହୁଏ । ସେମିତି ମନ ଓ ହୃଦୟର କ୍ଷୁଧାକୁ ଉପଶମ କରିବା ପାଇଁ ବିଦ୍ୟା ବା ଜ୍ଞାନର ଆବଶ୍ୟକତା ରହିଛି । ତା' ସହିତ ଏକଥା ମଧ୍ୟ ସତ୍ୟ ଯେ ବୁଦ୍ଧି ବ୍ୟତିରେକେ ଧନ ଓ ଜ୍ଞାନର ସୁପରିଚାଳନା କରିହୁଏ ନାହିଁ । ତା' ପରେ ପୁଣି ବୁଦ୍ଧି ସହିତ ଯଦି ବିବେକର ସହଯୋଗ ମିଳେ, ତେବେ ସତରେ, ଜୀବନରେ ଚାରଚାଁନ୍ଦ ଲାଗିଯାଏ । ପାଖରେ ପ୍ରଚୁର ଧନ ଥିଲେ ମଧ୍ୟ ବୁଦ୍ଧି ମୁତାବକ କାର୍ଯ୍ୟ କରି ନ ପାରିଲେ ଧନର ସମୁଚିତ ଉପଯୋଗ ସମ୍ଭବ ହୁଏ ନାହିଁ । ବୁଦ୍ଧିର ଅଭାବ ହେଲେ ଜ୍ଞାନର ସମୁଚିତ ଉପଯୋଗ କରିବା ମଧ୍ୟ ସମ୍ଭବ ହୁଏନାହିଁ । କହିବା ଅନାବଶ୍ୟକ, ଜ୍ଞାନ ଓ ବୁଦ୍ଧି ଦୁହେଁ ପରସ୍ପରର ନିହାତି ପାଖାପାଖି । ବୁଦ୍ଧି ଦ୍ୱାରା ଜ୍ଞାନର ପ୍ରସାର କରାଯାଇପାରେ । ପୁଣି ଜ୍ଞାନ ଦ୍ୱାରା ବୁଦ୍ଧିକୁ ଦୀପ୍ତ ଏବଂ ତୀବ୍ର କରାଯାଇପାରେ । ଏହା ଅନେକ ସମୟରେ ଆମ ଜୀବନର ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ସାହାଯ୍ୟ କରିଥାଏ । ଗୋଟିଏ ସରସ, ସୁନ୍ଦର ଏବଂ ପରିପୁଷ୍ଟ ଜୀବନ ବଞ୍ଚିବା ପାଇଁ ପଥ ପରିଷ୍କାର କରେ । କେବଳ ନିଜର ଜୀବନ ନୁହେଁ, ଅନ୍ୟ ଜୀବନର ତଥା ସମାଜର ସମୁନ୍ନତି ସାଧନ କରିବାରେ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ ହୋଇଯାଏ ।

ବସ୍ତୁତଃ ଜ୍ଞାନ ଆଉ ବୁଦ୍ଧି ଭିତରେ କିଛିଟା ପ୍ରଭେଦ ରହିଛି । ଆମର ଧାରଣା– ବହୁତ ପାଠ ପଢ଼ିଥିବା ଲୋକଟା ବୁଦ୍ଧିମାନ୍ । କିନ୍ତୁ ସେପରି କିଛି କଥା ନାହିଁ । ଏମିତି ବେଶି ପାଠ ପଢ଼ିଥିବା ଅନେକ ଲୋକ ଆମ ଭିତରେ ଅଛନ୍ତି, ଯେଉଁମାନେ ଭଲ ସରକାରୀ ଚାକିରି ବି କରିଛନ୍ତି, କିନ୍ତୁ ବେଳେବେଳେ ନିହାତି ନିର୍ବୁଦ୍ଧିଆଙ୍କ ପରି କାମ କରନ୍ତି । ଚିରାଚରିତ ଭାବରେ ପ୍ରଥମେ ଗାଁ ସ୍କୁଲ, ଗାଁରେ ଥିବା ଅଥବା ଗାଁ ପାଖରେ ଥିବା ମହାବିଦ୍ୟାଳୟରୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବା ପରେ ସହରକୁ ଯାଇ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରନ୍ତି । ସମଗ୍ର କ୍ୟାରିୟରରେ ଉଚ୍ଚା ପର୍‌ସେଣ୍ଟର ମାର୍କ ଥିବାରୁ ସରକାରୀ ଚାକିରି ମିଳିବା ମଧ୍ୟ ସହଜ ହୋଇଯାଏ । କିନ୍ତୁ ଏ ସବୁ ଦ୍ୱାରା ବୁଦ୍ଧି ଥିବାର କିଛି ପ୍ରମାଣ ହୁଏନାହିଁ । ବହିରେ ଲେଖାଥିବା ପାଠକୁ ମୁଖସ୍ଥ କରି ପରୀକ୍ଷା ଖାତାରେ ଲେଖିଲେ ତା' ଉପରେ ମାର୍କ ମିଳେ । କେଉଁପରି ପ୍ରଶ୍ନର କେଉଁପରି ଉତ୍ତର ଲେଖିବା ଆବଶ୍ୟକ, ସେଥିପାଇଁ ମଧ୍ୟ ଆଜିକାଲି ପରିଶ୍ରମ କରିବାକୁ କିମ୍ବା ମୁଣ୍ଡ ଖଟାଇବାକୁ ପଡ଼େନାହିଁ । ପଢ଼ିଥିବା ବିଷୟ ଉପରେ ପଡ଼ିବାକୁ ଥିବା ପ୍ରଶ୍ନର ଉତ୍ତରଟିଏ ନିଜକୁ ସଜାଡ଼ି ଲେଖିବାକୁ ପଡ଼େନାହିଁ । ପରୀକ୍ଷାରେ ପଡ଼ିବାକୁ ଥିବା ସମ୍ଭାବ୍ୟ ପ୍ରଶ୍ନଗୁଡ଼ିକ ଉତ୍ତର ସହିତ ବ୍ୟବସାୟ ସୂତ୍ରରେ ପ୍ରେସ୍‌ରେ ଛପାହୋଇ ଟେଷ୍ଟ ପେପର, ମିନିଂ ବୁକ୍ ଆକାରରେ ବଜାରରେ ମିଳୁଛି । ସେଗୁଡ଼ିକୁ ପଢ଼ି, ମୁଖସ୍ଥ କରି ପରୀକ୍ଷା ଖାତାରେ ଲେଖିବା ଯାହା ଛାତ୍ରୀଛାତ୍ରଙ୍କର କାମ । ବାସ୍, ଉଚ୍ଚା ଦରର ମାର୍କ ମିଳିବାରେ ଆଉ ଅସୁବିଧା ନାହିଁ । ଏଥିରେ ବୁଦ୍ଧିର ପଇସାକର କାମ ମଧ୍ୟ ନାହିଁ । ତା'ଛଡ଼ା ଆଜିକାଲି ପିଲାଙ୍କୁ ପରୀକ୍ଷାରେ ଅଧିକ ପରିଶ୍ରମ ଯେପରି କରିବାକୁ ନ ପଡ଼ିବ, ସେଥିପାଇଁ ଅର୍ଦ୍ଧେକ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦେବା ପାଇଁ କୁହାଯାଉଛି । କେତେକ ପ୍ରଶ୍ନର ଉତ୍ତର କେବଳ 'ହଁ' କିମ୍ବା 'ନାହିଁ'ରେ ଦେବା ପାଇଁ ବ୍ୟବସ୍ଥା କରାଯାଉଛି । କେତେକ ପ୍ରଶ୍ନର ଉତ୍ତରକୁ ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଏମ୍‌ସିକ୍ୟୁ ପୃଷ୍ଠାରେ ଗୋଟିକୁ ବାଛିବାକୁ କୁହାଯାଉଛି । ପଢ଼ିଥିବା ବିଷୟ ଅନୁସାରେ ପ୍ରଶ୍ନର ଉତ୍ତରଟିକୁ ସଜାଡ଼ି ନିଜ ମନରୁ ଦୁଇଧାଡ଼ି ଲେଖିବାର ସୁଯୋଗ ନାହିଁ କହିଲେ ଚଳିବ । ଭାଷା ପରୀକ୍ଷାରେ କେବଳ ପ୍ରବନ୍ଧକୁ ଛାଡ଼ିଦେଲେ ଦୀର୍ଘ ଉତ୍ତର ପାଇଁ ପ୍ରଶ୍ନ ନାହିଁ, ଯେଉଁଥିରେ ଅନ୍ତତଃ ପିଲାଟିର ବିଚାରଜ୍ଞାନ ପ୍ରକାଶିତ ହୋଇପାରନ୍ତା । କୌଣସି ଚରିତ୍ରକୁ ଚିତ୍ରଣ କରିବାରେ ତାର ବିଚାରବତ୍ତା, ଲେଖିବା ଶୈଳୀ, ଭାଷା ଓ ଭାବ ଇତ୍ୟାଦି ପ୍ରକାଶିତ ହୁଅନ୍ତା, ସେଥିପାଇଁ ସେ ଶ୍ରମ କରନ୍ତା, କସରତ କରନ୍ତା । ଭବିଷ୍ୟତରେ ଜଣେ ଭଲ ଲେଖକ ଓ ସାହିତ୍ୟିକ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରନ୍ତା । ସ୍କୁଲ ଓ କଲେଜରେ ପଢ଼ିବା ସମୟରେ ଏଇ ମିନିଂ ବୁକ୍ ଏବଂ ଟେଷ୍ଟପେପରଗୁଡ଼ିକ ପିଲାଟିକୁ ସେପରି ଶ୍ରମ ଓ କସରତ କରିବାକୁ ଦିଅନ୍ତି ନାହିଁ । ଫଳରେ ଏପରି ହୁଏ, ଗ୍ରାଜୁଏଶନ ପରେ ମଧ୍ୟ ସାମାନ୍ୟ ଦରଖାସ୍ତ ଖଣ୍ଡିଏ ଲେଖିବା ତା' ପକ୍ଷରେ ସମ୍ଭବ ହୁଏନାହିଁ ।



ଅନେକ ସମୟରେ ଆମେ ଦେଖୁ ଖଳବୁଦ୍ଧି ସମ୍ପନ୍ନ ବ୍ୟକ୍ତିମାନେ ଅଧିକ ବୁଦ୍ଧିମାନ୍ ହୋଇଥା'ନ୍ତି । କେବେ କେମିତି ପୋଲିସ୍‌ଠାରୁ ଚୋରର ବୁଦ୍ଧି ବେଶି ବୋଲି ପ୍ରମାଣିତ ହୁଏ । ପାଠ କମ୍‌ଥାଉ କି ବେଶି, ସେଥିରେ କିଛି ଯାଏଆସେ ନାହିଁ । ତା'ର କାରଣ ହେଲା ପାଠରେ କସରତ କରିବା ଅପେକ୍ଷା ସେମାନେ ବୁଦ୍ଧିରେ ଅଧିକ କସରତ କରିଥା'ନ୍ତି । ଅନ୍ୟର ଖୁଣ ଦେଖିବା, ଅନ୍ୟର କୁସାରଚନା କରିବା, ଅନ୍ୟଠାରୁ କିଛି ଲୁଟ୍‌କରି ନେବାର ଯୋଜନା ପ୍ରସ୍ତୁତ କରୁଥିବା ଲୋକଙ୍କୁ ସବୁଠି ଦେଖିବାକୁ ପାଇବେ । ଗୋଟିଏ ଗାଆଁରେ ଭଲ ଲୋକ ହୁଏତ ଥାଇ ନ ପାରନ୍ତି, କିନ୍ତୁ ଏପରି ଖଳଲୋକ ନ ଥାଇ ଗାଆଁ ନାହିଁ । ଫକୀରମୋହନଙ୍କ ଭାଷାରେ ''ମାଛ ନ ଥାଇ ପୋଖରୀ ଥାଇପାରେ, କିନ୍ତୁ ଖଳଲୋକ ନ ଥାଇ ଗାଆଁ ନାହିଁ ।''

ରାତି ଅଧରେ ଘରୁ ପଦାକୁ ବାହାରିଥିବା ଲୋକଟି ଗାଁ ଦାଣ୍ଡରେ ଅଜଣା ଲୋକଟାକୁ ବୁଲୁଥିବା ଦେଖି ବଡ଼ ପାଟିକରି ସମସ୍ତଙ୍କୁ ଡାକିଦେଲା– ''ଧାଇଁଆସ, ଆମ ଗାଆଁରେ ଚୋର'' । ନିଦରୁ ଉଠି ଲୋକେ ଧାଇଁଲେ ଚୋର କେଉଁଠି ଅଛି ଖୋଜିବାକୁ । ଗାଆଁଟାଯାକ ଲୋକ ଟର୍ଚ୍ଚମାରି ଚୋରକୁ ପ୍ରତି ଘରର ଛାତଠାରୁ ଆରମ୍ଭକରି କଚ୍ଚା ଘରର ପିଢ଼ା ଓ ଚାରିପାଖ, ଗଛ ଉପର ସବୁଆଡ଼େ ଖୋଜିଖୋଜି ନୟାନ୍ତ ହେଲେ ସିନା ଚୋରର କିଛି ସନ୍ଧାନ ପାଇଲେ ନାହିଁ । ହାଲିଆ ହୋଇ ପୁଣି ଗଲେ ଶୋଇବାକୁ । ଚୋରଟି ପୋଖରୀ ଭିତରୁ ଉଠି ନିଜ ଭିଜା ଲୁଗାକୁ ଚିପୁଡ଼ିବା ପରେ ଗଛ ଆଢୁଆଳରେ ଲୁଚାଇ ରଖିଥିବା ନିଜ ସାଇକେଲଟାକୁ ବାହାର କରି ମନ ଦୁଃଖରେ ଗଲା ଘରକୁ । କଥାଟା ହେଲା– ଲୋକେ ନିଦରୁ ଉଠି ଚୋରକୁ ଖୋଜୁଥିବାବେଳେ ଚୋରଟି ଗାଁ ଦଳୁଆ ପୋଖରୀରେ ପଶି ମେଞ୍ଚାଏ ଦଳ ନିଜ ମୁଣ୍ଡ ଉପରେ ରଖିଦେଇଥିଲା ଏବଂ ସମସ୍ତଙ୍କର ଧାଁ ଧପଡ଼କୁ ମନଭରି ଉପଭୋଗ କରୁଥିଲା । ଏଥର ଦେଖନ୍ତୁ– ବୁଦ୍ଧି କାହାର ବେଶି । ଗାଆଁଟାଯାକ ଲୋକଙ୍କର ନା ଚୋରର !

**ଦଶରଥପୁର, ଯାଜପୁର**
**ମୋ: ୮୯୧୭୨୭୨୭୭୩**

## ଏଇ ଭାରତରେ

ବାୟୁ ପ୍ରଦୂଷଣ ଏବେ ଭାରତର ପ୍ରମୁଖ ସହରଗୁଡ଼ିକରେ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି । ସ୍ଥିତି ଏଭଳି ସ୍ତରରେ ପହଞ୍ଚିଛି ଯେ ଏଥିରୁ ରକ୍ଷାପାଇବା ଲାଗି ଘରେ ଏୟାର ପ୍ୟୁରିଫାୟର ଦରକାର ହେଲାଣି । ସମସ୍ତେ ଏହାକୁ ବ୍ୟବହାର କରିପାରୁ ନାହାନ୍ତି, କାରଣ ଏହାର ମୂଲ୍ୟ ଅଧିକ । ତେବେ ଲୋକମାନେ କିଭଳି ଶସ୍ତାରେ ଏୟାର ପ୍ୟୁରିଫାୟର ପାଇପାରିବେ ସେଥିପାଇଁ ବେଙ୍ଗାଲୁରୁର ଆୟୁଷ ଝାଙ୍କ ସଫଳ ଉଦ୍ୟମ ପ୍ରଶଂସନୀୟ । ସେ କମ୍ ଖର୍ଚ୍ଚରେ ଏୟାର କଣ୍ଡିଶନରକୁ ସ୍ମାର୍ଟ ଏୟାର ପ୍ୟୁରିଫାୟରରେ ପରିଣତ କରୁଛନ୍ତି । ଏହା ବଜାରରେ ମିଳୁଥିବା ଏୟାର ପ୍ୟୁରିଫାୟରଠାରୁ ଶସ୍ତା ଅର୍ଥାତ୍ ତା' ମୂଲ୍ୟର ଏକ ଶତାଂଶରେ ତିଆରି ହୋଇପାରୁଛି । ୨୦୧୭ରେ ଆୟୁଷଙ୍କ ପିତା ବାୟୁ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନହେବା ପରେ ଶସ୍ତା ଏୟାର ପ୍ୟୁରିଫାୟର ତିଆରିକରିବା ସକାଶେ ସେ ଆୟୁଷ ଗବେଷଣା ଆରମ୍ଭ କରିଦେଇଥିଲେ । ଆୟୁଷ ପୂର୍ବରୁ ଏକ ଷ୍ଟାର୍ଟଅପ୍‌ରେ କାମ କରୁଥବାରୁ ଗବେଷଣା ପାଇଁ ତାଙ୍କୁ ଅନେକ କ୍ଷେତ୍ରରୁ ସହଯୋଗ ମିଳିଥିଲା । ସେ ଦିଲ୍ଲୀ ଏନ୍‌ସିଆର୍, ବେଙ୍ଗାଲୁରୁ, ହାଇଦ୍ରାବାଦ ସହରରେ ଏସିକୁ ସ୍ମାର୍ଟ ଏୟାର ପ୍ୟୁରିଫାୟର କରିବାରେ ଲାଗିଛନ୍ତି । ଏହି ଟେକ୍ନୋଲୋଜିକୁ ମଧ୍ୟପ୍ରାଚ୍ୟ ଓ ଦକ୍ଷିଣପୂର୍ବ ଏସିଆର ଅନ୍ୟ ଦେଶରେ ପହଞ୍ଚାଇବା ଲାଗି ଯୋଜନା କରିଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଜାନୁଆରୀ ୧୯୭୭**

- କର୍ଣ୍ଣାଟକ ପ୍ରଦେଶ କମିଟି ସଭାପତି ରୂପେ ଏସ୍.ବି. ନଗରାଲଙ୍କୁ ନିଯୁକ୍ତି ପ୍ରଦାନ ।
- ନବଗଠିତ ଜନତା ପାର୍ଟିକୁ ଏକ ନିର୍ବାଚନ ସଙ୍କେତ ଦେବା ଲାଗି କରାଯାଇଥିବା ନିବେଦନକୁ ନିର୍ବାଚନ କମିଶନର ଟି.ଏସ୍. ସ୍ୱାମୀନାଥନ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ।
- ଶିକ୍ଷା, ସାଂସ୍କୃତିକ ତଥା ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ରହିଥିବା ସମ୍ପର୍କକୁ ଆହୁରି ଘନିଷ୍ଠ ଓ ସହଯୋଗପୂର୍ଣ୍ଣ କରିବା ନିମନ୍ତେ ଭାରତ ଓ ଯୁଗୋସ୍ଲୋଭିଆ ମଧ୍ୟରେ ଏକ ସାଂସ୍କୃତିକ ବିନିମୟ ଚୁକ୍ତି ସ୍ୱାକ୍ଷରିତ ।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 5 | | 1 | | 8 | | | | |
| | 7 | | | | | | | 4 |
| | | | | 7 | | 5 | | |
| | | | | | | 9 | | 5 |
| 6 | | 3 | | | | | | |
| | | 4 | 8 | 5 | | 7 | 6 | |
| 3 | | | | | 1 | | | |
| 9 | 4 | | | | 2 | | | |
| | | | 4 | | | 6 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 8 | 2 | 6 | 7 | 9 | 3 | 5 |
| 5 | 6 | 7 | 3 | 4 | 9 | 8 | 1 | 2 |
| 2 | 3 | 9 | 5 | 1 | 8 | 4 | 7 | 6 |
| 7 | 5 | 6 | 1 | 9 | 2 | 3 | 4 | 8 |
| 3 | 9 | 2 | 7 | 8 | 4 | 5 | 6 | 1 |
| 8 | 1 | 4 | 6 | 3 | 5 | 7 | 2 | 9 |
| 9 | 8 | 3 | 4 | 2 | 1 | 6 | 5 | 7 |
| 4 | 2 | 5 | 9 | 7 | 6 | 1 | 8 | 3 |
| 6 | 7 | 1 | 8 | 5 | 3 | 2 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇବା ବନ୍ଦ ହେଉ

ମହାଶୟ,

ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଗୁଡ଼ି ଉଡ଼ାଉଥିବା ଦେଖିବାକୁ ମିଳୁଛି । ଏହି ପରମ୍ପରାକୁ ଆଜିର ଆଧୁନିକ ଶ୍ରେଣୀର ବ୍ୟକ୍ତିବିଶେଷ ମଧ୍ୟ ଧରିବସିଥିବାର ନଜିର ରହିଛି । ପରିତାପର ବିଷୟ,ଗୁଡ଼ିଉଡ଼ା ଯୋଗୁ କେତେକ ଛୋଟବଡ଼ ଦୁର୍ଘଟଣା ଘଟି ଜୀବନହାନି ହେଉଛି । ଏହାର ନିରାକରଣ ପାଇଁ ମଧ୍ୟ କୌଣସି ସ୍ତରରେ ବ୍ୟଗ୍ରତା ଦେଖାଯାଉନାହିଁ, ଯାହା ଗଭୀର ଚିନ୍ତାର ବିଷୟ । ଗୁଡ଼ିଉଡ଼ା ପରମ୍ପରା ଓଡ଼ିଶାରେ ପ୍ରାୟତଃ ମକର ସଂକ୍ରାନ୍ତିଠାରୁ ଆରମ୍ଭ କରାଯାଇଥାଏ । କିନ୍ତୁ ମାଞ୍ଜାସୂତାରେ ଗୁଡ଼ି ଉଡାଇବାର ପରମ୍ପରା କାହିଁ କେବେ ବି ନ ଥିଲା । ବର୍ତ୍ତମାନଏଥିପ୍ରତି ଆଗ୍ରହ ବିଶେଷତଃ ସହରଠାରୁ ଆରମ୍ଭ କରି ଗାଁଗହଳିର ଛୋଟପିଲାଙ୍କଠାରେ ଦେଖିବାକୁ ମିଳୁଛି ଏବଂ ସେମାନଙ୍କ ଦ୍ୱାରା ହିଁ ଦୁର୍ଘଟଣା ଘଟୁଛି । ତେଣୁ ଏଭଳି ଦୁର୍ଘଟଣା କମ୍ କରିବା ପାଇଁ ସରକାର ମାଞ୍ଜାସୂତା ନିଷିଦ୍ଧ କରିବା ପାଇଁ ଏକ ଆଇନ ପ୍ରଣୟନ କରନ୍ତୁ ।

**– ଧର୍ମରାଜ ପଟ୍ଟନାୟକ,ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କପୋତ କରଇ ଶୋକ,
କୁଆ କରେ କାଆ,
ସହକାର ଛାୟାତଳେ
ବହିଯାଏ ବାଆ ॥ –(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଚିନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୩,୦୦୦ କୋଟି ଟଙ୍କାର ପଣ୍ୟ ପରିବହନ ଆୟ

## ପୂର୍ବତଟ ରେଳପଥର ରେକର୍ଡ

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ୨୩,୦୦୦ କୋଟି ଟଙ୍କାର ପଣ୍ୟ ପରିବହନ ଆୟକରି ରେକର୍ଡ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ପୂର୍ବତଟ ରେଳପଥ ୨୦୨୬ ଜାନୁଆରୀ ୧୯ ସୁଦ୍ଧା ରେକର୍ଡ ୨୯୪ ଦିନରେ ଏହି ମାଇଲଖୁଣ୍ଟ ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ତୁଳନାରେ ୨୭ ଦିନ ପୂର୍ବରୁ ଅର୍ଥାତ୍ ୩୨୧ ଦିନରେ ଏହି ସଫଳତା ହାସଲ କରାଯାଇଥିଲା। ପୂର୍ବତଟ ରେଳପଥର ମୋଟ ମୂଳ ଆୟ ୨୦୨୪-୨୫ରେ ୨୧,୫୪୩ କୋଟିରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨୩,୯୫୯ କୋଟିକୁ ବୃଦ୍ଧି ପାଇଛି, ଯାହା ସାମଗ୍ରିକ ଭାବରେ ୧୧.୨୧% ବୃଦ୍ଧି ପାଇଛି। ଯାତ୍ରୀ ଆୟ ୨୦୨୪-୨୫ରେ ୧,୭୬୪.୩୨ କୋଟିରୁ ୨୦୨୫-୨୬ ରେ ୧,୮୩୫.୯୧ କୋଟିକୁ ବୃଦ୍ଧି ପାଇଛି। ସାମଗ୍ରୀ




(ପଣ୍ୟ ପରିବହନ) ଆୟ ୧୯,୪୮୨.୬୩ କୋଟିରୁ ୨୧,୭୪୯.୩୮ କୋଟିକୁ ବୃଦ୍ଧି ପାଇଛି। ବିଭିନ୍ନ କ୍ଷେତ୍ରରେ ଆୟ ୧୫୫.୯୫ କୋଟିରୁ ୨୩୯.୧୫ କୋଟିକୁ ବଢ଼ିଛି। ସୂଚନା ଥାଉକି, ୨୦୨୫ ଡିସେମ୍ବର ପର୍ଯ୍ୟନ୍ତ ହାସଲ ହୋଇଥିବା ପଣ୍ୟ ପରିବହନ ୨୦୯.୯୭ ନିୟୁତ ଟନ (ଏମ୍‌ଟି) ଥିଲା। ପୂର୍ବ ବର୍ଷର ୧୮୮.୬୪ ନିୟୁତ ଟନ ପରିବହନ ତୁଳନାରେ ଏହି ଜୋନ୍ ୨୧.୩୩ ନିୟୁତ ଟନ ପରିବହନ କରି ରେକର୍ଡ କରିଛି। ପୂର୍ବବର୍ଷ ତୁଳନାରେ ଏହି ଆର୍ଥିକ ବର୍ଷରେ ୧୧.୩୧% ଅଭିବୃଦ୍ଧି ହାସଲ କରିଛି।

# ବଜାରରେ ଗୋଦ୍‌ରେଜ୍‌ର ହସ୍ତତନ୍ତ ଅନୁକୂଳ ୱାଶିଂ ମେଶିନ

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)




ଗଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟ ପକ୍ଷରୁ ହସ୍ତତନ୍ତର ପୁନରୁଦ୍ଧାର ପାଇଁ 'ଟେଷ୍ଟେଡ୍ ଫର୍ ହ୍ୟାଣ୍ଡଲୁମ୍' ଅଭିଯାନ ଆରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ହସ୍ତତନ୍ତ ଅନୁକୂଳ ଫ୍ରଣ୍ଟ ଲୋଡିଂ ୱାଶିଂ ମେଶିନ ପ୍ରଯୁକ୍ତି ଉନ୍ମୋଚନ କରାଯାଇଛି। ଅନେକ ସମୟରେ ହସ୍ତତନ୍ତର ଯତ୍ନନେବା ବ୍ୟୟବହୁଳ ବ୍ୟାପାର ମନେହୁଏ। ଖରାପ ହେବାର ଭୟ ଥିବାରୁ ଲୋକମାନେ ତାହାକୁ ହାତରେ ସଫାକରନ୍ତି କିମ୍ବା ଡ୍ରାଏ ୱାଶ୍ କରନ୍ତି। ଏହି ସମସ୍ୟାର ସମାଧାନ କରିବା ଲାଗି ଗୋଦ୍‌ରେଜ୍ ପକ୍ଷରୁ ଏହାର ଏଆଇ ଶକ୍ତି ଥିବା ଅତ୍ୟାଧୁନିକ ଫ୍ରଣ୍ଟ ଲୋଡିଂ ୱାଶିଂ ମେଶିନକୁ ଦେଶର ୨୦ ପ୍ରକାର ହସ୍ତତନ୍ତ ପୋଷାକରେ ସଫଳ ପରୀକ୍ଷଣ କରାଯାଇଛି। ବନାରସୀ ସିଲ୍କଠାରୁ ଆରମ୍ଭକରି ପୋଞ୍ଚମପଲ୍ଲୀ ଇକ୍କତ ଓ ଜାମ୍‌ଦାନି ଆଦିକୁ ପରୀକ୍ଷଣ କରାଯାଇଛି। ଏହା ଜରିଆରେ ହସ୍ତତନ୍ତକୁ ଅତି ଯତ୍ନର ସହ ୨୫ ଥର ସଫା କରାଯାଇଥିଲା। ସେହି ହସ୍ତତନ୍ତଗୁଡ଼ିକ କେବଳ ଖାଲି ଆଖିରେ ନୁହେଁ, ବରଂ ୪୦ଏକ୍ସ ମାଇକ୍ରୋସ୍କୋପରେ ଯାଞ୍ଚ କରାଯାଇଥିଲା। ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ଡିଭିଜନର ବ୍ୟବସାୟ ମୁଖ୍ୟ କମଳ ନନ୍ଦୀ କହିଛନ୍ତି, 'ଯେତେବେଳେ ପରମ୍ପରା ସହ ପ୍ରଯୁକ୍ତିର ମିଳନ ହେବେ, ସେତେବେଳେ ଆମେ ଗୁରୁତ୍ୱ ରଖୁଥିବା ଏବଂ ଆଗାମୀ ପିଢ଼ି ପାଇଁ ଅଗ୍ରଗାମୀ ପ୍ରଗତିର ସଂରକ୍ଷଣ କରିପାରିବା। ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟର ମାର୍କେଟିଂ ମୁଖ୍ୟ ସ୍ୱାତୀ ରାଠି କହିଛନ୍ତି, 'ଗୋଦ୍‌ରେଜ୍ ଏଣ୍ଟରପ୍ରାଇଜେସ୍‌ରେ ଆମେ ସର୍ବଦା ପ୍ରଯୁକ୍ତି ପ୍ରତି ପ୍ରତିବଦ୍ଧ ଯାହା ଭାରତ ପାଇଁ ପ୍ରକୃତରେ ତିଆରି ହୋଇଛି। ଏହି 'ଟେଷ୍ଟେଡ୍ ଫର୍ ହାଣ୍ଡଲୁମ୍ସ' ଅଭିଯାନ ସହ ଆମେ ଗୋଦ୍‌ରେଜ୍ ୱାଶିଂ ମେଶିନ ଜରିଆରେ ଭାରତୀୟ ଗ୍ରାହକମାନଙ୍କ ପାଇଁ ସେମାନଙ୍କ ହସ୍ତତନ୍ତ ପୋଷାକକୁ ଘରେ ସଫାକରିବା ପ୍ରକ୍ରିୟାକୁ ସହଜ କରିଛୁ।

### ତୃତୀୟ ବର୍ଷ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା



**ଯସିକା ପାତ୍ର (ଚିନୁ)**
ଭଗବାନ କରନ୍ତୁ ତୁମ ଚଲାପଥ କୁସୁମିତ ହେଉ।
ଅଜା, ଆଇ, ବାପା, ବୋଉ, ମାମୁ, ମାଇଁ, ମଉସା, ମାଉସୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା।
ଧ-୩୧୮୪



BEST WISHES FROM:
Mama papa jeja and jaja maa
ଧ-୩୧୮୬

# ଘରୋଇ ସଂଯୋଗ ବୃଦ୍ଧି ପାଇଁ ପୁରସ୍କୃତ ହେବ ଏୟାର ଇଣ୍ଡିଆ ଏକ୍ସପ୍ରେସ୍

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)




ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦ୍ୱାରା ଏଫ୍‌ଆଇସିସିଆଇ (ଫିକ୍କି) ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ସହଯୋଗରେ ଗଠିତ ୱିଙ୍ଗସ୍ ଇଣ୍ଡିଆ ୨୦୨୬ରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌କୁ ଏୟାରଲାଇନ ବର୍ଗରେ ବିଜେତା ଭାବରେ ଘୋଷଣା କରାଯାଇଛି। ଅତିଥି ଅଭିଜ୍ଞତା ବୃଦ୍ଧି, ସଂଯୋଗ ବୃଦ୍ଧି, ଉତ୍କୃଷ୍ଟ ସେବା ପ୍ରଦାନ, ଡିଜିଟାଲ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ସ୍ଥାୟିତ୍ୱ ଚାଳନା ଏବଂ ନବସୃଜନ ପାଇଁ ବିଶିଷ୍ଟ ଜୁରି ଦ୍ୱାରା ଏୟାରଲାଇନ ଚୟନ କରାଯାଇଛି। ଏହି ପୁରସ୍କାର ୨୮ ଜାନୁଆରୀରେ ହାଇଦ୍ରାବାଦରେ ଭାରତର ପ୍ରମୁଖ ବିମାନ ଚଳାଚଳ କାର୍ଯ୍ୟକ୍ରମ ୱିଙ୍ଗସ୍ ଇଣ୍ଡିଆରେ ପ୍ରଦାନ କରାଯିବ। ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବର୍ଦ୍ଧିତ ନେଟ୍‌ୱର୍କ ଦକ୍ଷିଣ ଏସିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ଉପସାଗରୀୟ ଅଞ୍ଚଳରେ ୪୫ଟି ଘରୋଇ ଏବଂ ୧୭ଟି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ବ୍ୟାପିଛି। ପ୍ରତିଦିନ ୫୦୦ରୁ ଅଧିକ ଉଡ଼ାଣ ସହ ଏହି ଏୟାରଲାଇନ୍ସ ଭାରତରେ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ବାହକ, ଯାହା ଅତିଥିମାନଙ୍କୁ ଉନ୍ନତ ପସନ୍ଦ, ସଂଯୋଗ ଏବଂ ସମୟସୂଚୀ ପ୍ରଦାନ କରୁଛି। ଡିସେମ୍ବରରେ ସମସ୍ତ ଭାରତୀୟ ଏୟାରଲାଇନ୍ସ ମଧ୍ୟରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ସମୟରେ କାର୍ଯ୍ୟଦକ୍ଷତାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆର୍ଥିକ ବର୍ଷ ୨୫ ଶେଷ ସୁଦ୍ଧା ଏୟାରଲାଇନ ପ୍ରାୟ ୧୨୦ ରୁଟ୍‌ରେ ୧,୨୬୦ରୁ ଅଧିକ ସାପ୍ତାହିକ ଘରୋଇ ବିମାନ ଚଳାଚଳ କରିଥିଲା, ଯାହା ବର୍ଷ-ବର୍ଷ ୪୭% ବୃଦ୍ଧିକୁ ଦର୍ଶାଉଛି। ଆର୍ଥିକ ବର୍ଷ ୨୫ରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଦ୍ୱାରା ପରିବହନ ହୋଇଥିବା ୨୦ ନିୟୁତ ଅତିଥିଙ୍କ ମଧ୍ୟରୁ ପ୍ରାୟ ତିନି ଚତୁର୍ଥାଂଶ ଘରୋଇ ଯାତ୍ରୀ ଥିଲେ। ଏହିଗତି ଆର୍ଥିକ ବର୍ଷ ୨୬ରେ ଆହୁରି ତ୍ୱରାନ୍ୱିତ ହୋଇଥିଲା। ସାପ୍ତାହିକ ଘରୋଇ ବିମାନ ପ୍ରାୟ ୨,୭୦୦ ରେ ପହଞ୍ଚିଥିଲା, ଯାହା ପ୍ରାୟ ୧୧୫% ବୃଦ୍ଧି କରିଥିଲା।

# ହୋଟେଲ ପ୍ରାଚୀରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ




ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

ଓଡ଼ିଶା କଳା ଓ ଶିଳ୍ପ ପକ୍ଷରୁ ଭୁବନେଶ୍ୱର ଜନପଥ ହୋଟେଲ ପ୍ରାଚୀରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଆରମ୍ଭ ହୋଇଛି। ୧୦ ଦିନିଆ ଏହି ପ୍ରଦର୍ଶନୀରେ ଗ୍ରାହକଙ୍କୁ ପର୍ବପର୍ବାଣି ଏବଂ ବିବାହ ପାଇଁ ଉପଯୁକ୍ତ ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ଶାଢ଼ି ଏବଂ ପୋଷାକ ସାମଗ୍ରୀ ପ୍ରଦାନ କରାଯାଇଛି । ୧୩ଟି ରାଜ୍ୟର ହସ୍ତତନ୍ତ ଶାଢ଼ି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ରହିଛି । ଉଦ୍‌ଘାଟନ ପରେ ମଡେଲମାନେ ଏକ ସୁନ୍ଦର ରାମ୍ପ ୱାକ୍ ମାଧ୍ୟମରେ ଭାରତର ୧୫୦ରୁ ଅଧିକ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ଡିଜାଇନ ହୋଇଥିବା ଶାଢ଼ି ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଓଡ଼ିଶା କଳା ଓ ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ମାନସ ଆଚାର୍ଯ୍ୟ କହିଛନ୍ତି, 'ରେଶମ ବୁଣାର ପାରମ୍ପରିକ କଳାକୁ ବଞ୍ଚାଇ ରଖିବା ପାଇଁ ସଂଗଠନ ଅନେକ ବର୍ଷ ଧରି ନିରନ୍ତର କାର୍ଯ୍ୟ କରିଆସୁଛି। ସେ ଆହୁରି ମଧ୍ୟ କହିଛନ୍ତି, ଦେଶର ବିଭିନ୍ନ ପ୍ରାନ୍ତରୁ ବୁଣାକାର ଏବଂ ଡିଜାଇନରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାର ରେଶମ ସଂଗ୍ରହ ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଛି । ଏହି ପ୍ରଦର୍ଶନୀ ଫେବୃଆରୀ ୧ ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ । ପ୍ରଦର୍ଶନୀରେ ୮୦ ରୁ ଅଧିକ ଷ୍ଟଲ୍ ସ୍ଥାପନ କରାଯାଇଛି, ଯେଉଁଥିରେ ରେଶମ ଶାଢ଼ି, ସୁଟ୍, ଡ୍ରେସ୍ ସାମଗ୍ରୀ, ଷ୍ଟୋଲ, କୁର୍ତ୍ତି, ଦୁପଟ୍ଟା, କୁର୍ତ୍ତା, ଜୋତା ଏବଂ ଘରୋଇ ସାଜସଜ୍ଜା ସାମଗ୍ରୀ ପ୍ରଦାନ କରାଯାଇଛି। ଓଡ଼ିଶାର ସମ୍ବଲପୁରୀ ଇକ୍କତ ରେଶମ, ବିହାରର ଜୈବିକ ଟସର ସିଲ୍କ, ଆସାମର ମୁଗା ଏବଂ ଏରି ସିଲ୍କ, କର୍ଣ୍ଣାଟକର କ୍ରେପ୍, ଜର୍ଜେଟ ଏବଂ ଅରାନୀ ସିଲ୍କ, ତାମିଲନାଡୁର କାଞ୍ଚିପୁରମ୍ ସିଲ୍କ, ଉତ୍ତରପ୍ରଦେଶର ମଲବେରୀ, ଜାମାୱାର ଏବଂ ଜାମଦାନୀ ସିଲ୍କ, ଛତିଶଗଡ଼ର କୋସା ସିଲ୍କ ରହିଛି। ଜମ୍ମୁ କଶ୍ମୀରର ଚିନାର ଏବଂ ଟେଡି ସିଲ୍କ, ରାଜସ୍ଥାନର କୋଟା ସିଲ୍କ, ପାବର ଫୁଲକାରୀ ପୋଷାକ ସହିତ ବିଭିନ୍ନ ରାଜ୍ୟର ରେଶମ ଏବଂ ପୋଷାକ ସାମଗ୍ରୀ ରହିଛି। ରେଶମ ଶାଢ଼ି ଉପରେ ସ୍ୱତନ୍ତ୍ର ରିହାତି ଦିଆଯାଉଥିବାବେଳେ ପ୍ରବେଶ ମାଗଣା ଏବଂ ସମସ୍ତ ଅନ୍‌ଲାଇନ ପେମେଣ୍ଟ ସୁବିଧା ରହିଛି।

# କିମ୍ସରେ ବହୁମୁଖୀ ୟୁଥ୍ ୱେଲ୍‌ନେସ୍ କ୍ଲିନିକ୍

ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

କିମ୍ସ ଭୁବନେଶ୍ୱରର ଶିଶୁରୋଗ ବିଭାଗରେ ଏକ ଉତ୍ସର୍ଗୀକୃତ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ। ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି। ଶିଶୁରୋଗ ବିଶେଷଜ୍ଞ ଡା. ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ଏହି କ୍ଲିନିକ ପରିଚାଳିତ ହେଉଛି। ୟୁଥ୍ ୱେଲ୍‌ନେସ୍ କ୍ଲିନିକ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ୍, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସମ୍ପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟିକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ। ପ୍ରଥମ ବର୍ଷରେ ଅତି କମ୍‌ରେ ୫ ହଜାର କିଶୋରୀକିଶୋରଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି। କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା. ଆର୍.ସି. ଦାସ ଏହି କ୍ଲିନିକ୍ ଉଦଘାଟନ କରିଥିବା ବେଳେ କିମ୍ସ ମେଡିକାଲ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରାଙ୍କ ସମେତ ଶିଶୁରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ବଜାଜ୍ ବାଇକ୍ ଶୋ'ରୁମ୍ ଉଦ୍‌ଘାଟିତ


ଉଦ୍‌ଘାଟିତ ହୋଇଥିବା ବଜାଜ୍‌ର ବାଇକ୍ ଶୋ'ରୁମ୍।

ଖମାର,୨୩।୧ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାରଠାରେ ବଜାଜ୍‌ର ଏକ ନୂତନ ବାଇକ୍ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋ'ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ଖମାର ଅଞ୍ଚଳରେ ଏହା ପ୍ରଥମ ବାଇକ୍ ଶୋ'ରୁମ୍ ହୋଇଥିବାରୁ ଗ୍ରାହକମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ପ୍ରଥମ ଦିନରେ ବିଭିନ୍ନ ମଡେଲର ୧୧ଟି ବାଇକ୍ ବିକ୍ରି ହୋଇଥିବା ଶୋ'ରୁମ୍ ମାଲିକ କୁନା ବେହେରା ସୂଚନା ଦେଇଛନ୍ତି। ଏଠାରେ ସହଜ କିସ୍ତି ଓ ଭଲ ମୂଲ୍ୟରେ ଗ୍ରାହକଙ୍କୁ ବାଇକ୍ ଯୋଗାଇ ଦିଆଯିବ ବୋଲି ମାଲିକ ବେହେରା ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବନୀକାନ୍ତ ସାହୁ, ସିପିଏମ୍ ନେତ୍ରୀ ମୀନା ପ୍ରଧାନ, ଭାଜପା ମଣ୍ଡଳ ସଭାପତି କାର୍ତ୍ତିକ ପ୍ରଧାନ, ସମ୍ପାଦକ ଡିଲେଶ୍ୱର ବେହେରା, ଦିଲୀପ କୁମାର ପ୍ରଧାନ, ବୁଲୁ ପ୍ରଧାନ, ଡିଲେଶ୍ୱର ସାହୁ, ଭୁରିଶ୍ରବା ବେହେରା, କାଳନ୍ଦୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## Classified Everyday
0674-2580101, 9692975378


**REAL ESTATE**
**SALE**

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Flat for rent At- Vipul Garden Ghatikiya 3.5BHK room tower 3 flat 303 rent 30000 including maintenance. 7381299922, 6377808211. D-153




All types of physiotherapy and massage contact 9556924059 / 7656969134. D-3166

Wellness relax body massage & jointpain treatment by trend therapist. 6372110065. D-76951

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### AFFIDAVIT

By virtue of an affidavit sworn before Notary Public, Borigumma, dated- 18.01.2026, I, SABITA SATAPATHY (New name), W/o.- RAMA KRUSHNA SATAPATHY. Address: At/P.O./P.S./ Village- BORIGUMMA, Dist.- Koraput, ODISHA-764056 declare that I have changed my name from RADHAMANI SATAPATHY (Old name) to SABITA SATAPATHY (New name). Henceforth, I shall be known as SABITA SATAPATHY (New name) for all future purposes. D-3179

By virtue of an affidavit sworn before the Executive Magistrate, Jharsuguda, No.- 208, Dtd.- 19.01.2026, I, MURALI KRISHNA KAKI, R/o. At/ P.O./P.S.- Thelkoloi, Dist.- Sambalpur, Odisha, PIN- 768212 declare that I have changed the name of my daughter from GNYANAVALLIKA KAKI to GNYANA VALLIKA KAKI. Henceforth, she shall be known as GNYANA VALLIKA KAKI for all purpose.
MURALI KRISHNA KAKI
D-3180

By virtue of an affidavit No. 147 dtd.- 08.01.2026 sworn before Executive Magistrate, Chandbali, I, Kabita Parida, W/o.- Amiya Kumar Parida, Vill./P.O.- Bentalpur, P.S.- Chandbali, Dist.- Bhadrak, Odisha, PIN- 756133 declare that I have changed my daughter's name from Subhalaxmi Parida to Ankita Parida. Henceforth, she shall be known as Ankita Parida for all purposes. D-3181

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### LEGAL NOTICE

IN THE COURT OF 2ND ADDL. DISTRICT JUDGE, MAYURBHANJ, BARIPADA
R.F.A. NO. 73 OF 2023
Nalini @ Nabin Kumar Barik ........Appellant
Vrs
Sumiti Parida & others .........Respondent
NOTICE
(U/O 5 Rule 20 (1-A) C.P.C)
To
Respondent No. 17(a)
Prasanta Ghosh, aged 45 years, S/o.- Lt. Sankarsan Ghosh, At- Kapilo Prasat Colony, Bhubaneswar, Near Aerodrum field, Dist.- Khurda.
Take notice that an appeal from the decree of T.S.No. 02/073 has been presented and registered in this court and that the day of 28.01.2026 has been fixed by this court for hearing of the appeal. If no appearance is made on your behalf by yourself, your pleader or by some one by law authorised to act for you in this appeal, it will be heard and decided in your absence.
Given under my hand and the seal of court this 12th day of January 2026.
D-3185

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅର୍ଜୁନ କୁମାର ରାଉତରାୟ**
ଆବିର୍ଭାବ-୦୫।୦୮।୧୯୨୯
ତିରୋଧାନ- ୧୪।୦୧।୨୦୨୬
ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ
ବାପା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମେ ଭୁଲିପାରୁନାହୁଁ। ଶ୍ରୀଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା।
ବଡ଼ପୁଅ- ପ୍ରଦୀପ, ବୋହୂ- ଦୀପ୍ତି, ସାନପୁଅ- ପତିତପାବନ, ବୋହୂ-ସୁଚିସ୍ମିତା, ଝିଅ- ମୀରା, ମମତା, ମିନତୀ, ମେନକା, ମାନସୀ, ଜ୍ୱାଇଁ ଓ ସମସ୍ତ ନାତି ନାତୁଣୀ
ଧ-୩୧୮୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ପ୍ରାଧ୍ୟାପକ ୰ବୈକୁଣ୍ଠନାଥ ମହାନ୍ତି**
ଭୁବନେଶ୍ୱର
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘଷଷ୍ଠୀ)
ଆଜି ଆପଣଙ୍କ ପବିତ୍ର ପୁଣ୍ୟତିଥି (୨୮ତମ ଶ୍ରାଦ୍ଧବାର୍ଷିକୀ)ରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍ (ପୁଅ), ରାଗେଶ୍ରୀ, ଖ୍ୟାତି, ବନଶ୍ରୀ, ଶାରଦା (ବୋହୂ), ପ୍ରାଧ୍ୟାପିକା ମମତା (ଝିଅ), ରକ୍ଷକ (ଜ୍ୱାଇଁ), ରିୟା, ଇମନ୍, ଶ୍ରେୟା, ଇକ୍ଷା, ନେହା, ରୋହନ୍, ସୋହନ୍, ଶିମନ୍, ରୋମି, ରିକ୍ସୁ (ନାତୁଣୀ, ନାତି), ଅର୍ପିତ୍ (ନାତୁଣୀଜ୍ୱାଇଁ), କୁହୁ (ପଣନାତୁଣୀ) ଓ ବନ୍ଧୁବର୍ଗ।
ଧ-୩୧୮୬

# ଶିଳାନନ୍ଦଙ୍କ ଡବଲ ଗୋଲରେ ଜିତିଲା ତୁଫାନ୍ସ



ଗୋଲ୍ ସ୍କୋର କରିବା ପରେ ତୁଫାନ୍ସ ଦଳର ଶିଳାନନ୍ଦ ଲାକ୍ରାଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

**ଭୁବନେଶ୍ୱର, ୨୩।୧ (ଅନାଦି କର)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ଶୁକ୍ରବାର ସନ୍ଧ୍ୟାରେ ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ୨-୦ ଗୋଲରେ ଏଚ୍ଆଇଏଲ୍ ଜିସିକୁ ପରାସ୍ତ କରିଛି। ଓଡ଼ିଶା ଖେଳାଳି ଶିଳାନନ୍ଦ ଲାକ୍ରା ବିଜୟୀ ଦଳ ପାଇଁ ଉଭୟ ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ହାଇଦ୍ରାବାଦ୍ କ୍ୱାଲିଫାୟର-୨

## ହକି ଇଣ୍ଡିଆ ଲିଗ୍

ଲାଗି ଯୋଗ୍ୟତା ହାସଲ କରିଛି। ଆରମ୍ଭରୁ ଦୁଇ ଦଳର ଖେଳାଳିମାନେ ଅନେକ ଗୋଲ ସ୍କୋରିଂ ସୁଯୋଗ ହାତଛଡ଼ା କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ପ୍ରଥମ ମିନିଟ୍‌ରେ ଶିଳାନନ୍ଦ (୧୬ତମ) ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ୨୪ତମ ମିନିଟ୍‌ରେ ଏଚ୍ଆଇଏଲ୍ ଜିସିକୁ ମିଳିଥିବା ଏକ ପେନାଲ୍ଟି କର୍ନର (ପିସି) ବେକାର ସାବ୍ୟସ୍ତ ହୋଇଥିଲା। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ହାଇଦ୍ରାବାଦ୍ ୧-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରର ୩୯ତମ ମିନିଟ୍‌ରେ ତୁଫାନ୍ସକୁ ଏକ ପିସି ମିଳିଥିଲା। ହେଲେ ଅମନଦୀପ ଲାକ୍ରାଙ୍କ ଶଟ୍‌କୁ ଏଚ୍ଆଇଏଲ୍ ଜିସି ଗୋଲକିପର ଜେମ୍ସ ମାଜାରେଲୋ ସଫଳତାର ସହ ବଞ୍ଚାଇଥିଲେ। ହେଲେ ବଲ ରିବାଉଣ୍ଡ ହୋଇ ଫେରୁଥିବା ବେଳେ ସୁଯୋଗର ଫାଇଦା ଉଠାଇ ଶିଳାନନ୍ଦ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ଆଡ଼କୁ ଏଚ୍ଆଇଏଲ୍ ଜିସିକୁ କ୍ରମାଗତ ପିସି ମିଳିଥିଲା। ହେଲେ ତାହା ବେକାର ସାବ୍ୟସ୍ତ ହୋଇଥିଲା। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରରେ ତୁଫାନ୍ସ ଦଳର ଖେଳାଳିମାନେ ଡିଫେନ୍ସିଭ ଖେଳ ପ୍ରଦର୍ଶନ କରିବା ସହ ପ୍ରତିପକ୍ଷ ଏଚ୍ଆଇଏଲ୍ ଜିସି ଦଳକୁ ବଲଠାରୁ ଦୂରେଇ ରଖିଥିଲେ।

# ଭାରତ ୭ ଉଇକେଟରେ ବିଜୟୀ

**ରାଇପୁର, ୨୩।୧**

ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୮୨ ରନ୍, ୪ ଛକା, ୯ଚୌକା) ଓ ଇଶାନ କିଶନ (୭୬ ରନ୍, ୧୧ ଚୌକା, ୪ ଛକା)ଙ୍କ ଅର୍ଦ୍ଧଶତକୀୟ ପାଳି ଓ ତୃତୀୟ ଉଇକେଟରେ ୧୨୨ ରନ୍‌ର ଭାଗୀଦାରି ବଳରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୭ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଅନ୍ୟତମ ସଫଳ ବ୍ୟାଟର ଶିବମ ଦୁବେ ୧୮ ବଲ୍‌ରେ ୩ ଛକା ଓ ୧ ଚୌକା ସହ ୩୬ ରନ କରି ଅପରାଜିତ

## ଦ୍ୱିତୀୟ ଟି୨୦

ରହିଥିଲେ। ଭ୍ରମଣକାରୀ ଦଳ ଦ୍ୱାରା ଧାର୍ଯ୍ୟ ୨୦୯ ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୧୫. ୨ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଏହି ବିଜୟ ଦ୍ୱାରା ଭାରତ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତ ସମ୍ମୁଖରେ ୨୦୯ ରନର ଚ୍ୟାଲେଞ୍ଜିଂ ଟାର୍ଗେଟ ଧାର୍ଯ୍ୟ କରିଥିଲା। ଡେଭନ କନୱେ (୧୯ ରନ୍, ୩ ଚୌକା ଓ ୧ ଛକା) ଓ ଟିମ ସାଇଫର୍ଟ (୨୪ ରନ, ୫ ଚୌକା) ୩.୧ ଓଭରରେ ୪୩ ରନର ବିସ୍ଫୋରକ ଆରମ୍ଭ ଦେଇଥିଲେ। ହେଲେ ଦୁଇ ଓପନର କ୍ରମାଗତ ଓଭରରେ ଆଉଟ୍ ହୋଇଥିଲେ। ରଚିନ ରବୀନ୍ଦ୍ର ଓ ଗ୍ଲେନ ଫିଲିପ୍ସ ତୃତୀୟ ଉଇକେଟରେ ୨୭ ବଲରେ ଦ୍ରୁତ ୫୫ ରନ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ରଚିନ (୪୪ ରନ୍, ୨ ଚୌକା ଓ ୪ ଛକା), ଫିଲିପ୍ସ (୧୯ ରନ୍, ୨ ଚୌକା ଓ ୧ ଛକା), ଡାରଲି ମିଚେଲ (୧୮ ରନ୍, ୩ ଚୌକା) ଓ ମାର୍କ ଚାପମ୍ୟାନ (୧୦)ଙ୍କ ଉଇକେଟ ହରାଇଥିଲା। ଶେଷ ଆଡ଼କୁ ଅଧିନାୟକ ମିଚେଲ ସାଣ୍ଟନର ୨୭ ବଲରେ ଦ୍ରୁତ ୪୭ (୬ ଚୌକା ଓ ୧ ଛକା) ଓ ଫକେସ ୮ ବଲରେ ୧୫ (୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଫଳରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୦୮ ରନ କରିଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୨ ଉଇକେଟ ନେଇଥିଲେ।



ମ୍ୟାଚ୍ ବିଜୟୀ ଶତକୀୟ ଭାଗୀଦାରି ଅବସରରେ ଇଶାନ କିଶନ ଓ ସୂର୍ଯ୍ୟକୁମାର ଯାଦବ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ : ୨୦ ଓଭରରେ ୨୦୮/୬ (ମିଚେଲ ସାଣ୍ଟନର-୪୭*, ରଚିନ ରବୀନ୍ଦ୍ର-୪୪, କୁଲଦୀପ ଯାଦବ-୨/୩୫, ଶିବମ ଦୁବେ-୧/୭)। ଭାରତ ଇନିଂସ: ୧୫.୨ ଓଭରରେ ୨୦୯/୩ (ସୂର୍ଯ୍ୟକୁମାର ଯାଦବ-୮୨*, ଇଶାନ କିଶନ-୭୬, ଶିବମ ଦୁବେ-୩୬*; ଇସ୍ ସୋଧି-୧/୩୪, ଜାକବ ଡ଼ୁଫି-୧/୩୮, ମ୍ୟାଟ୍ ହେନ୍‌ରୀ-୧/୪୧।

# ତାମିଲନାଡୁର ଇନିଂସ ଅଗ୍ରଣୀ

**ଭୁବନେଶ୍ୱର, ୨୩।୧ (ଅନାଦି କର)**

ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣ୍ଜୀ ମ୍ୟାଚ୍‌ରେ ତାମିଲନାଡୁ ଇନିଂସ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ତାମିଲନାଡୁ ୨୮୬ ରନରେ ଅଲଆଉଟ୍ ହେବା ପରେ ଓଡ଼ିଶା ୧୪୮ ରନରେ ସୀମିତ ରହିଛି। ଫଳରେ ୧୩୮ ରନରେ ଆଗୁଆ ଥିବା ତାମିଲନାଡୁ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୧ ଉଇକେଟ ହରାଇ ୨୬ ରନ କରିଛି। ମ୍ୟାଚ୍‌ରେ ଆହୁରି ଦୁଇଦିନ ବାକିଥିବା ବେଳେ ତାମିଲନାଡୁ ହାତରେ ୯ ଉଇକେଟ ରଖି ୧୬୪ ରନ ଆଗରେ ରହିଛି।

## ରଣ୍‌ଜୀ ଟ୍ରଫି

ତାମିଲନାଡୁ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୮୧/୭ରୁ ବ୍ୟାଟିଂ ଆରମ୍ଭ କରି ମାତ୍ର ୫ ରନ ମଧ୍ୟରେ ବଳକା ୩ ଉଇକେଟ ହରାଇଥିଲା। ପୂର୍ବଦିନର ଅପରାଜିତ ବ୍ୟାଟର ନିଧିଶ ରାଜଗୋପାଲ ୫୪ ଓ ଅଧିନାୟକ ଆର. ସାଇ କିଶୋର ୧୨ ରନ କରି ଆଉଟ୍ ହୋଇଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ଦେବବ୍ରତ ପ୍ରଧାନ ୩ ଲେଖାଏ ଏବଂ ଗୋବିନ୍ଦ ପୋଦ୍ଦାର ୨ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୪୩ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା।



ଓଡ଼ିଶା ଓ ତାମିଲନାଡୁ ମ୍ୟାଚ୍‌ର ଏକ ମୁହୂର୍ତ୍ତ।

ଏଭଳି ପରିସ୍ଥିତିରେ ଅନିଲ ପରିଡ଼ା ଓ ସମ୍ବିତ ଏସ୍ ବରାଳ ସପ୍ତମ ଉଇକେଟରେ ୫୭ ରନ ଯୋଡ଼ିଥିଲେ। ସମ୍ବିତ ୩୬ (୫ ଚୌକା) ରନ କରି ସପ୍ତମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହିଠାରୁ ଅନିଲ ଲୋୟର ଅର୍ଡର ବ୍ୟାଟରଙ୍କ ସହ ମିଶି ଦଳୀୟ ସ୍କୋରକୁ ୧୪୮ ରନରେ ପହଞ୍ଚାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ଅନିଲ (୫୬ ରନ୍, ୬ ଚୌକା ଓ ୧ ଛକା) ଅନ୍ତିମ ବ୍ୟାଟର ଭାବେ ପାଭିଲିଅନ ଫେରିଥିଲେ। ତାମିଲନାଡୁ ପକ୍ଷରୁ ସୋନୁ ଯାଦବ ୫ ଉଇକେଟ ନେଇଥିବା ବେଳେ ତ୍ରିଲୋକ ନାଗ ଓ ପି ବିଦ୍ୟୁଥ ୨ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ପ୍ରଥମ ଇନିଂସ: ୨୮୬/ଅଲଆଉଟ୍ (ନିଧିଶ ରାଜଗୋପାଲ-୫୪, ଦେବବ୍ରତ ପ୍ରଧାନ-୩/୩୭, ରାଜେଶ ମହାନ୍ତି-୩/୫୧)। ଓଡ଼ିଶା ପ୍ରଥମ ଇନିଂସ: ୧୪୮/ଅଲଆଉଟ୍ (ଅନିଲ ପରିଡ଼ା-୫୬, ସମ୍ବିତ ବରାଳ-୩୬, ସୋନି ଯାଦବ-୫/୩୦)। ତାମିଲନାଡୁ ଦ୍ୱିତୀୟ ଇନିଂସ: ୨୬/୧।

# ଉରୁଗୁଏ ବିପକ୍ଷରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୨୩।୧ (ପି.ଟି.)**

ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସ ହାଇଦ୍ରାବାଦରେ ଖେଳାଯିବ। ଏଥିରେ ଭାରତ ୪ଟି ଦଳକୁ ନେଇ ଗଠିତ ପୁଲ 'ବି'ରେ ସ୍ଥାନ ପାଇଛି। ଭାରତ ମାର୍ଚ୍ଚ ୮ରେ ଉରୁଗୁଏ ବିପକ୍ଷ ମ୍ୟାଚ ଖେଳି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଆୟୋଜକ ଦେଶର ଏହାର ଅବଶିଷ୍ଟ ପୁଲ୍ ମ୍ୟାଚ୍‌ଗୁଡ଼ିକ ମାର୍ଚ୍ଚ ୯ରେ ସ୍କଟଲାଣ୍ଡ ଏବଂ ମାର୍ଚ୍ଚ ୧୧ରେ ୱେଲ୍ସ ବିପକ୍ଷରେ ଖେଳିବ। ଇଂଲଣ୍ଡ, କୋରିଆ, ଇଟାଲୀ ଓ ଅଷ୍ଟ୍ରିଆକୁ ନେଇ ପୁଲ୍ 'ଏ' ଗଠନ କରାଯାଇଛି। ସେମିଫାଇନାଲ ମ୍ୟାଚ ମାର୍ଚ୍ଚ ୧୩ରେ ଖେଳାଯିବାକୁଥିବା ବେଳେ ତୃତୀୟ-ସ୍ଥାନ ପ୍ଲେଅଫ୍ ଏବଂ ଫାଇନାଲ ମାର୍ଚ୍ଚ ୧୪ରେ ଖେଳାଯିବ। ଅନ୍ୟ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଫେବୃଆରୀ ୨୮ରୁ ମାର୍ଚ୍ଚ ୮ ଚିଲିର ସାଣ୍ଟିଆଗୋରେ ଖେଳାଯିବ। ଏହି ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ଜାପାନ, ଆୟର୍ଲାଣ୍ଡ, ଚିଲି, ଫ୍ରାନ୍ସ, କାନାଡା, ମାଲେସିଆ ଓ ସୁଇଜରଲାଣ୍ଡ ଅଂଶଗ୍ରହଣ କରିବେ। ହାଇଦ୍ରାବାଦ ଓ ସାଣ୍ଟିଆଗୋରେ ଅନୁଷ୍ଠିତ ହେବାକୁଥିବା ପ୍ରତ୍ୟେକ କ୍ୱାଲିଫାୟର୍ସରୁ ୩ଟି ଲେଖାଏ ଦଳ ଅଗଷ୍ଟରେ ବେଲଜିୟମ ଓ ନେଦରଲାଣ୍ଡସରେ ୨୦୨୬ରେ ହେବାକୁଥିବା ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ଆଇସିସି ଡିଆର୍‌ସିରେ ବାଂଲାଦେଶ ଆବେଦନର ଶୁଣାଣି ହେବନି

**ନୂଆଦିଲ୍ଲୀ, ୨୩।୧ (ପି.ଟି.)**

ବାଂଲାଦେଶ ଦଳର ଟି୨୦ ବିଶ୍ୱକପ୍ ମ୍ୟାଚ୍ ଭାରତରେ ହେବ ବୋଲି ଆଇସିସି ନେଇଥିବା ନିଷ୍ପତ୍ତିକୁ ବଦଳାଇବା ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପକ୍ଷରୁ ଆଇସିସିର ଡିସପ୍ୟୁଟ ରିଜୋଲ୍ୟୁଶନ କମିଟି (ଡିଆର୍‌ସି)ରେ ଲିଖିତ ଆବେଦନ କରାଯାଇଥିଲା। ହେଲେ ଏହି ଆବେଦନର ଶୁଣାଣି ଡିଆର୍‌ସି କରିବ ନାହିଁ। କାରଣ ଏହା ସବ୍-କମିଟି ଅଧୀନସ୍ଥ ବିଷୟବସ୍ତୁ ନୁହେଁ।

ସୂତ୍ରରୁ କୁହାଯାଇଛି ଯେ, ବିସିବି ତା'ର ନିଷ୍ପତ୍ତି ସମ୍ପର୍କରେ ଆଇସିସିକୁ ଅବଗତ କରିବା ପୂର୍ବରୁ ଖବରଦାତା ସମ୍ମିଳନୀ ଆୟୋଜନ ଆଇସିସି ବୋର୍ଡ ସଦସ୍ୟଙ୍କୁ ଉତ୍ତ୍ୟକ୍ତ କରିଛି।

ବିସିବି, ଆଇସିସିର ଡିଆର୍‌ସିର ଦ୍ୱାରସ୍ଥ ହୋଇଛି। ଡିଆର୍‌ସି ଯଦି ବିସିବି ବିରୋଧରେ ରାୟ ଦିଏ, ତେବେ ବାଂଲାଦେଶ ପାଖରେ କେବଳ ସୁଇଜରଲାଣ୍ଡସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେଶନ ଅଫ୍ ସ୍ପୋର୍ଟ (କାସ୍) ନିକଟରେ ଆବେଦନ କରିବାର ବିକଳ୍ପ ରହିବ। କିନ୍ତୁ ଡିଆର୍‌ସି ନିକଟରେ ଆଇସିସି ବୋର୍ଡ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ବିରୋଧରେ କରାଯାଇଥିବା ଆବେଦନର ଶୁଣାଣି କରିବାର ଅଧିକାର ନାହିଁ। ଏକ ସ୍ୱାଧୀନ ସୁରକ୍ଷା ସଂସ୍ଥା ଦ୍ୱାରା ଆସେସ୍‌ମେଣ୍ଟ କରାଯିବା ପରେ ଭାରତରେ ବାଂଲାଦେଶ ଦଳର ସୁରକ୍ଷା ପ୍ରତି ବିପଦ ନ ଥିବା ଆଇସିସି ପକ୍ଷରୁ ଦର୍ଶାଯାଇଥିଲା। ଏହାପରେ ଆଇସିସି ବୋର୍ଡ ଅଫ୍ ଡାଇରେକ୍ଟର୍ସ ମିଟିଂରେ ବାଂଲାଦେଶର ମ୍ୟାଚ୍ ଭାରତରେ ରଖିବା ସପକ୍ଷରେ ୧୪-୨ ବ୍ୟବଧାନରେ ଭୋଟ ପଡ଼ିଥିଲା। ଡିଆର୍‌ସିର ନିୟମ ମୁତାବକ, ଏହି କମିଟି ଆଇସିସି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଏକ ଅପିଲ କମିଟି ଭାବେ କାର୍ଯ୍ୟ କରିପାରିବ ନାହିଁ। ଏହି କମିଟି ବ୍ରିଟିଶ ଆଇନ ଅନୁଯାୟୀ କାର୍ଯ୍ୟକରେ। ଡିଆର୍‌ସି ସାଧାରଣତଃ ନିଷ୍ପତ୍ତି ନିଆଗଲା ବେଳେ ଆଇସିସି ବୋର୍ଡ ସମସ୍ତ ନିୟମର ପାଳନ କରିଛନ୍ତି କି ନାହିଁ, ତାହା ଯାଞ୍ଚ କରେ ଏବଂ ତଦନୁଯାୟୀ ରାୟ ଦିଏ। ଏହା ଏକ ଅପିଲ କମିଟି ନୁହେଁ।

ମିଳିଥିବା ସୂଚନା ମୁତାବକ, ଦୁବାଇରେ ଥିବା ଆଇସିସି ଚେୟାରମ୍ୟାନ ଜୟ ଶାହା ଶନିବାର ସୁଦ୍ଧା ବାଂଲାଦେଶର ବଦଳ ଦଳର ନାମ ଉପରେ ନିଷ୍ପତ୍ତି ନେବେ।

# ଅଲ୍‌କାରାଜ ୪ର୍ଥ ରାଉଣ୍ଡରେ

**ମେଲବୋର୍ନ, ୨୩।୧ (ଏପି):** ସ୍ପେନର ୨୨ ବର୍ଷୀୟ ଟେନିସ ଷ୍ଟାର କାର୍ଲୋସ ଅଲ୍‌କାରାଜ ଏବଂ ବେଲାରୁଷର ଆରିନା ସାବାଲେଙ୍କା ଯଥାକ୍ରମେ ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ନାମେଣ୍ଟର ପୁରୁଷ ଓ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱର ନମ୍ବର ୱାନ ଖେଳାଳି ଅଲ୍‌କାରାଜ ଶୁକ୍ରବାର ୩୨ତମ ସିଡ୍ ଫ୍ରେଞ୍ଚ ଖେଳାଳି କୋରେଟିନ୍ ମୋଟେଟଙ୍କୁ ୬-୨, ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ଲକ୍ଷ୍ୟ ନେଇ ଖେଳୁଥିବା ଅଲ୍‌କାରାଜ ମ୍ୟାଚ ଜିତିଥିଲେ ହେଁ ଡ୍ରପ୍ ଶଟ୍ ଲଢ଼େଇରେ ସେ ପଛରେ ପଡ଼ିଯାଇଥିଲେ। ସ୍ପାନିଶ ଖେଳାଳି ରବିବାର ବିଶ୍ୱର ୧୯ ନମ୍ବର ଖେଳାଳି ଟମ୍ମି ପଲ୍‌ଙ୍କୁ ଭେଟିବେ। ଅଲ୍‌କାରାଜ ତାଙ୍କ ତୃତୀୟ ରାଉଣ୍ଡ ମ୍ୟାଚରେ ୬-୧, ୬-୧ରେ ଅଗ୍ରଣୀଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନା ମ୍ୟାଚରୁ ରିଟାୟର୍ଡ ନେଇଯାଇଥିଲେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସରେ ନମ୍ବର ୱାନ ଆରିନା ସାବାଲେଙ୍କା ତାଙ୍କ ତୃତୀୟ ରାଉଣ୍ଡର ମ୍ୟାଚରେ କଷ୍ଟସାଧ୍ୟ ବିଜୟ ଲାଭ କରିଛନ୍ତି। ସେ ଆନାସ୍ତାସିଆ ପୋଟାପୋଭାଙ୍କୁ ୭-୬ (୪), ୭-୬ (୭)ରେ ହରାଇ ଦେଇଛନ୍ତି। ସାବାଲେଙ୍କା ୨୦୨୩ ଓ ୨୦୨୪ ଅଷ୍ଟ୍ରେଲିଆନ ଓପନ ଟାଇଟଲ ବିଜେତା। ବର୍ଷକ ପୂର୍ବେ ମାଡିସନ କିଜ୍‌ଙ୍କଠାରୁ ହାରି ସେ ରନରଅପ୍ ହୋଇଥିବା ବେଳେ ଦୁଇଥର ୟୁଏସ୍ ଓପନ ଜିତିବାରେ ସଫଳ ହୋଇଛନ୍ତି। ଏଠାରେ ସେ ତାଙ୍କ ଚତୁର୍ଥ ରାଉଣ୍ଡ ମ୍ୟାଚ କାନାଡ଼ାର ଉଦୀୟମାନ ତାରକା ଖେଳାଳି ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ଭେଟିବେ। ଏମ୍‌ବୋକୋ ତାଙ୍କ ୪ର୍ଥ ରାଉଣ୍ଡ ମ୍ୟାଚରେ କ୍ଲାରା ଟସନଙ୍କୁ ୭-୬ (୫), ୫-୭, ୬-୩ ରେ ହରାଇ ଦେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଡାନିଲ ମେଡ୍‌ଭେଡେଭ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୬-୭ (୫), ୪-୬, ୭-୫, ୬-୦, ୬-୩ରେ ଫାବିଆନ ମାରୋଜସାନଙ୍କୁ ପରାସ୍ତ କରିଛନ୍ତି। ମେଡଭେଡେଭ ହେଉଛନ୍ତି ୨୦୨୧ ୟୁଏସ୍ ଓପନ ଚାମ୍ପିୟନ ଏବଂ ୩ଥର ଅଷ୍ଟ୍ରେଲିଆନ ଓପନ ରନରଅପ୍। ବର୍ତ୍ତମାନ ସେ ଲର୍ନର ଟିନ୍‌ଙ୍କ ସହ ଏକ ରିମ୍ୟାଚ ଖେଳିବାକୁ ଯାଉଛନ୍ତି। ଏଠାରେ ଗତବର୍ଷ ଏହି ଆମେରିକୀୟ ଏକ ୫ ସେଟ୍ ବିଶିଷ୍ଟ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ରୁଷୀୟ ମେଡଭେଡେଭଙ୍କୁ ହରାଇ ଦେଇଥିଲେ। ୨୫ତମ ସିଡ୍ ଟିନ୍ ୭-୬ (୯), ୬-୪, ୬-୨ ସେଟ୍‌ରେ ନୁନୋ ବର୍ଗେସଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା-୮+୬
ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୪/୨୦୨୬ (୮+୬=୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 24/2026 Page 14 ₹ 7.00
୫୨ଶ ଭାଗ ୬୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 62 ମୂଲ୍ୟ ₹୭/-

# ଫାଇନାଲରେ କଳିଙ୍ଗ ଲାନ୍ସର୍ସ

## ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୨୩।୧ (ଅନାଦି କର)**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଶୁକ୍ରବାର ସନ୍ଧ୍ୟାରେ ଖେଳାଯାଇଥିବା ପ୍ରଥମ କ୍ୱାଲିଫାୟରରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ବିଜୟୀ ଦଳ ପାଇଁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଡବଲ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ପରାଜୟ ବରଣ କରିଥିବା ରାଞ୍ଚି ରୟାଲ୍ସ ଆସନ୍ତା ରବିବାର କ୍ୱାଲିଫାୟର-୨ ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସକୁ ଭେଟିବ। ଏହି ମ୍ୟାଚ୍‌ର ବିଜେତା ୨୬ ତାରିଖରେ ହେବାକୁ ଥିବା ଟାଇଟଲ ମୁକାବିଲାରେ କଳିଙ୍ଗ ଲାନ୍ସର୍ସକୁ ଭେଟିବ। ଅତିଥି ଭାବେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, କଟକ ପୋଲିସ କମିଶନର କିରଣଦୀପ କୌର ସାହୋତା, ଆଠଗଡ଼ ଏସ୍‌ଡିଏମ୍ ପ୍ରହ୍ଲାଦ ନାରାୟଣ ଶର୍ମା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ଅନ୍ତର୍ଜାତୀୟ ଓଡ଼ିଆ ଆଥଲେଟ୍ ଅମିୟ ମଲିକ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇଥିଲେ। ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ସହ ଓହ୍ଲାଇଥିବା ଲାନ୍ସର୍ସ ଦଳକୁ ୧୨ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ନର (ପିସି) ମିଳିଥିଲା, ☞ ପୃଷ୍ଠା-୪



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ହକି ଇଣ୍ଡିଆ ଲିଗ୍‌ର ଏକ ମ୍ୟାଚରେ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସର ଦୁଇ ଖେଳାଳି ବଲ୍ ପାଇଁ ସଂଘର୍ଷ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ପରଜଙ୍ଗରେ ପାଷ୍ଟରଙ୍କୁ ଆକ୍ରମଣ ନେଇ ଜାତୀୟସ୍ତରରେ ନିନ୍ଦା

**ଭୁବନେଶ୍ୱର, ୨୩।୧ (ରବିନାରାୟଣ ଜେନା)**

ଢେଙ୍କାନାଳ ଜିଲା ପରଜଙ୍ଗରେ ଜାନୁଆରୀ ୪ରେ ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗରେ ବିପିନ ବିହାରୀ ନାଏକ ନାମକ ଜଣେ ପାଷ୍ଟରଙ୍କୁ ସ୍ଥାନୀୟ କେତେଜଣ ଲୋକ ଆକ୍ରମଣ କରିଥିଲେ। ଏନେଇ ପୋଲିସ ୪ଜଣଙ୍କୁ ଗିରଫ କରିବା ପରେ ଥାନାରୁ ହିଁ ଜାମିନରେ ଛାଡ଼ିଦେଇଛି। ଏହି ଘଟଣାକୁ ନେଇ ଜାତୀୟସ୍ତରରେ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ପରଜଙ୍ଗ ଗ୍ରାମପଞ୍ଚାୟତର ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ନିକଟରେ ଥିବା ଏକ ଦଳିତ ବସ୍ତିରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବୋରୋସାହି ପଞ୍ଚାୟତ ଖମାର ଗ୍ରାମର ଖ୍ରୀଷ୍ଟଧର୍ମାବଲମ୍ବୀ ବିପିନ ଓ ତାଙ୍କ ସ୍ତ୍ରୀ ବନ୍ଦନା ନାଏକ ହିନ୍ଦୁ ଧର୍ମର ଲୋକମାନଙ୍କୁ ଏକାଠି କରି ଧର୍ମ ପରିବର୍ତ୍ତନ କରାଉଥିବା ଅଭିଯୋଗ ହୋଇଥିଲା। ଏପରିକି ପରଜଙ୍ଗ ଗ୍ରାମର କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚି ବିରୋଧ କରିଥିଲେ। ପରେ ସେଠାରେ ଶତାଧିକ ଗ୍ରାମବାସୀ ପହଞ୍ଚି ବିପିନଙ୍କୁ କାବୁକରି ଗ୍ରାମ ଚଉପାଢ଼ିକୁ ନେଇଥିଲେ। ☞ ପୃଷ୍ଠା-୪

# ସରସ୍ୱତୀ ପୂଜାରେ ରଥକାଠ ଅନୁକୂଳ

**ପୁରୀ, ୨୩।୧ (ଅଜିତ୍ କୁମାର ମହାନ୍ତି)**

ଜୁଲାଇ ୧୬ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଚଳିତବର୍ଷ ରଥଯାତ୍ରାର ଆଦ୍ୟପର୍ବ ସରସ୍ୱତୀ ପୂଜାଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ଶୁକ୍ରବାର ଏହି ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ରଥଖଳାରେ ରଥକାଠ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧୨ ପୁଣ୍ଡିଆ ୩ ଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ପୂଜା କରାଯାଇଛି। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଥିବା ମା'ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଏବଂ ଅନ୍ୟ ଶ୍ରୋତ୍ରିୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି ୧୨ ପୁଣ୍ଡିଆ ଧଉରା କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ମହାପ୍ରସାଦ ସମର୍ପଣ ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ପୂଜା ହୋଇଥିବା ଉକ୍ତ ୩ଟି କାଠରେ ତିନିରଥର ଗୁଜ କାର୍ଯ୍ୟ କରାଯିବ। ସେହିପରି ଆସନ୍ତା ରାମନବମୀରେ କଟକ ଖପୁରିଆସ୍ଥିତ ସ'ମିଲ୍‌ରେ ରଥକାଠ ଚିରଟ କରାଯିବ। ରଥ ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ☞ ପୃଷ୍ଠା-୪

**କନ୍ୟା ସନ୍ତାନ ଜନ୍ମ ଦେଇଥିବାରୁ ଜଘନ୍ୟକାଣ୍ଡ**

# ବୋହୂଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ

**ଏବେ ବି ଅନେକ ଲୋକ କନ୍ୟାସନ୍ତାନକୁ ବୋଝ ଭାବି ଘୃଣା କରୁଛନ୍ତି, ଯେଉଁଥିପାଇଁ ଘଟୁଛି ପାରିବାରିକ ହିଂସା ଓ ନିର୍ଯାତନା। ଏଭଳି ଏକ ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡାମରପୁରରେ। ଏହି ଗାଁର ସସ୍ମିତା ଦାସ(୩୮) କନ୍ୟା ସନ୍ତାନ ଜନ୍ମ ଦେଇଥିବାରୁ ତାଙ୍କୁ ପ୍ରାୟ ଅଢ଼େଇ ବର୍ଷ ଧରି ଶ୍ୱଶୁର ଘର ଲୋକଙ୍କ ଅକଥନୀୟ ନିର୍ଯାତନା ଭୋଗିବାକୁ ପଡ଼ିଛି। ଶେଷରେ ଶିଶୁକନ୍ୟା ସହ ଶୋଇଥିବା ଅବସ୍ଥାରେ ସସ୍ମିତାଙ୍କୁ ତାଙ୍କ ଶ୍ୱଶୁର ପୋଡ଼ି ମାରିବାକୁ ଉଦ୍ୟମ କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ସସ୍ମିତା ତାଙ୍କ ଶିଶୁକନ୍ୟା ସହ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଶ୍ୱଶୁର ପ୍ରଫୁଲ୍ଲ ରାୟଙ୍କୁ ଗିରଫ କରିଛି।**

**ପଟ୍ଟାମୁଣ୍ଡାଇ, ୨୩।୧ (କଳ୍ପତରୁ ନାୟକ)**

କଟକ ଜିଲା ନିଶ୍ଚିନ୍ତକୋଇଲି ବାଲିପଡ଼ା ଗ୍ରାମର ସସ୍ମିତା ୮ ବର୍ଷ ତଳେ ଡାମରପୁର ଗ୍ରାମର ପ୍ରଫୁଲ୍ଲ ରାୟଙ୍କ ପୁଅ ସୁଶାନ୍ତଙ୍କୁ ବିବାହ କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ସୁଶାନ୍ତଙ୍କର ପ୍ରଥମ ସ୍ତ୍ରୀଙ୍କ ୨ଟି ଝିଅ ଥିବାବେଳେ ଦ୍ୱିତୀୟ ସ୍ତ୍ରୀ ସସ୍ମିତାଙ୍କ ଗୋଟିଏ ଝିଅ ହୋଇଥିଲା। ପୁଅ ପରିବର୍ତ୍ତେ ଏକ

## ଅଭିଯୁକ୍ତ ଶ୍ୱଶୁର ଗିରଫ

ଝିଅ ଜନ୍ମ ଦେଇଥିବାରୁ ସସ୍ମିତାଙ୍କ ଶ୍ୱଶୁର ଘର ଲୋକେ ଖୁସି ନ ଥିଲେ। ସ୍ୱାମୀ, ଶ୍ୱଶୁର ଏବଂ ଶାଶୁ ତାଙ୍କୁ ଦୀର୍ଘଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏହାକୁ ନେଇ ବହୁବାର ସସ୍ମିତାଙ୍କ ଭାଇ ଆସି ବୁଝାଶୁଝା କରିଥିଲେ ମଧ୍ୟ କିଛିଦିନ ଥମିଯିବା ପରେ ପୂର୍ବ ପରି ନିର୍ଯାତନା ଦିଆଯାଉଥିଲା। ଗୁରୁବାର ରାତିରେ ସସ୍ମିତା ଘରେ ଶୋଇଥିବା ବେଳେ ତାଙ୍କ ଶ୍ୱଶୁର ପ୍ରଫୁଲ୍ଲ ଏକ ବୋତଲରେ ପେଟ୍ରୋଲ ଆଣି ବିଛଣାରେ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁ ଏତେ ଦ୍ରୁତଗତିରେ ବ୍ୟାପିଥିଲା ଯେ ଘରର ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ସେହି ନିଆଁ ଓ ଧୂଆଁ ମଧ୍ୟରେ ସସ୍ମିତା ଖସିଯିବାରେ ସଫଳ ହୋଇଥିଲେ। କିନ୍ତୁ ତାଙ୍କ ଝିଅ ଘର ଭିତରେ ରହିଯାଇଥିଲା। ଯେତେବେଳେ ପିଲାଟିକୁ ଉଦ୍ଧାର କରିବା ପାଇଁ ପୁଣି ଥରେ ଘରକୁ ପ୍ରବେଶ କଲେ, ଶ୍ୱଶୁର ଘର ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ମାତ୍ର ସେ ସେଥିରୁ ଖସି ଆସି ରାତିସାରା ଝିଅକୁ ନେଇ ଘର ବାହାରେ ରହିଥିଲେ।

ସସ୍ମିତା କହିଛନ୍ତି, ତାଙ୍କ ଝିଅର ଜନ୍ମ ପରେ ପ୍ରାୟ ୨ ମାସ ପର୍ଯ୍ୟନ୍ତ ତାଙ୍କୁ ହସ୍ପିଟାଲରେ ଏକା ରଖାଯାଇଥିଲା। ସେମାନେ ମାରିଦେବାକୁ ସେଠାରେ ଯୋଜନା କରିଥିଲେ। ପ୍ରାୟ ସମୟରେ ସ୍ୱାମୀ ଓ ଶ୍ୱଶୁର ମାଡ଼ ମାରୁଥିଲେ ଏବଂ ଦୁର୍ବ୍ୟବହାର କରୁଥିଲେ। ଉପରୋକ୍ତ ଘଟଣା ସମ୍ପର୍କରେ ସସ୍ମିତା ଶୁକ୍ରବାର ତାଙ୍କ ମା', ଭାଇଙ୍କ ସହିତ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ବିଏନ୍‌ଏସ୍ ଦଫା ୮୫, ୩୨୬ (ଜି), ୩୫୧, ୨୩, ୧୦୯, ୩୫ ଅନୁଯାୟୀ ନଂ. ୫୭/୨୬ରେ ମାମଲା ରୁଜୁ କରିଛି। ଅପରପକ୍ଷେ ସସ୍ମିତାଙ୍କ ଅଭିଯୋଗକୁ ସ୍ୱାମୀ ସୁଶାନ୍ତ, ବାପା ପ୍ରଫୁଲ୍ଲ ମିଥ୍ୟା ଓ କପୋଳକଳ୍ପିତ ବୋଲି କହିଛନ୍ତି। ସସ୍ମିତା ସନ୍ଧ୍ୟା ୬ଟାରେ ଶୋଇବାକୁ ଯାଉଥିଲେ ଏବଂ କବାଟ ବାଡ଼େଇଲେ ମଧ୍ୟ ଉତ୍ତର ଦେଉ ନ ଥିଲେ, ତେଣୁ ସେ ଗଦିରେ ନିଆଁ ଲଗାଇ ଦେଇଥିଲେ ବୋଲି ସେମାନେ କହିଛନ୍ତି। ଘଟଣା ସମ୍ପର୍କରେ ଆଇଆଇସି ଶ୍ରୀକାନ୍ତ ବାରିକଙ୍କୁ ପଚାରିବାରେ ସସ୍ମିତାଙ୍କ ଅଭିଯୋଗକୁ ଭିତ୍ତିକରି ସମସ୍ତ ଦିଗରୁ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ଯୁବକଙ୍କୁ ଗୋଡ଼ାଇ ହାଣିଲେ

**ଭୁବନେଶ୍ୱର, ୨୩।୧ (ତ୍ରିନାଥ ମହାନ୍ତି)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଗୋଡ଼ାଇ ହାଣିଛନ୍ତି ଅଭିଯୁକ୍ତ। ଏପରିକି ଅଭିଯୁକ୍ତଙ୍କୁ ଅଟକାଇବାକୁ ଆସିଥିବା ସମ୍ପୃକ୍ତ ଯୁବକଙ୍କ ସହଯୋଗୀ ହଣାଖାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଶୁକ୍ରବାର ଚନ୍ଦ୍ରଶେଖରପୁର ଥାନା ଓମ୍ ସାଇବିହାର ଏନ୍‌କ୍ଲେଭ ବସ୍ତିକୁଞ୍ଜରେ ଘଟିଛି। ଏହି ଘଟଣାରେ ସୋନୁ ମହାନ୍ତି ନାମକ ଯୁବକ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଛାତି, ପେଟ, ମୁଣ୍ଡ ଏବଂ ହାତରେ ଗଭୀର କ୍ଷତ ଲାଗିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ଚମ୍ପଟ ମାରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ସୋନୁ ଏବଂ ଗାଡ଼କଣର କିଛି ଯୁବକଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ସୋନୁ ଗୋଷ୍ଠୀ ନିକଟରେ ଜେଲରୁ ଫେରି ଏହି ଅଞ୍ଚଳରେ ପତିଆରା ଦେଖାଉଥିଲେ। ସେମାନେ ଶୁକ୍ରବାର ସନ୍ଧ୍ୟାରେ ଗାଡ଼କଣର ଜଣେ ଯୁବକଙ୍କୁ ମାଡ଼ ମାରି ଆହତ କରିଥିଲେ। ତେବେ ଏହି ଘଟଣା ପରେ ଗାଡ଼କଣ ପିଲାମାନେ ସୋନୁ ଗୋଷ୍ଠୀକୁ ଆକ୍ରମଣ କରିବା ପାଇଁ ସୁଯୋଗ ଖୋଜୁଥିଲେ। ସନ୍ଧ୍ୟା ପ୍ରାୟ ୭ଟାବେଳେ ଗାଡ଼କଣର ଅନ୍ୟ ଜଣେ ଯୁବକ ଓମ୍ ସାଇ ଏନ୍‌କ୍ଲେଭ୍ ବସ୍ତିକୁଞ୍ଜ ☞ ପୃଷ୍ଠା-୪



ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କଶନ ନିକଟରେ ଶୁକ୍ରବାର ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍।

# ରୂପ୍‌ସାରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

**ବାଲେଶ୍ୱର, ୨୩।୧ (ବାଞ୍ଛାନିଧି ଦେ)**

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅଧୀନ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କସନ ନିକଟରେ ଶୁକ୍ରବାର ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ଟ୍ରେନ୍‌ର ୩ଟି ବଗି ରେଳ ଟ୍ରାକ୍ ତଳକୁ ଖସି ପଡ଼ିଥିଲେ ହେଁ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ମୁଖ୍ୟଲାଇନ୍‌ରେ ଟ୍ରେନ୍ ଚଳାଚଳରେ କୌଣସି ବାଧା ସୃଷ୍ଟି ହୋଇ ନ ଥିଲା। ଖବରପାଇ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଘଟଣାସ୍ଥଳରେ ☞ ପୃଷ୍ଠା-୪






# ୭୦ଦିନରେ ସରିବ ୭୦ବର୍ଷର ମାମଲା

**ଭୁବନେଶ୍ୱର, ୨୩।୧ (ରବିନାରାୟଣ ଜେନା)**

ରାଜ୍ୟରେ ଦୀର୍ଘ ୭୦ବର୍ଷ ଧରି ଯେଉଁମାନେ ରାଜସ୍ୱ ମାମଲାରେ ଛନ୍ଦି ହୋଇ ରହିଛନ୍ତି ସେମାନଙ୍କୁ ଆଶ୍ୱସ୍ତ ମିଳିବାକୁ ଯାଉଛି। ମାମଲା କରିଥିବା ଲୋକଙ୍କ ମଧ୍ୟରୁ ଯଦିଓ କେତେଜଣଙ୍କ ମୃତ୍ୟୁ ଘଟିଲାଣି, ହେଲେ ସେମାନଙ୍କ ପରିବାରର ଉତ୍ତରାଧିକାରୀମାନେ ଏବେ ତା'ର ସୁଫଳ ପାଇବେ। ପୁରୁଣା ମାମଲା ଆବେଦନ କରିବାର କମ୍ ସମୟ ମଧ୍ୟରେ ଫଇସଲା ହେବ। ଏହି କ୍ଷମତା ନିକଟରେ ତହସିଲଦାରମାନଙ୍କୁ ପ୍ରଦାନ

## ରାଜସ୍ୱ ବିଭାଗର ବନ୍ଦୋବସ୍ତ ସଂସ୍କାର

କରାଯାଇଛି। ଏହାଦ୍ୱାରା ଲୋକେ ସୁଫଳ ପାଇବା ଆରମ୍ଭ ହେଲାଣି। ଏହି ପ୍ରକ୍ରିୟାରେ ରାଜ୍ୟର ୪ଲକ୍ଷ ଲୋକେ ସିଧାସଳଖ ଉପକୃତ ହେବେ। ଜାନୁଆରୀ ୩୧ ସୁଦ୍ଧା ଏହିସବୁ ରିଭିଜନ କେସ୍‌କୁ ଶେଷ କରିବାକୁ ସରକାର ଟାର୍ଗେଟ କରିଛନ୍ତି। ଅତି ବେଶିରେ ଆଉ ୧ମାସ ଲାଗି ପାରେ। ଫଳରେ ୭୦ବର୍ଷର ମାମଲା ୭୦ଦିନ ମଧ୍ୟରେ ଶେଷ ହେବ ବୋଲି ଲୋକସେବା ଭବନରେ ଜାନୁଆରୀ ୧୯ରୁ ୩ ଦିନ ଧରି ଚାଲିଥିବା ରାଜସ୍ୱ ମନ୍ଥନରୁ ଜଣାଯାଇଛି।

ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ତିନିଦିନ ଧରି ପୁରୁଣା ରାଜସ୍ୱ ଆଇନ ଓ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆଇନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହି ସମୟରେ ଶତାଧିକ ପୁରୁଣା ମାମଲାର ଆବେଦନ ତହସିଲ କାର୍ଯ୍ୟାଳୟକୁ ଆସିସାରିଛି। ଏହାକୁ ପ୍ରାଥମିକତା ଭିତ୍ତିରେ ଫଇସଲା କରିବାକୁ ରାଜସ୍ୱମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ୩୧୭ ତହସିଲରେ ଏବେ ୧ଲକ୍ଷ ୧୫ହଜାର ରିଭିଜନ ପିଟିଶନ ମାମଲା ପଡ଼ିରହିଛି। ଏହାସହିତ ଦାଖଲ ଖାରଜ ଓ ବନ୍ଦୋବସ୍ତ ମାମଲା ମଧ୍ୟ ରହିଛି। ଏହାକୁ ଯଦି ଗୋଟି ଗୋଟି କରି ସଂଶୋଧନ କରାଯିବ, ତେବେ ଦୀର୍ଘ ବର୍ଷ ଚାଲିଯିବ। ମାତ୍ର ରାଜସ୍ୱ ବିଭାଗ ପକ୍ଷରୁ ଓଡ଼ିଶା ସର୍ଭେ ଏବଂ ସେଟେଲମେଣ୍ଟ ସଂଶୋଧନ ଆଇନ-୨୦୨୫ କାର୍ଯ୍ୟକାରୀ ହେବା ଫଳରେ କିଛିଦିନ ମଧ୍ୟରେ ଲକ୍ଷାଧିକ ମାମଲା ଫଇସଲା ହୋଇଯିବ। ବହୁ ଲକ୍ଷ ଲୋକ ରାଜସ୍ୱ ସେବାର ସୁଫଳ ପାଇପାରିବେ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଡିସେମ୍ବର ୧୮ରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର(ଏସ୍‌ଓପି) ସବୁ ଜିଲାପାଳ ଓ ଆରଡିସିଙ୍କୁ ଜାରି କରାଯାଇଛି। ଏହାକୁ ନେଇ ଜନସାଧାରଣଙ୍କ ପକ୍ଷରୁ ପ୍ରତିଦିନ ଶତାଧିକ ☞ ପୃଷ୍ଠା-୪

**ବସ୍ ଧକ୍କାରେ ବୃଦ୍ଧା ଗୁରୁତର, ରାସ୍ତାରୋକୋ**

ପୁରୀ,(ଅଜିତ୍ କୁମାର ମହାନ୍ତି): ନବକଳେବର ରୋଡ୍‌ରେ ଶ୍ରୀଜଗନ୍ନାଥ ବସ୍ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧା ଜଣକ ନବକଳେବର ରୋଡ୍‌ର ଲକ୍ଷ୍ମୀ ମହାରଣା। ଲକ୍ଷ୍ମୀଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ପୁରୀ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ବସ୍‌କୁ ଅଟକ ରଖି ରାସ୍ତାରୋକୋ କରିଥିଲେ। ଖବରପାଇ ଘଟଣାସ୍ଥଳରେ ତହସିଲ୍‌ଦାର, ସିଟି ଡିଏସ୍‌ପି, ବିଭିନ୍ନ ଥାନାର ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଗୁରୁତର ବୃଦ୍ଧାଙ୍କ କ୍ରୁଟ୍ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ଦିଆଯାଇଛି।

# ଦୁର୍ଘଟଣା ପରେ ଉତ୍ତେଜନା, ୩ ଆମ ବସ୍ ଭଙ୍ଗାରୁଜା

## ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସର ମୃଦୁ ଲାଠିଚାଳନା

- ବସ୍ ଧକ୍କାରେ ବାଇକ୍ ଚାଳକ ଆହତ: ୬ ମାମଲା, ୨ ଅଟକ
- ଆଇନ ହାତକୁ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: ଡିସିପି

ଭୁବନେଶ୍ୱର,୨୩।୧(ତ୍ରିନାଥ ମହାନ୍ତି)

ବାରମ୍ବାର ଦୁର୍ଘଟଣା ଘଟାଇ ବହୁ ଜୀବନ ନେବା ସହ ଅନେକଙ୍କୁ ପଙ୍ଗୁ କରିଦେଇଥିବା 'ଆମ ବସ୍' ଉପରେ ଲୋକଙ୍କ ରାଗ ବଢ଼ିଚାଲିଛି। ଲୋକେ ଆଇନ ହାତକୁ ନେବାକୁ ଡରୁନାହାନ୍ତି। ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଏକ ଆମ ବସ୍ ଦୁର୍ଘଟଣା ଘଟାଇବା ପରେ ଏଭଳି ଆକ୍ରୋଶ ଦେଖିବାକୁ ମିଳିଥିଲା। ଉତ୍ତ୍ୟକ୍ତ ଲୋକେ ୩ଟି ଆମ ବସ୍ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିସହ ରାସ୍ତା ଅବରୋଧ କରିବାରୁ ଟ୍ରାଫିକ୍ ଜାମ୍‌ରେ ସାଧାରଣ ଲୋକେ ହଇରାଣ ହୋଇଥିଲେ। ସ୍ଥିତି ଏପରି ହୋଇଥିଲା ପୋଲିସକୁ ଲାଠିଚାର୍ଜ କରିବାକୁ ପଡିଥିଲା। ଏପରିକି ଡିସିପି ଜଗମୋହନ ମୀନାଙ୍କ ସହ ବହୁ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ତେବେ ବସ୍ ଭଙ୍ଗାରୁଜାରେ ଅସାମାଜିକ ଗୋଷ୍ଠୀର ସମ୍ପୃକ୍ତି ଥିବା ଚର୍ଚ୍ଚା ଚାଲିଥିବାବେଳେ ଦାୟିତ୍ୱହୀନ ଭାବେ ବସ୍ ଚଳାଉଥିବା ଡ୍ରାଇଭରଙ୍କ ଉପରେ କ୍ରୁଟ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ବାହାନାରେ ଆଇନକୁ ହାତକୁ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିସିପି କହିଛନ୍ତି। ସନ୍ଧ୍ୟା ସୁଦ୍ଧା କ୍ୟାପିଟାଲ ଥାନାରେ ଆମ ବସ୍ ଡ୍ରାଇଭରଙ୍କ ଅଭିଯୋଗକ୍ରମେ ୬ଟି ମାମଲା ରୁଜୁ ହୋଇଥିବାବେଳେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ୮୨ ନମ୍ବର ରୁଟ୍‌ରେ ଚଳାଚଳ କରୁଥିବା ଆମ ବସ୍‌ଟି ମାଷ୍ଟରକ୍ୟାଣ୍ଟିନରୁ ରାଜମହଲ ଅଭିମୁଖେ ଯାଉଥିଲା। ୟୁକୋ ବ୍ୟାଙ୍କ ନିକଟରେ ଜଣେ ବାଇକ୍ ଚାଳକ ଡାହାଣକୁ ୟୁ-ଟର୍ନ ନେଉଥିବାବେଳେ ଉକ୍ତ ବସ୍‌ଟି ଧକ୍କା ଦେଇଥିଲା। ବାଇକ୍ ଉପରେ ବସ୍‌ଟି ଚଢ଼ିଯାଇଥିବାବେଳେ ଚାଳକ ଜଣକ ଛିଟିକି ପଡିବାରୁ ଜୀବନ ବଞ୍ଚିଯାଇଥିଲା। ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ବସ୍‌କୁ ଘେରିଯାଇ ହୋହଲ୍ଲା କରୁଥିବାବେଳେ ପୋଲିସ ପହଞ୍ଚି ଆହତଙ୍କୁ ହସ୍ପିଟାଲ ପଠାଇ ବସ୍‌କୁ ନେଇଯିବାରୁ ଉତ୍ତେଜନା ବଢ଼ିଯାଇଥିଲା। ସେହି ରାସ୍ତାଦେଇ ଯାଉଥିବା ଅନ୍ୟ ୩ ଆମ ବସ୍‌କୁ ଆକ୍ରମଣ କରିଥିଲେ। ଟେକାପଥର ମାଡ଼ ସହ ଯିଏ ଯେମିତି ପାରିଲେ ବସ୍ ଭଙ୍ଗାରୁଜା କଲେ। ଟେକାପଥର ମାଡ଼ରେ କେତେଜଣ ଯାତ୍ରୀ ଆହତ ହୋଇଥିଲେ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ବସ୍ ଭଙ୍ଗାରୁଜା ଜାରି ରଖିଥିଲେ। ସ୍ଥିତି ନିୟନ୍ତ୍ରଣ ପାଇଁ ଶେଷରେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡିଥିଲା। ଅଧଘଣ୍ଟାର ଛକାପଞ୍ଝା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।



ଦୁର୍ଘଟଣା ପରେ ଘଟଣାସ୍ଥଳରେ ଦେଖାଦେଇଥିବା ଉତ୍ତେଜନା।



ଆକ୍ରମଣରେ ଆହତ ବସ୍ ଡ୍ରାଇଭର।

## ଦାୟିତ୍ୱହୀନ ଡ୍ରାଇଭର, ବେଫିକର 'କ୍ରୁଟ୍'

ସଡ଼କ ସୁରକ୍ଷା ମାସରେ ବି 'ଆମ ବସ୍' ଜୀବନ ପରେ ଜୀବନ ନେଉଛି। ଡ୍ରାଇଭରଙ୍କ ଦାୟିତ୍ୱହୀନତାରୁ କେତେବେଳେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଗଲାଣି ତ ଆଉ କେତେବେଳେ କର୍ମଚାରୀଙ୍କ ଦୁର୍ବ୍ୟବହାର ନେଇ ଥାନାରେ ମାମଲା ହେଲାଣି। ଏଥିପାଇଁ ଜାତୀୟସ୍ତରରେ ଏକାଧିକ ପୁରସ୍କାର ପାଇଥିବା 'କ୍ରୁଟ'ର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଲାଣି। ଆମ ବସ୍ ସେବା ପରିଚାଳନା କରୁଥିବା 'କ୍ରୁଟ୍' ବେଫିକର ନୀତି ପାଇଁ ଡ୍ରାଇଭର ଓ କର୍ମଚାରୀମାନେ ବାରମ୍ବାର ଏଭଳି ଘଟଣା ଘଟାଉଥିବା ଆଲୋଚନା ହେଉଛି। ତେବେ 'ଆମ ବସ୍' ସେବାକୁ ଟ୍ରାକକୁ ଫେରାଇ ଆଣିବାକୁ ପୋଲିସ ଓ ପରିବହନ କମିଶନର ଅଣ୍ଟା ଭିଡିଥିଲେ ମଧ୍ୟ କିଛି ସୁଫଳ ମିଳୁନି। ଦୁର୍ଘଟଣା ଘଟିବା ପରେ ଦୁଇ ବିଭାଗ ପକ୍ଷରୁ ଡ୍ରାଇଭର ଓ କର୍ମଚାରୀଙ୍କ ବ୍ରେଥ୍ ଆନାଲାଇଜର ଟେଷ୍ଟ ହେବା ସହ ଏନ୍‌ଫୋର୍ସମେଣ୍ଟ ଟିମ ତନ୍ନ ତନ୍ନ ଯାଞ୍ଚ କରିଥିଲା। ସ୍କ୍ରିନିଂ ଟେଷ୍ଟ ପାସ୍ କଲେ ହିଁ ଡ୍ରାଇଭରଙ୍କୁ 'ଆମ ବସ' ଚଳାଇବାକୁ ଅନୁମତି ଦିଆଯିବ ବୋଲି କହିଥିଲା ପରିବହନ ବିଭାଗ। ଏପରିକି ଡ୍ରାଇଭର ଓ କର୍ମଚାରୀ ଶପଥ ପାଠ ବି କରିଥିଲେ। ତଥାପି 'ଆମ ବସ୍'କୁ ଲାଗୁନି ଲଗାମ। କେଉଁଠି ରହୁଛି ଭୁଲ୍? କାହିଁକି ବେଦାୟିତ୍ୱ ହୋଇପଡୁଛନ୍ତି 'ଆମ ବସ' ଚାଳକ ? କ୍ରୁଟର ଢିଲାପଣ ପାଇଁ ଲଗାମଛଡ଼ା ହେଉଛନ୍ତି କି ଆମ ବସ୍ ଡ୍ରାଇଭର? ଏମିତି ଅନେକ ପ୍ରଶ୍ନ ଏବେ ଲୋକଙ୍କ ମନରେ ଉଙ୍କିମାରୁଛି।

# ଶିକ୍ଷା ଅଧିକାରକୁ ଗୁରୁତ୍ୱ

## ଆଜି 'ଅନ୍ତଃରାଷ୍ଟ୍ରୀୟ ଶିକ୍ଷା ଦିବସ'



'ଶିକ୍ଷା' ମାନବିକ ଅଧିକାର ଏବଂ ସାର୍ବଜନୀନ ଦାୟିତ୍ୱ। ସାମାଜିକ ସଂସ୍କାର ହେଉ ଅବା କିଛି ପରିବର୍ତ୍ତନ ଏହା ପଛରେ ଶିକ୍ଷାର ରହିଥାଏ ପ୍ରମୁଖ ଭୂମିକା । ଶିକ୍ଷା ବ୍ୟକ୍ତିଙ୍କୁ ଭଲମନ୍ଦ ବିଚାର କରିବାର ସାମର୍ଥ୍ୟ ପ୍ରଦାନ କରିବା ସହିତ ଭଲ ମଣିଷ ହେବାରେ ସହାୟକ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତିଙ୍କର ଶିକ୍ଷା ଗ୍ରହଣ କରିବାର ଅଧିକାର ରହିଛି। ଏହି ଅଧିକାର ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୨୪କୁ 'ଅନ୍ତଃରାଷ୍ଟ୍ରୀୟ ଶିକ୍ଷା ଦିବସ' ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ଥିମ୍ ହେଉଛି 'ଶିକ୍ଷାର ସହ-ନିର୍ମାଣରେ ଯୁବପିଢ଼ିଙ୍କ ଶକ୍ତି'। ଶାନ୍ତି ଏବଂ ବିକାଶ କ୍ଷେତ୍ରରେ ଶିକ୍ଷାର ମହତ୍ତ୍ୱକୁ ଦର୍ଶାଇବା ସହିତ ଶିକ୍ଷାର ଅଧିକାରଗୁଡ଼ିକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟରେ ସଂଯୁକ୍ତ ରାଷ୍ଟ୍ର ମହାସଭା (ୟୁଏନ୍‌ଜିଏ) ଦ୍ୱାରା ଏହି ଦିବସଟିକୁ ଘୋଷଣା କରାଯାଇଛି। ପ୍ରତିବର୍ଷ ଜାନୁଆରୀ ୨୪ରେ ଏହି ଦିବସକୁ ପାଳନ କରିବା ପାଇଁ ୨୦୧୮ ଜାନୁଆରୀ ଡିସେମ୍ବର ୩ରେ ସଂଯୁକ୍ତ ମହାସଭା ଘୋଷଣା କରିଥିଲା। ୨୦୧୯ରେ ପ୍ରଥମ କରି ଏହି ଦିବସ ପାଳନ କରାଯାଇଥିଲା।

-ବନ୍ଦନା ସେଠୀ

# ରୁକୁଣା ରଥଯାତ୍ରା ପାଇଁ କାଠ ଅନୁକୂଳ

ପୁରୁଣା ଭୁବନେଶ୍ୱର,୨୩।୧
(ସୁବାସ ଚନ୍ଦ୍ର ପ୍ରଧାନ)

ଚଳିତ ବର୍ଷ ରୁକୁଣା ରଥଯାତ୍ରା ପାଇଁ ଶୁକ୍ରବାର ଶ୍ରୀପଞ୍ଚମୀରେ ବିଧି ମୁତାବକ କାଠ ଅନୁକୂଳ କରାଯାଇଛି। ପ୍ରାତଃରୁ ଦୈନିକ ନୀତି ଆଳତି ଅବକାଶ ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ବଲ୍ଲଭରେ ଠାକୁରମାନେ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିଜେ ହୋଇଥିଲେ। ପରେ ମୋହନିରେ ଉପବିଷ୍ଟ ହୋଇଥିଲେ। ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପ୍ରହର ଧୂପ ହୋଇ ପହୁଡ଼ ପଡ଼ିଥିଲା। ଅପରାହ୍ନରେ ଘଣ୍ଟ ଘଣ୍ଟା କାହାଳୀ ଶୋଭାଯାତ୍ରାରେ ଠାକୁରମାନେ ଶ୍ରୀରାମନଗର ସ୍ଥିତ ଶ୍ରୀପଞ୍ଚମୀ ପଡିଆରେ ପହଞ୍ଚିଥିଲେ। ଜଣେ ବ୍ୟକ୍ତିଙ୍କ ଘର ପରିସରରେ ଥିବା ଏକ ଛୋଟ ଆମ୍ବଗଛ ନିକଟରେ ବିଜେ ଉପବିଷ୍ଟ ହେବା ପରେ ପଞ୍ଚ ଉପଚାରରେ ପୂଜା ହୋଇଥିଲା। ଏହା ପରେ ବିଧିମୁତାବକ ଏକ କୁରାଢ଼ିରେ ସେବାୟତ ଆମ୍ବ ଗଛକୁ ସ୍ପର୍ଶ କରିଥିଲେ। ପରେ ଅନ୍ୟାନ୍ୟ ପୂଜା ସମ୍ପନ୍ନ ହେବା ପରେ ଠାକୁର ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ସୂଚନାଥାଉ କି, ଶହ ଶହ ବର୍ଷର ଏହି ଶ୍ରୀପଞ୍ଚମୀ ପଡ଼ିଆକୁ କେତେଜଣ ସେବାୟତ ଏବଂ ଅଣ ସେବାୟତ ଜବରଦଖଲ କରିନେଇଥିବାରୁ ଏବେ କେବଳ ପଞ୍ଚମୀ ପଡିଆରେ ସୀମିତ ହୋଇ ରହିଛି। ଏଥିପାଇଁ ମନ୍ଦିର ପ୍ରଶାସନକୁ ବୁଦ୍ଧିଜୀବୀ ଏବଂ ସେବାୟତମାନେ ଦାୟୀ କରିଛନ୍ତି।

# ଟ୍ରେନ୍ ଧକ୍କାରେ ଚାଲିଗଲା ଜୀବନ

ବାରଙ୍ଗ,୨୩।୧(ଲିଙ୍ଗରାଜ ରାଉତ)

ଟ୍ରେନ୍ ଧକ୍କାରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବାରଙ୍ଗ ଥାନା ଅଧୀନସ୍ଥ ଶ୍ରୀବନ୍ତପୁର ଗ୍ରାମର ଅଭିଷେକ ଜେନା(୩୫)। ସୂଚନାଯୋଗ୍ୟ, ଅଭିଷେକ ଘରୁ ରାଗରେ ଆସି କଣ୍ଟାପାଟଣା ଗାଁମୁଣ୍ଡ ରେଳଧାରଣ ଉପରକୁ ଚଢ଼ି ଯାଇଥିଲେ। ସେହି ସମୟରେ ବାରଙ୍ଗ ପଟୁ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବାରଙ୍ଗ ଜିଆର୍‌ପି ଫାଣ୍ଡି ଏଏସ୍‌ଆଇ ପରମାନନ୍ଦ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ବ୍ୟକ୍ତି ଜଣଙ୍କର ଚାକିରି ଯିବା ପରେ ମାନସିକ ଭାରସାମ୍ୟ ହରାଇ ଗାଁରେ ବୁଲୁଥିଲେ। ତେଣୁ ମାନସିକ ଦୁଶ୍ଚିନ୍ତା ଯୋଗୁ ଟ୍ରେନ ଆଗକୁ ପଳାଇ ଆସିଥିବା ପୋଲିସ ସୂଚନା ଦେଇଛି।

# 'ଦି ସିଲ୍‌ଭର୍ସ' ପକ୍ଷରୁ ସୁରେନ୍ଦ୍ର ସାଏ, ନେତାଜୀଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୩।୧ (ବନ୍ଦନା ସେଠୀ)

ଦି ସିଲ୍‌ଭର୍ସ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଭିଏସ୍‌ଏସ୍‌ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ଶୁକ୍ରବାର ପାଳିତ ହୋଇଯାଇଛି। ସଂଘର ସଭ୍ୟ ଇଂ. ଆଦିତ୍ୟ ପ୍ରକାଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର ଯୋଗଦେଇ ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଆଦର୍ଶ ଆତ୍ମବଳୀ ଉପରେ ଉଦ୍‌ବୋଧନ ଦେଇଥିଲେ। ଉପଦେଷ୍ଟା ହୃଦୟରାମ ବ୍ରହ୍ମା, ଅରବିନ୍ଦ ମହାରଣା, ସଭ୍ୟ ଦେବାଶିଷ ଦାସ, ସୁଧାକର ମିଶ୍ର, ସନାତନ ନାୟକ, ହରିବନ୍ଧୁ ଘଡ଼େଇ, ନିର୍ମଳକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦେଶକୁ ବ୍ରିଟିଶ ସରକାରଙ୍କଠାରୁ ମୁକ୍ତ କରିବା ପାଇଁ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ କରିଥିଲେ। ଯୁଗ୍ମ ସମ୍ପାଦକ ଅରବିନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।




ବ୍ରାଇଟ୍ ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ସୂଚନା ଭବନରେ ଶୁକ୍ରବାର ଆୟୋଜିତ ପ୍ରଥମ 'ଓଡ଼ିଶା ଯୁବ ରତ୍ନ ସମ୍ମାନ' ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ଯୁବ ପ୍ରତିଭାମାନେ।

# ୪୨ଜଣ ପାଇଲେ 'ଓଡ଼ିଶା ଯୁବ ରତ୍ନ ସମ୍ମାନ'

ଭୁବନେଶ୍ୱର,୨୩। ୧ (ସୌମ୍ୟରଞ୍ଜନ ରାଉତ)

ଯୁବ ଶକ୍ତି, ସୃଜନଶୀଳତା ଓ ସାମାଜିକ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ବ୍ରାଇଟ୍ ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ସୂଚନାଭବନରେ ଆୟୋଜିତ ହୋଇଛି ପ୍ରଥମ 'ଓଡ଼ିଶା ଯୁବ ରତ୍ନ ସମ୍ମାନ'। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ବିକାଶରେ ଯୁବ ପ୍ରତିଭାର ଭୂମିକା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, କଲ୍ୟାଣ ଫାଉଣ୍ଡେଶନ୍‌ର ସଭାପତି ସୌମିତ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମିଡିଆ, କ୍ରୀଡ଼ା, ସଂସ୍କୃତି, ସ୍ୱାସ୍ଥ୍ୟ, ସମାଜସେବା, ବ୍ୟବସାୟ ଓ ପ୍ରଯୁକ୍ତି ଆଦି କ୍ଷେତ୍ରରେ ୪୨ ଜଣ ଯୁବ ପ୍ରତିଭାଙ୍କୁ 'ଓଡ଼ିଶା ଯୁବ ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ମିଡିଆ କ୍ଷେତ୍ରରୁ ମାନସ ରଞ୍ଜନ ଦାଶ ଓ ଆର୍‌ଜେ ନିଲ୍‌ଙ୍କୁ ସମ୍ମାନିତ କରାଯାଇଛି। ସେହିପରି ପଡ୍‌କାଷ୍ଟ ଓ ସୃଜନାତ୍ମକ କ୍ଷେତ୍ରରୁ ବନସ୍ମିତା ପତି, ସାହିତ୍ୟ କ୍ଷେତ୍ରରୁ ଦେବାଶିଷ ସାମନ୍ତରାୟ, କ୍ରୀଡ଼ା କ୍ଷେତ୍ରରୁ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ପଦ୍ମଶ୍ରୀ ପ୍ରମୋଦ ଭଗତ୍, ପୂର୍ବତନ ରଣଜୀ କ୍ରିକେଟର ଜିତୁ ଶତପଥୀ ଓ ପାରାଅଲିମ୍ପିକ ଆସୋସିଏଶନ ଅଫ ଇଣ୍ଡିଆର ଟ୍ରେଜରର ସୁନିଲ ପ୍ରଧାନ, ଚଳଚ୍ଚିତ୍ର ଓ ରଙ୍ଗମଞ୍ଚ କ୍ଷେତ୍ରରୁ ଶୀତଲ ପାତ୍ର, ବିଭୁଦତ୍ତ ଦୀକ୍ଷିତ୍, ତ୍ରିଭୁବନ ପଣ୍ଡା, ସୁଭାଶିଷ ଶର୍ମା, ଥିଏଟର ନିର୍ଦ୍ଦେଶକ ନଳିନୀ ନିହାର ନାୟକ ଓ ଅଭିନେତ୍ରୀ ପ୍ରିୟଙ୍କା ସାହୁ, ସଙ୍ଗୀତ କ୍ଷେତ୍ରରୁ ପ୍ଲେବ୍ୟାକ୍ ସିଙ୍ଗର ଅନ୍ତରା ଚକ୍ରବର୍ତ୍ତୀ ଓ ଅପେରା ସୁପରଷ୍ଟାର ପିୟୁଷ ତ୍ରିପାଠୀ ପ୍ରମୁଖଙ୍କୁ 'ଓଡ଼ିଶା ଯୁବ ରତ୍ନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମେଟ୍ରୋ ଗ୍ରୁପର ନିର୍ଦ୍ଦେଶକ ମହମ୍ମଦ ଆଲିମ, ସମାଜିକ କର୍ମୀ ଯଜ୍ଞାଶିଷ ମହାପାତ୍ର ଫାଉଣ୍ଡେଶନର ପ୍ରତିଷ୍ଠାତା ସଞ୍ଜୟ କୁମାର ମହାକୁଡ଼, ଆଡ଼ଭାଇଜର ରୋଜାଲିନ ପାଇଁଶଣୀ ପ୍ରମୁଖ ଯୋଗଦେଇଥିଲେ।

# ଆପୋଲୋରେ ଶିଶୁ ହୃଦ୍‌ରୋଗ ଆଲୋଚନାଚକ୍ର

ଭୁବନେଶ୍ୱର,୨୩।୧
(ଅନୁରାଧା ମହାରଣା)

ଆପୋଲୋ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର 'ପେଡିଆଟ୍ରିକ ହାର୍ଟ ସର୍ଜରି: ସମ୍ଭାବ୍ୟତା ଏବଂ ଆମର ସଫଳତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲର ସିଓଓ ତଥା ଡିଏମ୍‌ଏସ୍ ଡା. ଆଲୋକ ଶ୍ରୀବାସ୍ତବ ଯୋଗଦେଇ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଲୋକଙ୍କ ପାଇଁ ବିଶ୍ୱସ୍ତରୀୟ ଶିଶୁ ହୃଦ୍‌ରୋଗ ଚିକିତ୍ସା ସୁଲଭ କରିବା। ସିଟିଭିଏସ୍‌ର ସିନିୟର କନ୍‌ସଲଟାଣ୍ଟ ଡା. ରଘୁନାଥ ମହାପାତ୍ର କହିଲେ, ଅଧିକାଂଶ ଜନ୍ମଗତ ହୃଦ୍‌ଘାତ ବର୍ତ୍ତମାନ ଆରୋଗ୍ୟଯୋଗ୍ୟ। ସମୟୋଚିତ ଚିହ୍ନଟ ଏବଂ ଠିକ୍ ନିର୍ଣ୍ଣୟ ହେଉଛି ଚିକିତ୍ସା ସଫଳତାର ଚାବିକାଠି ବୋଲି ଡ. ମହାପାତ୍ର କହିଛନ୍ତି। ଶିଶୁ ହୃଦ୍‌ରୋଗ ପରାମର୍ଶଦାତା ଡା. ସନ୍ଦୀପ ମହାନ୍ତି କହିଲେ, ହୃଦ୍‌ରୋଗ ସବୁଠାରୁ ସାଧାରଣ ଜନ୍ମଗତ ତ୍ରୁଟି ହୋଇଥିଲେ ମଧ୍ୟ ଚିକିତ୍ସାର ଉନ୍ନତି ଚିକିତ୍ସାକୁ ପୂର୍ବାପେକ୍ଷା ଅଧିକ ସୁରକ୍ଷିତ ଏବଂ ପ୍ରଭାବଶାଳୀ କରିଛି। ଆପୋଲୋ ହସ୍ପିଟାଲରେ ସର୍ବନିମ୍ନ ଆକ୍ରମଣାତ୍ମକ କି'ହୋଲ୍ ଅସ୍ତ୍ରୋପଚାର ସମେତ ବିଭିନ୍ନ ଉନ୍ନତ ବିକଳ୍ପ ପ୍ରଦାନ କରୁଥିବା ସେ କହିଥିଲେ।



ଆପୋଲୋ ହସ୍ପିଟାଲ୍‌ରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

# ରୋମାଞ୍ଚ ଭରିଲା 'ଡଗ୍ ଶୋ'



ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)

ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ର ଅନ୍ତିମ ଦିବସରେ ଚିତ୍ତାକର୍ଷକ 'ଡଗ୍ ଶୋ' ଅନୁଷ୍ଠିତ ହୋଇଥିଲା। ଏଥିରେ ଜର୍ମାନ ସେଫର୍ଡ, ବେଲଜିଆନ ମାଲିନୋଇସ, ଲାବ୍ରାଡର୍, ହସକୀ, ପୁଡଲୀ, ମିନିଏଚର୍ ସ୍ନିନସର୍, କେନ କର୍ସୋ, ପୋମେରିଆନ, କାରାଭାନ ହାଉଣ୍ଡ, ଗ୍ରେଟ ଡେନ, ରିଟ୍ରିଭର୍, ଗୋଲ୍ଡେନ ରିଟ୍ରିଭର୍, ବିଗଲ, ଆକିତା ଇନୁ, ସ୍ପିଜ, ଫ୍ରେଞ୍ଚ ବୁଲଡଗ ଆଦି ୧୭ଟି ପ୍ରଜାତିର ୬୫ଟି କୁକୁର ଅଂଶଗ୍ରହଣ କରିଥିଲେ। କୁକୁରଙ୍କ ଦକ୍ଷତାର ବୈଶିଷ୍ଟ୍ୟ, ଅନୁସରଣ କ୍ଷମତା ଏବଂ ନିଜସ୍ୱ ବ୍ୟବହାର ଶୈଳୀ ଦେଖଣାହାରୀଙ୍କୁ ରୋମାଞ୍ଚିତ କରିଥିଲା। ଓଡ଼ିଶା କେନେଲ କ୍ଲବ ସଭାପତି ସୁବ୍ରତ ପୃଷ୍ଟି ଓ ଶ୍ୱାନ ପ୍ରଶିକ୍ଷକ ଦିଲୀପ ସାହୁ ଏହାକୁ ପରିଚାଳନା କରିଥିଲେ। ପ୍ରଦର୍ଶନୀ ଶେଷରେ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଡଗ ଶୋ'ରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଶାସନ ସଚିବ ରିନା ମହାପାତ୍ର, ବ୍ୟକ୍ତିଗତ ସଚିବ ବାଦଲ ମହାନ୍ତି, ଅନୁଶାସନ ସଚିବ ବିବେକାନନ୍ଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜାଦ୍ ହିନ୍ଦ ଫୌଜ ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ

ଭୁବନେଶ୍ୱର,୨୩।୧(ବନ୍ଦନା ସେଠୀ)

ମହାନ ବିପ୍ଲବୀ ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ୧୩୦ ତମ ଜୟନ୍ତୀ ଭୁବନେଶ୍ୱର ୟୁନିଟ୍-୩ ଆଜାଦ ହିନ୍ଦୀ ଫୌଜ କାର୍ଯ୍ୟାଳୟରେ ଆଜାଦ ହିନ୍ଦ ଫୌଜ ସଂଘର ରାଜ୍ୟ ସଭାପତି ବସନ୍ତ କୁମାର ପାଇକରାୟଙ୍କ ସଭାପତିତ୍ୱରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ସଭାପତି ଉଦ୍‌ବୋଧନ ଦେଇ କହିଥିଲେ ନେତାଜୀଙ୍କର ଦେଶପ୍ରେମର ପଟ୍ଟାନ୍ତର ନାହିଁ। ସେ ଦେଶର ସ୍ୱାଧୀନତା ପାଇଁ ଆଜାଦ୍ ହିନ୍ଦୀ ଫୌଜ ଗଠନ କରି ଉଦ୍ଦାମମୟୀ ଭାଷଣ 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'ରେ ବହୁ ଯୁବକ ଅନୁପ୍ରାଣିତ ହୋଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଗୌରୀଶଙ୍କର ମିଶ୍ର, ପ୍ରଫୁଲ୍ଲ ତ୍ରିପାଠୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ତ୍ରିଲୋଚନ ମହାନ୍ତି, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଭରତ ସାହୁ ପ୍ରସନ୍ନ କୁମାର ଲେଙ୍କା, ରମେଶ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୨୫ରୁ ୩୫ ବର୍ଷର ଯୁବପିଢ଼ି ସର୍ବାଧିକ ଦୁର୍ଘଟଣାର ଶିକାର

## ମଣିପାଲ ହସ୍ପିଟାଲ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅଗ୍ନିଶମ ଡିଜି ଉମାଶଙ୍କର ଦାଶଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୨୩।୧(ଅନୁରାଧା)

ସଡ଼କ ଦୁର୍ଘଟଣା ଏଡ଼ାଇବା ପାଇଁ ନିୟମ ମାନିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବା ସେତିକି ଆବଶ୍ୟକ ବୋଲି ଅଗ୍ନିଶମ ଡିଜି ଉମାଶଙ୍କର ଦାଶ କହିଛନ୍ତି। ମଣିପାଲ ହସ୍ପିଟାଲ ପକ୍ଷରୁ ପ୍ରେସ୍ କ୍ଲବ୍‌ରେ ଅନୁଷ୍ଠିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉମାଶଙ୍କର କହିଲେ, ୨୦୨୪ ମସିହାରେ ୫୩୪୮ଜଣ ପୁରୁଷ ଓ ୭୯୪ ଜଣ ମହିଳା ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ୮୯୨୨ ପୁରୁଷ ଓ ୧୮୪୮ ମହିଳା ଆହତ ହୋଇଛନ୍ତି। ୨୫ରୁ ୩୫ବର୍ଷ ବୟସର ଯୁବପିଢ଼ି ସର୍ବାଧିକ ଦୁର୍ଘଟଣାର ଶିକାର ହୋଇ ମୃତାହତ ହୋଇଛନ୍ତି। ଦୁର୍ଘଟଣାରେ ଫସିରହିଥିବା ଗାଡ଼ିକୁ ହଟାଇବା, ଦୁର୍ଘଟଣାର ଶିକାର ହୋଇଥିବା ମୃତାହତଙ୍କୁ ଉଦ୍ଧାର କରିବାରେ ୩୪୬ ଅଗ୍ନିଶମ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ୨୦୨୩ରେ ୧୧,୯୯୨ ଦୁର୍ଘଟଣା ଘଟିଥିବାବେଳେ ୫୩୯୩ ମାମଲାରେ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛନ୍ତି। ସେହିପରି ୨୦୨୪ରେ ଘଟିଥିବା ୧୨,୩୭୫ ଦୁର୍ଘଟଣାରୁ ୪୯୩୬ ଏବଂ ୨୦୨୫ରେ ୮୧୭୨ ଦୁର୍ଘଟଣାରେ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ତୁଲାଇଛନ୍ତି। ପରିବହନ କମିଶନର ଅମିତାଭ ଠାକୁର ଯୋଗଦେଇ କହିଲେ, ସଡ଼କ ସୁରକ୍ଷା ମାସ ଚାଲିଥିବାରୁ ନିୟମ ପାଳନ, ଉତ୍ତମ ସଡ଼କ ବ୍ୟବସ୍ଥା ଏବଂ ସାଧାରଣ ଲୋକଙ୍କ ସହଭାଗିତା ଦ୍ୱାରା ଦୁର୍ଘଟଣା କମିପାରିବ। ମଣିପାଲ ହସ୍ପିଟାଲ କ୍ଲଷ୍ଟର ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର କହିଲେ, ହସ୍ପିଟାଲ, ପ୍ରଶାସନ, ଆପାତକାଳୀନ ସେବା ଓ ଗଣମାଧ୍ୟମ ମିଳିତ ଭାବେ କାର୍ଯ୍ୟ କଲେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ କମିପାରନ୍ତା। ନ୍ୟୁରୋ ସର୍ଜରୀ ବିଭାଗର ନିର୍ଦ୍ଦେଶକ ଡା. ଅମିତ ଜୈଶୱାଲ, ନ୍ୟୁରୋଲୋଜି ପରାମର୍ଶଦାତା ଡା. ପ୍ରଦ୍ୟୁତ ରଞ୍ଜନ ଭୂୟାଁ ଏମର୍ଜେନ୍ସି ମେଡିସିନ୍ ବିଭାଗର ମୁଖ୍ୟ ଅଭିଷେକ ଚାଟାର୍ଜୀ, ଓଡ଼ିଶା ୱିମେନ୍ ଇନ୍ ମିଡିଆର ପ୍ରେସିଡେଣ୍ଟ କସ୍ତୁରୀ ରାୟ ଯୋଗଦେଇଥିଲେ।

# ‘ବିକାଶ ସ୍ରୋତରେ ମହିଳାଙ୍କ ସହଭାଗିତା ଜରୁରୀ’




ପଲ୍ଲିଶ୍ରୀ, ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପନ ଅବସରରେ ଉପସ୍ଥିତ ଅତିଥିମାନେ।



ଅସୀମା ପଣ୍ଡା ସଂଗୀତ ପରିବେଷଣ କରୁଛନ୍ତି।

- ସରିଲା ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଏବଂ ପୁସ୍ତକ ମେଳା
- ଅସୀମା ପଣ୍ଡାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓର୍‌ମାସ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଡିଏ ପଡ଼ିଆରେ ଚାଲିଥିବା ସପ୍ତ ଦିବସୀୟ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତିମେଳା, ପୁସ୍ତକ ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କୃଷି ଓ ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ୫ମେଳାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବେପାର ହୋଇଥିବା ଜଣାପଡ଼ିଛି। ସପ୍ତମ ଦିବସ ତଥା ଅନ୍ତିମ ସନ୍ଧ୍ୟାରେ ସଙ୍ଗୀତ ସାଧନା ବଲାଙ୍ଗୀର ପକ୍ଷରୁ ସମ୍ବଲପୁରୀ ନୃତ୍ୟ ସଙ୍ଗୀତ, ବିବିଧ ଫାଉଣ୍ଡେଶନ ଅଫ୍ ଆର୍ଟ ଏବଂ କଲ୍‌ଚର ଗଞ୍ଜାମ, ଶ୍ରୀହରି ନୃତ୍ୟମନ୍ଦିର ଖୋର୍ଦ୍ଧାର ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି କଣ୍ଠଶିଳ୍ପୀ ଅସୀମା ପଣ୍ଡା ଗୋଟିଏ ପରେ ଗୋଟିଏ ଓଡ଼ିଆ ଏବଂ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସଙ୍ଗୀତରେ ଉପସ୍ଥିତ ଦର୍ଶକ ଝୁମିଥିଲେ। ମୁଖ୍ୟ ଅତିଥିଭାବେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସମ୍ମାନିତ ଅତିଥିଭାବେ ଓର୍‌ମାସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନୀଳକଣ୍ଠ ରଥ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ଓଡ଼ିଶା ରାଜ୍ୟ ଜୀବିକା ମିଶନ ଡିପିଏମ୍ ପେମଶ୍ରୀ ନାୟକ, ବିପଣନ ପରିଚାଳକ ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପଲ୍ଲିଶ୍ରୀ ମେଳାରେ ଆବଶ୍ୟକତା, ମହିଳା ସଶକ୍ତୀକରଣ, ଆତ୍ମନିର୍ଭର ଭାରତ, ଭିଜନ ୨୦୪୭ ସମ୍ପର୍କରେ ଆଲୋକପାତ କରିଥିଲେ। ବିକାଶ ସ୍ରୋତରେ ମହିଳା ସହଭାଗୀତା ଜରୁରୀ। ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଭିନ୍ନସ୍ତରୀୟ ଉଲେଖନୀୟ ସେବା ପାଇଁ ଅନୁଷ୍ଠାନ ଓ ଷ୍ଟଲ୍‌ଗୁଡ଼ିକୁ ସମ୍ମାନିତ କରାଯାଇଥିଲା। ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୪୧କେଜି ଗଞ୍ଜେଇ ସହ ସ୍କର୍ପିଓ ଜବତ, ୨ ଗିରଫ






**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

ମାଫିଆମାନେ ଦାମୀ କାର୍‌ରେ ଗଞ୍ଜେଇ ଚାଲାଣ କରୁଛନ୍ତି। କନ୍ଧମାଳରୁ ଜାତୀୟ ରାଜପଥ ଦେଇ ରାଜଧାନୀ ସମେତ ବାହାର ଜିଲାକୁ ଚାଲାଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ନରେ ବୋଲଗଡ଼ ଥାନା ପୋଲିସ ଏକ ସ୍କର୍ପିଓରୁ ୪୧କେଜି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳର ସୁକାନ୍ତ ବିନ୍ଧାଣି (୩୨) ଏବଂ ଅଜିତ୍ ଦିଗଲ(୩୨)। ସୂଚନା ମୁତାବକ, କନ୍ଧମାଳ ପଟୁ ଏକ ସ୍କର୍ପିଓରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ପ୍ରଧାନ ଏବଂ ଥାନା ଅଧିକାରୀ ସୁକାନ୍ତ ଦଳେଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗୁରୁବାର ଅପରାହ୍ନରେ ଏସ୍‌ଆଇ ଆଶାମାରିଆ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ୫୭ନଂ. ଜାତୀୟ ରାଜପଥର ବରହମପୁରା ଛକଠାରେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ସ୍କର୍ପିଓ (ଓଡି ୦୨ ବିଏନ୍ ୭୭୭୨)ଉପରେ ପୋଲିସର ସନ୍ଦେହ ହେବାରୁ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡ଼ି ଭିତରେ ଦୁଇଟି ଜରିବସ୍ତାରେ ରହିଥିବା ୪୧କେଜି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଏଥିସହିତ ସ୍କର୍ପିଓ ଏବଂ ୨ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଏସ୍‌ଆଇ ଡୁଙ୍ଗଡୁଙ୍ଗଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୬/୨୬) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଜିଲା ପୋଲିସ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି।

## ନେତାଜୀଙ୍କ ଅଦମ୍ୟ ସାହସ, ବୀରତ୍ୱ ଅବିସ୍ମରଣୀୟ



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି, ଛାତ୍ରୀଛାତ୍ର।

**ବୋଲଗଡ଼, ୨୩।୧ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଚମ୍ପାଇଲୋଠାରେ ଶୁକ୍ରବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ନେତାଜୀଙ୍କ ସଂଗ୍ରାମରେ ଚମ୍ପାଇଲୋର ବଳିଦାନ ସମ୍ପର୍କରେ କହିବା ସହ ବୋଲଗଡ଼ ବ୍ଲକକୁ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ଘୋଷଣା ଏବଂ ପିତୁକୁଳି ଠାରେ ବହୁମୁଖୀ ସମବାୟ ବ୍ୟାଙ୍କ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ଗ୍ରାମର ସଂଗ୍ରାମୀଦାୟାଦ ଏବଂ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିବା ବେଳେ ଅଇଣ୍ଠୁ ରଣଜିତସିଂହ, ପୂର୍ବତନ ସମିତିସଭ୍ୟ ପ୍ରମୋଦ ପ୍ରତାପସିଂହ, କୈଳାସ ଚମ୍ପତି, ପ୍ରଧାନଶିକ୍ଷକ ବାସୁଦେବ ବରାଡ଼, ଶିକ୍ଷୟିତ୍ରୀ ସୁରୁଜ ମୁନି ହାଁସଦା, ହୃଷୀକେଶ ବିଶ୍ୱାଳ, ଯୁଧିଷ୍ଠିର ଉତ୍ତରାୟ, ନକୁଳ ରଣସିଂହ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଅଦମ୍ୟ ସାହସ, ବୀରତ୍ୱ ଓ ଦେଶପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଅନୁଯାୟୀ, ଚମ୍ପାଇଲୋର ୨୯ଜଣ ସଂଗ୍ରାମୀ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ କାରାବରଣ କରିବା ସହ ସେ ସମୟରେ ବହୁ ଯୁବକ ନେତାଜୀଙ୍କ ଆଜାଦ ହିନ୍ଦ ଫୌଜରେ ସାମିଲ ହୋଇଥିଲେ।

ସେହିପରି ଗୋପାଳପୁର ପଞ୍ଚାୟତ ଦେଉଳସ୍ଥିତ କ୍ଲବ ରେଡ ରୋଜ ପରିସରରେ ଖୋର୍ଦ୍ଧାର ମାଇଁ ଭାରତ ସହଯୋଗରେ ନେତାଜୀଙ୍କ ଜୟନ୍ତୀ ଅବସରରେ ପରାକ୍ରମ ଦିବସ ପାଳନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ ମୁଖ୍ୟ ଅତିଥି ଏବଂ ଅନ୍ୟତମ ଅତିଥିଭାବେ କ୍ଲବ ସମ୍ପାଦକ ସୁଧାକର ଦେବତା, ସମ୍ପାଦକ ପ୍ରକାଶ କୁମାର ସାହୁ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ନେତାଜୀଙ୍କ ବୀରତ୍ୱ ଓ ପରାକ୍ରମ ସମ୍ପର୍କରେ କହିଥିଲେ। ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂଷଣ୍ଡପୁରରେ ରଥକାଠ ଅନୁକୂଳ

**ଟାଙ୍ଗୀ, ୨୩।୧ (ରଘୁନାଥ ସାହୁ)**



ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁରର ଚିଲିକା ତଟବର୍ତ୍ତୀ ଦୋଳପଡ଼ିଆରେ ଆସନ୍ତା ରଥଯାତ୍ରା ପାଇଁ ଶୁକ୍ରବାର ରଥ କାଠ ଅନୁକୂଳ ହୋଇଯାଇଛି। ଏଠାରେ ଦୀର୍ଘ ବାର ବର୍ଷ ଧରି ଅନୁଷ୍ଠିତ ହେଉଥିବା ଦାରୁବ୍ରହ୍ମ ରଥଯାତ୍ରାର ରଥ କାଠ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଅନୁକୂଳ ହୋଇଥିଲା। ମଠଗାଁ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ସଂକୀର୍ତ୍ତନ, ହରିବୋଲ ହୁଳହୁଳି ସହିତ କାଠ ଅନୁକୂଳ ପର୍ବ ସମାପନ ହୋଇଥିଲା। ରଥ କମିଟିର ମୁଖ୍ୟ ଆବାହକ ବିଜୟ ବାବାଙ୍କ ସହିତ କମିଟିର ସଭ୍ୟ ତ୍ରିନାଥ ସେଠୀ. ବୈକୁଣ୍ଠ ବେହେରା, ଟ୍ରଷ୍ଟ ସଭାପତି ସନ୍ତାପ ପାତ୍ର, ପୂର୍ବତନ ସରପଞ୍ଚ ନବ କିଶୋର ନାୟକ, ପ୍ରଶାନ୍ତ ସାହୁ, ଲଡୁ କିଶୋର ସ୍ୱାଇଁ. ଶୈଳେନ୍ଦ୍ର ପ୍ରଧାନ, ଗୋଲକ ବିହାରୀ ପଟ୍ଟନାୟକ. ଦେବେନ୍ଦ୍ର ବେହେରା, ବିରଞ୍ଚି ନାରାୟଣ ପ୍ରଧାନ, ଧୀରେନ୍ଦ୍ର ବେହେରା, ଉଲ୍ଲାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀଙ୍କୁ ଫେରାଇ ଆଣିବାକୁ ଜିଲାପାଳ, ଏସ୍‌ପିଙ୍କୁ ଗୁହାରି

**ନିରାକାରପୁର, ୨୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ତିନିମାସ ବିତିଲା, ହେଲେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ସ୍ତ୍ରୀଙ୍କ ଆଖିରୁ ଲୁହ ଶୁଖୁନି। ହେଲେ ସ୍ୱାମୀ ଅଦ୍ୟାବଧି ଘରକୁ ଫେରିନାହାନ୍ତି। ତେଣୁ ନିରୁପାୟ ହୋଇ ନିରାକାରପୁର ଥାନା ଅଧୀନ ଡିଆ ଓଡ଼ିଆ ସାହିର ରୁନୁ ମାର୍ଥା ଗୁରୁବାର ଜିଲାପାଳ ଏବଂ ଏସ୍‌ପିଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କୁ ଫେରାଇ ଆଣିବାକୁ ଗୁହାରି କରିଛନ୍ତି। ରୁନୁଙ୍କ ଅଭିଯୋଗ ମୁତାବକ, ସ୍ଥାନୀୟ ଅଞ୍ଚଳରେ ତାଙ୍କ ସ୍ୱାମୀ ରମେଶ ମାର୍ଥା ଦିନ ମଜୁରିଆ ଭାବେ କାମ କରନ୍ତି। ସେଥିରେ ପରିବାର ଚଳିଥାଏ। ତେବେ ଅଧିକ ରୋଜଗାର ଆଶାରେ ସ୍ଥାନୀୟ କାଶୀପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ରମେଶ ୨୦୨୫ରେ ବାଙ୍ଗାଲୋର ଯାଇଥିଲେ। ସେଠାରେ ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ଗତ ନଭେମ୍ବର ୨୦ରେ ବାଙ୍ଗାଲୋରରୁ ଟ୍ରେନରେ ଫେରୁଥିବା ନେଇ ଘରକୁ ଖବର ଦେଇଥିଲେ। ହେଲେ ଆଦ୍ୟାବିଧି ୩ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଘରକୁ ଫେରିନାହାନ୍ତି। ବହୁ ଖୋଜାଖୋଜି କରିବା ପରେ ତାଙ୍କର ସନ୍ଧାନ ନ ମିଳିବାରୁ ଗୁରୁବାର ଜିଲାପାଳ ଏବଂ ଏସ୍‌ପିଙ୍କୁ ଭେଟି ଏକ ଅଭିଯୋଗପତ୍ର ମାଧ୍ୟମରେ ଗୁହାରି କରିଛନ୍ତି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ : ଭାଲିଆବାଡ଼ି ଫାଇନାଲରେ

**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ପଡ଼ିଆରେ ଚାଲିଥିବା ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର କୁମ୍ପିଲୋ ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଉଭୟ ଟିମ୍ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟ୍ରାଇବେକରରେ ୪-୧ ଗୋଲରେ ଭାଲିଆବାଡ଼ିଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫେରି ଭାବେ ଶୌକତ ଅହମ୍ମଦ ପରିଚାଳନା କରିଥିବା ବେଳେ ଲାଇନରେ ସଗିର ଅହମ୍ମଦ ଏବଂ ଦାଶରଥୀ ଖୁଣ୍ଟିଆ ସହଯୋଗ କରିଥିଲେ। ଚତୁର୍ଥ ରେଫେରିଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ବିପିନ ମଙ୍ଗରାଜ, ବ୍ରଜବନ୍ଧୁ ବିହାରୀ, ଶୋଏବ ଅହମ୍ମଦ, ଡାନିୟଲ ନାୟକ ଏବଂ ସେକ ରଶିଦ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ପାଇକଟିଗିରିଆ ଏବଂ ଗଡ଼ମାଣତ୍ରୀ ଟିମ୍ ମଧ୍ୟରେ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## କାଳିଜାଈ ପୀଠରେ ଉଡ଼ିଲା ତ୍ରିରଙ୍ଗା




**କୃଷ୍ଣପ୍ରସାଦ, ୨୩।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ସାଧାରଣତନ୍ତ୍ର ଦିବସ ଅବବ୍ୟହିତ ପୂର୍ବରୁ ଓଡ଼ିଶା ପୋଲିସ ପକ୍ଷରୁ ଉପକୂଳ ଅଞ୍ଚଳର ସୁରକ୍ଷା ବଢ଼ାଇବା ଏବଂ ସେଠାରେ ଜାତୀୟ ଉପସ୍ଥିତି ଜାହିର କରିବା ପାଇଁ ସମସ୍ତ ଦୀପ ଓ ଦୀପପୁଞ୍ଜରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ପକ୍ଷରୁ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା’କାଳିଜାଈଙ୍କ ପୀଠରେ ତ୍ରିରଙ୍ଗା ଉଡ଼ିଛି। କୃଷ୍ଣପ୍ରସାଦ ଥାନା ପୋଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କୋଷ୍ଟାଲ ପୋଲିସ, ନାଭାଲ, ଏନ୍‌ସିସି, ବନ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ଛାତ୍ରୀଛାତ୍ର, ପର୍ଯ୍ୟଟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚିଲିକାର ପକ୍ଷୀ ଅଭୟାରଣ୍ୟ ନଳବଣ ଏବଂ ପାରିକୁଦଗଡ଼ ଘିମୁଦା ଘାଟ ପେଣ୍ଠଠାରେ ପତାକା ଉତ୍ତୋଳନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୃଷ୍ଣପ୍ରସାଦ ଥାନାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯାଁଳା, କୁରାଢ଼ମଲ୍ଲ ବିଜୟୀ

**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

**୨୬ତମ ମା’ ଅଁଳେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

ମା’ ଅଁଳେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଖୋର୍ଦ୍ଧା ଉପକଣ୍ଠ ଉଇଲକିଶନ ନଗର ଖେଳପଡ଼ିଆରେ ୨୬ତମ ମା’ଅଁଳେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଯାଁଳା ଏବଂ ପାନବରଜ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ପାନବରଜ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୪ ଓଭରରେ ୮ଉଇକେଟ ବିନିମୟରେ ୮୪ରନ ସଂଗ୍ରହ କରିଥିଲା। ଜବାବରେ ଯାଁଳା ଟିମ୍ ୭ ଓଭରରେ ୮୫ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଯାଁଳା ଟିମ୍‌ର ଅଭିମନ୍ୟୁ ସ୍ୱାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କୁରାଢ଼ମଲ୍ଲ ଏବଂ ସାରୁଅ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁରାଢ଼ମଲ୍ଲ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୮୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତିରୁପତି ସାମନ୍ତରାୟ ୮୩ରନ କରିଥିଲେ। ଜବାବରେ ସାରୁଅ ଟିମ୍ ନିର୍ଦ୍ଧାରିତ ଓଭରରେ ୧୧୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। କୁରାଢ଼ମଲ୍ଲ ଟିମ୍ ବିଜୟୀ ହେବା ସହ ତିରୁପତି ସାମନ୍ତରାୟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅତିଥିଭାବେ ଶରତ ସାହୁ, କବିରାଜ ପ୍ରଧାନ, ଜୀବନ ପ୍ରଧାନ ଉପସ୍ଥିତ ଥିଲେ। ଚନ୍ଦ୍ରକାନ୍ତ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ ଏବଂ ରିତେଶ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରକାଶ ସାହୁ ଓ ରାଜୀବ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ପ୍ରଶାନ୍ତ ନାଟୁଆ ଏବଂ କୃଷ୍ଣଚନ୍ଦ୍ର ସାହ, ମ୍ୟାଚ ରେଫରି ଭାବେ ସାଗର ବଳିୟାରସିଂ ଦାୟିତ୍ୱ ତୁଲାଇଥିଲେ। ଶନିବାର ପ୍ରଥମ ମ୍ୟାଚ ଗୁରୁଜଙ୍ଗ ଏବଂ ଟମାଣ୍ଡ, ଦ୍ୱିତୀୟ ମ୍ୟାଚ୍ ନୂଆଗାଁ (ଏ) ଏବଂ ବିଙ୍କୁଡିଆ ମଧ୍ୟରେ ହେବ ବୋଲି ସମ୍ପାଦକ ସଞ୍ଜୀବ ବିଶ୍ୱାଳ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ମା’ ବାଗ୍‌ଦେବୀଙ୍କ ଆରାଧନା



ବାଲୁଗାଁ ଚିଲିକାକୂଳ ସ୍ଥିତ କାଳିଜାଇ ମତ୍ସ୍ୟ ବ୍ୟବସାୟୀ ସଂଘ।



ବାଲୁଗାଁ ମାମୁ ଭଣଜା ପାହାଡ଼ ପାଦଦେଶରେ ଥିବା ସରସ୍ୱତୀ ଶିଶୁ ମନ୍ଦିର।



ଜଟଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।



ଡିଆ ଭୋଇ ସାହି।



ଜଟଣୀ ଆଶା ପ୍ଲେ ସ୍କୁଲ।

**ଢେଇଶିପୁରରେ ଖୋଲିଲା ଧାନମଣ୍ଡି**

ପିପିଲି,(ଦୁର୍ଗାମାଧବ ମିଶ୍ର): ପିପିଲି ବ୍ଲକ ଅନ୍ତର୍ଗତ ଢେଇଶିପୁର ପ୍ରାଥମିକ ସେବା ସମବାୟ ସମିତି ପରିସରରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି। ସମବାୟ ସମିତିର ସଭାପତି ତଥା ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଢେଇଶିପୁର ସରପଞ୍ଚ ରଶ୍ମିତା ସେନାପତି, ପୂର୍ବତନ ସମିତିସଭ୍ୟ ଈଶ୍ୱର ପ୍ରସାଦ ଦାଶ, ଚାଷୀନେତା ସ୍ୱୟଂପ୍ରକାଶ ପରିଡ଼ା, ସମିତିସଭ୍ୟଙ୍କ ପ୍ରତିନିଧି ଲକ୍ଷ୍ମୀଧର ନାୟକ, ସମବାୟ ସମିତି ନିର୍ଦ୍ଦେଶକ ଜିତେନ୍ଦ୍ର ବାରଳ, ନବକିଶୋର ନାୟକ, ଜୟନ୍ତ ଦାଶ, ପ୍ରକାଶ ରଥ ପ୍ରମୁଖ ଯୋଗଦେଇ ମଣ୍ଡି ଉଦଘାଟନ କରିଥିଲେ। ଏହି ସମବାୟ ସମିତି ଅଧିନରେ ୩୩୦ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ପଞ୍ଜୀକରଣ କରିଛନ୍ତି। ପ୍ରଥମ ଦିନ ମଣ୍ଡିରେ ୨ଜଣ ଚାଷୀଙ୍କଠାରୁ ୬୧ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ସମବାୟ ସମିତିର ସମ୍ପାଦକ ଅବକାଶ ପରିଡ଼ା ସୂଚନା ଦେଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୩।୧।୨୦୨୬

| ୫,୭୮,୫୫୯ ଟଙ୍କା | |
|---|---|
| ସୁନା | ୧.୧୦୦ ଗ୍ରାମ୍ |
| ରୁପା | ୧୫.୩୦୦ ଗ୍ରାମ୍ |

# ବୃଦ୍ଧାଙ୍କୁ ଧକ୍କାଦେଲା ବସ୍, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ଦିନକୁ ଦିନ ପୁରୀ ସହରରେ ଟ୍ରାଫିକ୍ ବ୍ୟବସ୍ଥା ବପର୍ଯ୍ୟସ୍ତ ହେବାରେ ଲାଗିଛି। କିଛିଦିନ ତଳେ ବଳଗଣ୍ଡି ଛକ ନିକଟରେ ଏକ ବୋଲେରୋ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଥିଲେ। ଘଟଣାକୁ ମାସେ ନ ପୂରୁଣୁ ଶୁକ୍ରବାର ପୁଣି ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ନବକଳେବର ରୋଡ୍‌ରେ ଶ୍ରୀଜଗନ୍ନାଥ ନାମକ ଏକ ବସ୍ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧା ଜଣକ ନବକଳେବର ରୋଡ୍‌ର ଲକ୍ଷ୍ମୀ ମହାରଣା। ଲକ୍ଷ୍ମୀଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ପୁରୀ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ବସ୍‌କୁ ଅଟକ ରଖି ରାସ୍ତାରୋକୋ କରିଥିଲେ।

ଖବରପାଇ ଘଟଣାସ୍ଥଳରେ ତହସିଲ୍‌ଦାର, ସିଟି ଡିଏସ୍‌ପି, ବିଭିନ୍ନ ଥାନାର ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ବସ୍ ଡ୍ରାଇଭରଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଅଟକ ରଖି ତଦନ୍ତ କରିଛି। ଗୁରୁତର ବୃଦ୍ଧାଙ୍କ ଚିକିତ୍ସା ପାଇଁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ ସହିତ ନବକଳେବର ରୋଡ୍‌କୁ ୱାନ୍‌ୱେ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଥିଲେ। ଏନେଇ ତହସିଲ୍‌ଦାର ଅଭିଷେକ ଦାସ କହିଛନ୍ତି, ଗୁରୁତର ବୃଦ୍ଧାଙ୍କ ଚିକିତ୍ସା ପାଇଁ ବସ୍ ପରିଚାଳନା କରୁଥିବା କ୍ରୁଟ୍ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ଦିଆଯାଇଛି। ଚିକିତ୍ସା ପାଇଁ ବୃଦ୍ଧାଙ୍କୁ ଭୁବନେଶ୍ୱର ଏମ୍ସକୁ ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ନବକଳେବର ରୋଡ୍‌ର ମରାମତି କରାଯିବା ସହ ରାସ୍ତାକୁ ୱାନ୍‌ୱେ କରାଯିବ ସେ କହିଛନ୍ତି।



କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

## ସଂକ୍ଷେପରେ

### ସପ୍ତାହକ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଛେଳି, ମେଣ୍ଢା ଚୋରି

ଗୋପ,୨୩।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଞ୍ଚଳରୁ କ୍ରମାଗତ ଭାବେ ଛେଳି, ମେଣ୍ଢା ଚୋରି ହେବାରେ ଲାଗିଛି। ଗତ ସପ୍ତାହକ ମଧ୍ୟରେ କୁସୁପୁର, ଶୋଳପୁର, ସୁବର୍ଣ୍ଣପୁର ଅଞ୍ଚଳରୁ ଛେଳି, ମେଣ୍ଢା ଚୋରି ହୋଇଥିବାବେଳେ ଗୁରୁବାର ବିଳମ୍ବିତ ରାତ୍ରରେ ଗୋପ ବଜାର ନିକଟସ୍ଥ ଶେକ୍ କଲିମ୍‌ଙ୍କ ଘରୁ ୨୪ଟି ଛେଳି ଓ ମେଣ୍ଢା ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। କଲିମ୍‌ଙ୍କ ପରିବାର ଶୋଇଥିବା ବେଳେ ବିଳମ୍ବିତ ରାତ୍ରରେ ଏକ ସ୍କର୍ପିଓ ଗାଡ଼ି ଆସିଥିଲା। ଗାଡ଼ିରେ ୩/୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବାହାରି ଛେଳି ମେଣ୍ଢା ନେଇ ଚମ୍ପଟ ମାରିଥିଲେ। ଶୁକ୍ରବାର ସକାଳେ ଛେଳି ମେଣ୍ଢା ଚୋରି ସମ୍ପର୍କରେ ଜାଣିବା ପରେ କଲିମ୍ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଂପୃକ୍ତ ପରିବାର ପକ୍ଷରୁ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଚୋରି ଘଟଣା ପଦାକୁ ଆସିଥିଲା। ଅଭିଯୁକ୍ତଙ୍କ ସହ ଚୋରିରେ ବ୍ୟବହୃତ ସ୍କର୍ପିଓ ଗାଡ଼ି ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ ଜାରି ରଖିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ କେବଳ ମକଦ୍ଦମା ରୁଜୁ କରି ଚୁପ୍ ବସୁଥିବ ବେଳେ ରାତ୍ରକାଳୀନ ପାଟ୍ରୋଲିଂ ଦାବି କରାଯାଇଛି। ଏନେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି, ତଦନ୍ତ ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

### ଗୋପାଳପୁର ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ଚାରିଛକ,୨୩।୧(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ଗୋପାଳପୁର ସମବାୟ ସମିତିରେ ଚଳିତବର୍ଷର ନୂତନ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଦେବେନ୍ଦ୍ର ସ୍ୱାଇଁ, ଭୋଦର ପଞ୍ଚାୟତର ସରପଞ୍ଚ ଚାରୁଲତା ବେହେରା, ସମିତିର ସଭାପତି କ୍ଷୀରୋଦ କୁମାର ନାୟକ, ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ ଯୋଗଦେଇଥିଲେ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୪ଜଣ ଚାଷୀ ଠାରୁ ୫ଶହ କୁଇଣ୍ଟାଲ ଧାନ କ୍ରୟ ହୋଇଛି। କାର୍ଯ୍ୟକ୍ରମରେ ବ୍ରଜମୋହନ ଦାସ, ପ୍ରଶାନ୍ତ କୁମାର ବେହେରା, ବାଉରିବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀବିଗ୍ରହଙ୍କ ଚାଚେରି ବେଶ ସହ ବେଷ୍ଟ ନୀତି

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ସରସ୍ୱତୀ ପୂଜା ଅବସରରେ ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରି ବେଶ ସହ ବେଷ୍ଟ ପୋଖରୀରେ ବେଷ୍ଟ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ହୋଇ ମଇଲମ ପରେ ଶ୍ରୀବିଗ୍ରହଙ୍କୁ ବୋଇରାଣୀ, ମାଧବଳୀ ଓ ଖୋବାଲାଗି କରାଯାଇଥିଲା। ପରେ ସର୍ବାଙ୍ଗ ଲାଗି କରାଯାଇଥିଲା। ଦକ୍ଷିଣୀଘର ଖଟରେ ଶ୍ରୀଦେବୀ, ଭୂଦେବୀ ଓ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ଅପରପକ୍ଷରେ ତିନିଠାକୁର ଚାଚେରି ବେଶ ହୋଇଥିଲେ। ଉକ୍ତ ବେଶରେ ୩ଠାକୁର ଫୁଟା ପହରଣ, ଶିରିକପଡ଼ା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୁଜ, ଆଡ଼କାନୀ, ତିଳକ, ଓଡ଼ିଆଣୀ, ସୂର୍ଯ୍ୟଚନ୍ଦ୍ର, ଘାଘଡ଼ାମାଳ ଲାଗି ହୋଇଥିଲେ। ମହାପ୍ରଭୁ ଏବଂ ବଡ଼ଠାକୁର ଦୁଇଟି ଲେଖାଏ ମକର କୁଣ୍ଡଳ, ଦେବୀ ସୁଭଦ୍ରା ୨ଟି ତଡ଼ଗୀ ଲାଗି ହୋଇଥିଲେ। ରୋଷଘରକୁ ଚାଚେରି ଭୋଗ ଡାକରା ଯାଇଥିଲା। ଭୋଗ ଆସିବା ପରେ ଦୁଇ ଦେବୀ ଓ ଦୋଳଗୋବିନ୍ଦ ଭିତରେ ସିଂହାସନକୁ ବିଜେ କରିଥିଲେ। ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ। ଧୋପଖାଳ ପରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ତିନିବାଡ଼ରେ ଚନ୍ଦନ ଫଗୁ ଲାଗି କରାଯାଇଥିଲା।

ବନ୍ଦାପନା ସମ୍ପନ୍ନ ହେବା ପରେ ମୁଦିରସ୍ତ ତିନିବାଡ଼ରେ ଝିମିରି ଫଗୁ ଅଞ୍ଜଳି କରିଥିଲେ। ଅନ୍ୟାନ୍ୟ ନୀତି ପରେ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଶ୍ରୀଦେବୀ, ଭୂଦେବୀ ଏବଂ ଦୋଳଗୋବିନ୍ଦଙ୍କୁ ଦେବା ପରେ ମହାଜନ ଉକ୍ତ ତିନିଠାକୁରଙ୍କୁ ବିଜେ କରାଇ ଆଣି ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ଠିଆହୋଇ ରହିଥିଲେ। ସେଠାରେ ଠାକୁରଙ୍କୁ ମୁଦିରସ୍ତ ଫଗୁଚନ୍ଦନ ପ୍ରସାଦ ଲାଗି, ବନ୍ଦାପନା, ଚାମର ଆଲଟ ପରେ ପ୍ରଭା ଉପରକୁ ଫଗୁ ଛିଞ୍ଚିଥିଲେ। ପରେ ତିନିଦିଅଁ ବଟମୂଳେ ଥିବା ବିମାନରେ ବିଜେ କରିଥିଲେ। ବିମାନବଡୁ ଘଣ୍ଟ, ଛତା ଓ କାହାଳୀ ସହ ବିମାନକୁ ଜଗନ୍ନାଥବଲ୍ଲଭକୁ ନେଇଥିଲେ। ଦୁଇ ଠାକୁରାଣୀ ଜଗତି ଉପରେ ଓ ଦୋଳଗୋବିନ୍ଦ ଚଉଦୋଳରେ ବିଜେ କରିଥିଲେ। ଠାକୁର ଓ ଠାକୁରାଣୀଙ୍କ ମଧ୍ୟରେ ଫଗୁଖେଳ ହୋଇଥିଲା। ଦୋଳଗୋବିନ୍ଦ ଜଗତିରେ ଦୁଇଦେବୀଙ୍କ ପାଖରେ ବିଜେ ହୋଇଥିଲେ। ଶୀତଳଭୋଗ, ବନ୍ଦାପନା, ଚାମର ଆଲଟ ପରେ ପ୍ରସାଦ ଲାଗି କରାଯାଇଥିଲା। ଏହାପରେ ଦିଅଁମାନେ ବେଷ୍ଟବିନ୍ଧା ନୀତି ନିମନ୍ତେ ଜଗନ୍ନାଥବଲ୍ଲଭସ୍ଥିତ ବେଷ୍ଟ ପୋଖରୀକୁ ବିଜେ କରିଥିଲେ। ଭିତରଛ ତୀର କମାଣକୁ ଠାକୁର ଶ୍ରୀଅଙ୍ଗରେ ଛୁଆଁଇ ଲେଙ୍କା ସେବକଙ୍କୁ ଦେଇଥିଲେ। ସେଠାରେ ଥିବା ପଇଡ଼କୁ ବେଷ୍ଟ ବିନ୍ଧିଥିଲେ। ନୀତିସମ୍ପନ୍ନ ପରେ ଠାକୁର ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥିଲେ। ବେଢ଼ା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏଥିପାଇଁ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା କରାଯାଇଥିଲା। ପାଞ୍ଜି ରଖାଯାଇ ପଠନି, ମାଳ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୧ଟି ନଡ଼ିଆ ଭଙ୍ଗାଯାଇଥିଲା ।



# ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କୋଣାର୍କ ନିକଟସ୍ଥ ବାଙ୍ଗର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଉତ୍କଳର ୫ଜଣ ମହାପୁରୁଷ ଯଥା ଉତ୍କଳମଣି ଗୋପବନ୍ଧୁ, ନେତାଜୀ ସୁଭାଷ ବୋଷ, ଉତ୍କଳ ଗୌରବ ମଧୁସୂଦନ, ବ୍ୟାସକବି ଫକୀରମୋହନ ଓ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ପୂଜ୍ୟପୂଜାର ଏହି ପରମ୍ପରା ପିଲାଙ୍କୁ ଉଦ୍‌ବୁଦ୍ଧ କରିବା ସହ ମହାପୁରୁଷଙ୍କ ଆଦର୍ଶ ଓ ଚରିତ୍ରର ଅଧ୍ୟୟନ ସେମାନଙ୍କୁ ଶୃଙ୍ଖଳିତ କରିବ ବୋଲି କହିଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚର ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ, ଉପସଭାପତି ଅର୍ଜୁନ ପରମଗୁରୁ, କୋଷାଧ୍ୟକ୍ଷ ରବି ନାରାୟଣ ମହାନ୍ତି, ଉପଦେଷ୍ଟା ଭଗବାନ ଦାସ ଓ ମୁଖ୍ୟ ପୁରୋଧା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ।

# ହୋଲି ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୨୩।୧
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପରମ୍ପରା କ୍ରମେ ସରସ୍ୱତୀ ପୂଜା ଅବସରରେ ଶୁକ୍ରବାରଠାରୁ ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ହୋଲି ବେଶ ଆରମ୍ଭ ହୋଇଛି। ଏହି ବେଶ ଆଗାମୀ ହୋଲି ପର୍ଯ୍ୟନ୍ତ ଚାଲିବ। ସନ୍ଧ୍ୟାଧୂପ ବେଶରେ ସାକ୍ଷୀଗୋପାଳ ଠାକୁରଙ୍କୁ ହୋଲି ବେଶ କରାଯାଇଥିଲା। ଲାଲଘେର, ପାଇଜାମା, ପଗଡ଼ି, ପଟି, ବେଙ୍ଗପାଟିଆ, ସୁବର୍ଣ୍ଣ ବଂଶୀ, ଚାପସରି, ତାବିଜ, ନୁଡୁକ, ମକରକୁଣ୍ଡଳ, ହୀରାମୁଦି, ଫୁଲତୁଳସୀ ହାର ଠାକୁର ପରିଧାନ କରି ରାଜସ୍ଥାନୀ ବେଶଭୂଷାରେ ସଜ୍ଜିତ ହୋଇଥିଲେ। ଏଥିପାଇଁ ମନ୍ଦିରରେ ସ୍ୱତନ୍ତ୍ର ଦେବନୀତି ହୋଇଥିଲା। ବିଜେପ୍ରତିମା ମଦନମୋହନ ବିମାନରେ କୁମାରପୂର୍ଣ୍ଣିମା ମଣ୍ଡପକୁ ବିଜେ କରିଥିଲେ। ସେଠାରେ ପନ୍ତିଭୋଗ, ଆଳତି, ଉପଚାର, ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେ ଗରୁଡ଼ସ୍ତମ୍ଭ ନିକଟକୁ ବିଜେପ୍ରତିମାଙ୍କୁ ଅଣାଯାଇ ସେଠାରେ ପଞ୍ଚପଲ୍ଲବ, ଅବିର ଲାଗିକରାଯାଇ ବସନ୍ତର ଆଦ୍ୟ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ପୂର୍ବାହ୍ନ ଓ ସନ୍ଧ୍ୟାରେ ଆକର୍ଷଣୀୟ ହୋଲି ବେଶରେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିବାର ସୁଯୋଗ ରହିଛି ବୋଲି ମନ୍ଦିରର ବରିଷ୍ଠ ସେବାୟତ ତଥା ସୁପରଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି।

# ଦଶ ଅବତାର ମୂର୍ତ୍ତିକୁ ସିଂହଦ୍ୱାର ସମ୍ମୁଖରେ ପୂଜାର୍ଚ୍ଚନା

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୧୨ ବର୍ଷ ହେବ ଦଶାବତାର ମୂର୍ତ୍ତି ସିଂହଦ୍ୱାର ଗୁମୁଟରେ ଲାଗିପାରୁ ନ ଥିବା ବେଳେ ଏଏସ୍‌ଆଇ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ମୂର୍ତ୍ତିକୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଉଛି। ଘଣ୍ଟ, ଘଣ୍ଟା ଓ ଆଧ୍ୟାତ୍ମିକ ଧ୍ୱନି ମଧ୍ୟରେ ପବିତ୍ର ଶ୍ରୀପଞ୍ଚମୀରେ ଏହି ଦଶ ଅବତାର ମୂର୍ତ୍ତିକୁ ଆଣି ରଖାଯାଇଛି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଏଥିପାଇଁ ମାସେ ସମୟ ଦିଆଯାଇଛି। ପ୍ରଶାସନ ଏହା ନ ଲଗାଇଲେ ବାଧ୍ୟ ହୋଇ ଭକ୍ତଙ୍କ ସହାୟତାରେ ଶ୍ରୀଜଗନ୍ନାଥ ସେନା ଏହା ଲଗାଇବ ବୋଲି ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ଦଶ ଅବତାରର ନବମ ଅବତାରରେ ବୁଦ୍ଧ ରହିବେ ନା ଜଗନ୍ନାଥ ଏହାକୁ ନେଇ ସୃଷ୍ଟି ହୋଇଥିଲା ବିବାଦ।

ପୌରାଣିକ ମତ ଅନୁଯାୟୀ, ଜୟଦେବଙ୍କ ଗୀତଗୋବିନ୍ଦରେ ମଧ୍ୟ ନବମ ସ୍ଥାନରେ ବୁଦ୍ଧଙ୍କ ଅବତାର ଥିବା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ଐତିହ୍ୟ ବିଶାରଦ କହିଛନ୍ତି। ପୌରାଣିକ ତଥ୍ୟ ଅନୁସାରେ ପ୍ରାୟ ୧୫୦ ବର୍ଷ ତଳେ ସିଂହଦ୍ୱାରକୁ ଶଙ୍କରାଚାର୍ଯ୍ୟ ନିର୍ମାଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ମହାରାଜମାନେ ଏହି ଦଶାବତାର ମୂର୍ତ୍ତି ସ୍ଥାପନ କରିଥିଲେ। ସେଥିରେ ଦଶାବତାର ଭାବେ ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମଚନ୍ଦ୍ର, ହଳଧର, ଜଗନ୍ନାଥ ଓ କଳ୍କୀ ରହିଥିଲେ। ନବମ ସ୍ଥାନରେ ବୁଦ୍ଧଙ୍କ ସ୍ଥାନରେ ଶ୍ରୀଜଗନ୍ନାଥ ରହିବା ଶାସ୍ତ୍ର ବିରୋଧୀ ବୋଲି ସେ ସମୟରେ ବୁଦ୍ଧିଜୀବୀ କହିଥିଲେ। ଶ୍ରୀଜଗନ୍ନାଥ ଅବତାର ନୁହନ୍ତି, ସେ ଅବତାରୀ। ଶ୍ରୀଜଗନ୍ନାଥଙ୍କୁ ଅବତାରରେ ସାମିଲ କରାଯିବାର କୌଣସି ମହତ୍ତ୍ୱ ରହିଥିବ ବୋଲି ଗବେଷକମାନେ ସୂଚନା ଦେଇଥିଲେ।



ଦଶବତାର ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି ।

# ସିପିଆଇର ପୁରୀ ଜିଲା କମିଟିର କାର୍ଯ୍ୟକାରିଣୀ

ନିମାପଡ଼ା,୨୩।୧(ବିଚିତ୍ରାନନ୍ଦ ସାହୁ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଜିଲା କମିଟି ପକ୍ଷରୁ କାର୍ଯ୍ୟକାରିଣୀ ଅଧିବେଶନ ନିମାପଡ଼ାସ୍ଥିତ ସିପିଆଇ ପାର୍ଟି ଅଫିସଠାରେ କମ୍ରେଡ୍ ପ୍ରଦୀପ୍ତ ମହାନ୍ତି ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପାର୍ଟିର ରାଜ୍ୟ ନେତା ବ୍ରଜବନ୍ଧୁ ପ୍ରଧାନ, ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଗୋଲେଖ ନାୟକ, ସୁରେଶ ବିଶ୍ୱାଳ, ବ୍ରହ୍ମାନନ୍ଦ ଦାସ, ହରିହର ସେନାପତି, ସନ୍ତୋଷ ବେହେରା, ନାରୀନେତ୍ରୀ ବିଦ୍ୟୁଲତା ପୃଷ୍ଟି ପ୍ରମୁଖ ଯୋଗଦେଇ ଫେବୃଆରୀ ୧୨ତାରିଖରେ ପାର୍ଟି ପକ୍ଷରୁ ଡାକରା ଦିଆଯାଇଥିବା ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା, ୪ଟି ଶ୍ରମକୋଡ୍ ଆଇନ ପ୍ରତ୍ୟାହାର କରାଯିବା, ସ୍ମାର୍ଟ ମିଟର ଲଗାଯିବାକୁ ବନ୍ଦ କରାଯିବା, କୃଷକଙ୍କ କୃଷିଋଣ ଛାଡ଼ କରାଯିବା, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଖାଲିପଡ଼ିଥିବା ଡାକ୍ତର ପଦବୀଗୁଡ଼ିକ ତୁରନ୍ତ ପୂରଣ କରାଯିବା, ମଣ୍ଡି ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବା ଦାବିନେଇ ବୈଠକରେ ବିଶଦ୍ ଆଲୋଚନା ହୋଇଥିଲା।

## ବିଭିନ୍ନ ସ୍ଥାନରେ ବିଦ୍ୟାଦାତ୍ରୀଙ୍କୁ ଆବାହନ



ପୁରୀ ଭଗବତୀ ବିଦ୍ୟାନିକେତନ ।



ପୁରୀ ଉଦୟନାଥ ଏକାଡେମୀ ।



ପୁରୀ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ।




କଣାସ



ଗୋପ ପଞ୍ଚସଖା ବଳରାମ ବିଦ୍ୟାପୀଠ ।



ଚାରିଛକ ।

## ସଂକ୍ଷେପରେ

### ରାଇପୁର କପ୍ କ୍ରିକେଟ: ପୀର ବଜାର ବିଜୟୀ

ଫୁଲନଖରା,୨୩।୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ରାଇପୁରସ୍ଥିତ ଖେଳ ପଡିଆରେ ଚାଲିଥିବା ରାଇପୁର କପ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ୧୦ମ ଦିନରେ ସଠିଲୋ କ୍ରିକେଟ କ୍ଲବ ଓ ପୀର ବଜାର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୀର ବଜାର ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ଭାଜପା ନିଆଳି ନିର୍ବାଚନ ମଣ୍ଡଳୀର ସୋସିଆଲ ମିଡ଼ିଆ ସଂଯୋଜକ ରାଜକୁମାର ସ୍ୱାଇଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମଟିକୁ ରାଇପୁର କେଦାରେଶ୍ୱର ୟୁଥ କ୍ଲବର ରଜତ କୁମାର ମଲ୍ଲିକ, ଅନୁଭବ ସାହୁ, ରଞ୍ଜନ କୁମାର ରଣା, ସାଇ ସ୍ୱରୂପ ମହାନ୍ତି, ସୁଦୀପ୍ତ ପରିଡା, ପାର୍ଥବୀର ମହାନ୍ତି, ଆୟୁଷ କୁମାର ଜେନା ଏବଂ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି। ଗତ ୧୪ ତାରିଖରେ ଗ୍ରାମର ବରିଷ୍ଠ ମୁରବିମାନେ ରାଇପୁର କପ୍ କ୍ରିକେଟ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟ ୨୬ ତାରିଖରେ ଉଦ୍‌ଯାପିତ ହେବ।

### ନେତାଜୀ ଜୟନ୍ତୀରେ ବିଜେଡିର ଶୋଭାଯାତ୍ରା

କଟକ,୨୩।୧(ଶିଳ୍ପା ପ୍ରିୟଦର୍ଶିନୀ)

ନେତାଜୀ ଜୟନ୍ତୀରେ ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚୌଧୁରୀ ବଜାରସ୍ଥିତ ଗୌରୀଶଙ୍କର ପାର୍କଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମ ସ୍ଥାନରେ ପହଞ୍ଚି ପ୍ରଥମେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋଭାଯାତ୍ରାରେ ସିଏମ୍‌ସି ମେୟର ସୁବାସ ସିଂ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର, କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ରାଜ୍ୟ ବିଜେଡି ସଭାପତି ଚିନ୍ମୟୀ ସାହୁ, ରାଜ୍ୟ ବିଜେଡି ସଭାପତି ଈପ୍ସିତା ସାହୁ, ବରିଷ୍ଠ ନେତା ବିଶ୍ୱଜିତ ମହାନ୍ତି, ମହମଦ ସକିଲଙ୍କ ସମେତ ଶତାଧିକ ବିଜୁ ଯୁବ ଜନତା ଓ ଛାତ୍ର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ସେବା କାର୍ଯ୍ୟ

କଟକ ସଦର,୨୩।୧(ସୁଶାନ୍ତ କୁମାର ଜେନା)

୪୨ ମୌଜା ବ୍ରହ୍ମପୁର ଓ ଦଧିବାମନପୁର ପଞ୍ଚାୟତରେ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ସେବା କାର୍ଯ୍ୟ ଅବସରରେ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ସାମାଜିକ ସେବା କାର୍ଯ୍ୟରେ ସଂଘ ସଭାପତି ଯୁବ ସଙ୍ଗଠକ ଇଂ. ଗିରିଜା ଶଙ୍କର ପତି, ଯୁବରାଜ ପଣ୍ଡା, ସାମାଜିକ କାର୍ଯ୍ୟକର୍ତ୍ତା ପୀୟୁଷ ପରିଡ଼ା, କୃଷ୍ଣଚନ୍ଦ୍ର ବେହେରା, ବୈଜ୍ଞାନିକ ଲଲାଟ କିଶୋର ଚୌଧୁରୀ, ସଂଘ ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପତି, କିଷାନ ସଂଘ କଟକ ଜିଲା ସଂଯୋଜକ ସତ୍ୟନାରାୟଣ ମହାନ୍ତି, ବିଭୁ ପ୍ରସାଦ ନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ଥିବା ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର ଓପନ ଗ୍ୟାଲେରିରେ ଛାତ୍ରୀଛାତ୍ରଙ୍କ ଗହଣରେ ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ଏବଂ ବିଧାୟିକାବିଧାୟକ।

### ଛାତ୍ରୀଛାତ୍ରଙ୍କ ଗହଣରେ ଫଟୋ ଉଠାଇଲେ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ୩ ବିଧାୟକ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରିବା ପରେ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଥିବା ଜଳ ଫୁଆରା ନିକଟରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଗହଣରେ ଫଟୋ ଉଠାଇଥିଲେ। ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ କାର୍ଯ୍ୟକ୍ରମର ବହୁ ସମୟ ପୂର୍ବରୁ ଏଠାକୁ ଆସିଥିଲେ। ଏ ନେଇ ଛାତ୍ରୀ ଅଫ୍‌ସା ସଦବ କହିଛନ୍ତି, ପ୍ରଥମକରି ଉପରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବସିବାକୁ ସୁଯୋଗ ମିଳିଲା। ଆଜିର ଦିନରେ ଏଭଳି ସୁଯୋଗ ମିଳିବା ସୌଭାଗ୍ୟର ବିଷୟ ଏବଂ ମୁଁ ଅତ୍ୟନ୍ତ ଖୁସି ବୋଲି ସେ କହିଛନ୍ତି।

# ଉଦ୍‌ଘାଟନ ହେଲା ପୋଷ୍ଟାଲ ଗ୍ୟାଲେରି, ସଂସ୍କୃତି ଭବନ

କଟକ,୨୩।୧(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟରେ ନେତାଜୀଙ୍କ ୧୨୯ତମ ଜୟନ୍ତୀରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସଂଗ୍ରହାଳୟ ପରିସରରେ କରାଯାଇଥିବା ଫିଲାଟେଲିକ ଗ୍ୟାଲେରି ବା ପୋଷ୍ଟାଲ ଗ୍ୟାଲେରି ଓ ନବନିର୍ମିତ ସଂସ୍କୃତିଭବନକୁଉପରାଷ୍ଟ୍ରପତିଉଦ୍‌ଘାଟନ କରିଥିଲେ। ଉପରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଜେଡ୍‌ପ୍ଲସ ସୁରକ୍ଷା ବ୍ୟବସ୍ଥା ସମେତ ୩୫ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ଗଣମାଧ୍ୟମ ପ୍ରତିନିଧି ହଟହଟା ହୋଇଥିବାବେଳେ ବହୁ ଅବ୍ୟବସ୍ଥା ଲାଗି ରହିଥିଲା। ଏଥିରେ ପୋଲିସ ଓ ଜିଲା ପ୍ରଶାସନ ମଧ୍ୟରେ ସମନ୍ୱୟ ନ ଥିବା ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ଅନ୍ୟପଟେ କାର୍ଯ୍ୟକ୍ରମ ସମୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ।



ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରୁଛନ୍ତି ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।



ଫିଲାଟେଲିକ ଗ୍ୟାଲେରିକୁ ଛାତ୍ରୀମାନେ ବୁଲି ଦେଖୁଛନ୍ତି।

#### ହଟହଟା ହେଲେ ଲୋକପ୍ରତିନିଧି, ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି

ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତନ୍ତ୍ର ଭାବେ ପାସ୍‌ର ବ୍ୟବସ୍ଥା କରାଯାଇଥିଲା। ହେଲେ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବାକୁ ଥିବା କଟକ ଏମ୍‌ପି, ମେୟର ଓ ବିଧାୟକଙ୍କୁ ପୋଲିସ ପରିଚୟ ମାଗିବା ସହ ଭିତରକୁ ଛାଡି ନ ଥିଲେ। ଫଳରେ ଉଭୟ କିଛି ସମୟ ବାହାରେ ଛିଡା ହୋଇ ରହିଥିଲେ। ପରେ ଏହାର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ଉଭୟଙ୍କୁ ଛାଡିଥିଲେ। ସେହିପରି ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ସ୍ୱତନ୍ତ୍ର ପାସ ଥାଇ ମଧ୍ୟ ତାଙ୍କୁ ଭିତରକୁ ଛଡା ଯାଇ ନ ଥିଲା। ପରେ ସେ ଅନ୍ୟ ସହଯୋଗୀଙ୍କୁ ଯୋଗାଯୋଗ କରିବା ପରେ ସେ ଭିତରକୁ ଯାଇଥିଲେ। ସେହିପରି ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କୋଣଠେସା କରାଯାଇଥିଲା। ଉକ୍ତ ଅଞ୍ଚଳକୁ ପ୍ରବେଶ କରିବାକୁ ବାରଣ କରାଯିବା ସହ ଏକ କୋଣରେ କେବଳ ବସିବାକୁ ଦିଆଯାଇଥିଲା। ଏହାଦ୍ୱାରା ସେମାନେ ଟିକିନିକି ଖବର ସଂଗ୍ରହ କରିବାରେ ବିଫଳ ହୋଇଥିଲେ। ପରେ ଏହାକୁ ନେଇ ଅତିରିକ୍ତ ଜିଲାପାଳ ଈପ୍ସିତାଙ୍କୁ ଖବରଦାତାମାନେ ଘେରିଥିଲେ।

#### ଉଦ୍‌ଘାଟନ ହେଲା ପୋଷ୍ଟାଲ ଗ୍ୟାଲେରି, ସଂସ୍କୃତି ଭବନ

ଚଳିତବର୍ଷ ପ୍ରଥମକରି ନେତାଜୀ ଜୟନ୍ତୀରେ ଡାକ ବିଭାଗ ପକ୍ଷରୁ ଫିଲାଟେଲିକ ଗ୍ୟାଲେରି ବା ପୋଷ୍ଟାଲ ଗ୍ୟାଲେରିକୁ ଉପରାଷ୍ଟ୍ରପତି ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ସଂଗ୍ରହାଳୟରେ ୧୨ଟି ଗ୍ୟାଲେରି ଥିବାବେଳେ ଏହି ନୂତନ ଗ୍ୟାଲେରି ଯୋଡ଼ି ହେବା ପରେ ଗ୍ୟାଲେରି ସଂଖ୍ୟା ୧୩ରେ ପହଞ୍ଚିଛି। ଏହି ଗ୍ୟାଲେରିରେ ନେତାଜୀ ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରାୟ ୪୩ଟି ଡାକଟିକେଟ ଶୋଭାପାଇଛି। ଓଡ଼ିଆ ବଜାରସ୍ଥିତ ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର ପାର୍ଶ୍ୱରେ ରହିଛି ସଂସ୍କୃତି ଭବନ। ନବନିର୍ମିତ ଏହି କୋଠାକୁ ଉପରାଷ୍ଟ୍ରପତି ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଭବନକୁ ନେତାଜୀଙ୍କ ନାମରେ ନାମିତ କରାଯାଇଛି। ଏଥିରେ ୩୦୦ଜଣ ବସିବାର କ୍ଷମତା ରହିଥିବାବେଳେ ଏହି ପରିସରରେ ପରାକ୍ରମ ଦିବସର ସଭା କାର୍ଯ୍ୟ କରାଯାଇଥିଲା।

#### ନେତାଜୀ ଜୀବିତ ଅଛନ୍ତି

ନେତାଜୀ ଜୟନ୍ତୀ ଅବସରରେ ଉତ୍ତରପ୍ରଦେଶ ସାହାଜାଜପୁର ଅଞ୍ଚଳର ସ୍ୱାଧୀନ ଭାରତ ବିଦ୍ଧିକ୍ ସତ୍ୟାଗ୍ରହ ଅନୁଷ୍ଠାନ ପକ୍ଷରୁ ପ୍ରାୟ ୧୦୦ଜଣ ସଦସ୍ୟ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ସେମାନେ ଆଜିକୁ ୩ବର୍ଷ ହେବ ସଂଗ୍ରହାଳୟକୁ ଆସୁଥିବାବେଳେ ଚଳିତବର୍ଷ ମଧ୍ୟ ସମାନ ଦାବି ଉପସ୍ଥାପନ କରିଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତା କମଳେଶ କୁମାର ଶର୍ମା କହିଛନ୍ତି, ନେତାଜୀ ଜୀବିତ ଥାଇ ମଧ୍ୟ ସରକାର ତାଙ୍କୁ ମୃତ ବୋଲି ଘୋଷଣା କରୁଛନ୍ତି। ଯଦି ନେତାଜୀ ମୃତ ତେବେ ତାଙ୍କ ମୃତ୍ୟୁର ତଥ୍ୟ ଉପସ୍ଥାପନା ସରକାର କରନ୍ତୁ। ନଚେତ୍ ସରକାର ତାଙ୍କୁ ଖୋଜିକି ବାହାର କରନ୍ତୁ ବୋଲି ସେ କହିଛନ୍ତି।

#### ଗୋଟିଏ ଓଳି ବନ୍ଦ ରହିଲା ଦୋକାନ

ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଯୋଗୁ ଚୌଧୁରୀ ବଜାର, ତିନିକୋଣିଆ ବଗିଚା, ବକ୍ସିବଜାର ଆଦି ଅଞ୍ଚଳରେ ଥିବା ସମସ୍ତ ଦୋକାନଗୁଡ଼ିକୁ ପୋଲିସ ପକ୍ଷରୁ ବନ୍ଦ କରାଯାଇଥିଲା। ସକାଳଠାରୁ ଅପରାହ୍ନ ୨ଟା ଯାଏ ସମସ୍ତ ଦୋକାନ ବନ୍ଦ କରିବାକୁ ପୋଲିସ ପକ୍ଷରୁ କୁହାଯାଇଥିଲା। ନେତାଜୀ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରରେ ପରାକ୍ରମ ଦିବସ ପାଳନ ଶେଷ ହେବା ପରେ ଦୋକାନ ଖୋଲାଯାଇଥିଲା। ଗୋଟିଏ ଓଳି ଦୋକାନ ବନ୍ଦ ହେବାରୁ ବ୍ୟବସାୟୀ ନିରାଶ ହୋଇଛନ୍ତି।





ନେତାଜୀ ଜୟନ୍ତୀ ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ଛାତ୍ରୀଛାତ୍ରମାନେ।



ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଥିବା ନେତାଜୀ ସଂସ୍କୃତି ଭବନ ନୂତନ ଅଡିଟୋରିୟମରେ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ। (ଫଟୋ: ରାଜକିଶୋର ମହାନ୍ତି)

## କୃଷକ ବନ୍ଧୁ କପ୍ ଫୁଟ୍‌ବଲ: କୁରାଙ୍ଗ ଚାମ୍ପିୟନ

କଣ୍ଟାପଡା,୨୩।୧(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଉରାଳି ଗ୍ରାମପଞ୍ଚାୟତ ତଣ୍ଡିକଣା ଗ୍ରାମର କୃଷକ ବନ୍ଧୁ କ୍ଲବ ପକ୍ଷରୁ ଆୟୋଜିତ ୨ଦିନିଆ କୃଷକ ବନ୍ଧୁ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ମହିନ୍ଦପୁର ଫୁଟବଲ ଟିମକୁ ୧-୦ ଗୋଲରେ ହରାଇ କୁରାଙ୍ଗ ଫୁଟବଲ ଟିମ ଚାମ୍ପିୟନ ହୋଇଛି। ଗୁରୁବାର ଆୟୋଜିତ ପ୍ରଥମ କ୍ୱାର୍ଟରରେ ବରାହୀପୁର ଟିମକୁ ୧-୦ ଗୋଲରେ ହରାଇ ସାଇଁଶୋ ଟିମ ଓ ଦ୍ୱିତୀୟ କ୍ୱାର୍ଟରରେ ପୁରଣ ଟିମକୁ ୧-୦ ଗୋଲରେ ହରାଇ ମହିନ୍ଦପୁର ଟିମ ସେମିରେ ପ୍ରବେଶ କରିଥିଲା। ଶୁକ୍ରବାର ଆୟୋଜିତ ତୃତୀୟ କ୍ୱାର୍ଟରରେ ଅଡଶପୁର ଟିମକୁ ୨-୧ ଗୋଲରେ ହରାଇ ବାହାରଣା ଟିମ ସେମିରେ ପ୍ରବେଶ କରିଥିଲା। ସେହିପରି ଚତୁର୍ଥ କ୍ୱାର୍ଟରରେ ଗଣ୍ଡରପୁର ଟିମକୁ ୨-୦ ଗୋଲରେ ହରାଇ କୁରାଙ୍ଗ ଟିମ ସେମିରେ ପ୍ରବେଶ କରିଥିଲା। କୃଷକବନ୍ଧୁ କ୍ଲବ ସଭାପତି ମାଧବଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ନାରାୟଣ ସ୍ୱାଇଁ, ପ୍ରମୋଦ କୁମାର ରାଉତ, ରଞ୍ଜନ କୁମାର ଓଝା, ଶଙ୍କର ବେହେରା, ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ୧୨୦୦୦ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ରନର ଅପ ଦଳକୁ ୮୦୦୦ଟଙ୍କା ସହ ରନର ଅପ ଟ୍ରଫି ପ୍ରଦାନ କରିଥିଲେ। ବ୍ରହ୍ମାନନ୍ଦ ଭୋଇ, କୀର୍ତ୍ତିରଞ୍ଜନ ସ୍ୱାଇଁ, ଲକି ହେମ୍ବ୍ରମ, ଶୁଭସ୍ମିତା ରାଣୀ ରାଉତ ଓ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ମ୍ୟାଚଗୁଡିକୁ ପରିଚାଳନା କରିଥିଲେ।

## ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳିତ

କଟକ ସଦର,୨୩।୧(ସୁଶାନ୍ତ କୁମାର ଜେନା)

ଓଡ଼ିଶାର ୨ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଶୁକ୍ରବାର କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ବରପୁତ୍ରଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହିତ ସେମାନଙ୍କ ତ୍ୟାଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସାଧୁ ଜେନା, ସମ୍ପାଦକ ରାଧାକୃଷ୍ଣ ସ୍ୱାଇଁ, ଉପଦେଷ୍ଟା ନବଘନ ରାଉତ, ହୃଷୀକେଶ ଜେନା, ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରାଙ୍କ ସମେତ ଗୁରୁମା,ଗୁରୁଜୀ ଓ ଅଭିଭାବିକାମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଆଦର୍ଶରେ ସଭିଏଁ ଅନୁପ୍ରେରିତ ହୁଅନ୍ତୁ

କଟକ,୨୩।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ବିଜେଡି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ, ଆଜାଦ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ନେତାଜୀ ସୁଭାଷ ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଦଳୀୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲା ସଭାପତି ପ୍ରଫୁଲ୍ଲ କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ନେତା ମଧୁସୂଦନ ସାହୁ ଯୋଗଦେଇ ଦୁଇ ମହାନ ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମା' ମାଟି ପ୍ରତି ସମର୍ପଣ ମନୋଭାବ ରଖି କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କଟକ ଜିଲା ବିଜେଡି ପକ୍ଷରୁ ମେୟର, ବିଧାୟକ, ଡେପୁଟି ମେୟର, ସମସ୍ତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ଖୁଣ୍ଟିଆ, ମହମ୍ମଦ ସକିଲ, ଅନିତା ବେହେରା, ପ୍ରକାଶ ସିଂ, ନନ୍ଦଲାଲ ସିଂ, ପୂର୍ଣ୍ଣିମା ସିଂ, ପ୍ରଫୁଲ୍ଲ ବେହେରା, କର୍ପୋରେଟର ସୁବ୍ରତ ଘଡେଇ, ତାପସ ମହାନ୍ତି, ଇତିଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜନସନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

# ଗୋଚର ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ

କଟକ ସଦର,୨୩।୧(ସୁଶାନ୍ତ କୁମାର ଜେନା)

କଟକ ଜିଲା କିଶନନଗର ତହସିଲ ଅନ୍ତର୍ଗତ କେଶନଗର ମୌଜାରେ ଗୋଚର ଜମିର କିସମ ପରିବର୍ତ୍ତନ କାର୍ଯ୍ୟ ସ୍ଥାନୀୟ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଆରମ୍ଭ କରିଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଜମିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ପଦକ୍ଷେପକୁ ନେଇ ବିଶ୍ୱ ଗୋ ସୁରକ୍ଷା ବାହିନୀ ରାଜ୍ୟ ସଭାପତି ଆଇନଜୀବୀ

#### କେଶନଗର ମୌଜା

ସୁରେଶ କୁମାର ପଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି। ଗୋପାଳନ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କ ପାଇଁ ଏହା ସତର୍କ ଘଣ୍ଟି ବୋଲି କୁହାଯାଉଛି। ପତିତ କିସମ ଜମିକୁ ସରକାର ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ପରେ ଆଉ ଅନ୍ୟ କାର୍ଯ୍ୟ ପାଇଁ ଜାଗାର ଆବଶ୍ୟକତା ପଡୁଛି। ସେଥିପାଇଁ ସରକାରଙ୍କ ଗୋ ମାରଣ ନୀତିକୁ ପଣ୍ଡା ଦୃଢ଼ ନିନ୍ଦା କରିଛନ୍ତି। କିଶନନଗର ତହସିଲ କାର୍ଯ୍ୟାଳୟରୁ ପତ୍ର ସଂଖ୍ୟା ୪୯/୬।୧।୨୬ ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ମୌଜାରେ ମୋଟ ୪ ଏକର ୬୮ ଡିସିମିଲ ଗୋଚର ଜମି ରହିଛି। ଏହାଛଡ଼ା କେଶନଗର ମୌଜାରେ ବେସରକାରୀ ଓ ଅନ୍ୟାନ୍ୟ କିସମ ଜମିର ପରିମାଣ ୨୯ ଏକର ୯୭ ଡିସିମିଲ। ତେଣୁ ଓଡ଼ିଶା ସରକାରୀ ବନ୍ଦୋବସ୍ତ ଆଇନ ଅନୁଯାୟୀ ୫ ପ୍ରତିଶତ ଗୋଚର ଅର୍ଥାତ ୧ ଏକର ୪୯ ଡିସିମିଲ ରହିପାରିବ। ବାକି ୩ ଏକର ୧୯ ଡିସିମିଲକୁ ଅସଂରକ୍ଷିତ ଘୋଷଣା କରି ଉନ୍ନୟନମୂଳକ କାର୍ଯ୍ୟକ୍ରମର ବ୍ୟବହାର କରାଯାଇ ପାରିବ ବୋଲି କିଶନନଗର ତହସିଲ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ସୌମେନ୍ଦ୍ର ତେଜ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଗୋ ସୁରକ୍ଷା ପାଇଁ ପଦକ୍ଷେପ ନେଉଥିବା ବେଳେ କିଶନନଗର ତହସିଲ ପକ୍ଷରୁ ଅସଂରକ୍ଷିତ କରିବା ପାଇଁ ଯୋଜନାକୁ ବିଭିନ୍ନ ଚାଷୀ ସଙ୍ଗଠନ ନିନ୍ଦା କରିଛନ୍ତି। ଯାହା ନିୟମ ରହିଛି, ତାହା କରାଯାଉଛି ବୋଲି କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ମଧ୍ୟ କହିଛନ୍ତି।

# ଆରମ୍ଭ ହେଲା ମୁକ୍ତେଶ୍ୱର ନୃତ୍ୟ ଉତ୍ସବ

## ଦର୍ଶକଙ୍କୁ ବାନ୍ଧି ରଖିଲା ବିଭୁ, ଆକାଂକ୍ଷାଙ୍କ 'ଦେଶ ପଲ୍ଲବୀ'

ଭୁବନେଶ୍ୱର/ ପୁରୁଣା ଭୁବନେଶ୍ୱର, ୨୩।୧
(ସୌମ୍ୟରଞ୍ଜନ ରାଉତ/ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିରର ମୁକ୍ତାକାଶ ରଙ୍ଗମଞ୍ଚରେ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଲେ, ଓଡ଼ିଶୀ ନୃତ୍ୟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି। ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବର ଆୟୋଜନ ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ ମତପ୍ରକାଶ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ପ୍ରଥମେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଓଡ଼ିଶୀ କଣ୍ଠଶିଳ୍ପୀମାନେ 'ସମବେତ ଶିବ ବନ୍ଦନା' ପରିବେଷଣ କରିଥିଲେ। ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶନା ଏବଂ ତାଳ ରୂପକ ଓ ଏକତାଳିରେ ସୁସଜ୍ଜିତ ରାବଣ କୃତ 'ଶିବ ବନ୍ଦନା' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାପରେ ଡ. କୌସ୍ତୁଭୀ ସରକାର 'ଯୁଗ୍ମଦନ୍ଦ ପଲ୍ଲବୀ' ପରିବେଷଣ କରିବା ସହ 'ଅର୍ଦ୍ଧନାରୀଶ୍ୱର' ପ୍ରସ୍ତୁତିରେ ମହାଦେବ ଓ ମା' ପାର୍ବତୀଙ୍କ ବନ୍ଦନା କରିଥିଲେ। ନୃତ୍ୟଶିଳ୍ପୀ ବିଭୁ ପ୍ରସାଦ ବେହେରା ଓ ଆକାଂକ୍ଷା ଦାଶ 'ଦେଶ ପଲ୍ଲବୀ'ପରିବେଷଣ କରିଥିଲେ, ଯାହା ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଶେଷରେ ବିଶ୍ୱନାଥ ସଙ୍ଗୀତାଳୟର ନୃତ୍ୟଶିଳ୍ପୀମାନେ 'ଦଳଗତ ପଲ୍ଲବୀ' ପରିବେଷଣ କରିଥିଲେ। ଏହାର ସଂଯୋଜନା କରିଥିଲେ ପ୍ରଦୀପ ରାୟ ଏବଂ ନୃତ୍ୟ ସଂଯୋଜନା କରିଥିଲେ ଡ. ଦୀପ୍ତି ରାଉତରାୟ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୫ ପର୍ଯ୍ୟନ୍ତ ଏହି ନୃତ୍ୟ ଉତ୍ସବ ଚାଲିବ।



ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ। ବିଭୁ, ଆକାଂକ୍ଷା ନୃତ୍ୟ ପରିବେଷଣ କରୁଛନ୍ତି।

## ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍: ଏମ୍‌ସ ଭୁବନେଶ୍ୱର ଶ୍ରେଷ୍ଠ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ

ଭୁବନେଶ୍ୱର, ୨୩।୧(ବନ୍ଦନା ସେଠୀ)

ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍) ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ଏମ୍‌ସ ଭୁବନେଶ୍ୱରକୁ ଶ୍ରେଷ୍ଠ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍ଏଚ୍ଏ) ଦ୍ୱାରା ଜାନୁଆରୀ ୧୯ ଏବଂ ୨୦ରେ ଭୁବନେଶ୍ୱରରେ ଅନୁଷ୍ଠିତ ଚିନ୍ତନ ଶିବିରରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ଏବଂ ଆଇଟି କମିଟି ଅଧ୍ୟକ୍ଷ ଡ. ମନୋଜ କୁମାର ମହାନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଦୁଇଦିନିଆ ଚିନ୍ତନ ଶିବିରରେ ଦେଶବ୍ୟାପୀ ବରିଷ୍ଠ ନୀତି ନିର୍ଦ୍ଧାରକ ଓ ସ୍ୱାସ୍ଥ୍ୟ ପ୍ରଶାସକମାନେ ଏବିଡିଏମ୍ ଅଧୀନରେ ଡିଜିଟାଲ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିବା ସହ ଭବିଷ୍ୟତ ରୋଡମ୍ୟାପ ପ୍ରସ୍ତୁତ କରିଥିଲେ। ୨୭ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସାଗରିକା


@ ଲିଙ୍ଗରାଜ


@ ଗୋପୀନାଥ


@ ଶଶିକାନ୍ତ


@ ସତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଭିନ୍ନ ଭାଷାରେ ପ୍ରଦର୍ଶିତ ହେଲା ୭ ଚଳଚ୍ଚିତ୍ର

### ୧୫ତମ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବର ଦ୍ୱିତୀୟ ଦିବସ

ଭୁବନେଶ୍ୱର,୨୩।୧
(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ୧୫ତମ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ଆରମ୍ଭ ହୋଇଥିଲା ସମୀର ଜାଇଦିଙ୍କ ନିର୍ଦ୍ଦେଶିତ ଓ ପ୍ରସିଦ୍ଧ ବଲିଉଡ୍ ଚଳଚ୍ଚିତ୍ର ନିର୍ମାତା ବିଶାଲ ଭରଦ୍ୱାଜଙ୍କ ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ନିର୍ମିତ 'ଟୁ ସିନ୍‌ର୍ସ' ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ଏହାପରେ ଇଂଲିଶ୍ ଫିଲ୍ମ 'ଦ ଅନନୋନ୍ ଫିଲ୍ମ ମେକର' ଏବଂ ହିନ୍ଦୀ ଓ ମରାଠୀ ଭାଷାରେ ନିର୍ମିତ 'ସମାବେଗ-ପସାଦ' ନାମକ ୨ଟି ଶର୍ଟ ଫିଲ୍ମ ପ୍ରଦର୍ଶିତ ହୋଇଥିଲା, ଯାହା ଦର୍ଶକଙ୍କୁ ନୂଆ ଦୃଷ୍ଟିକୋଣ ଓ ସୃଜନାତ୍ମକ ଭାବନାର ସହ ପରିଚିତ କରାଇଥିଲା। ସେହିପରି ମାଲୟଲାମ୍ ନିର୍ଦ୍ଦେଶକ ଅଦୋର ଗୋପାଳକୃଷ୍ଣନଙ୍କ ରେଟ୍ରୋସ୍ପେକ୍ଟିଭ୍ ଭାବେ ମାଲୟଲାମ୍ ଫିଲ୍ମ 'ଏଲିପଥୟମ୍' (୧୯୮୨) ପ୍ରଦର୍ଶିତ ହୋଇଥିଲା। ସାମାଜିକ ଓ ମନୋବୈଜ୍ଞାନିକ ଦ୍ୱନ୍ଦ୍ୱକୁ ସୂକ୍ଷ୍ମ ଭାବରେ ଦର୍ଶାଉଥିବା ଏହି ଚଳଚ୍ଚିତ୍ରଟି ଏକ ଜମିଦାରୀ ପରିବାରର କାହାଣୀ ମାଧ୍ୟମରେ ସମୟର ପରିବର୍ତ୍ତନ, ଅସ୍ଥିରତା ଓ ମାନସିକ ଅସନ୍ତୁଳନକୁ ଗଭୀରତାର ସହ ଦେଖାଇଛି। ପରେ ପ୍ରଦୀପ୍ତ ଭଟ୍ଟାଚାର୍ଯ୍ୟଙ୍କ ବଙ୍ଗଳା ଫିଲ୍ମ 'ନାଧାରେର୍ ଭେଲା' ପ୍ରଦର୍ଶିତ ହୋଇଥିଲା। ଏଥିସହ ଋତ୍ୱିକ୍ ଘଟକଙ୍କ ଶତବାର୍ଷିକୀ ଅବସରରେ ତାଙ୍କ ବଙ୍ଗଳା ଚଳଚ୍ଚିତ୍ର 'ମେଘେ ଢାକା ତାରା' ପ୍ରଦର୍ଶିତ ହୋଇଥିଲା। ଶେଷରେ ଅଦୂର ଗୋପାଳକୃଷ୍ଣନ୍‌ଙ୍କ ମାଲାୟଲମ୍ ଚଳଚ୍ଚିତ୍ର 'କଥାପୁରୁଶନ୍' ପ୍ରଦର୍ଶିତ ହୋଇଥିଲା। ଉତ୍ସବରେ ସେଞ୍ଚୁରିଅନ ୟୁନିଭର୍ସିଟିର ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ ଚଳଚ୍ଚିତ୍ର ନିର୍ମାତା, ଅଭିନେତା, ଚଳଚ୍ଚିତ୍ର ଗବେଷକ, ସମାଲୋଚକ ଓ ସିନେପ୍ରେମୀ ମଧ୍ୟ ଉପସ୍ଥିତ ଥିଲେ। ଏହା ଆସନ୍ତା ୨୮ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ରହିଛି। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏହାର ମିଡ଼ିଆ ପାର୍ଟନର୍ ରହିଛି।

## ଆମ୍ବଡାଳ ଆଣିବା ବେଳେ ଛାତରୁ ପଡ଼ି ଯୁବକ ମୃତ

ଭୁବନେଶ୍ୱର,୨୩।୧
(ତ୍ରିନାଥ ମହାନ୍ତି)

ସରସ୍ୱତୀ ପୂଜା ପାଇଁ ଛାତରୁ ଆମ୍ବଡ଼ାଳ ଆଣିବା ସମୟରେ ଛାତରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ନୂଆପଲ୍ଲୀ ଥାନା ବିଡବ୍ଲ୍ୟୁଡି ସରକାରୀ କ୍ୱାଟର୍ସରେ ଏହି ଘଟଣା ଘଟିଛି। ମୃତକ ହେଲେ ବଳଭଦ୍ର ସବର। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ଶୁକ୍ରବାର ସକାଳ ୯ଟାରେ ବିଡବ୍ଲ୍ୟୁଡି ଅଫିସରେ ସରସ୍ୱତୀ ପୂଜା ହେଉଥିଲା। ତେଣୁ ଏହାର ପ୍ରସ୍ତୁତି ପାଇଁ ବଳଭଦ୍ର ଆମ୍ବଡ଼ାଳ ଆଣିବା ପାଇଁ ୨ ତାଲା ବିଡବ୍ଲ୍ୟୁଡି ଘରର ୨ ତାଲା ଛାତ ଉପରକୁ ଯାଇଥିଲେ। ଆମ୍ବଡାଳ ଭାଙ୍ଗିବା ବେଳେ ଅସାବଧାନତାବଶତଃ ତଳକୁ ବଳଭଦ୍ର ଖସି ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡ ମାଡ଼ ହେବାରୁ ମୃତ୍ୟୁ ଘଟିଥିଲା।

ଭାରତ ସରକାର

ସଶକ୍ତ ଯୁବବର୍ଗ, ବିକଶିତ ଭାରତର ପରିଚୟ



ସରକାରୀ ସେବା ମାଧ୍ୟମରେ ଭାରତୀୟ ଯୁବଶକ୍ତିକୁ ସଶକ୍ତ କରିବାର ଏକ ରାଷ୍ଟ୍ରବ୍ୟାପୀ ପଦକ୍ଷେପ

ରୋଜଗାର ମେଳା

ସାରା ଦେଶର ୪୫ଟି ସ୍ଥାନରେ ସରକାରୀ ସେବାରେ ଯୋଗ ଦେବା ପାଇଁ ମନୋନୀତ ୬୧,୦୦୦ରୁ ଅଧିକ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବିତରଣ

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀଙ୍କ
ଦ୍ୱାରା

୨୪ ଜାନୁଆରୀ ୨୦୨୬ | ପୂର୍ବାହ୍ନ ୧୧.୦୦ ଘଟିକା

ଭିଡିଓ କନ୍‌ଫରେନ୍ସିଂ ଜରିଆରେ

କେନ୍ଦ୍ର ସରକାର ଏବଂ ସହଯୋଗୀ ରାଜ୍ୟ ସରକାର ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ଲକ୍ଷାଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି

ମହିଳା, ଦିବ୍ୟାଙ୍ଗଜନ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ପ୍ରାର୍ଥୀମାନଙ୍କ ପାଇଁ ବିଶେଷ ଲାଭ

ରାଷ୍ଟ୍ର ନିର୍ମାଣରେ ଯୁବବର୍ଗଙ୍କ ବର୍ଦ୍ଧିତ ଅଂଶଗ୍ରହଣ ମାଧ୍ୟମରେ 'ନାଗରିକ ପ୍ରଥମ' ମାର୍ଗର ସୁଦୃଢ଼ୀକରଣ

ସମାନ ସୁଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ୧୩ଟି ଆଞ୍ଚଳିକ ଭାଷାରେ ନିଯୁକ୍ତି ପରୀକ୍ଷା ସଞ୍ଚାଳନ କରାଯାଉଛି

ୟୁପିଏସ୍‌ସିର 'ପ୍ରତିଭା ସେତୁ' ଜରିଆରେ ପ୍ରତିଭାବାନ୍ ଯୁବବର୍ଗଙ୍କ ପାଇଁ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ସୁଯୋଗ

ସ୍ୱଚ୍ଛ ଏବଂ ସମୟବଦ୍ଧ ନିଯୁକ୍ତି ପ୍ରକ୍ରିୟା ତଥା ପ୍ରଶ୍ନପତ୍ର ପ୍ରଘଟ ବିରୁଦ୍ଧରେ କଠୋର ଆଇନ

ୟୁପିଏସ୍‌ସି, ଏସ୍‌ଏସ୍‌ସି, ଆର୍‌ଆର୍‌ବି ତଥା ଆଇବିପିଏସ୍ ଭଳି ଖ୍ୟାତନାମା ଏଜେନ୍ସି ଜରିଆରେ ନିଯୁକ୍ତି

iGOT-କର୍ମଯୋଗୀ ପୋର୍ଟାଲରେ ୪୨୦୦ରୁ ଅଧିକ ଉଚ୍ଚ ଗୁଣବତ୍ତାବିଶିଷ୍ଟ ଇ-ଶିକ୍ଷଣ ପାଠ୍ୟକ୍ରମ ଜରିଆରେ ୧.୪୭ କୋଟିରୁ ଅଧିକ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି

CBC 19101/13/0029/2526

DD NEWS ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ

ପ୍ରଶିକ୍ଷଣ ଉପରେ ଅଧିକ ସୂଚନା ପାଇଁ, ପରିଦର୍ଶନ କରନ୍ତୁ: https://portal.igotkarmayogi.gov.in କିମ୍ବା QR କୋଡ୍ ସ୍କାନ୍ କରନ୍ତୁ।

**୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି**

**ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟି ଶୂନ୍ୟ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର,୨୩।୧(ରବି ନାରାୟଣ ଜେନା):** ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ ଫେବୃୟାରୀ ୨ରୁ ୭ ପର୍ଯ୍ୟନ୍ତ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତେବେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ଲାଗି ଉପସ୍ଥିତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ପୁରୀ, ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।



ପୁରୀ ଶ୍ରୀମନ୍ଦିର ରଥଖଳାଠାରେ ଶୁକ୍ରବାର ସରସ୍ୱତୀ ପୂଜା ଅବସରରେ ରଥକାଠ ଅନୁକୂଳ କରାଯାଉଛି।

# 'ଟିଟିଏ'କୁ ଗୁରୁତ୍ୱ ଦିଅ: ଜ୍ଞାନେଶ କୁମାର

## ଆଇଆଇସିଡିଇଏମ୍-୨୦୨୬ ସମ୍ମିଳନୀ ଉଦ୍‌ଯାପିତ

**ଭୁବନେଶ୍ୱର,୨୩।୧(ରବିନାରାୟଣ ଜେନା)**

ନିର୍ବାଚନ ପରିଚାଳନା ବେଳେ ୩ଟି ଦିଗକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଟାବୁଲେଶନ,ଟ୍ରାନ୍ସପରେନ୍ସି ଓ ଆକ୍ୟୁରାସି(ଟିଟିଏ)କୁ ଆଧାରକରି ନିର୍ବାଚନ କାର୍ଯ୍ୟ ପରିଚାଳନା କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି। ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଜିତ ୩ ଦିନିଆ 'ଇଣ୍ଡିଆ ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସ ଅନ୍ ଡେମୋକ୍ରାସି ଆଣ୍ଡ୍ ଇଲେକ୍ସନ୍ ମ୍ୟାନେଜ୍‌ମେଣ୍ଟ (ଆଇଆଇସିଡିଇଏମ୍)-୨୦୨୬'ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ଜ୍ଞାନେଶ କହିଛନ୍ତି, ନିର୍ବାଚନ ତାଲିକାର ସ୍ୱଚ୍ଛତା, ନିର୍ବାଚନ ପରିଚାଳନା, ଗବେଷଣା ଏବଂ ପ୍ରକାଶନ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ତାଲିମ ହିଁ ନିର୍ବାଚନ ସଂସ୍କାରର ମୂଳମନ୍ତ୍ର। ଏହା ଯେପରି କାର୍ଯ୍ୟକ୍ଷେତ୍ରରେ ଠିକଣା ଭାବେ କାର୍ଯ୍ୟକାରୀ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ। ଏହି ଅବସରରେ ଜ୍ଞାନେଶ କୁମାର ଘୋଷଣାପତ୍ରର ୫ଟି ସ୍ତମ୍ଭ ଉପରେ ଏକତ୍ର କାମ କରିବାକୁ ଅଂଶଗ୍ରହଣକାରୀଙ୍କୁ ସଂକଳ୍ପ କରିବା ସହିତ ଦିଲ୍ଲୀ ଘୋଷଣା-୨୦୨୬ ପାଠ କରିଥିଲେ। ସେ କହିଛନ୍ତି, ସମୟ ସମୟରେ ନିର୍ବାଚନ ସଂକ୍ରାନ୍ତୀୟ ପ୍ରଗତି ସମୀକ୍ଷା କରିବାକୁ ହେବ। ଏଥିପାଇଁ ଡିସେମ୍ବର ୩, ୪ ଏବଂ ୫ରେ ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ୍ ଇଲେକ୍ସନ୍ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍)ରେ ସାକ୍ଷାତ୍ କରିବାକୁ ପ୍ରସ୍ତାବ ରହିଛି। ଏହି ଅବସରରେ ନିର୍ବାଚନ ପରିଚାଳନା ସଂସ୍ଥାମାନେ ବିଶ୍ୱର ଗଣତନ୍ତ୍ର ଉପରେ ଏକ ସହ-ସଂଯୋଜିତ ଏନ୍‌ସାଇକ୍ଲୋପିଡିଆ, ଅନ୍ତର୍ଜାତୀୟ ଆଇଡିଇଏ ଦ୍ୱାରା ପରିଚାଳିତ ହେଉଥିବା ୭ଟି ବିଷୟବସ୍ତୁ ଉପରେ ଏକ ବ୍ୟାପକ ରିପୋର୍ଟ ଏବଂ ଆଇଆଇଆଇଡିଇଏମ୍ ଦ୍ୱାରା ପରିଚାଳିତ ୩୬ଟି ବିଷୟବସ୍ତୁ ପ୍ରକାଶ କରିବାକୁ ସଂକଳ୍ପ ନେଇଛନ୍ତି। କାର୍ଯ୍ୟକ୍ରମରେ ନିର୍ବାଚନ କମିଶନର ଡ. ସୁଖବୀର ସିଂହ ସାନ୍ଧୁ କହିଛନ୍ତି, ସ୍ୱଚ୍ଛତା, ପାରସ୍ପରିକ ସମ୍ମାନ ଏବଂ ପରସ୍ପରଠାରୁ ଶିଖିବାର ଇଚ୍ଛା ବିଶ୍ୱ ନିର୍ବାଚନ ସମ୍ପ୍ରଦାୟର ପରିପକ୍ୱତା ଏବଂ ବୃତ୍ତିଗତତାକୁ ପ୍ରତିଫଳିତ କରୁଛି। ସେହିପରି କମିଶନର ଡ. ବିବେକ ଯୋଶୀ କହିଛନ୍ତି, ଇସିଆଇ. ନେଟ୍‌ର ଶୁଭାରମ୍ଭ ଭାରତୀୟ ପ୍ରଯୁକ୍ତିବିଦ୍ୟା ଉନ୍ନତିର ପ୍ରତୀକ। ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ନାଗରିକଙ୍କ ବିଶ୍ୱାସ ଓ ସମର୍ଥନ ବୃଦ୍ଧିପାଇବ। ଏହି ତିନିଦିନିଆ ସମ୍ମିଳନୀ ପ୍ରଥମ ଏବଂ ସର୍ବବୃହତ୍। ଯେଉଁଥିରେ ୪୨ ନିର୍ବାଚନ ପରିଚାଳନା ସଂସ୍ଥାର ଅନ୍ତର୍ଜାତୀୟ ପ୍ରତିନିଧି ଏବଂ ୨୭ ଦେଶର ମିଶନ ମୁଖ୍ୟଙ୍କ ସମେତ ପ୍ରାୟ ୧୦୦୦ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସମ୍ମିଳନୀର ଦ୍ୱିତୀୟ ଦିବସରେ ଇସିଆଇ ନେଟ୍‌ର ଶୁଭାରମ୍ଭ ହୋଇଥିଲା, ଯାହା ସମସ୍ତ ନିର୍ବାଚନ ସମ୍ବନ୍ଧୀୟ ସୂଚନା ଏବଂ ସେବା ପାଇଁ ଏକକ ଡିଜିଟାଲ୍ ପ୍ଲାଟଫର୍ମ। ଓଡ଼ିଶାରୁ ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଡେପୁଟି ସିଇଓ ଅନାମିକା ସିଂ ଏବଂ ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସରେ ଆମିଷ ବିକ୍ରିକୁ ବାରଣ

**କୋରାପୁଟ/ନନ୍ଦପୁର,୨୩।୧(ଅମିତାଭ ବେହେରା/ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ଜିଲାରେ ଆମିଷ ବିକ୍ରିକୁ ବାରଣ କରିବା ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ନେଇ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ କାର୍ଯ୍ୟାଳୟ(ଜେନେରାଲ ମିସଲେନିଅସ୍) ପକ୍ଷରୁ ପତ୍ର ସଂଖ୍ୟା ୩୧ ତା୨୩।୧।୨୦୨୬ରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିରେ ଜିଲାର କାର୍ଯ୍ୟରତ ତହସିଲଦାର, ବିଡିଓ ଏବଂ ପୌରାଞ୍ଚଳ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରେ ମାଛ, ମାଂସ ଓ ଅଣ୍ଡା ଭଳି ଆମିଷ ସାମଗ୍ରୀ ବିକ୍ରି ନ ହେବା ଓ ଅମାନିଆଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ୯ ମାଓବାଦୀ

**ମାଲକାନଗିରି,୨୩।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ଧମତରୀ ପୋଲିସ ନିକଟରେ ଶୁକ୍ରବାର ୯ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭ ମହିଳା ମାଓବାଦୀ। ଏମାନଙ୍କ ଉପରେ ୪୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଛତିଶଗଡ଼ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମୁଖ୍ୟସ୍ରୋତକୁ ଫେରିବାକୁ ଚାହିଁଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି।

## ଗଣମାଧ୍ୟମ ପ୍ରତିନିଧି ରାମ କୁମାର ଅଗ୍ରୱାଲଙ୍କ ପରଲୋକ



**ବଲାଙ୍ଗୀର,୨୩।୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ରାମ କୁମାର ଅଗ୍ରୱାଲ(୭୯)ଙ୍କ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଘରେ ଥିଲେ। ୧୯୪୭ ମସିହାରେ ଜନ୍ମଗ୍ରହଣ କରିଥିବା ରାମ କୁମାର ୭୦ ଦଶକ ଆରମ୍ଭରୁ ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ରହିଥିଲେ। 'ଧରିତ୍ରୀ' ସମେତ ପ୍ରତିଷ୍ଠିତ ଇଂଲିଶ ଖବରକାଗଜ, ହିନ୍ଦୀ ଖବରକାଗଜ, ଆକାଶବାଣୀ, ଦୂରଦର୍ଶନରେ ବହୁ ବର୍ଷ ଧରି ସେ ଖବର ପରିବେଷଣ କରିଥିଲେ। ତାଙ୍କ ସ୍ତ୍ରୀ, ପୁତ୍ର ଡା. ସଞ୍ଜୀବ କୁମାର ଅଗ୍ରୱାଲ, ବୋହୂ, ନାତୁଣୀନାତି ଓ ପରିବାରର ଅନ୍ୟ ସଦସ୍ୟ ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର, ଅନଙ୍ଗ ଉଦୟ ସିଂଦେଓ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଶନିବାର ଅପରାହ୍ନରେ ସ୍ଥାନୀୟ ବିଭୂତିପଡ଼ା ଶ୍ମଶାନରେ ମୃତଦେହ ସତ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ମନ୍ତ୍ରୀଙ୍କ ଆତ୍ମବିଶ୍ୱାସ, ଏକାଠି ହେବେନି

**ଭୁବନେଶ୍ୱର,୨୩।୧(ସୁଜିତ୍ ମିଶ୍ର)**

ରାଜ୍ୟରେ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ଆସନ ପାଇଁ ଆଉ ବେଶି ସମୟ ନାହିଁ। ଏବେଠାରୁ ରାଜ୍ୟ ସଭାର ଚତୁର୍ଥ ଆସନ କିଏ ହାସଲ କରିବ ତାକୁ ନେଇ ଓଡ଼ିଶାର ୩ ପ୍ରମୁଖ ଦଳ ଭିତରେ ଅଙ୍କକଷା ହୋଇସାରିଛି। ଏହି ବେଳେ ରାଜ୍ୟର ବରିଷ୍ଠ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମନ୍ତବ୍ୟକୁ ନେଇ ବିଜେଡି ଏବଂ କଂଗ୍ରେସ ଶିବିରରେ ନୂଆ ଗୁଞ୍ଜରଣ ଆରମ୍ଭ ହୋଇଛି। ସେ କହିଛନ୍ତି, ଚତୁର୍ଥ ରାଜ୍ୟ ସଭା ଆସନ ମଧ୍ୟ ଭାଜପା ଖାତାକୁ ଯିବ। ଶାସକ ଦଳ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ବିନା ହିସାବରେ ବାହାରକୁ ଆସି ନ ପାରେ। ଏପରି ସ୍ଥିତିରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର କହିଛନ୍ତି, ରାଜ୍ୟ ସଭା ନିର୍ବାଚନରେ ଦଳ ପ୍ରାର୍ଥୀ ଦେବ। ହାର୍ ଜିତ୍‌କୁ ଭୟ ନାହିଁ। ଆବଶ୍ୟକ ସଂଖ୍ୟା ନ ଥିବା ସତ୍ତ୍ୱେ ୩ରୁ ୪ ଜଣଙ୍କ ନାଁ ସ୍ଥିର ହୋଇଛି। ଏନେଇ ହାଇକମାଣ୍ଡଙ୍କ ସହ ଆଲୋଚନା ହେବ। ଦଳ ଭିତରୁ କିମ୍ବା ବାହାରୁ କାହାକୁ ଜଣେ ପ୍ରାର୍ଥୀ କରାଯାଇପାରେ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଗୋଟିଏ ରାଜ୍ୟ ସଭା ଆସନ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୩୦ ଖଣ୍ଡ ଭୋଟର ଆବଶ୍ୟକତା ପଡ଼ିବ। ଗୋଟେ ବିଜେଡି ଏବଂ ୨ଟି ଭାଜପା ଖାତାକୁ ଯିବା ଭଳି ସବୁପ୍ରକାର ସରଳ ହିସାବ ରହିଛି। ଚତୁର୍ଥ ଆସନ ଲାଗି ବିଜେଡି ଏବଂ କଂଗ୍ରେସ ଯଦି ଏକାଠି ହୁଅନ୍ତି ତେବେ ତାହା ଶାସକ ଦଳ ପାଖକୁ ଯିବା ସମ୍ଭାବନା ରହିବ ନାହିଁ। ସେଥିଲେ ପୃଥ୍ୱୀରାଜ ଆତ୍ମବିଶ୍ୱାସର ସହ ଯେଉଁ ଚତୁର୍ଥ ଆସନ ଭାଜପା ନେବ ବୋଲି କହିଲେ ତାକୁ ନେଇ ରାଜନୈତିକ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ବିଜେଡି କୌଣସିମତେ କଂଗ୍ରେସଙ୍କୁ ସମର୍ଥନ ଦେବ ନାହିଁ। ସରଳ ଭାବେ କଂଗ୍ରେସ ପାଖରେ ସଂଖ୍ୟା ନ ଥିବାବେଳେ ସେକେଣ୍ଡ ପ୍ରିଫରେନ୍ସ ଭୋଟ ଜରିଆରେ ଭାଜପା ସଫଳତା ପାଇପାରେ। ଅନ୍ୟପଟେ କ୍ରସ୍ ଭୋଟିଂର ସମ୍ଭାବନା ଯଦି ସୃଷ୍ଟି ହୁଏ, ତେବେ ତାହା ବିଜେଡି ଏବଂ କଂଗ୍ରେସ ଦଳରେ ହେବା ସମ୍ଭାବନା ଅଧିକ ବୋଲି ଏବେଠାରୁ ଆକଳନ କରାଯାଉଛି।

## ବିଶ୍ୱ ଐତିହ୍ୟ ତାଲିକାରେ ଯୋଡ଼ିହେବ ହୀରକ ତ୍ରିଭୁଜ

**ଚଣ୍ଡିଖୋଲ,୨୩।୧(ପ୍ରଦୀପ୍ତ କୁମାର ପୃଷ୍ଟି)**

ହୀରକ ତ୍ରିଭୁଜ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି, ରତ୍ନଗିରି ଓ ଲଳିତଗିରି ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବାକୁ ଯାଉଛି। ୟୁନେସ୍କୋ ନିର୍ଦ୍ଦେଶକ ଲାଜାରେ ଇଲୋଣ୍ଡୋଉ ଆସମୋ ଏହାର ସ୍ଥାୟୀ ସଦସ୍ୟ ତଥା ଆମ୍ବାସଡର ବିଶାଳ ଭି. ଶର୍ମାଙ୍କୁ ଜାନୁଆରୀ ୨୧ରେ ପତ୍ରଲେଖି ଏହି ସ୍ୱୀକୃତି ସଂକ୍ରାନ୍ତ ଅନୁମୋଦନ ପତ୍ର ପଠାଇଛନ୍ତି।

ଓଡ଼ିଶାର ବୌଦ୍ଧପୀଠକୁ ୟୁନେସ୍କୋ ଐତିହ୍ୟ ତାଲିକାଭୁକ୍ତ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସଆଇ) ୮ମାସ ତଳେ ଆବେଦନ କରିଥିଲା। ଏଥିପାଇଁ ଏହାର ଗାଇଡ୍‌ଲାଇନ ସହ ଅନୁଧ୍ୟାନ ପରେ ପରୀକ୍ଷାମୂଳକ ତାଲିକାରେ ଏହାକୁ ସାମିଲ କରାଯାଇଥିବା ୟୁନେସ୍କୋ ନିର୍ଦ୍ଦେଶକ ଅବଗତ କରାଇଛନ୍ତି।

ଯାଜପୁର ଜିଲାରେ ଉଦୟଗିରି ଓ ରତ୍ନଗିରି ରହିଥିବାବେଳେ କଟକ ଜିଲାରେ ଲଳିତଗିରି ରହିଛି। ଏହି ପ୍ରାଚୀନ ବୌଦ୍ଧ ପୀଠରୁ ଖ୍ରୀଷ୍ଟୀୟ ୨ୟ ଶତାବ୍ଦୀରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ସମୟର ବହୁ ପ୍ରାଚୀନ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି। ସରକାରଙ୍କ ପକ୍ଷରୁ ବହୁବାର ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ କରାଯାଇଛି। ଗତ ଦୁଇ ବର୍ଷ ହେବ ଉଦୟଗିରିଠାରେ ଗୁରୁ ପଦ୍ମ ସମ୍ଭବ ସମାବେଶ କରାଯାଉଛି। ଦ୍ୱିତୀୟ ବୁଦ୍ଧ କୁହାଯାଉଥିବା ପଦ୍ମସମ୍ଭବ କିମ୍ବା ପ୍ରଥମ ଗୁରୁ ଭାବେ ପରିଚିତ ପଦ୍ମସମ୍ଭବଙ୍କ ଦେହାବଶେଷ ଉଦୟଗିରିଠାରେ ହୋଇଥିବା ନେଇ ପ୍ରମାଣ ମିଳିଛି।

ୟୁନେସ୍କୋ ତାଲିକାରେ ୩ ବୌଦ୍ଧ ପୀଠ ସାମିଲ ହେବା ଲାଗି ଉଦ୍ୟମ ଓଡ଼ିଶା ପାଇଁ ଏକ ସ୍ମରଣୀୟ ସଫଳତା ବୋଲି ଏଏସ୍‌ଆଇର ପୂର୍ବତନ ମହାନିର୍ଦ୍ଦେଶକ ପ୍ରଫେସର କିଶୋର ଚନ୍ଦ୍ର ବାସାଙ୍କ ପ୍ରଚେଷ୍ଟା ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବିଶ୍ୱ ଐତିହ୍ୟରେ ଯୋଡ଼ିହେବା ପାଇଁ ଲଳିତଗିରି, ଉଦୟଗିରି ଓ ରତ୍ନଗିରି ପ୍ରାରମ୍ଭିକ ଯୋଗ୍ୟ ବିବେଚିତ ହେଲାବୋଲି ପୁରୀ ସର୍କଲର ପ୍ରତ୍ନତାତ୍ତ୍ୱିକ ବିଭାଗ ଅଧୀକ୍ଷକ ତ୍ରିବିଷଦ ବ୍ରଜସୁନ୍ଦର ଗଡ଼ନାୟକ ପ୍ରକାଶ କରିଛନ୍ତି।

# ମତ୍ସ୍ୟ, ପ୍ରାଣୀ ପାଳନରେ ଟେକ୍ନୋଲୋଜି ଉପଯୋଗ କର: ରାଜ୍ୟପାଳ

**ସରିଲା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ**

**ଭୁବନେଶ୍ୱର,୨୩।୧(ଅନୁରାଧା ମହାରଣା)**

ଯୁବପିଢ଼ି ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନରେ ଆଧୁନିକ ଟେକ୍ନୋଲୋଜି ଉପଯୋଗ କରନ୍ତୁ। ଏହାକୁ ଲାଭଦାୟକ କ୍ଷେତ୍ର ଭାବରେ ଅନୁସନ୍ଧାନ କରିବା ସହ ଏ କ୍ଷେତ୍ରରେ ଉଦ୍ୟୋଗ ସୃଷ୍ଟି କରନ୍ତୁ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ୩ଦିନିଆ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏହି ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ କହିଲେ, ମାଛ ଚାଷ ଏବଂ ପ୍ରାଣୀ ପାଳନ ଆଉ ପାରମ୍ପରିକ ପ୍ରଥା ମଧ୍ୟରେ ସୀମିତ ରହିନାହିଁ। ଏହା ମାଛ ହ୍ୟାଚେରୀ, ମାଛ ଚାଷ ଲଜିଷ୍ଟିକ୍ସ, ଦୁଗ୍ଧ ୟୁନିଟ୍, କୁକୁଡ଼ା ଫାର୍ମ, ଖାଦ୍ୟ ଉତ୍ପାଦନ ଓ ପ୍ରକ୍ରିୟାକରଣ ୟୁନିଟ୍, ପାଳିତ ପ୍ରାଣୀର ଯତ୍ନ ଆଦିର ସୁଯୋଗ ପ୍ରଦାନ କରୁଛି। ଗତିଶୀଳ କ୍ଷେତ୍ରରେ ପରିଣତ ହୋଇଛି। ଦକ୍ଷତା ବିକାଶ ଏବଂ ନବସୃଜନକୁ ଆପଣାଇ ଯୁବ ଗୋଷ୍ଠୀ ସଫଳ ଉଦ୍ୟୋଗ ସୃଷ୍ଟି କରିପାରିବେ ଏବଂ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇପାରିବେ। ମତ୍ସ୍ୟ ଚାଷ ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ଶତାବ୍ଦୀ ଶତାବ୍ଦୀ ଧରି ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିଆସିଛି, ଗ୍ରାମୀଣ ଜୀବିକାକୁ ସମର୍ଥନ କରୁଛି ଏବଂ ଅର୍ଥନୀତିକୁ ସୁଦୃଢ଼ କରୁଛି। ଏହି କ୍ଷେତ୍ରର ଅଭିବୃଦ୍ଧି ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ବିକଶିତ ଭାରତର ବୃହତ୍ ଜାତୀୟ ଲକ୍ଷ୍ୟରେ ଯୋଗଦାନ ଦେଉଛି। ଓଡ଼ିଶାର ବିସ୍ତୀର୍ଣ୍ଣ ଉପକୂଳ ଓ ପ୍ରଚୁର ଜଳସମ୍ପଦ ଥିବାରୁ ପରିଶ୍ରମୀ ଚାଷୀଙ୍କ ପାଇଁ ମତ୍ସ୍ୟଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ପ୍ରକ୍ରିୟାକରଣ ୟୁନିଟ୍, ଶୀତଳ ଭଣ୍ଡାର ଏବଂ ଉତ୍ତମ ବିପଣନ ସୁବିଧାର ବିକାଶରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ଓଡ଼ିଶାକୁ ପ୍ରାଣୀ ଏବଂ ମତ୍ସ୍ୟ ଉତ୍ପାଦର ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହେବାରେ ସାହାଯ୍ୟ କରିପାରିବ ବୋଲି ରାଜ୍ୟପାଳ କହିଥିଲେ।

ସମ୍ମାନିତ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଚାଷୀ ଓ ଉଦ୍ୟୋଗୀଙ୍କ ପାଇଁ ଉପାଦେୟ କଥା କହିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଏବଂ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ।



ଉଦଯାପନୀ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଉପସ୍ଥିତ ଅଛନ୍ତି।

# ଧର୍ମଘଟ ପ୍ରତ୍ୟାହାର କଲା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ

**ମୁଖ୍ୟମନ୍ତ୍ରୀ ବସ୍ ସେବା ବିବାଦ ପ୍ରସଙ୍ଗ**

**କଟକ,୨୩।୧(କାର୍ତ୍ତିକ ସାହୁ)**

ମୁଖ୍ୟମନ୍ତ୍ରୀ ବସ୍ ସେବା ବିବାଦ ପ୍ରସଙ୍ଗରେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦିଆଯାଇଥିବା ଧର୍ମଘଟ ଡାକରାକୁ ପ୍ରତ୍ୟାହାର କରାଯାଇଛି। ଏନେଇ ରାଜ୍ୟ ସଂଘ ପକ୍ଷରୁ କଟକ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ବୈଠକ ପରେ ଘୋଷଣା କରାଯାଇଛି। ରାଜ୍ୟ ବସ୍ ମାଲିକ ସଂଘ ସଭାପତି ଲୋକନାଥ ପାଣି, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କଟକ ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଆଶିଷ କୁମାର ସାହୁଙ୍କ ସମେତ ପିନାକ ପାଣି ଷଡ଼ଙ୍ଗୀ, ବିବେକାନନ୍ଦ ଖଣ୍ଡାଇ, କିଶୋର ଚନ୍ଦ୍ର ବିଶ୍ୱାଳ, ମୁରଲୀଧର ବେହେରା, ମନୀଷ ବାରିକ, ପବିତ୍ରମୋହନ ଖଟୁଆ ଓ ଶିଶିର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାନୁସାରେ, ମୁଖ୍ୟମନ୍ତ୍ରୀ ବସ୍ ସେବା ପଞ୍ଚାୟତରୁ ବ୍ଲକ ସ୍ତରକୁ ଚାଲିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କେତେକ ଜାଗାରେ ଜିଲାପାଳମାନେ ଏହାକୁ ଅବମାନନା କରି ଜିଲା ମୁଖ୍ୟାଳୟକୁ ବସ୍ ଚଳାଉଥିଲେ। ଏ ବିଷୟରେ ରାଜ୍ୟ ବସ୍ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପାଇବା ପରେ ଗୁରୁବାର ପରିବହନ କମିଶନର ଅମିତାଭ ଠାକୁର ଘରୋଇ ବସ୍ ମାଲିକମାନଙ୍କ ଏକ ବୈଠକ ଗୁରୁବାର ଡାକିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, କୌଣସି ଜିଲାରେ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବା ନେଇ ଏକ କମିଟି ଗଠନ କରାଯିବ। ଉକ୍ତ କମିଟିରେ ଜିଲାପାଳ, ଆଞ୍ଚଳିକ ପରିବହନ ଅଧିକାରୀ, ଓଟିଏମ୍ ଓ ଆଞ୍ଚଳିକ ବସ୍ ସଂଘର ପ୍ରତିନିଧିମାନେ ସଭ୍ୟ ରହିବେ। ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳର ମାର୍ଗ ସଂକ୍ରାନ୍ତରେ କମିଟି ନିଷ୍ପତ୍ତି ଗ୍ରହଣ କରିବ। କୌଣସି ଆପତ୍ତି ରହିଲେ ପରିବହନ କମିଶନରଙ୍କ ପାଖରେ ସମୀକ୍ଷା କରି ସମାଧାନ କରାଯିବ। ଯଦି କୌଣସି ଜିଲାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଚଳାଚଳରେ ବ୍ୟତିକ୍ରମ କରୁଥାଏ, ତାହା ତୁରନ୍ତ ଗଠନ ହୋଇଥିବା କମିଟି ସଂଶୋଧନ କରି ନୂତନ ମାର୍ଗରେ ଚଳାଚଳ କରିବ। ଏହି ନିଷ୍ପତ୍ତିଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ରାଜ୍ୟ ମାଲିକ ସଂଘ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

## ପ୍ରଥମ ପୃଷ୍ଠାରେ...

### ପରଜଙ୍ଗରେ ପାଷ୍ଟରଙ୍କୁ...

ଏହି ସମୟରେ ତାଙ୍କୁ ମାରଧର କରାଯାଇଥିବା ଅଭିଯୋଗ ହୋଇଥିଲା। ଏସ୍‌ଆଇ ଦେବଗ୍ରାହୀ ମହାନ୍ତି ଓ ପୋଲିସ କର୍ମଚାରୀ ବିପିନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଏହି ଘଟଣାକୁ ନେଇ ବିପିନ ଓ ତାଙ୍କ ସ୍ତ୍ରୀ ବନ୍ଦନାଙ୍କ ସହ ଖ୍ରୀଷ୍ଟିଆନ ସଙ୍ଗଠନ ଗତ ୧୩ ତାରିଖରେ ଢେଙ୍କାନାଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ବିପିନଙ୍କୁ ମାଡ଼ ମାରିବା, ଚପଲ ମାଳ ପିନ୍ଧାଇବା ନେଇ ୧୩ ତାରିଖରେ ପରଜଙ୍ଗ ଥାନାରେ କେସ୍ ନଂ. ୪୧/୨୬ ରୁଜୁ କରାଯାଇଛି। ଏହି ଘଟଣାରେ ପୋଲିସ ବିଏନ୍‌ଏସ୍‌ଏସ୍ ଦଫା ୩୫(୩) ଅନୁଯାୟୀ ୪ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କୁ ଥାନାରୁ ଜାମିନ୍‌ରେ ଛଡ଼ାଯାଇଥିଲା।

ଘଟଣାରେ ବିରୋଧୀ ଦଳଗୁଡ଼ିକ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ସରକାରଙ୍କ ଲଗାତର ନୀରବତା ଯୋଗୁ ଅପରାଧୀମାନେ ସାହସ ପାଉଛନ୍ତି। ତେଣୁ ଶାହା ଏଥିରେ ହସ୍ତକ୍ଷେପ କରି ଅପରାଧୀମାନଙ୍କୁ ଗିରଫ କରାନ୍ତୁ ବୋଲି ବେଣୁଗୋପାଳ ଏଥିରେ ଉଲ୍ଲେଖ କରିଛନ୍ତି। ସେହିପରି ମେଘାଳୟ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଅଧ୍ୟକ୍ଷ କନରାଡ୍ ସାଙ୍ଗମା ଏହାକୁ ନେଇ ସୋସିଆଲ ମିଡିଆରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିପିନଙ୍କୁ ଗୋବର ଖୁଆଇ ଆକ୍ରମଣ କରିବା ସମ୍ବିଧାନ ପ୍ରଦତ୍ତ ଅଧିକାରର ଉଲ୍ଲଂଘନ ବୋଲି ସେ ଅଭିହିତ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ କହିଛନ୍ତି, ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଘଟଣା ବଢ଼ିଚାଲିଛି। ଏହା ସାମ୍ବିଧାନିକ ଅଧିକାରର ଖୋଲା ଉଲ୍ଲଂଘନ।

### ସରସ୍ୱତୀ ପୂଜାରେ...

ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଅତିରିକ୍ତ ସିଟି ଡିଏସ୍‌ପିଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ଉପସ୍ଥିତ ଥିଲେ।

### ଫାଇନାଲରେ କଳିଙ୍ଗ...

ଯାହାକୁ ହେଣ୍ଡ୍ରିକ୍ସ ଗୋଲରେ ପରିଣତ କରିଥିଲେ। ଏହି ଗୋଲ ଯୋଗୁ ଦଳ ପ୍ରଥମ କ୍ୱାର୍ଟର ପର୍ଯ୍ୟନ୍ତ ୧-୦ ଗୋଲରେ ଆଗରେ ରହିଥିଲା। ଏହି ଧାରା ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା। ତୃତୀୟ କ୍ୱାର୍ଟରର ଦ୍ୱିତୀୟ ମିନିଟ୍‌ରେ ଲାନ୍ସର୍ସକୁ ମିଳିଥିବା ଏକ ପିସିକୁ ହେଣ୍ଡ୍ରିକ୍ସ (୩୨ତମ) ଗୋଲରେ କନଭର୍ଟ କରି ଦଳକୁ ୨-୦ର ଅଗ୍ରଣୀ ଆଣି ଦେଇଥିଲେ। ଏହାର ୮ ମିନିଟ୍ ପରେ ରୟାଲ୍ସକୁ ମିଳିଥିବା ପିସିକୁ ମନଦୀପ ସିଂ ଗୋଲରେ ପରିଣତ କରି ଦଳ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ଫଳରେ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ଲାନ୍ସର୍ସ ୨-୧ ଗୋଲରେ ଆଗରେ ରହିଥିଲା। ଶେଷ କ୍ୱାର୍ଟରରେ ରାଞ୍ଚି ରୟାଲ୍ସ ପକ୍ଷରୁ ଭରପୂର ପ୍ରୟାସ କରାଯାଇଥିଲା, ହେଲେ ତାହା ସ୍କୋର ଲାଇନକୁ ପ୍ରଭାବିତ କରିପାରି ନ ଥିଲା।

### ୭୦ଦିନରେ ସରିବ...

ଆବେଦନ ତହସିଲଦାରଙ୍କ ନିକଟକୁ ଆସୁଛି। ସେସବୁକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରାଯାଉଛି ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି।

ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଯଦି କୌଣସି ତହସିଲଦାର ଏହିସବୁ ମାମଲା ପରିଚାଳନାବେଳେ ସାଧାରଣ ଲୋକଙ୍କ ସହିତ କୌଣସି ପ୍ରକାର ବ୍ୟତିକ୍ରମ କରନ୍ତି, ତେବେ ବିଭାଗ ଏହାକୁ ସାଂଘାତିକ ଭାବେ ନେବ। ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର ଏଭଳି କଡ଼ା ଆଭିମୁଖ୍ୟକୁ ନେଇ ତହସିଲଦାରଙ୍କ 'ରେସପନ୍ସ' ଭଲ ଆସୁଛି ବୋଲି ରାଜସ୍ୱ ବିଭାଗ ମହଲରୁ ଜଣାଯାଇଛି।

### ରୂପ୍‌ସାରେ ମାଲବାହୀ...

ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିଥିଲେ। ତେବେ କେଉଁ କାରଣରୁ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା ସେନେଇ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

ସୂଚନା ଯୋଗ୍ୟ, ଷ୍ଟେଶନର ମାଲଗୋଦାମ ପଟେ ସିମେଣ୍ଟ ଓ ସାର ଅନଲୋଡ଼ିଂ ସାରି ମାଲବାହୀ ଟ୍ରେନ୍ ବାଲେଶ୍ୱର ଅଭିମୁଖେ ଯାଉଥିଲା। ୭ନଂ. ଲାଇନ୍‌ରୁ ୬ନଂ. ଲାଇନ୍‌କୁ ଯାଉଥିବା ବେଳେ କ୍ରସ ଓଭର୍ ପଏଣ୍ଟ ନିକଟରେ ଟ୍ରେନ୍‌ର ୩ଟି ବଗି କୌଣସି କାରଣବଶତଃ ହଠାତ୍ ଲାଇନଚ୍ୟୁତ ହୋଇଥିଲା। ଖଡ଼ଗପୁର ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆର୍‌ଏମ୍) ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଡିଆର୍‌ଏମ୍‌ଙ୍କ ଉପସ୍ଥିତିରେ ଏଡିଆର୍‌ଏମ୍, କମର୍ସିଆଲ ଇନ୍ସପେକ୍ଟର, ବରିଷ୍ଠ ଅଧିକାରୀ, ବରିଷ୍ଠ ଯନ୍ତ୍ରୀ ପ୍ରମୁଖ ତତକ୍ଷଣାତ୍ ପହଞ୍ଚି ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୩ଘଣ୍ଟା ପରେ ସମସ୍ତ ମରାମତି କାର୍ଯ୍ୟ ଶେଷ ହୋଇ ଟ୍ରେନ୍ ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଘଟଣାର ଠିକ୍ କାରଣ ଅନୁଧ୍ୟାନ କରିବା ପାଇଁ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ତଦନ୍ତ ଜାରି ରଖିଛନ୍ତି।

### ଯୁବକଙ୍କୁ ଗୋଡ଼ାଇ...

ପାଖରେ ବାଇକ ଚଳାଇ ବୁଲାଉଥିବା ବେଳେ ସୋନୁ ଗୋଷ୍ଠୀ ତାଙ୍କୁ ଅଟକାଇ ଯୁକ୍ତିତର୍କ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ଫୋନ୍ କରି ଡାକିବା ପରେ ଗାଡ଼କଣରୁ ୪ଜଣ ଯୁବକ ବାଇକରେ ଖଣ୍ଡା ଧରି ଆସି ପହଞ୍ଚିଥିଲେ। ଆଉ ସୋନୁକୁ ହାବୁଡ଼ରେ ପାଇ ଗୋଡ଼ାଇ ଗୋଡାଇ ହାଣିଥିଲେ। ଏହା ଦେଖି ଅନ୍ୟ ଯୁବକମାନେ ଭୟରେ ସେଠାରୁ ଦୌଡ଼ି ପଳାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ସୋନୁଙ୍କ ଡାକ୍ତରଖାନା ପଠାଇବାର ବ୍ୟବସ୍ଥା କରିବା ସହ ଛାନ୍‌ଭିନ୍ ଚଳାଇଛି।


ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା।


ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକଠାରେ ମା' ସରସ୍ୱତୀଙ୍କ ପୂଜା କରାଯାଉଛି।


ୟୁନିଟ୍-୮ ଅଲ୍ ନ୍ୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ ୱେଲ୍‌ଫେୟାର ଆସୋସିଏଶନ।


ୟୁନିଟ୍-୯ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ୬୪ ଫୁଟ ଉଚ୍ଚର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।


ଧଉଳି ଚାରୁକଳା ମହାବିଦ୍ୟାଳୟ।


ନହରକଣ୍ଟା ସରସ୍ୱତୀ ଶିକ୍ଷା ମନ୍ଦିର।


ସତ୍ୟନଗରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର।


ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ।

# ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଦେଶ ସେବାର ତୁଳନା ନାହିଁ


ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ଭୁବନେଶ୍ୱର,୨୩।୧(ସୁଚିସ୍ମିତା ସାହୁ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଓ ବଳିଦାନ ଯୋଗୁ ଆଜି ଆମେ ସ୍ୱାଧୀନ ଭାରତର ନାଗରିକ ଭାବେ ଗର୍ବ ବୋଧ କରୁଛୁ। ଦୁଇ ସଂଗ୍ରାମୀଙ୍କ ବୀରତ୍ୱ, ନେତୃତ୍ୱ, ସାଂଗଠନିକ ଦକ୍ଷତା ଓ ଦେଶପ୍ରେମର କୌଣସି ତୁଳନା ନାହିଁ। ଯୁବପିଢ଼ି ଏହି ଆଦର୍ଶକୁ ଆତ୍ମସାତ କରି ନିଜ ପ୍ରତିଭାକୁ ଦକ୍ଷତାରେ ପରିଣତ କଲେ ରାଜ୍ୟ ଓ ଦେଶ ପାଇଁ ସୁନାମ ଅର୍ଜନ କରିପାରିବେ ବୋଲି ସେ କହିଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ କର୍ମମୟ ଜୀବନକୁ ଦେଶପ୍ରେମ, ବଳିଦାନ ଓ ନିଷ୍ଠାର ଅମର ପାଠ ବୋଲି ଅଭିହିତ କରିଥିଲେ। ଯୁବପିଢ଼ି ତାଙ୍କ ଆଦର୍ଶରୁ ପ୍ରେରଣା ନେଇ ଦେଶସେବା ଓ ସମାଜ ନିର୍ମାଣରେ ସକ୍ରିୟ ଭୂମିକା ନେବାକୁ ଆଗେଇ ଆସିବା ଆବଶ୍ୟକ ବୋଲି ସେ କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୬ ରୁ ୮ମ ଶ୍ରେଣୀ ବର୍ଗରେ ବିଶ୍ୱରଞ୍ଜନ ବାରିକ ପ୍ରଥମ, ପ୍ରିୟଙ୍କା ନାୟକ ଦ୍ୱିତୀୟ ଓ ସ୍ୱାଇଲ ବେଉରିଆ ତୃତୀୟ ପୁରସ୍କାର ପାଇଥିବାବେଳେ ୯ମ ଓ ୧୦ମ ଶ୍ରେଣୀ ବର୍ଗରେ ଏନ. ଶିବଚନ୍ଦନ ଆଚାର୍ଯ୍ୟ ପ୍ରଥମ, ବର୍ଷାରାଣୀ ବେହେରା ଦ୍ୱିତୀୟ ଓ ରଶ୍ମି ସାହୁ ତୃତୀୟ ପୁରସ୍କାର ଲାଭ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଆର୍ଥିକ ପରାମର୍ଶଦାତା-ସହ ଉପସଚିବ ପୃଥ୍ୱୀରାଜ ପାଣି, ଉପସଚିବ ପ୍ରଣବ କୁମାର ଦାସ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ, ସମର୍ପଣ ଦିବସ





ଭୁବନେଶ୍ୱର, ୨୩।୧ (ସୁଚିସ୍ମିତା ସାହୁ)

ରସୁଲଗଡ ଜିଜିପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସତୀ ପୂଜା ଅବସରରେ ମାତୃ ସମ୍ମିଳନୀ ଓ ସମର୍ପଣ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ୨୭୭ ଶିଶୁଙ୍କ ମା'ମାନେ ଯୋଗଦେଇ ଥିଲେ। ବିଦ୍ୟାଳୟର ଗୁରୁମା ଶୁଭଶ୍ରୀ ପ୍ରତିଭା ନନ୍ଦ ମାଆମାନଙ୍କୁ ପ୍ରଶିକ୍ଷଣ ଦେଇଥିବା ବେଳେ ପ୍ରତିଷ୍ଠାତା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବେହେରା ପରିବର୍ତ୍ତିତ ସମାଜରେ ମା'ମାନଙ୍କ କର୍ତ୍ତବ୍ୟ ଓ ଚିନ୍ତନ ଉପରେ ଆଲୋକପାତ କରିଥିଲେ। ଗୁରୁମା ମଧୁସ୍ମିତା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
ETCECONIIIBBS2025060,
ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଟିକା, **ପଢ଼ାଯିବା ଆବଶ୍ୟକ -** ତା.30.01.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-238/CI/25-26


# ଉପରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ



ଭୁବନେଶ୍ୱର,୨୩।୧(ସୁଚିସ୍ମିତା ସାହୁ)

ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କୁ ଶୁକ୍ରବାର ଲୋକଭବନଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଲୋକଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଏକ ଔପଚାରିକ ଭୋଜି ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଧର୍ମିଣୀ ଡା. ପ୍ରିୟଙ୍କା ମାରାଣ୍ଡି, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ଏମ୍‌ପି ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେଇ ଥିଲେ।

ଭୋଜନ ପରେ ରାଜ୍ୟପାଳ ଉପରାଷ୍ଟ୍ରପତିଙ୍କୁ ସମ୍ମାନ ସୂଚକ ଭାବେ ଔପଚାରିକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ପରିବେଷିତ ଲାଇଭ୍ ଯନ୍ତ୍ର ସଙ୍ଗୀତକୁ ଉପରାଷ୍ଟ୍ରପତି ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଓଡ଼ିଶାର ମହାନ୍ ଅତିଥି ସତ୍କାର ପରମ୍ପରାକୁ ପ୍ରତିଫଳିତ କରିଥିଲା ଏବଂ ଉପରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ବରିଷ୍ଠ ନେତୃତ୍ୱ ଓ ସାମ୍ବିଧାନିକ ପଦାଧିକାରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ପାଇଁ ଏକ ଉତ୍ତମ ସୁଯୋଗ ପ୍ରଦାନ କରିଥିଲା ବୋଲି ଲୋକଭବନ ପକ୍ଷରୁ କୁହାଯାଇଛି।

# ସ୍ୱାସ୍ଥ୍ୟ ଯତ୍ନ ନାଁରେ ବୃଦ୍ଧାଙ୍କୁ ଠକେଇ, ସମ୍ପର୍କୀୟ ଗିରଫ

**ସମ୍ପର୍କୀୟ ଜାଲିଆତି କରି ପୀଡ଼ିତାଙ୍କ କାର୍‌କୁ ନିଜ ନାଁରେ କରିନେଇଥିବା ଅଭିଯୋଗ**

ଭୁବନେଶ୍ୱର, ୨୩।୧ (ତ୍ରିନାଥ ମହାନ୍ତି)

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ସାହୁଙ୍କୁ ଠକେଇ ଅଭିଯୋଗରେ ତାଙ୍କ ଦୂର ସମ୍ପର୍କୀୟ ବେଗୁନିଆର ଜୟକୃଷ୍ଣ ସାହୁ ଓରଫ ଦୀପୁଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିଛି। ସୁମିତ୍ରା ଚାକିରିରୁ ଅବସର ପରେ ଏକାକୀ ରହୁଛନ୍ତି। ଏହାର ସୁଯୋଗ ନେଇ ବେଗୁନିଆ ନିକଟ ଗେଡ଼ିପାଲି ଗ୍ରାମର ଜୟକୃଷ୍ଣ ସ୍ୱାସ୍ଥ୍ୟର ଉଚିତ ଯତ୍ନ ନେବାର ଆଶ୍ୱାସନା ଦେଇ କିଛିଦିନ ତାଙ୍କ ସହିତ ରହିବାକୁ ରାଜି କରାଇଥିଲେ। ଏହି ସମୟରେ ସୁମିତ୍ରା ଏକ ନୂତନ କାର କିଣିବା ପାଇଁ ଇଚ୍ଛା କରିଥିଲେ। ତା'ପରେ ଜୟକୃଷ୍ଣ ତାଙ୍କୁ ଭୁବନେଶ୍ୱରର ଏକ କାର୍ ଶୋ-ରୁମ୍‌କୁ ନେଇଯାଇଥିଲେ। ସେଠାରେ ସେମାନେ ଏକ ନୂତନ ଟାଟା ପଞ୍ଚ କାର କିଣିବାକୁ ନିଷ୍ପତ୍ତି ନେଇଥିଲେ। ନୂତନ କାର କିଣିବା ପାଇଁ ସୁମିତ୍ରା ତାଙ୍କର ପୁରୁଣା ମାରୁତି ଅଲ୍ଟୋ କାରକୁ ୧ ଲକ୍ଷ ୮୦ ହଜାର ଟଙ୍କାରେ ଶୋ-ରୁମରେ ବଦଳାଇ ଦେଇଥିଲେ। ଏହାସହିତ ସେ ୧ ହଜାର ନଗଦ ଟଙ୍କା ମଧ୍ୟ ପ୍ରଦାନ କରିଥିଲେ। ସେହିପରି ଗତ ସେପ୍ଟେମ୍ବର ୨୯ରେ ସୁମିତ୍ରାଙ୍କ ତରଫରୁ ଏସ୍‌ବିଆଇ ଚେକ୍ ମାଧ୍ୟମରେ ୫ଲକ୍ଷ ୫୦ ହଜାର ଟଙ୍କା ମଧ୍ୟ ଶୋ-ରୁମ୍‌କୁ ଦିଆଯାଇଥିଲା। ଶୋ-ରୁମ୍ ପକ୍ଷରୁ ନୂତନ ଟାଟା ପଞ୍ଚ କାର୍‌କୁ ସୁମିତ୍ରାଙ୍କ ସହ ଆସିଥିବା ଜୟକୃଷ୍ଣଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ଜୟକୃଷ୍ଣ କୌଶଳକ୍ରମେ ଉକ୍ତ କାରକୁ ତାଙ୍କ ନାମରେ କରାଯାଇ ଠକେଇ କରିଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ**
**ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୩୬,୮୮,୦୦୦/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଅଡିଓ ଏବଂ ଭିଡିଓ ସିଷ୍ଟମର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ, ୨୦୨୬ ଅପରାହ୍ନ 03:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**



**OFFICE OF THE SR. GENERAL MANAGER (ELECTRICAL)**
OHPC UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026
ISO : 9001, 14001, 15001 Certified
E-mail: sgmel_uihep@ohpcltd.com/sgmeluihep@gmail.com

**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 43/2025-26 Dated: 19.01.2026**

No. CAD-3065: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheqe (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Electrical Materials for Fuse Call Section of UIHEP, Mukhiguda | 708/- (inclusive of GST @ 18%) | 1% of Quoted Value | From 27.01.2026 to 07.02.2026 upto 12.00 Hrs. | 07.02.2026 (Upto 13.00 Hrs.) | 07.02.2026 at 16.30 Hrs. |

For details of the tender documents, Terms and Conditions please visit our website www.ohpcltd.com.

Sd./- C&P Head
UIHEP, Mukhiguda

OIPR-



**वन विभाग छत्तीशगढ़**
**बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 02.02.2026 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कमी या अधिकता हो सकती है, कुपया ई-ऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 30 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्सन समय 9.00 बजे दिनांक 02.02.2026**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 100.00 | 100 | 100 | 1110.885 | 10370 | 2929 |
| साल | 356.000 | 50 | 50 | 1957.454 | 0 | 20 |
| बीजा | 20.000 | 0 | 0 | 85.810 | 9 | 6 |
| साजा | 3.000 | 0 | 0 | 33.342 | 0 | 12 |
| हल्दु | 4.000 | 0 | 0 | 100.094 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 1.000 | 0 | 0 | 0.000 | 0 | 0 |
| तिंसा | 1.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 5.000 | 0 | 0 | 41.055 | 0 | 0 |
| अन्य | 10.000 | 0 | 0 | 66.894 | 18 | 8 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 80.346 | 3011 | 1094 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | **500.000** | **150** | **150** | **3480.586** | **13410** | **4069** |

नया सागोन चट्टा - 06 चट्टा
नया मिश्रित जलाऊ चट्टा - 100 चट्टा
अविक्रित औद्योगिक बांस - 64.249 नो.टन

**स्वा./- वन मंडलाधिकारी**
**बस्तर वन मंडल, जगदलपुर**

G-252606227/2



ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ସରସ୍ୱତୀ ପୂଜା।



ସରସ୍ୱତୀ ପୂଜା ଅବସରରେ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ସରସ୍ୱତୀ ପୂଜା।



ଚୌଦ୍ୱାରରେ ଅନୁଷ୍ଠିତ ସରସ୍ୱତୀ ପୂଜା।



୧୮୩ ବର୍ଷରେ ପଦାର୍ପଣ କରିଥିବା ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ଗ୍ରାମର ସରସ୍ୱତୀ ପୂଜା।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା: ୩ ଯୁବକ ଗୁରୁତର

ବାଙ୍କୀ, ୨୩।୧( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା କଇଁମୁଣ୍ଡି ଫାଣ୍ଡି ଅନ୍ତର୍ଗତ ବାଙ୍କୀ-କଟକ ମୁଖ୍ୟ ରାସ୍ତା ଦେବିଦ୍ୱାର ଠାରେ ପଥର ବୋଝେଇ ଟ୍ରକ୍ ଧକ୍କାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, କଇଁମୁଣ୍ଡି ଗ୍ରାମର ୩ ଜଣ ଯୁବକ ନିଜ କାର୍ଯ୍ୟ ସାରି ଶୁକ୍ରବାର ସନ୍ଧ୍ୟାରେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଗୟଳବାଙ୍କ ମୁଣ୍ଡିଆରୁ ପଥର ବୋଝେଇ କରି ଆସୁଥିବା ଏକ ଟ୍ରକ୍ ସହ ଧକ୍କା ହୋଇଥିଲେ। ଫଳରେ ସେମାନେ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଏହି ସମୟରେ ଟ୍ରକ୍‌ଟି ଫେରାର ହୋଇଯାଇଥିଲା। ଏନେଇ ଘଟଣା ସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ କଇଁମୁଣ୍ଡି ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲା। ପୋଲିସ ଓ ଗ୍ରାମବାସୀଙ୍କ ସହାୟତାରେ ଗୁରୁତରମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା।

### ଧର୍ମ ସମାଜକୁ ବାସ୍ତବ ଦିଗ୍‌ଦର୍ଶନ ଦେଇଥାଏ ଠାକୁର ଅନୁକୂଳଚନ୍ଦ୍ରଙ୍କ ବନଭୋଜନ ମହୋତ୍ସବ

ବଡ଼ମ୍ବା, ୨୩।୧ (ମାୟାଧର ମଲ୍ଲିକ) ବଡ଼ମ୍ବାସ୍ଥିତ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ପାଦ ଦେଶ ଗମେଇ ଗ୍ରାମ ମହାନଦୀ କୂଳରେ ଏକ ବନ ଭୋଜନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧର୍ମର ଯଥାର୍ଥ ରୂପ ସେତେବେଳେ ଧାରଣ ହୁଏ ଯେତେବେଳେ ମନୁଷ୍ୟ ନିଜର ଓ ପରର ମଙ୍ଗଳକାମୀ ହୋଇଥାଏ। ଏହି ଧର୍ମ ସମାଜକୁ ବାସ୍ତବ ଦିଗଦର୍ଶନ ଦେଇଥାଏ ଏବଂ ମନୁଷ୍ୟର ଅନ୍ତର୍ନିହିତ ଯୋଗ୍ୟତାକୁ ବଢ଼ାଇଥାଏ ବୋଲି ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଭକ୍ତ ଅନୁଗାମୀ ଓ ଜନସାଧାରଣ ଯୋଗଦେଇଥିଲେ। ଯୋଗଦେଇଥିଲେ।

### ମଳ ଉପଚାର କେନ୍ଦ୍ରକୁ ଶୈକ୍ଷିକ ଭ୍ରମଣ

ବାଙ୍କୀ,୨୩।୧( ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତସ୍ଥିତ ପିଏଶ୍ରୀ ରଘୁନାଥ ଦେବତା ସରକାରୀ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଦୁର୍ଗାପୁର ମୌଜାରେ ଥିବା ଏନ୍‌ଏସି ମଳ ଉପଚାର କେନ୍ଦ୍ରକୁ ଶୈକ୍ଷିକ ପରିଦର୍ଶନରେ ଯାଇଥିଲେ। ବାହାରେ ମଳତ୍ୟାଗ ଏବଂ ପାଇଖାନା ଟାଙ୍କି ମଇଳା ବାହାରେ ପକାଇବା ଦ୍ୱାରା ପରିବେଶ ଓ ମନୁଷ୍ୟ ପାଇଁ କ୍ଷତି ହେଉଛି। ଏହି ମଳ ଉପଚାର କେନ୍ଦ୍ରରେ ପାଇଖାନା ଟାଙ୍କିରୁ ସଂଗୃହିତ ମଳ କିଭଳି ଉପଚାର କରି ସାର ପ୍ରସ୍ତୁତ କରାଯାଉଛି ଛାତ୍ରୀଛାତ୍ରମାନଙ୍କୁ ବୁଝାଯାଇଥିଲା। ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଛାତ୍ରୀଛାତ୍ରମାନଙ୍କୁ ଏବିଷୟରେ ଅବଗତ କରାଇବା ସହ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ନଗରପାଳ ମାଣିକ ସାହୁ ଓ ଉପ ନଗରପାଳ ସନ୍ତୋଷ କୁମାର ରଣା ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। କାଉନ୍‌ସିଲର ସନାତନ ବେହେରା, ପରିମଳ ବିଶେଷଜ୍ଞ ସୁନିଲ ସେଠୀ, ହିସାବରକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ସମେତ ଏନ୍‌ଏସି କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ଶାନ୍ତି ନାରାୟଣ ଦେବତା, ରମାକାନ୍ତ ଭଞ୍ଜ , ସୁଧାକର ମହାନ୍ତି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ କୁମାର ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୀର ସୁରେନ୍ଦ୍ର ସାଏ , ନେତାଜୀ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ତିଗିରିଆ,୨୩।୧(ଜାଫର ଖାଁ ): ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ତିଗିରିଆ ପଞ୍ଚାୟତ ଅମୁଣିଆ ସାହି ଗ୍ରାମର ମା' ମଙ୍ଗଳା ୟୁନାଇଟେଡ୍ ୱେଲଫେୟାର କ୍ଲବ ତରଫରୁ ଶୁକ୍ରବାର ନେତାଜୀ ଜୟନ୍ତୀ ଓ ୨୧୭ ତମ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ଶିକ୍ଷାବିତ ଡ. ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ କ୍ଲବ ଗୃହ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବୋଧ କୁମାର ପଟ୍ଟନାୟକ ଯୋଗଦେଇ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ଚନ୍ଦ୍ରଶେଖର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଗ୍ରାମର ମୁରବୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ କୁମାର ମହାନ୍ତି, ପୂର୍ବତନ ଭାଜପା ତିଗିରିଆ ମଣ୍ଡଳ ସଭାପତି ତଥା ବର୍ତ୍ତମାନ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ଆଠଗଡ଼,(ସତ୍ୟ ପ୍ରସାଦ ରଥ)** ଓଡ଼ିଶାର ୨ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଶୁକ୍ରବାର ଆଠଗଡ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସନ୍ଧ୍ୟାରେ ଏକ ବିରାଟ ମଶାଲ ଶୋଭାଯାତ୍ରା ସ୍ଥାନୀୟ ରଥଗଡା ଛକରୁ ଆରମ୍ଭ ହୋଇ ଲକ୍ଷ୍ମୀ ବଜାର ପର୍ଯ୍ୟନ୍ତ ଯାଇଥିଲା। ଲକ୍ଷ୍ମୀ ବଜାରଠାରେ ଆଠଗଡ ବିଜୁ ଛାତ୍ରଜନତା ଦଳ ସଭାପତି ମହମ୍ମଦ ଖାଲିଦଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭା ଆରମ୍ଭ ପୂର୍ବରୁ ନେତାଜୀଙ୍କ ସମ୍ପର୍କରେ ଏକ ପ୍ରାମାଣିକ ବୃତ୍ତ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ମୁଖ୍ୟ ଅତିଥି ଯୋଗଦେଇ ଭାଜପା ସରକାରଙ୍କ ୨ବର୍ଷର କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ କିଶୋର ଦାସ ଯୋଗଦେଇ ଡବଲ ଇଞ୍ଜିନ ସରକାରରେ ଦୁଇବର୍ଷ କାର୍ଯ୍ୟକାଳ ମଧ୍ୟରେ ଅପରାଧ ଦ୍ୱିଗୁଣ ବୃଦ୍ଧି ପାଇଛି। ନାରୀ ନିର୍ଯ୍ୟାତନା,ସାମ୍ପ୍ରଦାୟିକ ଦଙ୍ଗା ଦେଶ ଓ ରାଜ୍ୟରେ ବଢ଼ି ଚାଲିଛି ବୋଲି କହିଥିଲେ। ସେହିପରି ଆଠଗଡ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଶକ୍ତିକାନ୍ତ ସାହୁ ଓ ସଭାପତି ବିନୋଦ ମାଝି, ଆଠଗଡ ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ଜନ୍ମେଜୟ ଦାସ, କଟକ ଜିଲା ବିଜୁଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ ତୋଫାନ ସାମଲ, ଟାଙ୍ଗୀ – ଚୌଦ୍ୱାର ବିଜୁ ଛାତ୍ର ଜନତା ସମ୍ପାଦକ ମନୋଜ ଦଳେଇ ଓ ତିଗିରିଆ ଛାତ୍ର ଜନତା ଦଳ ସଭାପତି ହିମାଂଶୁ ସାଇଁ ପ୍ରମୁଖ ଯୋଗଦେଇ ଭାଜପା ସରକାରକୁ ତୀବ୍ର ସମାଲୋଚନା କରିଥିଲେ।



ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବାଙ୍କୀ କଲେଜ ପୁରାତନ ଛାତ୍ର ସଂସଦ ଓ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପୁରାତନ ଛାତ୍ର ସଂସଦର ବରିଷ୍ଠ ସଦସ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ନେତାଜୀଙ୍କର ବାଙ୍କୀ ପ୍ରତି ଥିବା ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଓ ନେତାଜୀଙ୍କ ଦ୍ୱାରା ଗଠିତ ଆଜାଦ ହୀନ୍ଦ ଫୌଜରେ ବାଙ୍କୀର ୨ଜଣ ବୀର ସୈନୀକ ଯୋଗଦେଇଥିବାର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଲଲାଟେନ୍ଦୁ ପଣ୍ଡା, ରୋଜାଲିନ ସାହୁ, କଲ୍ୟାଣୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରୀତିଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ଯୁବ ଭବନଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆମ ପରିବାର ଚକ୍ରର ପ୍ରତିଷ୍ଠାତା କୁମାର ଅମୀୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମହାପାତ୍ର ଯୋଗଦେଇଥିଲେ।

# ଚୌଦ୍ୱାରକୁ ହରାଇ ଫାଇନାଲରେ ମେଣ୍ଢାଶାଳ

ତିଗିରିଆ,୨୩।୧(ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡା ଖେଳପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୮ଟି ଦଳକୁ ନେଇ ପ୍ରଥମ ରାଜ୍ୟସ୍ତରୀୟ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଚାଲିଛି। ଶୁକ୍ରବାର ଏହି ପ୍ରତିଯୋଗିତାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଚୌଦ୍ୱାରର ଜାକୋବିନ କ୍ରିକେଟ କ୍ଲବକୁ ୧୫୮ ରନ୍‌ରେ ହରାଇ ଖୋର୍ଦ୍ଧା ମେଣ୍ଢାଶାଳର ଇଏସ୍‌ସି କ୍ରିକେଟ କ୍ଲବ୍ ଅନ୍ତିମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମେଣ୍ଢାଶାଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୭ ଉଇକେଟ ହରାଇ ୩୩୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ବ୍ୟାଟିଂରେ ଅଭିଷେକ ପଟ୍ଟନାୟକ ଚମତ୍କାର ବ୍ୟାଟିଂ କରି ମାତ୍ର ୬୦ ବଲ୍‌ରୁ ବିସ୍ଫୋରକ ୨୨୫ ରନ କରିଥିଲେ। ଅନ୍ୟତମ ଖେଳାଳି ସୁନୀଲ କୁମାର ସାହୁ ୧୭ ବଲରୁ ଦ୍ରୁତ ୩୦ ରନ ସଂଗ୍ରହ କରିଥିଲେ। ଚୌଦ୍ୱାର ଦଳ ତରଫରୁ ବୋଲିଂରେ ସୁରଜ ହାଲଦାର ୭୧ ରନ ବ୍ୟୟରେ ବିପକ୍ଷ ଦଳର ୪ ଓ ଦୀପକ ବେହେରା ୭୭ ରନ ବ୍ୟୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଚୌଦ୍ୱାର ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୮୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ତରଫରୁ ବ୍ୟାଟିଂରେ



ସ୍ମୃତିରଞ୍ଜନ ସ୍ୱାଇଁ ୨୩ ବଲରୁ ସର୍ବାଧିକ ୫୯ ରନ ସଂଗ୍ରହ କରିଥିଲେ। ମେଣ୍ଢାଶାଳ ଦଳ ତରଫରୁ ବୋଲିଂ ରେ ନିଖିଲ ନାୟକ ୧୮ ରନ ବିନିମୟରେ ୩ ଓ ଅସୀମ ନନ୍ଦ ଦଳ ବେହେରା ୪୨ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ । ମ୍ୟାଚ୍‌ରେ ଶ୍ରେଷ୍ଠ ବ୍ୟାଟିଂ ପାଇଁ ମେଣ୍ଢାଶାଳ ଦଳର ଅଭିଷେକ ପଟ୍ଟନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଜଳଧର ବେହେରା ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସଲିପ ସାମନ୍ତରାୟ ଓ ମଥୁରା ନନ୍ଦ ପ୍ରଧାନ ପରିଚାଳନା କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2025060, ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.30.01.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-238/CI/25-26


# ସିଦ୍ଧେଶ୍ୱର ନାଟ୍ୟ ସଂସଦ ମଠ ଗ୍ରୁପ୍‌ର ବନ୍ଧୁମିଳନ

ବାଙ୍କୀ,୨୩।୧(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତସ୍ଥିତ ସିଦ୍ଧେଶ୍ୱର ନାଟ୍ୟ ସଂସଦ ମଠ ଗ୍ରୁପ ପକ୍ଷରୁ ଅଂଶୁପା ହ୍ରଦ ନିକଟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଇ ଚରଣ ବେହେରା ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ସଙ୍ଗଠନ କିପରି ମଜ୍‌ଭୁତ୍ ହୋଇ ଆଗକୁ ବଢିବ ସେ ବିଷୟରେ ବରିଷ୍ଠ ସଦସ୍ୟ ସୁଶାନ୍ତ ଶେଖର ସ୍ୱାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ଅଜୟ କୁମାର ରାଉତ ଭାଇଚାରାକୁ ଗୁରୁତ୍ୱ ଦେଇଥିଲେ। ବନ୍ଧୁ ମିଳନ ଆୟୋଜନର ମୁଖ୍ୟ ଅକ୍ଷୟ କୁମାର ନାୟକ, ସୂର୍ଯ୍ୟକାନ୍ତ ନାୟକ, ଚିନ୍ମୟ ସ୍ୱାଇଁ, ପ୍ରବୀଣ କୁମାର ସ୍ୱାଇଁ ଓ ନିଲୁ ସ୍ୱାଇଁଙ୍କୁ ସମସ୍ତେ ଧନ୍ୟବାଦ ଦେଇ ଥିଲେ। ସୂର୍ଯ୍ୟକାନ୍ତ ଭୂୟାଁ, ଜ୍ଞାନ ରଞ୍ଜନ ନାୟକ, ସୁଜ୍ଞାନ ରଞ୍ଜନ ନାୟକ, ସଞ୍ଜୟ ନାୟକ ଗୁରୁପ୍ରସାଦ ରାଉତ, ତନ୍ମୟ ନାୟକ, ବିଭୁଦତ୍ତ ସ୍ୱାଇଁ ଓ ହୃଦୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୁଶାନ୍ତ କୁମାର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଟ୍ରେନ୍ ଧକ୍କାରେ ଚାଲିଗଲା ଜୀବନ

ବାରଙ୍ଗ,୨୩।୧(ଲିଙ୍ଗରାଜ ରାଉତ)

ଟ୍ରେନ୍ ଧକ୍କାରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ବାରଙ୍ଗ ଥାନା ଅଧୀନସ୍ଥ ଶ୍ରୀବନ୍ତପୁର ଗ୍ରାମର ଅଭିଷେକ ଜେନା(୩୫)। ଅଭିଷେକ ଘରୁ ରାଗରେ ଆସି କଣ୍ଟାପାଟଣା ଗାଁମୁଣ୍ଡ ରେଳଧାରଣ ଉପରକୁ ଚଢ଼ି ଯାଇଥିଲେ। ସେହି ସମୟରେ ବାରଙ୍ଗ ପଟୁ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବାରଙ୍ଗ ଜିଆର୍‌ପି ଫାଣ୍ଡି ଏଏସ୍‌ଆଇ ପରମାନନ୍ଦ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ବ୍ୟକ୍ତି ଜଣଙ୍କର ଚାକିରି ଯିବା ପରେ ମାନସିକ ଭାରସାମ୍ୟ ହରାଇ ଗାଁରେ ବୁଲୁଥିଲେ। ତେଣୁ ମାନସିକ ଦୁଶ୍ଚିନ୍ତା ଯୋଗୁ ଟ୍ରେନ ଆଗକୁ ପଳାଇ ଆସିଥିବା ପୋଲିସ ସୂଚନା ଦେଇଛି।

# କ୍ଷୁଦ୍ର ବ୍ୟବସାୟୀଙ୍କୁ କ୍ରେଡିଟ୍ କାର୍ଡ ବଣ୍ଟନ





ଜଣେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଅତିଥି କ୍ରେଡିଟ୍ କାର୍ଡ ପ୍ରଦାନ କରୁଛନ୍ତି।

**ବାଙ୍କୀ , ୨୩।୧( ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଉଠା ଦୋକାନୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ପ୍ରଧାନ ମନ୍ତ୍ରୀ ସ୍ୱନିଧି ଯୋଜନାରେ କମ୍ ସୁଧରେ ଋଣ ଯୋଗାଇ ଦିଆଯାଉଛି। ତେବେ ଯେଉଁ କ୍ଷୁଦ୍ର ବ୍ୟବସାୟୀମାନେ ବିଭିନ୍ନ ସମୟରେ ଋଣ ନେଇ ବ୍ୟବସାୟ କରି ଠିକ୍ ସମୟରେ ଋଣ ପରିଶୋଧ କରିଛନ୍ତି, ସେହି ଯୋଗ୍ୟ ହିତାଧିକାରୀମାନଙ୍କୁ ଶୁକ୍ରବାର କ୍ରେଡ଼ିଟ୍ କାର୍ଡ ବଣ୍ଟନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳର ଥିରୁଭାନନ୍ତପୁରମରେ ଦେଶର ୧୧ ଲକ୍ଷ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଏହି କ୍ରେଡିଟ୍ କାର୍ଡ ବଣ୍ଟନ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ବାଙ୍କୀ ଏନ୍‌ଏସି ପକ୍ଷରୁ ପରିଷଦର ବନ୍ୟା ବାତ୍ୟା ଆଶ୍ରୟସ୍ଥଳଠାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଏହି ଅବସରରେ ଏନ୍‌ଏସିର ୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ କ୍ରେଡିଟ୍ କାର୍ଡ ବଣ୍ଟନ କରାଯାଇଥିଲା। ଡିଏମ୍‌ଏମ୍ୟୁ ଦେବାଶିଷ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଗର ପାଳ ମାଣିକ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରେଡିଟ କାର୍ଡ ବଣ୍ଟନ କରିଥିଲେ। ସରକାରଙ୍କ ଏହି ଯୋଜନା ଉଠା ଦୋକାନୀ ତଥା କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ବରଦାନ ସଦୃଶ୍ୟ ରୂପ ନେବ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନ୍‌ସିଲର ସନାତନ ବେହେରା, ଅଶାନ୍ତି ରାଉତ, ମନୋରମା ବେହେରା ପ୍ରମୁଖଙ୍କ ସହ ପରିମଳ ବିଶେଷଜ୍ଞ ସୁନୀଲ ସେଠୀ, ହିସାବ ରକ୍ଷକ ସୁଶାନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**

**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୩୬,୮୮,୦୦୦/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଅଡିଓ ଏବଂ ଭିଡିଓ ସିଷ୍ଟମର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ, ୨୦୨୬ ଅପରାହ୍ନ ୦୨:୦୦ ଟା ଅଟେ।**

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

**କ୍ଷେତ୍ରୀୟ ନିର୍ଦ୍ଦେଶକ ଭୁବନେଶ୍ୱର**



**OFFICE OF THE SR. GENERAL MANAGER (ELECTRICAL)**

OHPC UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026
E-mail: sgmel_uihep@ohpcltd.com/sgmeluihep@gmail.com

**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 43/2025-26 Dated: 19.01.2026**

No. CAD-3065: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheqe (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Electrical Materials for Fuse Call Section of UIHEP, Mukhiguda | 708/- (inclusive of GST @ 18%) | 1% of Quoted Value | From 27.01.2026 to 07.02.2026 upto 12.00 Hrs. | 07.02.2026 (Upto 13.00 Hrs.) | 07.02.2026 at 16.30 Hrs. |

For details of the tender documents, Terms and Conditions please visit our website www.ohpcltd.com.

OIPR-

Sd./- C&P Head
UIHEP, Mukhiguda



**वन विभाग छत्तीशगढ़**

**बस्तर (सामान्य) वनमंडल, जगदलपुर**

**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 02.02.2026 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कमी या अधिकता हो सकती है, कुपया ई-ऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 30 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्सन समय 9.00 बजे दिनांक 02.02.2026**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 100.00 | 100 | 100 | 1110.885 | 10370 | 2929 |
| साल | 356.000 | 50 | 50 | 1957.454 | 0 | 20 |
| बीजा | 20.000 | 0 | 0 | 85.810 | 9 | 6 |
| साजा | 3.000 | 0 | 0 | 33.342 | 0 | 12 |
| हल्दु | 4.000 | 0 | 0 | 100.094 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 1.000 | 0 | 0 | 0.000 | 0 | 0 |
| तिंसा | 1.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 5.000 | 0 | 0 | 41.055 | 0 | 0 |
| अन्य | 10.000 | 0 | 0 | 66.894 | 18 | 8 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 80.346 | 3011 | 1094 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | **500.000** | **150** | **150** | **3480.586** | **13410** | **4069** |

नया सागोन चट्टा - 06 चट्टा
नया मिश्रित जलाऊ चट्टा - 100 चट्टा
अविक्रित औद्योगिक बांस - 64.249 नो.टन

स्वा. / - वन मंडलाधिकारी
बस्तर वन मंडल, जगदलपुर

G-252606227/2

# ମାତୃଭୂମି ସେବାରେ ବ୍ରତୀ ହେବାକୁ ଆହ୍ୱାନ

**ଜଟଣୀ, ୨୩।୧ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ସହର ଓ ଏହାର ପାଖଆଖ ଅଞ୍ଚଳରେ ଶୁକ୍ରବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଖୋର୍ଦ୍ଧାରୋଡ ଶାଖା କାର୍ଯ୍ୟାଳୟଠାରେ ନେତାଜୀ ଏବଂ ସାଏଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଅନୁଷ୍ଠାନର ସଭାପତି ବି.କେ.ସାମଲଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ପଦାଧିକାରୀ ଏବଂ ସଦସ୍ୟମାନେ ଉଭୟ ବୀର ପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ଓ ସଂଯୋଜକ ବିଜୟ ରାମ ମହାନ୍ତି, ସଙ୍ଗଠନ ସମ୍ପାଦକ ସୂର୍ଯ୍ୟ ନାରାୟଣ ପାଢ଼ୀ, କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସ, ସୁରେନ୍ଦ୍ର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥଲେ। ସହ ସମ୍ପାଦକ ସୌଦାଗର ମହାନ୍ତି, ପି.କେ. ଦେଓ, ଅରୁଣ ମହାନ୍ତି, ଅବନୀ ମାଝୀ, ପୀତବାସ ସାହୁ, ଶରତ ମହାନ୍ତି, ଗଙ୍ଗାଧର ସେଠୀ, ଅଶୋକ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଉଲ୍ଲାସ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ରାମଚନ୍ଦ୍ରପୁର ବଜାରସ୍ଥିତ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅବନୀ କୁମାର ରାଉତରାୟଙ୍କ ନେତୃତ୍ୱରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ବାଲୁଗାଁ, (ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ.କୈଳାସ ଚନ୍ଦ୍ର ମହାରଣା, ଯୁବ ରେଡକ୍ରସ ଅଧିକାରୀ ମନସ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ଧୋବୀ ଚରଣ ପରିଡ଼ା, ଅଧ୍ୟାପିକା ଝରଣା ନାଥ, ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏନ୍‌ସିସି, ଏନ୍‌ଏସ୍‌ଏସ୍, ଯୁବ ରେଡକ୍ରସର କ୍ୟାଡେଟ ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଆଦ୍ୟାଶା ଜେନା, ଲଭଲି ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ସାହୁ, ପୁଷ୍ପାଞ୍ଜଳି ବିଶ୍ୱାଳ, ମିନାକ୍ଷୀ ସ୍ୱାଇଁ, ପ୍ରଦ୍ୟୁମ୍ନ ପାତ୍ର ପ୍ରମୁଖ ନେତାଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ।

**ଟାଙ୍ଗୀ, (ରଘୁନାଥ ସାହୁ)**

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବଳରାମଦେବ ପୀଠରେ ଶୁକ୍ରବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ତାଙ୍କର ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଉପସଭାପତି ଡ.ଚନ୍ଦ୍ରଶେଖର ଦାଶଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ରମେଶ ବଳବନ୍ତରାୟ, ଉମେଶ ପ୍ରସାଦ ଧଳ,ବଡ଼ପାରୀ କମିଟି ସଭାପତି ବିଚ୍ଛେଦ ଜୟସିଂ, ଅବସରପ୍ରାପ୍ତ ଅଧ୍ୟାପକ ବାଳକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ, ଦୁର୍ଗା ଚରଣ ପାତ୍ର, ବିଦ୍ୟାଧର ମୁଦୁଲି, ସୁକାନ୍ତି ଦେଇ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ବିଜୟ ରାଉତ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ନେତାଜୀ ଏବଂ ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ।



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପ ମ୍ୟାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

## ମା'ବଘେଇଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ନିରାକାରପୁର, ୨୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଜଙ୍କିଆ ଗ୍ରାମସ୍ଥିତ ମା'ବଘେଇଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଦୈନନ୍ଦିନ ହୋମ, ଯଜ୍ଞ ଓ ନାମ ସଙ୍କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ଭକ୍ତ ଉପସ୍ଥିତ ମା'ଙ୍କ ଆଶିଷ ଲାଭ କରିଥିଲେ। ମା'ବଘେଇ ମନ୍ଦିର ପରିଚାଳନା ମଣ୍ଡଳି ଏବଂ ଜଙ୍କିଆ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଭିଷ୍ଟେଜ ଇଲେଭେନ, ଭୁଆସୁଣି ୱାରିଅର ବିଜୟୀ

### ଓଗାଳପଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

**ଯାଁଳା, ୨୩।୧ (ବୁଲା ବାରିକ)**

ଯାଁଳା ପଞ୍ଚାୟତ ଓଗାଳପଡ଼ାସ୍ଥିତ ବାବା ମୃଗେଶ୍ୱର କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଓଗାଳପଡ଼ା ପ୍ରିମିୟର ଲିଗ୍‌ରେ ଶୁକ୍ରବାର ଭିଷ୍ଟେଜ ଇଲେଭେନ ଏବଂ ସୁପର ଷ୍ଟ୍ରାଇକର୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଭିଷ୍ଟେଜ ଇଲେଭେନ ଟିମ୍ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ବିନିମୟରେ ୧୭୦ ରନ ସଂଗ୍ରହ କରିଥିଲା। ଜବାବରେ ସୁପର ଷ୍ଟ୍ରାଇକର୍ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଶୁଭ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ମ୍ୟାଚରେ ଦ୍ୱିତୀୟ ପ୍ରିମିୟର ଲିଗ୍ ସାଇନା ଇଲେଭେନ ଏବଂ ଭୁଆସୁଣି ୱାରିଅର ଟିମ୍ ମଧ୍ୟରେ ହୋଇଥିଲା। ଭୁଆସୁଣି ୱାରିଅର ଟିମ୍ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୧୬୦ରନ ସଂଗ୍ରହ କରିଥିଲା। ଜବାବରେ ସାଇନା ଇଲେଭେନ ଟିମ୍ ବ୍ୟାଟି କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୩୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିକାଶ ବରାଳ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ନାୟକ, ସାମାଜିକକର୍ମୀ ଶରତ ସାହୁ, ତ୍ରିନାଥ ବେହେରା, ବିଷ୍ଣୁପ୍ରସାଦ ଦଳେଇ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବ୍ରହ୍ମାକୁମାରୀ ଅନୁଷ୍ଠାନରେ ୧୪ତମ ବାର୍ଷିକୋତ୍ସବ

**ଜଟଣୀ, ୨୩।୧ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବନମାଳୀ କଲୋନୀସ୍ଥିତ ବ୍ରହ୍ମାକୁମାରୀ ଅନୁଷ୍ଠାନରେ ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ବରିଷ୍ଠ ରାଜଯୋଗ ଶିକ୍ଷିକା, ଗୀତିକାର ତଥା ଆନ୍ତର୍ଜାତିକ ସୁବକ୍ତା ବ୍ରହ୍ମାକୁମାରୀ ଦାମିନୀ ଭଉଣୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ତଥା ସାମାଜିକକର୍ମୀ ସନ୍ତୋଷ ଜେନା, ଭାଜପା ନେତା ଅନୀଲ ବିଶ୍ୱାଳ,ବିଜେଡି ନେତା ମନ୍ମଥ ରାଉତରାୟ, ପୂର୍ବତନ ଅଧ୍ୟକ୍ଷ ଭୁବନେଶ୍ୱର ବ୍ଲକ ଦୁଶାସନ ସ୍ୱାଇଁ, ଜଟଣୀ ଅଞ୍ଚଳର ବହୁ କାଉନସିଲର, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଭାଇ ଭଉଣୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ପରିଚାଳନା କରିଥିଲେ। ବ୍ରହ୍ମାକୁମାର ଅଶୋକ ଭାଇ ଧନ୍ୟବାଦ ଦେଇଥିଲେ।



ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ପ୍ରକାଶିତ ପୁସ୍ତକ 'ଶ୍ରୀଚୈତନ୍ୟଙ୍କ ସ୍ତୋତ୍ର-ଅଷ୍ଟକ ମହିମା ଗୀତି' ଲୋକାର୍ପଣ କରାଯାଉଛି।

## ଦୁର୍ଘଟଣା ପରେ ଉତ୍ତେଜନା, ୩ ଆମ ବସ୍ ଭଙ୍ଗାରୁଜା

**ଭୁବନେଶ୍ୱର, ୨୩।୧ (ତ୍ରିନାଥ ମହାନ୍ତି)**

ବାରମ୍ବାର ଦୁର୍ଘଟଣା ଘଟାଇ ବହୁ ଜୀବନ ନେବା ସହ ଅନେକଙ୍କୁ ପଙ୍ଗୁ କରିଦେଇଥିବା 'ଆମ ବସ୍' ଉପରେ ଲୋକଙ୍କ ରାଗ ବଢ଼ିଚାଲିଛି। ଲୋକେ ଆଇନ ହାତକୁ ନେବାକୁ ଡରୁନାହାନ୍ତି। ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଏକ ଆମ ବସ୍ ଦୁର୍ଘଟଣା ଘଟାଇବା ପରେ ଏଭଳି ଆକ୍ରୋଶ ଦେଖିବାକୁ ମିଳିଥିଲା। ଉତ୍ତ୍ୟକ୍ତ ଲୋକେ ୩ଟି ଆମ ବସ୍ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିସହ ରାସ୍ତା ଅବରୋଧ କରିବାରୁ ଟ୍ରାଫିକ୍ ଜାମ୍‌ରେ ସାଧାରଣ ଲୋକେ ହଇରାଣ ହୋଇଥିଲେ। ସ୍ଥିତି ଏପରି ହୋଇଥିଲା ପୋଲିସକୁ ଲାଠିଚାର୍ଜ କରିବାକୁ ପଡିଥିଲା। ଏପରିକି ଡିସିପି ଜଗମୋହନ ମୀନାଙ୍କ ସହ ବହୁ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ତେବେ ବସ୍ ଭଙ୍ଗାରୁଜାରେ ଅସାମାଜିକ ଗୋଷ୍ଠୀର ସମ୍ପୃକ୍ତି ଥିବା ଚର୍ଚ୍ଚା ଚାଲିଥିବାବେଳେ ଦାୟିତ୍ୱହୀନ ଭାବେ ବସ୍ ଚଳାଉଥିବା ଡ୍ରାଇଭରଙ୍କ ଉପରେ କୁଟ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ବାହାନାରେ ଆଇନକୁ ହାତକୁ ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିସିପି କହିଛନ୍ତି। ସନ୍ଧ୍ୟା ସୁଦ୍ଧା କ୍ୟାପିଟାଲ ଥାନାରେ ଆମ ବସ୍ ଡ୍ରାଇଭରଙ୍କ ଅଭିଯୋଗକ୍ରମେ ୬ଟି ମାମଲା ରୁଜୁ ହୋଇଥିବାବେଳେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

## ୫୦ ୟୁନିଟ୍ ରକ୍ତ ସଂଗ୍ରହ

**ବେଗୁନିଆ, ୨୩।୧ (ହର ପ୍ରସନ୍ନ ପଣ୍ଡା)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ସଦର ମହକୁମା ସ୍ଥିତ ଆଦର୍ଶ କ୍ଲବ ସଭାଗୃହ ପରିସରରେ ଆୟୋଜିତ ଏହି ଶିବିରରେ ମୋଟ୍ ୫୦ୟୁନିଟ ରକ୍ତ ସଂଗ୍ରହ ହୋଇଛି। ରଘୁନାଥ ସାହୁଙ୍କ ମଙ୍ଗଳାଚରଣ ପାଠ ପରେ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବେଗୁନିଆ ଉପନିବନ୍ଧକ ଅମିତ୍ କୁମାର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ପଣ୍ଡା, କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର, ଉପ ସଭାପତି ମହେଫୁଜ ଅଲ୍ଲୀ, କୈଳାସ ନାଥ ପଟ୍ଟନାୟକ, ଅଶ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡା.ସୌରଭ ସୁନ୍ଦରରାୟ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଅନିରୁଦ୍ଧ ସାହୁ ଏବଂ ବିଶ୍ୱ ରଞ୍ଜନ ମହାପାତ୍ର ରକ୍ତ ସଂଗ୍ରହ କରିଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର, ଓମ୍ ପ୍ରକାଶ ବାହୁବଳେନ୍ଦ୍ର, ପ୍ରଶାନ୍ତ ବାରିକ, ସମୀର ପାଲ, ଅନିଲ ମାର୍ଥା, ଅନିଲ ସାହୁ, ନିଶିଥ ମହାନ୍ତି, ଅଶୋକ ପ୍ରଧାନ, ଭ୍ରମର ଦାସ ପ୍ରମୁଖ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2025060, ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.30.01.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-238/CI/25-26

## ଟାଙ୍ଗୀ ସମବାୟ ସମିତି ସଭାପତିଙ୍କ ମାତୃ ବିୟୋଗ

**ଟାଙ୍ଗୀ, ୨୩।୧ (ରଘୁନାଥ ସାହୁ)**

ଟାଙ୍ଗୀ ସମବାୟ ସମିତି ସଭାପତି ମହେନ୍ଦ୍ର ସାହୁଙ୍କ ମା' ତଥା ଶତାୟୁ ମହିଳା ହାରାମଣୀ ଦେଇଙ୍କ ଗୁରୁବାର ରାତିରେ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୧ବର୍ଷ ବୟସ ହୋଇଥିଲା। ସେ ଖବରଦାତା ରଘୁନାଥ ସାହୁଙ୍କ ବଡ଼ ମା'। ସେ ଜଣେ ସ୍ନେହୀ, ମେଳାପୀ, ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୪ପୁଅ ରବୀନ୍ଦ୍ର, ସୁରେନ୍ଦ୍ର, ଦେବେନ୍ଦ୍ର, ମହେନ୍ଦ୍ରଙ୍କ ସହିତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ସାନପୁଅ ମହେନ୍ଦ୍ର ମୁଖାଗ୍ନି ଦେଇଥିଲେ।

## 'ଶ୍ରୀଚୈତନ୍ୟଙ୍କ ସ୍ତୋତ୍ର-ଅଷ୍ଟକ ମହିମା ଗୀତି' ପୁସ୍ତକ ଲୋକାର୍ପିତ

**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀପଞ୍ଚମୀ ଉତ୍ସବ ଏବଂ ପୁସ୍ତକ ଲୋକାର୍ପଣ ହୋଇଯାଇଛି। ପ୍ରଥମେ ଶ୍ରୀଚୈତନ୍ୟ ବିହାରରେ ଆବିର୍ଭାବ ଉତ୍ସବ ପାଳନ କରାଯାଇଥିଲା। ପରେ ଆସୋସିଏଶନ ପକ୍ଷରୁ ପ୍ରକାଶିତ ପୁସ୍ତକ 'ଶ୍ରୀଚୈତନ୍ୟଙ୍କ ସ୍ତୋତ୍ର-ଅଷ୍ଟକ ମହିମା ଗୀତି' ଲୋକାର୍ପଣ ହୋଇଥିଲା। ଏଥିରେ ଭକ୍ତି ବନ୍ଧୁ ଭିକ୍ଷୁ ମହାରାଜ, ଭକ୍ତି କିରଣ ସାଗର ମହାରାଜ, ବୋଧାୟନ ମହାରାଜ, ଅନନ୍ତହରି ମହାରାଜ, ପଣ୍ଡିତ ଗୋଷ୍ଠ ବିହାରୀ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇ ବସନ୍ତ ଉତ୍ସବ ଓ ବୈଷ୍ଣବ ସାହିତ୍ୟରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାଧୁ ମହାରାଜ, ଗୌରାଙ୍ଗ ଦାସ ମହାରାଜ, ଯୋଗପତି ଦାସ, ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ, ଯୁଧିଷ୍ଠିର ଛୁଆଳସିଂହ, ତ୍ରୈଲୋକ୍ୟ ନାଥ ସାମନ୍ତରାୟ, ସୁଦାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ରିୟ ପ୍ରଧାନ ସଂଯୋଜନା କରିଥିଲେ।

## ଅଖଣ୍ଡଜ୍ୟୋତିର ଶହେ ବର୍ଷ ପୂର୍ତ୍ତି ଉତ୍ସବ

**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

ଶାନ୍ତିକୁଞ୍ଜ ହରିଦ୍ୱାରରେ ପ୍ରଜ୍ୱଳିତ ଅଖଣ୍ଡ ଜ୍ୟୋତିର ଶହେ ବର୍ଷ ପାଳନ ଉତ୍ସବ ଶୁକ୍ରବାର ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଖୋର୍ଦ୍ଧା ଗାୟତ୍ରୀ ପରିବାରର ମୁଖ୍ୟ ପ୍ରମୋଦ ପୃଷ୍ଟି ଓ ଉଲ୍ଲାସ ପୃଷ୍ଟିଙ୍କ ନେତୃତ୍ୱରେ ମନ୍ଦିର ପରିସରରେ ଗାୟତ୍ରୀ ହବନ ପୂଜନ କରାଯାଇଥିଲା। ନାମ ସଂକୀର୍ତ୍ତନ ସହିତ ପ୍ରସାଦ ବଣ୍ଟନ କରାଯାଇଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ**
**ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୩୬,୮୮,୦୦୦/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଅଡିଓ ଏବଂ ଭିଡିଓ ସିଷ୍ଟମର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଏସଆଇଟିସି) ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ, ୨୦୨୬ ଅପରାହ୍ନ 03:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

** କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ଏ୯ ଏକାଡେମୀ କୋଲକାତା ବିଜୟୀ

## ସର୍ବଭାରତୀୟ ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ନିରାକାରପୁର, ୨୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଛଣଗିରି ମା'ଭଗବତୀ ଫୁଟ୍‌ବଲ ଆସୋସିଏସନ ଆନୁକୂଲ୍ୟରେ ଶୁକ୍ରବାର ୧୩ତମ ସର୍ବଭାରତୀୟ ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ସିଜିୟୁ ନାଇଜେରିଆ ଇଲେଭେନ ଏବଂ ଏ୯ ଏକାଡେମୀ କୋଲକାତା ମଧ୍ୟରେ ହୋଇଥିଲା। ତେବେ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟ୍ରାଇବ୍ରେକରରେ ୩-୨ ଗୋଲରେ ଏ୯ ଏକାଡେମୀ କୋଲକାତା ବିଜୟୀ ହୋଇଥିଲା। ଶିବ ଶଙ୍କର ପଣ୍ଡା, ଏମ୍.ଏସ୍. ବେଗ, ସୁଜିତ୍ ପାତ୍ର, ଶରତ କୁମାର ଛୋଟରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ସାହୁ, ଅନୁଷ୍ଠାନର ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ ମହାପାତ୍ର, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, କୋଷାଧ୍ୟକ୍ଷ ଶେଖ ଇସ୍ରାଏଲ, ବୀରେନ ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଉପଦେଷ୍ଟା ଶେଖ ଗୋଲାମ ରସୁଲ, ରମାକାନ୍ତ ମହାପାତ୍ର, କେଳୁ ଚରଣ ସେଠୀ, ନୃସିଂହ ଚରଣ ମହାନ୍ତି, ପ୍ରଭାତ ପ୍ରହରାଜ, ସେକ୍ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ, ଭାସ୍କର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ମା'କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ବିହାର ଏବଂ ଏଫ୍‌ଏଫ୍‌ଏ ମଣିପୁର ଇମ୍ଫାଲ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**OFFICE OF THE SR. GENERAL MANAGER (ELECTRICAL)**
OHPC UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026
ISO : 9001, 14001, 18001 Certified
E-mail: sgmel_uihep@ohpcltd.com/sgmeluihep@gmail.com

**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 43/2025-26 Dated: 19.01.2026**

No. CAD-3065: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheqe (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Electrical Materials for Fuse Call Section of UIHEP, Mukhiguda | 708/- (inclusive of GST @ 18%) | 1% of Quoted Value | From 27.01.2026 to 07.02.2026 upto 12.00 Hrs. | 07.02.2026 (Upto 13.00 Hrs.) | 07.02.2026 at 16.30 Hrs. |

For details of the tender documents, Terms and Conditions please visit our website www.ohpcltd.com.

Sd./- C&P Head
UIHEP, Mukhiguda

OIPR-

**वन विभाग छत्तीशगढ़**
**बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 02.02.2026 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कभी या अधिकता हो सकती है, कुपया ई-ऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 30 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्सन समय 9.00 बजे दिनांक 02.02.2026**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 100.00 | 100 | 100 | 1110.885 | 10370 | 2929 |
| साल | 356.000 | 50 | 50 | 1957.454 | 0 | 20 |
| बीजा | 20.000 | 0 | 0 | 85.810 | 9 | 6 |
| साजा | 3.000 | 0 | 0 | 33.342 | 0 | 12 |
| हल्दु | 4.000 | 0 | 0 | 100.094 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 1.000 | 0 | 0 | 0.000 | 0 | 0 |
| तिंसा | 1.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 5.000 | 0 | 0 | 41.055 | 0 | 0 |
| अन्य | 10.000 | 0 | 0 | 66.894 | 18 | 8 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 80.346 | 3011 | 1094 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | **500.000** | **150** | **150** | **3480.586** | **13410** | **4069** |

नया सागोन चट्टा - 06 चट्टा
नया मिश्रित जलाऊ चट्टा - 100 चट्टा
अविक्रित औद्योगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर

G-252606227/2

**ନୟାହାଟରେ ଧାନମଣ୍ଡି ଉଦ୍‌ଘାଟିତ**

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ): ନୟାହାଟ ସମବାୟ ସମିତି ପରିସରରେ ଶୁକ୍ରବାର ଧାନମଣ୍ଡିକୁ ସେବା ସମବାୟର ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ପାଦକ ଅକ୍ଷୟ ରାୟ ଯୋଗଦେଇ ପ୍ରଥମ ଦିନ ୬୦୦ ବସ୍ତା ଧାନ କିଣାଯାଇଥିବାବେଳେ ଏହି ମଣ୍ଡିରେ ୧୨ହଜାର କୁଇଣ୍ଟାଲ୍ ଧାନ କିଣାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି ବୋଲି କହିଛନ୍ତି। ତନ୍ମୟ ମହାନ୍ତି, ପ୍ରଶାନ୍ତ ସାହୁ, ପର୍ଶୁରାମ ସାହୁ, ସମୀର କୁମାର ମହାପାତ୍ର, କେଦାରନାଥ ସାହୁ, ଚାଷୀ ଶରତ କୁମାର ପାତ୍ର, ପବିତ୍ର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରିଶମ୍ଭୁଙ୍କ ଅପେକ୍ଷାରେ ତୀର୍ଥ ପୁଷ୍କରିଣୀ

କୋଣାର୍କ,୨୩।୧
(ଜ୍ୟୋତିରାଜ ମହାନ୍ତି)



ମାଘସପ୍ତମୀରେ ରବିବାର ଭୋରରୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ବୁଡ଼ ପକାଇବେ। ଏଥିପାଇଁ ଶୁକ୍ରବାରଠାରୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ଆଗମନ ହେଲାଣି। ମାଘ ଷଷ୍ଠୀ ରାତିରେ ଶନିବାର ମାଧିପୁର ଗ୍ରାମର ତ୍ରିବେଣୀଶ୍ୱର, କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ଓ ସନ୍ଥପୁର ଗ୍ରାମର ଐଶାନେଶ୍ୱର ମହାଦେବ ନିଜ ପୀଠରୁ ବାହାରି ବିମାନରେ ବିଜେ କରି ସୁସଜ୍ଜିତ ଆଲୋକ ବ୍ୟବସ୍ଥା ଓ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କୋଣାର୍କ ଏନ୍ଏସି ଭୋଗମଣ୍ଡପରେ ରାତ୍ରି ୧୧ଟାରେ ପହଞ୍ଚିବାର ନୀତି ସ୍ଥିର ହୋଇଛି। ସେଠାରେ ତ୍ରିଶମ୍ଭୁଙ୍କୁ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଭୋଗଲାଗି ନୀତି ଅନୁଷ୍ଠିତ ହେବ। ପରେ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ପୂର୍ତ୍ତବିଭାଗ ଅଫିସଠାରେ ଭୋଗ ଲାଗି ଓ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଶୋଭାଯାତ୍ରାରେ ବାହାରି ତ୍ରିଶମ୍ଭୁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀଠାରେ ରାତ୍ରି ୨ଟା ୩୦ରେ ପହଞ୍ଚିବା ପରେ ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପରେ ଦେବ ନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ମହାସ୍ନାନ ନୀତି ଅନୁଷ୍ଠିତ ହେବ। ରବିବାର ମାଘସପ୍ତମୀରେ ଭୋର ୪ଟା ୪୧ ମିନିଟ୍‌ରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ। ଏ ନେଇ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ଓ ସୁରକ୍ଷିତ ସ୍ନାନ ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ୨ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

କଣାସ,୨୩।୧
(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଦୁଇଟି ସ୍ଥାନରେ ଶୁକ୍ରବାର ଧାନମଣ୍ଡି ଖୋଲିଛି। ଦୋକନ୍ଦା ପଞ୍ଚାୟତର ମନ୍ଦାକିନି ସମବାୟ ସମିତି ପକ୍ଷରୁ ପ୍ରଥମ ଧାନ ମଣ୍ଡି ଖୋଲିଥିବାବେଳେ ୬ଜଣ ଚାଷୀଙ୍କଠାରୁ ୧୮୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ସଭାପତି ଉମାକାନ୍ତ ପଟ୍ଟନାୟକ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବିଚିନ ପଟ୍ଟନାୟକ, ନୋଡାଲ ଅଫିସର ଭୀମସେନ ସୋରେନ, ରାଜସ୍ୱ ନିରୀକ୍ଷକ କଇଁଫୁଲ ନାୟକ, ଆର୍ଏମ୍‌ସିର କର୍ମକର୍ତ୍ତା ରବୀନ୍ଦ୍ର ସାହୁ, ଗୟାଧର ବେହେରା, ପରିଚାଳନା ସଦସ୍ୟ ବାବୁଲି ସାମନ୍ତସିଂହାର, ସବିତା ରାଉତରାୟ, ନିର୍ମଳ ଉତ୍ତରକବାଟଙ୍କ ସମେତ କମିଟି ସଦସ୍ୟ ଓ ଚାଷୀ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମଗିରିର ମା' ମଙ୍ଗଳା ଓ ପାୟଲ ରାଇସ୍ ମିଲ ଧାନ କ୍ରୟ କରିଥିବାବେଳେ ୩୩୭ ଜଣ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିଥିଲେ। ୩୩୪ ଜଣ ଚାଷୀଙ୍କୁ ଧାନ ବିକ୍ରୟ କରିବା ପାଇଁ ଟୋକନ ମିଳିଥିବାବେଳେ ୩ଜଣଙ୍କୁ ଟୋକନ ମିଳି ନଥିବା ଜଣାପଡ଼ିଛି। ସେହିପରି ବଳ୍କୁ ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଧାନମଣ୍ଡିକୁ ସୁବଳ ରାଉତ ଉଦ୍‌ଘାଟନ କରିଥିବାବେଳେ ସମ୍ପାଦକ ରୂପକ ସାମନ୍ତରାୟ ଉପସ୍ଥିତ ଥିଲେ। ୮ଜଣ ଚାଷୀଙ୍କଠାରୁ ୧୯୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା।

# ସମର୍ପିତ ସେବା ପାଇଁ ପୁରୀ ଏସ୍‌ପି ସମ୍ବର୍ଦ୍ଧିତ



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ବ୍ୟକ୍ତିବିଶେଷ।

**ଭିତରଚ୍ଛ ମଧୁସୂଦନଙ୍କ ସ୍ମୃତିରେ ବସନ୍ତ ଉତ୍ସବ**

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ଭିତରଚ୍ଛ ମଧୁସୂଦନ ମହାପାତ୍ରଙ୍କ ସ୍ମୃତିରେ ଅନୁଷ୍ଠିତ ବସନ୍ତ ଉତ୍ସବରେ ପୁରୀ ଜିଲା ସମେତ ଶ୍ରୀମନ୍ଦିରର ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ଦକ୍ଷ ପ୍ରଶାସନିକ ସେବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଛି। ଭାଗବତ ଭାଷ୍ୟକାର ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତଙ୍କ ପରିଚାଳନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ମୁଖ୍ୟବକ୍ତା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇଥିବା ବେଳେ ଅତିଥି ଭାବେ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲାପାଳ ଶରତ ବେହେରା, ନୀଳମାଧବ ଭୋଇ, ଉପଜିଲାପାଳ ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପୂଜାପଣ୍ଡା ନିଯୋଗ ସମ୍ପାଦକ ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରା ଓ ଗଣେଶ ଦାସମହାପାତ୍ର, ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର, ଅନେକ ପ୍ରଶାସକ, ମଠାଧୀଶ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ଶ୍ରୀମନ୍ଦିର ନୀତି ଶୃଙ୍ଖଳା ପାଇଁ ରବିଶଙ୍କର ପୂଜାପଣ୍ଡା ସାମନ୍ତ, ସିଂହାରୀ ଲୋକନାଥ କର, ଗରାବଡୁ ସୂର୍ଯ୍ୟନାରାୟଣ ମହାପାତ୍ର, ଭାଗବତ ଓ ସ୍କନ୍ଦ ପୁରାଣର ପ୍ରଚାର ପ୍ରସାର ପାଇଁ ଭାଗବତ ଆଶ୍ରମର ବାବା ବ୍ରଜବନ୍ଧୁ ଦାସ ଓ ଶ୍ରୀମନ୍ଦିର ପଣ୍ଡା ନିଯୋଗର ସଂସ୍କୃତ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ର ମଳୟ ଦାଶଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀମାନେ ଭକ୍ତିସଙ୍ଗୀତ ପରିବେଷଣ କରିଥିବା ବେଳେ ପ୍ରାତଃକାଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠାନ ପକ୍ଷରୁ ଫଳ ବଣ୍ଟନ, ଖଡ଼ଗପୁର ଆଶ୍ରମ ପକ୍ଷରୁ ନଗର ସଂକୀର୍ତ୍ତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭିତରଚ୍ଛ ହରେକୃଷ୍ଣ ପୂଜାପଣ୍ଡା, ବିଶ୍ୱନାଥ ସାମନ୍ତରା, ଡ. ବିଶ୍ୱନାଥ ମିଶ୍ର, ହରିହର ପୂଜାପଣ୍ଡା ସାମନ୍ତ ଓ ଶ୍ୟାମପ୍ରକାଶ ସେନାପତି ସଂଯୋଜନା ଏବଂ ସଞ୍ଚାଳନ କରିଥିଲେ।

# ଟ୍ରାଫିକ୍ ମାର୍ଗଦର୍ଶିକା ଜାରି

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ପବିତ୍ର ମାଘସପ୍ତମୀ ବୁଡ଼ ଅବସରରେ ଚନ୍ଦ୍ରଭାଗା ବେଳାଭୂମିରେ ବୁଡ଼ ପକାଇବା ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେବ। ମାଘସପ୍ତମୀର ଆଧ୍ୟାତ୍ମିକ ମହତ୍ତ୍ୱକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଯେପରି ଭକ୍ତମାନେ ନିରାପଦରେ ଯାତାୟାତ କରିବା ସହ ଶୃଙ୍ଖଳିତ ବୁଡ଼ ପକାଇପାରିବେ, ସେନେଇ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଗାଡ଼ିଗୁଡ଼ିକର ପାର୍କିଂ ଏବଂ ଯାନବାହନ ଚଳାଚଳକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ବୁଡ଼ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ଟ୍ରାଫିକ୍ ନିୟନ୍ତ୍ରଣ ଓ ପାର୍କିଂକୁ ମଧ୍ୟ ଧ୍ୟାନ ରଖାଯାଇଛି। ସ୍ଥାନୀୟ ଲୋକେ ଯେପରି ସମସ୍ୟା ନ ଭୋଗିବେ ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ପାର୍କିଂସ୍ଥଳ ଚିହ୍ନଟ କରାଯାଇଛି। ତେବେ କୌଣସି ଜାଗାରେ ଯେପରି ଟ୍ରାଫିକ୍ ସମସ୍ୟା ନ ହେବ ସେଥିଲାଗି ଟ୍ରାଫିକ୍ ମାର୍ଗଦର୍ଶିକା ଜାରି କରାଯାଇଛି। ପୁରୀ ପାର୍ଶ୍ୱରୁ ଯାଉଥିବା ପର୍ଯ୍ୟଟକ ବସ୍‌ଗୁଡ଼ିକ ରାମଚଣ୍ଡୀ ଥାନା ପଛପାର୍ଶ୍ୱ ପାର୍କିଂସ୍ଥଳରେ ରଖିବେ। ଭୁବନେଶ୍ୱର ଦିଗରୁ ଆସୁଥିବା ବସ୍‌ଗୁଡ଼ିକ ହେଲିପ୍ୟାଡ୍ ପାର୍କିଂ, ରିଙ୍ଗରୋଡ୍ ପାର୍କିଂ ଓ ଆଇଓସିଏଲ୍ ବସ୍ ପାର୍କିଂରେ ରଖାଯିବ। ପୁରୀରୁ ଯାଉଥିବା ଚାରି ଓ ତିନିଚକିଆ ଯାନଗୁଡ଼ିକ ରାମଚଣ୍ଡୀ ମନ୍ଦିର ଛକ ପର୍ଯ୍ୟନ୍ତ ଯିବାକୁ ଅନୁମତି ମିଳିବ। ଉଭୟ ପର୍ଯ୍ୟଟକ ବସ୍ ଏବଂ ଚାରି ଓ ତିନିଚକିଆର ଉଦ୍ଦିଷ୍ଟ ପାର୍କିଂ ଭର୍ତ୍ତିହେଲେ ରାମଚଣ୍ଡୀରୁ ପୁରୀ ଦିଗକୁ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗାଡ଼ି ପାର୍କିଂ କରାଯିବ। ଅସ୍ତରଙ୍ଗ, କାକଟପୁର ଓ କୋଣାର୍କରୁ ପୁରୀ ଆସୁଥିବା ଏବଂ ଯାଉଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ଗୋପ ବଜାର, ନାଗପୁର, ଛଇତନା ଓ ବାଲିଘାଟ ଦେଇ ଯିବାଆସିବା କରିବେ। ଭୁବନେଶ୍ୱର ପଟୁ ଆସୁଥିବା ଚାରି ଓ ତିନିଚକିଆ ଯାନ ପ୍ରଥମେ ହେଲିପ୍ୟାଡ୍ ପାର୍କିଂରେ ରଖାଯିବ। ଉକ୍ତ ସ୍ଥାନ ଭର୍ତ୍ତିହେଲେ ଆଇଓସିଏଲ୍ ପର୍ଯ୍ୟଟକ ମାର୍କେଟ ନିକଟସ୍ଥ ପାର୍କିଂରେ ରଖାଯିବ। ଏହା ଭର୍ତ୍ତି ହୋଇଗଲେ ହସ୍ପିଟାଲ ପାର୍କିଂ, ପରେ ମ୍ୟୁଜିୟମ ପାର୍କିଂ ଓ କୋଣାର୍କ କଲେଜ ପଡ଼ିଆକୁ ଡାଇଭର୍ଟ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ମାଘସପ୍ତମୀ ବୁଡ଼ ପାଇଁ ୩୪ ପ୍ଲାଟୁନ ଫୋର୍ସ

**ପ୍ରସ୍ତୁତି ତଦାରଖ କଲେ ଜିଲାପାଳ**

କୋଣାର୍କ,୨୩।୧(ଜ୍ୟୋତିରାଜ ମହାନ୍ତି)


ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି ।

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ତୀର୍ଥ ପୁଷ୍କରିଣୀରେ ରବିବାର ଭୋର ସମୟରେ ମାଘସପ୍ତମୀ ବୁଡ଼ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାରଠାରୁ ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ମାଘସପ୍ତମୀ ବୁଡ଼କୁ ସୁରକ୍ଷିତ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର ଚନ୍ଦ୍ରଭାଗାଠାରେ ବିଭିନ୍ନ ବିଭାଗର ପ୍ରସ୍ତୁତି ତଦାରଖ କରିବା ସହ କାର୍ଯ୍ୟଗୁଡିକ ବୁଲି ଦେଖିଛନ୍ତି। ଚନ୍ଦ୍ରଭାଗା ମେଳା ପଡ଼ିଆରେ ୱାଟ୍‌କୋ ପକ୍ଷରୁ ଚାଲିଥିବା ନଳକୂପ ଖନନ, ଷ୍ଟାଣ୍ଡପୋଷ୍ଟ ନିର୍ମାଣ, ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପଛପଟ ଓ ବଡିଘର ସମ୍ମୁଖ ରାସ୍ତାପାର୍ଶ୍ୱରେ ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚାଲିଥିବା ଶୌଚାଳୟ ନିର୍ମାଣ କାର୍ଯ୍ୟ, ପୂର୍ତ୍ତବିଭାଗ ପକ୍ଷରୁ ଚାଲିଥିବା ରାସ୍ତା ଓ ବ୍ୟାରିକେଡ୍ ନିର୍ମାଣ କାର୍ଯ୍ୟ, କୋଣାର୍କ ଏନ୍ଏସି ପକ୍ଷରୁ ଚାଲିଥିବା ସଫେଇ କାର୍ଯ୍ୟ ଓ ଡ୍ରେନେଜ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଖନନ କାର୍ଯ୍ୟ ପୁରୀ ଜିଲାପାଳ ବୁଲି ଦେଖିଥିଲେ। ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ଼ ଚଳିତ ବର୍ଷ ବାରୁଣୀ ସ୍ନାନରେ ପଡୁଥିବାରୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁରକ୍ଷିତ ସ୍ନାନ ପାଇଁ ୩୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସୂର୍ଯ୍ୟମନ୍ଦିର ମୁଖ୍ୟ ରାସ୍ତାରେ ବସି ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀମାନଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ନବଗ୍ରହ ପୀଠ ଓ ସୂର୍ଯ୍ୟ ମନ୍ଦିର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଜିଲାପାଳ ପରିଡ଼ା ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୁରୀ ଉପଜିଲାପାଳ ରାଜକିଶୋର ଜେନା, ପର୍ଯ୍ୟଟନ ବିଭାଗ ସହନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରିଡ଼ା, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

ଡେଲାଙ୍ଗ,୨୩।୧
(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଘୋରଡିଆ ଓ ବାଲିହୁଙ୍କା ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବାଲିହୁଙ୍କାରେ ୨୭୨ ଜଣ ଚାଷୀ ପଞ୍ଜୀକୃତ କରିଥିବାବେଳେ ୪ ଚାଷୀଙ୍କଠାରୁ ୧୫୦.୫୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ସେହିପରି ଘୋରଡିଆରେ ୨୮୧ ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ୬ ଜଣ ଚାଷୀଙ୍କଠାରୁ ଧାନ କିଣାଯାଇଥିଲା। କାର୍ଯ୍ୟକ୍ରମରେ ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ଗାଶା ନିଶଙ୍କ, ଆମ୍ବ କମିଟି ଅଧ୍ୟକ୍ଷ ଲଡୁକିଶୋର ରାୟ, ସମ୍ପାଦକ ବିଜୟ କୁମାର ବିଶ୍ୱାଳ, ତୃପ୍ତିମୟୀ ମାର୍ଥା, ପିଇଓ ଚକ୍ରଧର ପାଇକରାୟ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଠିକାଦାର, ସହଯୋଗୀଙ୍କୁ ମାଡ଼ ମରାଯିବା ସହ ହତ୍ୟା ଧମକ

ଅସ୍ତରଙ୍ଗ,୨୩।୧(ମମତା ଜେନା)

ଅସ୍ତରଙ୍ଗ ବ୍ଲକ୍ ତାଳଦା ପଞ୍ଚାୟତ ଅଧୀନ କୁଳସାହି ଗ୍ରାମର ଠିକାଦାରଙ୍କୁ ତାଳଦା ବ୍ରିଜ୍ ଉପରେ ଜଣେ ଯୁବକ ବନ୍ଧୁକ ଦେଖାଇବା ସହ ତାଙ୍କ ସହଯୋଗୀଙ୍କୁ ହତ୍ୟା ଧମକ ଦେଇଥିବା ନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଦୁଇଜଣଙ୍କ ଅଭିଯୋଗ ଉପରେ ଦୁଇଟି ପୃଥକ ମାମଲା (ନଂ.୧୨/୨୬ ଓ ୧୩/୨୬) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ନିରୀକ୍ଷକ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଠିକାଦାର ବିଜନ କୁମାର ପରିଡ଼ା ତାଙ୍କର ଦୁଇ ସହଯୋଗୀଙ୍କ ସହ ତାଳଦା ବ୍ରିଜ୍ ଉପରେ କଥା ହେଉଥିଲେ। ଏହି ସମୟରେ ହଠାତ୍ ଜାକେଶ ପଡ଼ିଆରୀ ପହଞ୍ଚି ତାଙ୍କୁ ଓ ତାଙ୍କ ସହିତ ଥିବା ୪ଜଣ ଯୁବକଙ୍କୁ ହତ୍ୟା ଧମକ ଦେଇ ଫେରାର ହୋଇଯାଇଥିଲେ। ଅପରପକ୍ଷେ ଗ୍ରାମରେ ଏକ ସମସ୍ୟାର ସମାଧାନ ପାଇଁ ସେ ଆଲୋଚନା କରୁଥିବା ବେଳେ ତାଙ୍କୁ ବିଜନ ପରିଡ଼ାଙ୍କ ସମେତ ୪ଜଣ ମାଡ଼ମାରିଥିବା ନେଇ ଜାକେଶ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS2025060, ତା.23.12.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ- ତା.23.01.2026 ରିଖ 1200 ଘଟିକା, **ପଢ଼ାଯିବା ଆବଶ୍ୟକ -** ତା.30.01.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR-238/CI/25-26

# ପୁରୀ ଆସିପାରନ୍ତି ରାଷ୍ଟ୍ରପତି

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ଫେବ୍ରୁଆରୀ ପ୍ରଥମ ସପ୍ତାହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨ରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ୩ରେ ବାଲେଶ୍ୱର ଗସ୍ତକରି ଫକୀର ମୋହନ ବିଶ୍ୱବିଦ୍ୟାଳୟର ୧୨ଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ନେଇ ସୂଚନା ମିଳିଛି। ମା' ବିରଜାଙ୍କ ଦର୍ଶନ କରିବା, ମୟୂରଭଞ୍ଜରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରାଦ୍ଧ ଓ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏନେଇ ଅବଶ୍ୟ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ମିଳିନାହିଁ। ମାତ୍ର ରାଷ୍ଟ୍ରପତିଙ୍କ ଆଗମନକୁ ଦୃଷ୍ଟିରେ ରଖି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଶ୍ରୀମନ୍ଦିର ଏବଂ ମାର୍କଣ୍ଡେୟ, ଶ୍ୱେତଗଙ୍ଗା ପୁଷ୍କରିଣୀ ଗସ୍ତକରି ସ୍ଥିତିର ସମୀକ୍ଷା କରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି।

# ଜିଲା ପ୍ରଶାସନ ପକ୍ଷରୁ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅବସରରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ବିନମ୍ର ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ନେତାଜୀ ସଂଗ୍ରହାଳୟ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରିଥିଲେ। ସେହିପରି ନେତାଜୀ ଛକ ସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ସର୍ବୋଦୟ ସମିତି ସଭାପତି ଉମାବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଡ. ବିପିନାନନ୍ଦ ମିଶ୍ର, ବିଷ୍ଣୁଦତ୍ତ ଦାଶ, ନୀଳକଣ୍ଠ ମହାରଣା, ସୁକାନ୍ତ ମୁଖୀ, ତିଲକ ରାଜ, ଈଶ୍ୱର ଶର୍ମା, ଦର୍ପଣା ଦେବୀ, ମଳୟକାନ୍ତି ଦେ ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ ଓ ସ୍ମୃତିଚାରଣ କରିଥିଲେ।




# ୪ ସ୍ଥାନରେ ଧାନମଣ୍ଡି ଖୋଲିଲା

**ବିଭିନ୍ନ ମଣ୍ଡି ସ୍ଥିତି ଅନୁଧ୍ୟାନ କଲେ ପୁରୀ ଉପନିବନ୍ଧକ**

କାକଟପୁର/ଅସ୍ତରଙ୍ଗ, ୨୩।୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଗର ସମେତ କାକଟପୁର ବ୍ଲକ ଅଧୀନ ଓଥକା, ଚିତ୍ରେଶ୍ୱରୀ ଓ ମଙ୍ଗଳା ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକ ନଗର ସେବା ସମବାୟ ସମିତି ଲିଃ ସଭାପତି ଦୀନବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ-ନିମାପଡ଼ା କେନ୍ଦ୍ରୀୟ ସମବାୟ ସମିତିର ସଭାପତି କୁଞ୍ଜବିହାରୀ ପ୍ରଧାନ, ସମ୍ପାଦକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାକଟପୁର ବ୍ଲକର ମଙ୍ଗଳା ସେବା ସମିତିରେ ସମବାୟ ସମିତି ସମୂହ ପୁରୀ ବିଭାଜନ ଉପନିବନ୍ଧକ ସରୋଜିନୀ ଜେନା ମଣ୍ଡି ଉଦ୍‌ଘାଟନ କରିଥିଲେ। ସହକାରୀ ନିବନ୍ଧକ ସନାତନ ବେହେରା, ସଭାପତି ସୁଭାଷ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ହରେକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଥକା ସେବା ସମବାୟ ସମିତିରେ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଶୁଭ୍ରାଂଶୁ କୁମାର ରାଉତ, ଚିତ୍ରେଶ୍ୱରୀ ସେବା ସମବାୟ ସମିତିରେ ସଭାପତି ଲକ୍ଷ୍ମୀଧର ବେହେରା, ଶାଖା ପରିଚାଳକ ବାବାଜୀ ଚରଣ ମୁଦୁଲି, ସମ୍ପାଦକ ଶଶୀଭୂଷଣ ମିଶ୍ର ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନଗର ସେବା ସମବାୟରେ ୫୧୦, ମଙ୍ଗଳା ସେବା ସମବାୟରେ ୧୪୨, ଓଥକା ସେବା ସମବାୟରେ ୧୭୬ ଓ ଚିତ୍ରେଶ୍ୱରୀ ସେବା ସମବାୟରେ ୩୨୮ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସମବାୟ ସମିତି ସମୂହ ପୁରୀ ବିଭାଜନ ଉପନିବନ୍ଧକ ସରୋଜିନୀ ଜେନା ଓ ସହକାରୀ ନିବନ୍ଧକ ସନାତନ ବେହେରା କାକଟପୁର ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରିଥିଲେ।

# ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨୨ କୁଇଣ୍ଟାଲ ରଡ୍ ଚୋରା ଚାଲାଣ

**ଗାଡ଼ି ଅଟକାଇଲେ ଗ୍ରାମବାସୀ**

ଗୋପ,୨୩।୧
(ଭାରତୀ ଭୂଷଣ ଉପାଧ୍ୟାୟ)




ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ୨୨ କୁଇଣ୍ଟାଲରୁ ଅଧିକ ରଡ୍ ଚୋରା ଚାଲାଣ ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ଏକ ପରିତ୍ୟକ୍ତ ଗୃହରୁ ଏହି ରଡ୍ ଏକ ମିନିଟ୍ରକ୍ ଯୋଗେ ଚୋରା ଚାଲାଣ ହେଉଥିବାବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲା। ଲୋକେ ସେହି ଗାଡ଼ିକୁ ଅଟକାଇ ରଡ୍‌ଗୁଡ଼ିକୁ ବାହାର କରିଦେଇଥିଲେ। ସେହି ରଡ୍‌ଗୁଡ଼ିକୁ ଏବେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରଖାଯାଇଛି। ସୂଚନା ଅନୁଯାୟୀ, କିଛି ବର୍ଷ ହେବ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା ଗୃହ ପରିତ୍ୟକ୍ତ ହୋଇ ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଗୃହକୁ ଭାଙ୍ଗିବା ପାଇଁ ମଧ୍ୟ ବାରମ୍ବାର ଦାବି ହୋଇଆସୁଛି। ଶୁକ୍ରବାର ଏହି ଗୃହକୁ ଗୋପ ଅଞ୍ଚଳର ଜଣେ ଯୁବକଙ୍କ ସହଯୋଗରେ ନୂତନ ଗୃହ ନିର୍ମାଣ ପାଇଁ ଟେଣ୍ଡର ନେଇଥିବା ଠିକାଦାର ଜଣଙ୍କ ଜେସିବି ମେଶିନ ଲଗାଇ ଭାଙ୍ଗିଥିଲେ। ଗୃହରେ ବ୍ୟବହୃତ ହୋଇଥିବା ପୁରୁଣା ରଡ୍‌ଗୁଡିକୁ ସନ୍ଧ୍ୟାରେ ବିକ୍ରି ଲାଗି ଗୋଟିଏ ମିନିଟ୍ରକ୍ ଯୋଗେ ନିଆ ଯାଉଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଦେଖି ଗାଡ଼ିକୁ ଅଟକାଇଥିଲେ। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀଙ୍କୁ ଫୋନ କରି ଜଣାଇବାରୁ ସେ ରଡ୍‌ଗୁଡିକୁ ତୁରନ୍ତ ଆଣି ଡାକ୍ତରଖାନାରେ ରଖିବା ଲାଗି କର୍ମଚାରୀଙ୍କୁ କହିଥିଲେ। ଜଣେ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରଡ୍ ଓଜନ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଆଣିଥିଲେ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ଜସ୍ମିନୀ ଆଫ୍ରୋଜ କହିଛନ୍ତି, ଘଟଣା ସମ୍ପର୍କରେ ଜାଣି ନ ଥିଲି। ଅଭିଯୋଗ ପାଇବା ପରେ ଚୋରା ଚାଲାଣ ହେଉଥିବା ରଡ୍‌ଗୁଡିକୁ ତୁରନ୍ତ ଫେରାଇ ଆଣି ଓଜନକରି ରଖାଯାଇଛି ବୋଲି ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ପୁରୁଣା ସରକାରୀ କୋଠା ଭଙ୍ଗାଯିବା ପରେ ସେଠାରୁ ବାହାରିଥିବା ସାମଗ୍ରୀଗୁଡ଼ିକୁ ସର୍ବସମ୍ମୁଖରେ ନିଲାମ କରାଯିବାର ନିୟମ ଥିବାବେଳେ କିପରି ତାହାକୁ ଚୋରା ଚାଲାଣ କରାଯାଉଥିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹ ୩୬,୮୮,୦୦୦/- ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଅଡିଓ ଏବଂ ଭିଡିଓ ସିଷ୍ଟମର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଏସ୍‌ଆଇଟିସି)** ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **୦୯ ଫେବୃଆରୀ, ୨୦୨୬ ଅପରାହ୍ଣ ୦୨:୦୦ ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

**OFFICE OF THE SR. GENERAL MANAGER (ELECTRICAL)**
OHPC UPPER INDRAVATI HYDRO ELECTRIC PROJECT, MUKHIGUDA
DIST.: KALAHANDI - 766026
E-mail: sgmel_uihep@ohpcltd.com/sgmeluihep@gmail.com

**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 43/2025-26 Dated: 19.01.2026**

No. CAD-3065: Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/reputed suppliers for supply of the following materials as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheqe (Refundable) in Rs. | Period of Sale/ Download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Supply of Electrical Materials for Fuse Call Section of UIHEP, Mukhiguda | 708/- (inclusive of GST @ 18%) | 1% of Quoted Value | From 27.01.2026 to 07.02.2026 upto 12.00 Hrs. | 07.02.2026 (Upto 13.00 Hrs.) | 07.02.2026 at 16.30 Hrs. |

For details of the tender documents, Terms and Conditions please visit our website www.ohpcltd.com.

OIPR-
Sd./- C&P Head
UIHEP, Mukhiguda

**वन विभाग छत्तीशगढ़**
**बस्तर (सामान्य) वनमंडल, जगदलपुर**
**ई-ऑक्सन विज्ञापन**

सर्व साधारण को सुचनार्थ प्रकाशित किया जाता है कि, बस्तर सामान्य वनमंडल जगदलपुर के सरगीपाल काष्ठागार में दिनांक 02.02.2026 को इमारती काष्ठ का ई-ऑक्सन द्वारा निम्नानुसार किया जावेगा। इच्छुक व्यापारियों से अनुरोध है कि, ई-ऑक्सन में भाग लेकर डिपो में रखी वनोपज की भली-भांति अवलोकन कर ई-ऑक्सन से संबंधित जानकारी वनमंडल कार्यालय जगदलपुर अथवा काष्ठागार सरगीपाल से कार्यालयीन दिवसों मे प्राप्त किया जा सकता है। प्रस्तावित मात्रा में कमी या अधिकता हौ सकती है, कुपया ई-ऑक्शन में बीड लगाने के पूर्व वनोपज का निरीक्षण करने के बाद बीड लगावें।

1. क्रेताओं को ई-ऑक्सन से पूर्व एम.एस.टी.सी. ई-कॉमर्स पोर्टल, में रजिस्ट्रेसन करना अनिवार्य है।
2. क्रेताओं को ई-ऑक्सन के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वालेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी सूची एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉग इन करके देख सकते है।
4. ई-ऑक्सन में लॉट क्रय के पश्चात् प्रथम क्रेता को 30 सेकण्ड का समय प्राप्त होगा, उसी लॉट में अन्य क्रेताओ द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

**काष्ठागार सरगीपाल ई-ऑक्सन समय 9.00 बजे दिनांक 02.02.2026**

**काष्ठागार सरगीपाल नीलाम में रखे गये वनोपज की मात्रा**

| प्रजाति | वनोपज की मात्रा | | | | | |
|---|---|---|---|---|---|---|
| | नया काष्ठ | | | पुराना काष्ठ | | |
| | घनमीटर (अनुमानित) | बल्ली | डेंगरी | घनमीटर | बल्ली | डेंगरी |
| 1 | 2 | 3 | 4 | 5 | 6 | 7 |
| सागौन | 100.00 | 100 | 100 | 1110.885 | 10370 | 2929 |
| साल | 356.000 | 50 | 50 | 1957.454 | 0 | 20 |
| बीजा | 20.000 | 0 | 0 | 85.810 | 9 | 6 |
| साजा | 3.000 | 0 | 0 | 33.342 | 0 | 12 |
| हल्दु | 4.000 | 0 | 0 | 100.094 | 0 | 0 |
| शीशम | 0.000 | 0 | 0 | 0.000 | 0 | 0 |
| सिवना | 1.000 | 0 | 0 | 0.000 | 0 | 0 |
| तिंसा | 1.000 | 0 | 0 | 4.706 | 2 | 0 |
| नीलगिरी | 0.000 | 0 | 0 | 0.000 | 0 | 0 |
| धावड़ा | 5.000 | 0 | 0 | 41.055 | 0 | 0 |
| अन्य | 10.000 | 0 | 0 | 66.894 | 18 | 8 |
| पाईन | 0.000 | 0 | 0 | 0.000 | 0 | 0 |
| अकेशिया | 0.000 | 0 | 0 | 80.346 | 3011 | 1094 |
| मुलायन काष्ठ | 0.000 | 0 | 0 | 0.000 | 0 | 0 |
| योग: | 500.000 | 150 | 150 | 3480.586 | 13410 | 4069 |

नया सागोन चट्टा - 06 चट्टा
नया मिश्रित जलाऊ चट्टा - 100 चट्टा
अविक्रित औद्योगिक बांस - 64.249 नो.टन

स्वा./- वन मंडलाधिकारी
बस्तर वन मंडल, जगदलपुर
G-252606227/2

# ଆଲୋକର କବି ବିଦ୍ୟୁତ୍‌ପ୍ରଭା

ଅବଲୋକନ



ଡ. ସଂଯୁକ୍ତା ଦାସ

**ବିଦ୍ୟୁତ୍‌ର ଝଲକ ପରି ଓଡ଼ିଆ କାବ୍ୟ କବିତା ରଚନା କ୍ଷେତ୍ରରେ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କର ଆବିର୍ଭାବ ଓ ତିରୋଧାନ। ଅଳ୍ପ କିଛି ବର୍ଷର ସାହିତ୍ୟ ସାଧନା ପରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଆଧାତ୍ମିକ ଭାବାଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିଚେରୀରେ ତାଙ୍କର ପଦାର୍ପଣ। ସାହିତ୍ୟ ରଚନାର ସ୍ୱଳ୍ପ ସମୟ ଅବଧି ମଧ୍ୟରେ କବି ଓଡ଼ିଆ କାବ୍ୟ କବିତାକୁ ନିଜସ୍ୱ ଅବଦାନରେ ଯେପରି ସମୃଦ୍ଧ କରିଯାଇଛନ୍ତି, ତାହା ଆଜି କିମ୍ବଦନ୍ତୀ। କୁନ୍ତଳା କୁମାରୀ ସାବତଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ଥିଲେ ଦ୍ୱିତୀୟ ପ୍ରତିନିଧି ସ୍ଥାନୀୟା କବି।**

ଶତବର୍ଷ ସ୍ମରଣ



[୧୯୨୬ – ୧୯୭୭]

ବିଦ୍ୟୁତ୍‌ପ୍ରଭାଙ୍କ ଜନ୍ମ ୧୯୨୬ରେ ଓ ତିରୋଧାନ ୧୯୭୭ରେ। କାବ୍ୟସାଧନା ମାତ୍ର ଦଶବର୍ଷ (୧୯୪୬–୧୯୫୭)। ଏଇ ସ୍ୱଳ୍ପ ସମୟ ସୀମା ମଧ୍ୟରେ ସେ ଓଡ଼ିଆ ସାହିତ୍ୟକୁ ଦେଇଯାଇଛନ୍ତି 'ସବିତା' (୧୯୪୭), 'ଉତ୍କଳର ସାରସ୍ୱତ ପ୍ରତିଭା' (୧୯୪୭), 'ମରୀଚିକା' (୧୯୪୮) 'କନକାଞ୍ଜଳି' (୧୯୪୮), 'ବିହାୟସୀ' (୧୯୪୯), 'ବନ୍ଦନିକା' (୧୯୫୦), 'ସ୍ୱପ୍ନଦୀପ' (୧୯୫୧), 'ଝରା ଶିଉଳି' (୧୯୫୨) ଓ 'ଯାହାକୁ ଯିଏ' (୧୯୫୭)। ପୂର୍ବରୁ ପ୍ରକାଶିତ ଓ କେତେକ ଅପ୍ରକାଶିତ କବିତାକୁ ନେଇ ଏକ 'ସଞ୍ଚୟନ' ୧୯୫୭ରେ ପ୍ରକାଶ ପାଇଛି। ଏହି 'ସଞ୍ଚୟନ'ରେ ମୋଟ ଏଗାରଟି ବିଭାଗ ରହିଛି।

ବିଦ୍ୟୁତ୍‌ପ୍ରଭାଙ୍କ କବିତାର ପ୍ରଧାନ ବିଶେଷତ୍ୱ ହେଉଛି– ଭାଷାର ସରଳତା, ପ୍ରାଣର ସ୍ୱଚ୍ଛତା ଓ ଛନ୍ଦର କମନୀୟତା। ଆବେଗମୟତା ମଧ୍ୟରେ ପଲ୍ଲୀଜୀବନର ସରଳ ଓ ନିଖୁଣ ଚିତ୍ରକୁ ଅଙ୍କନ କରିବାରେ ସେ ଥିଲେ ସିଦ୍ଧହସ୍ତା। ପଲ୍ଲୀ ଜୀବନର ସୁଖ–ଦୁଃଖ, ହର୍ଷ–ବିଷାଦ, ଆଲୋକ–ଅନ୍ଧାର ମଧ୍ୟଦେଇ ସେ ନାରୀ ଜୀବନର ନିୟତିକୁ ସାର୍ଥକ ଭାବରେ ରୂପାୟନ କରିଛନ୍ତି। ଗଭୀର ଆଶାବାଦ ଏବଂ ମାନବବାଦର ନିର୍ଯାସ ତାଙ୍କ କବିତାକୁ କରିଛି ସ୍ନିଗ୍ଧ, ସୌରଭ ଓ ଶୀତଳ। 'କନକାଞ୍ଜଳି'ର ପ୍ରତିଟି କବିତା ପଲ୍ଲୀର ସ୍ମୃତିରେ ଉଚ୍ଛଳ। ପଲ୍ଲୀର ରଜପର୍ବ, ମାଣବସା, ଦୀପାବଳି, ପ୍ରଥମାଷ୍ଟମୀ, କୁଆଁର ପୂନିଅଁ, ବର୍ଷା, ଦିଅଁଦେବତା, ନଈ–ପୋଖରୀ, ସଞ୍ଜ–ସକାଳ, ଆଲୁଅ–ଅନ୍ଧାର ଆଦି ତାଙ୍କ କବିତାରେ ମନୋଜ୍ଞ ରୂପ ପରିଗ୍ରହଣ କରିଛି। 'ରଜକମେଇ' କବିତାରେ ଝିଅ ଘରକୁ ଭାର ସଜାଡୁ ସଜାଡୁ ସ୍ନେହଶୀଳା ଜନନୀଙ୍କ ଆଖିରୁ ଲୁହର ଝର କବିଙ୍କ ଦରଦୀ ଚେତନାକୁ ଉଜାଗର କରିଛି: "ସଜାଡୁ ଜନନୀ ଦୁହିତା ଗୃହେ ପହିଲି ଭାର/ ଝରିପଡ଼େ ମାତା ନୟନଯୁଗୁ ଶ୍ରାବଣ ଧାର/ ଜଡ଼ିତ କଣ୍ଠେ ଭାଷଇ ଗାଁ ନାପିତେ ରାଇ/ ରାଣୀ ମୋର ତୁମ ବାଟକୁ ଆଜି ଥିବ ତ ଚାହିଁ।"

'ବୈଶାଖ' କବିତାରେ ପଲ୍ଲୀର ରୁଦ୍ର ବିଷାଣ ରୂପ ପ୍ରକଟିତ ଏହିପରି: "ଧରାରେ ଆସିଲା ଆଗ୍ନେୟ ବଇଶାଖ/ ଝଞ୍ଜା ବିଷାଣ ବଜାଇ ରୁଦ୍ର ଭେରୀ/ ବିଜୟଗର୍ବେ ନାଚେ ମରୀଚିକା ବେଣୀ/ ଦୀପ୍ତ ତପନ ଗଗନେ ଉଠିଲା ଜଳି।" ପଲ୍ଲୀ ନାରୀର ଦ୍ୱୈତ ରୂପକୁ ଦେଖି କବି ବିସ୍ମୟ–ବିମୂଢ଼ା ହୋଇଯାଇଛନ୍ତି। ତା'ର ଗୋଟିଏ ରୂପରେ ନାଗୁଣୀର ଦଂଶନ, ଯାହାର ପାଦତଳେ ଦାସ ଭାବରେ ପୁରୁଷ ଲୋଟିପଡ଼େ ପୁଣି ଅନ୍ୟ ଏକ ଦୁର୍ଲଭ ସ୍ୱର୍ଗୀୟ ରୂପ ମନରେ ଆଣେ ଅଫୁରନ୍ତ ଆନନ୍ଦ। 'ସ୍ୱପ୍ନଦୀପ' କବିତା ସଂକଳନରେ ନାରୀର କୁମାରୀ ଜୀବନଠାରୁ ବୈବାହିକ ଜୀବନ ପର୍ଯ୍ୟନ୍ତ ଟିକିନିଖି ବିବରଣ ରୂପାୟିତ। କବି ଆଶାବାଦୀ। କହନ୍ତି: "ଝରିବା ଆଗରୁ ବନ୍ଧୁ ମାଟି କୋଳେ ଝରାପତ୍ର ସମ/ ଜୀବନର ଯେତେ ରାଗେ ବିଶ୍ୱମରୁ କରିବା ସୁଷମ।" (ଝରାପତ୍ର–ସ୍ୱପ୍ନଦୀପ)।

ପ୍ରକୃତି ଚିତ୍ରଣରେ ପରମ୍ପରାର ଅନୁଗମନ ଓ ଉଲ୍ଲଂଘନ ସମାନ୍ତର ଭାବେ ଗତିଶୀଳ। ପଲ୍ଲୀର ନିତିଦିନିଆ ଛୋଟଛୋଟ ଦୃଶ୍ୟ, ଘାସଗଛ, ଗୁଗୁଚିଆ ମଧ ତାଙ୍କ ଦୃଷ୍ଟି ପରିଧିରୁ ବାଦ୍ ପଡ଼ିନାହିଁ। 'ସନ୍ଧ୍ୟାଶ୍ରୀ'ର ଚିତ୍ର ଦେବାକୁ କବି ଆକାଶର ଦୁଇଟି ତାରାର କଳ୍ପନା କରିଛନ୍ତି: "ଝରାଇ ଲାବଣ୍ୟଝରା ହସନ୍ତି ଦୁଇଟି ତାରା/ ପରସ୍ପରେ ହୋଇ ଚାହାଁଚୁହିଁ/ ଅଣାୟତ୍ତେ ଆଜି ଯେହ୍ନେ ସଞ୍ଚର ଏ ରୂପାୟନେ/ ହଜିଅଛି ନିଜ ମଧ୍ୟେ ମୁହିଁ।" (ବନ୍ଦନିକା, ପୃ:୪୮)

କବିଙ୍କ ଆଖିରେ ଏ ଧରା ଚିର ସୁନ୍ଦର ଓ ଶାଶ୍ୱତ। ତା'ର ଋତୁଚକ୍ର, ନଦନଦୀ, ତା'ର ଅମୃତର ସନ୍ତାନ ମଣିଷ, ସମସ୍ତଙ୍କୁ ସେ ଭଲପାଇଛନ୍ତି। 'ମାଟିର ଦୀପ' ତାଙ୍କ ଦୃଷ୍ଟିରେ ବିଶ୍ୱସେବା ଓ ତ୍ୟାଗର ପ୍ରତୀକ। ପ୍ରଦୀପ ନିଜର ଚଉପାଶକୁ ଘନ ଅନ୍ଧକାର ମଧ୍ୟରେ ରଖି ଅନ୍ୟକୁ ଆଲୋକ ଦିଏ। ମାନବ ଜୀବନ ପର ପାଇଁ ଉତ୍ସର୍ଗରେ ଧନ୍ୟ ହୁଏ, ଏହି ଦର୍ଶନ ଏଠି ବ୍ୟଞ୍ଜିତ। କବିଙ୍କର ଅନ୍ୟାନ୍ୟ କବିତା ଯଥା: କଲିକତା କୁଲି, ପଲ୍ଲୀ ଓ ନଗର, ମାଟିର ମଣିଷ, ନିଧି ମଳିକ, କିରାଣୀ ବୋହୂ ଆଦି ମାନବବାଦୀ ଚିନ୍ତାଧାରାରେ ପୁଷ୍ଟ। କବି ଅନେକ ଗାଥା କବିତା ମଧ ରଚନା କରିଛନ୍ତି। ସଞ୍ଚୟନର 'ଖଦ୍ୟୋତିକା' ବିଭାଗରୁ ଏହାର ପରିଚୟ ମିଳେ।

କବିର ସୃଜନଧାରା ୧୯୫୭ ପରେ କ୍ରମେ କ୍ଷୀଣ ଓ ନୀରବ ହୋଇଯାଇଥିବା କୁହାଯାଏ। କିନ୍ତୁ ଗଭୀରତାର ସହ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏଇ ନୀରବତା ମଧ୍ୟରେ ନିହିତ ଏକ ଉତ୍ତରଣର ସଂକେତ। ତାଙ୍କ ଉତ୍ତରଜୀବନର କବିତାଗୁଡ଼ିକ ପଣ୍ଡିଚେରୀ ଆଶ୍ରମ, ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ ଅବଲମ୍ବନ କରି ଗତିଶୀଳ। 'ପୁଷ୍ପାଞ୍ଜଳି', 'ଜ୍ୟୋତିଶିଖା' ଓ 'ସୂର୍ଯ୍ୟମୁଖୀ' ଏହାର ଦୃଷ୍ଟାନ୍ତ। ଏଥର ଶୁଣିବା ତାଙ୍କୁ: ୧. "ମାନବ ଜଗତେ ଦେଖାଦେବେ ଆସି/ ଅତିମାନସର ନୂତନ ଜାତି/ ମାଟିର ଧରଣୀ ସରଗ ହୋଇବ/ ବିରାଜିବ ଚିର ଆନନ୍ଦ ଶାନ୍ତି।" (ପୁଷ୍ପାଞ୍ଜଳି), ୨. "ପାହି ପାହି ଆସେ ସୃଷ୍ଟିର ଅମାରାତି/ ଉଠ ଦେଶବାସୀ, ଜାଗ ଏବେ ମୋର ଜାତି।" (ସୂର୍ଯ୍ୟମୁଖୀ)। ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଫିକା ଛାଇଟିଏ ଉକୁଟି ଉଠି ଉଭେଇଯାଏ କବିଙ୍କର ଏଇ ଦୀପ୍ତ ଉଚ୍ଚାରଣରେ। ଜନ୍ମର ଏକଶତ ବର୍ଷ ପରେ ବି ଆଜି କେତେ ପ୍ରାସଙ୍ଗିକ ନୁହନ୍ତି ସତରେ ଆଲୋକର କବି ବିଦ୍ୟୁତ୍‌ପ୍ରଭା। ତାଙ୍କୁ ଏ ଜାତିର ଶତକୋଟି ପ୍ରଣାମ!

– ଅଧ୍ୟାପିକା, ଓଡ଼ିଆ ବିଭାଗ,
ରଘୁନାଥ ସମବାୟ ମହାବିଦ୍ୟାଳୟ,
ଓଡ଼ଗାଁ, ନୟାଗଡ଼

## ପୁସ୍ତକ ପରିଚୟ

### ଆକ୍ଷିରୁ ଅନ୍ତରୀକ୍ଷ




**ଲେଖକ:** ଡ. ଭରତ ବେହେରା
**ପ୍ରକାଶକ:** ଅଗ୍ରଦୂତ, ବାଙ୍କାବଜାର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/–

ଆଲୋଚ୍ୟ ସମାଲୋଚନାଗ୍ରନ୍ଥରେ ମୋଟ ୧୭ଟି ନିବନ୍ଧ ସ୍ଥାନିତ। ସଚ୍ଚି ରାଉତରାୟ, ସରୋଜ ରଞ୍ଜନ ମହାନ୍ତି, ଦୁର୍ଯ୍ୟୋଧନ ଦାସ, ନୀଳମଣି ପରିଡ଼ା, ଉପେନ୍ଦ୍ର ପ୍ରସାଦ ନାୟକ, ଭଗବାନ ଜୟସିଂହ, ଅନ୍ନପୂର୍ଣ୍ଣା ମହାନ୍ତି, ଶ୍ରୀଦେବ, ପ୍ରମିଳା ଶତପଥୀ, ଧନଞ୍ଜୟ ସ୍ୱାଇଁ, ସୁଶାନ୍ତ କୁମାର ନାୟକ ଓ ଜୟନ୍ତିକାଙ୍କ ପରି ଏକକ କବିଙ୍କ କବିତା ସମ୍ପର୍କରେ ଡ. ବେହେରା ଯେଉଁ ମୂଲ୍ୟାୟନ କରିଛନ୍ତି, ତାହା ଏହି କବିମାନଙ୍କୁ ପରିଚିତ କରାଇବାରେ ସହାୟତା କରିବ। ଗ୍ରନ୍ଥରେ ଅନ୍ୟ କେତେକ ପ୍ରବନ୍ଧ ରହିଛି, ଯାହାର ପରିସର ଭିନ୍ନ। ଯଥା: 'ନୀଳଗିରି ପ୍ରଜା ଆନ୍ଦୋଳନର କାରଣ, ଫଳାଫଳ ଓ ପ୍ରଭାବ', 'ସ୍ମରଣୀୟ ବାଲ୍ୟକାଳ', 'ମୁଁ କାହିଁକି କବିତା ଲେଖେ: କବିତାର ଆଭିମୁଖ୍ୟ' ଏବଂ 'ସମାନତାବାଦୀ ଓଡ଼ିଆ କବିତା: ଏକ ଆକଳନ'। ପ୍ରଥମଟିରେ ଗଡ଼ଜାତର ଶ୍ରେଣୀ ବିଭାଜନ, ନୀଳଗିରି ରାଜବଂଶର ବିଶ୍ଳେଷଣ, ନୀଳଗିରି ପ୍ରଜା ଆନ୍ଦୋଳନର ଆର୍ଥିକ କାରଣ, ନୀଳଗିରି ପ୍ରଜା ଆନ୍ଦୋଳନର ଉତ୍ପତ୍ତି ଓ ପ୍ରଜାମଣ୍ଡଳ ଆନ୍ଦୋଳନର ଫଳାଫଳ ଆଦି ଆଲୋଚିତ ହୋଇଛି। 'ସ୍ମରଣୀୟ ବାଲ୍ୟକାଳ'ରେ କବି ନିଜ ବାଲ୍ୟଜୀବନର ଅନୁଭୂତି ଓ 'ମୁଁ କାହିଁକି କବିତା ଲେଖେ'ରେ ସେ କାହିଁକି କବିତା ଲେଖନ୍ତି, ତା'ର ସୂଚନା ଦେଇଛନ୍ତି। କହିଛନ୍ତି: "ଅବିଚାରିତ ମଣିଷର ବ୍ୟଥା, ବେଦନା, ସଂଘର୍ଷକୁ ଶବ୍ଦରୂପ ଦେବା ହିଁ ମୋ' କବିତାର ଅନ୍ତଃସ୍ୱର। ମଳିମୁଣ୍ଡିଆ ମଣିଷର ଜୀବନ ସଂଗୀତକୁ ସମସ୍ତଙ୍କ କାନରେ ପକାଇବା ପାଇଁ ମୁଁ କବିତା ଲେଖିଆସୁଛି।" ଏ ଦୁଇଟି ଲେଖା କିନ୍ତୁ ବହିର ସାମଗ୍ରିକ ପରିକଳ୍ପନା ଦୃଷ୍ଟିରୁ ବେଖାପ ଲାଗେ। ଗ୍ରନ୍ଥର ଶେଷ ପ୍ରବନ୍ଧଟି ହେଉଛି 'ସମାନତାବାଦୀ ଓଡ଼ିଆ କବିତା' ସମ୍ପର୍କରେ। ଏଥିରେ ସେ 'ଦଳିତ କବିତା'କୁ 'ସମାନତାବାଦୀ' କବିତା ବୋଲି ଦର୍ଶାଇ ବାସୁଦେବ ସୁନାନୀଙ୍କ 'ଅସ୍ପୃଶ୍ୟ' କବିତାଗ୍ରନ୍ଥରୁ ଏହି ଧାରା ଆରମ୍ଭ ହେଲା ବୋଲି କହିଛନ୍ତି, ଯାହା ବିତର୍କର ଅପେକ୍ଷା ରଖେ।

### ପ୍ରଚ୍ଛଦ କବିତା




**କବି:** ପ୍ରଶାନ୍ତ ଦାସ
**ପ୍ରକାଶକ:** ଟୁପୁର କ୍ରିଏସନ୍ସ, ଆଜିମାବାଦ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୯୧/–

ଏ ଏକ ବିଚିତ୍ର ବହି। ଏଇ ଧାଡୁର ବହି ସମ୍ଭବତଃ ଓଡ଼ିଆ ସାହିତ୍ୟରେ ନୂଆ। ଏଥିରେ କିଛି କବିଙ୍କ ବହିର ନାଁକୁ ନେଇ ପ୍ରଶାନ୍ତ ଗୋଟିଏ ଗୋଟିଏ କବିତା ଲେଖିଛନ୍ତି, ଯାହା ଚିନ୍ତନ ଓ ଉପସ୍ଥାପନରେ ନିଜସ୍ୱ। ମୋଟ ଛବିଶଟି ବହିର ଶିରୋନାମ, ଯହିଁରେ ନିଜ ବହି 'ଜରି ଗୋଟାଇବା ଝିଅ' ବି ରହିଛି। ସବୁ ବହି ଓ ସବୁ କବିଙ୍କର ନାଁ ନେଲେ ସମୀକ୍ଷା ଦୀର୍ଘ ହୋଇଯିବାର ଆଶଙ୍କା ଥିବାରୁ ଏଠାରେ ତାହା କରାଯାଉନାହିଁ। ବହିର 'ମୁଖବନ୍ଧ' ଲେଖିଛନ୍ତି ଗଙ୍ଗାଧର ବିଶ୍ୱାଳ, ଯହିଁରେ ସେ 'ପ୍ରଚ୍ଛଦ କବିତା' ଭଳି ଏକ ଗ୍ରନ୍ଥର ଜନ୍ମ ସମ୍ପର୍କରେ ସୂଚନା ଦେଇଛନ୍ତି। ଚା'ଖଟିରୁ ସବୁ ବନ୍ଧୁ ଚାଲିଯିବା ପରେ ପ୍ରଶାନ୍ତ ଓ ଗଙ୍ଗାଧର ଦୁହେଁ କିପରି ଏ ବହିର ପରିକଳ୍ପନା କଲେ, ତାହା ଏଥିରେ ବିବୃତ ହୋଇଛି। 'ଲେଖକୀୟ'ରେ କବି ତାଙ୍କ ସୃଜନ ପ୍ରକ୍ରିୟା ସମ୍ବନ୍ଧରେ ଅବଗତ କରାଇଛନ୍ତି। 'ପାଠକନାମା' ଲେଖିଛନ୍ତି ଶଶିରଞ୍ଜନ ମଲ୍ଲିକ। କହିଛନ୍ତି: "ଖଣ୍ଡିଏ ଭଲ ବହି ମଣିଷ ଜୀବନର ଗତିପଥକୁ ବଦଳାଇ ଦେଇପାରେ। ଗଭୀର ସମୁଦ୍ରରେ ଥଳକୂଳ ପାଉ ନ ଥିବା ନାବିକଟିଏ ପାଇଁ ବତିଘର ସଦୃଶ କାମ କରିପାରେ। ଗୋଟିଏ ନୂଆ ପରମ୍ପରା ସୃଷ୍ଟି କରିପାରେ। ସେହିଭଳି ଏକ ପୁସ୍ତକ ହେଉଛି 'ପ୍ରଚ୍ଛଦ କବିତା'।" ଯେଉଁ କବିମାନଙ୍କର ପ୍ରଚ୍ଛଦ କବିତାକୁ ନେଇ ବହିଟି କଳ୍ପିତ, ସେମାନଙ୍କର ଫଟୋ, ପରିଚୟ ଓ ଠିକଣା ପ୍ରଦତ୍ତ ହୋଇଛି। ପାଠିକାପାଠକମାନେ ମୂଳ କବିତା ସହ ପ୍ରଶାନ୍ତଙ୍କ ରଚିତ କବିତାକୁ ମିଳାଇ କବିତାର ବୃହତ୍ତର ଆନନ୍ଦରେ ନିଜକୁ ଭାଗୀଦାର କରିବେ ବୋଲି ଆଶା।

## କବିତା

### ସ୍ୟାହିଭରା ଆକାଶ

ପାରମିତା ଷଡ଼ଙ୍ଗୀ

ସ୍ୟାହିରେ ଭରା ଆକାଶ
ମୁଁ ରଖିନେବି, ମୋର ଅନ୍ଧାର
ସହ ଚାଲିବାର ଅଛି,
ତୁମେ ସକାଳଟିକୁ ରଖିନିଅ!

ରାତିର ଚାଦରରେ ମୁଁ
ଅନେକ ନିରବତା ସିଇଁଛି,
ତାରାଙ୍କ ମଳିନ ଆଲୋକରେ
ନିଜ ଛାଇକୁ ନେଇ ଚାଲିଛି।

ମୁଁ ଦେଖିଛି
ଅନ୍ଧାରରେ ବି ପଥ ଚାଲେ,
କେବେ ଚନ୍ଦ୍ରର ପତଳା
ଧାରେ କିରଣ ସହ
ତ କେବେ ହୃଦୟର
କ୍ଳାନ୍ତ ସ୍ପନ୍ଦନ ନେଇ।

ରାତିରେ ସ୍ୱପ୍ନଗୁଡ଼ିକ ଭାଙ୍ଗିଯାଏ,
ସେଗୁଡ଼ିକୁ ନିରବରେ ସଂଗ୍ରହ କରି
ମୋ' ହାତମୁଠାରେ
ଶେଷ ଜୁଲୁଜୁଲିଆ ପୋକର
ଆଲୋକ ପରି
ସାବଧାନରେ ମୁଁ ସମ୍ଭାଳି ରଖେ।

ଅନ୍ଧାର ମୋ' ସହିତ ଚାଲେ
ନିର୍ବିକଳ୍ପ, ନିରବରେ...
ସେମାନଙ୍କ ଗହଣରେ ମୁଁ
ନିଜକୁ ସବୁଠୁ ବେଶୀ ଶୁଣିପାରେ।

ତୁମେ ସକାଳକୁ ଜାବୁଡ଼ି ଧର!
ମୁଁ ରାତିର ଏକ ଅଂଶ,
ତୁମେ ଆଲୋକର ଦିବ୍ୟତାରେ
ନୂଆ ସକାଳଟେ ସଜାଇନିଅ
ନିଜ ପାଇଁ!
ସ୍ୟାହିଭରା ଆକାଶକୁ
ମୁଁ ରଖିନେବି।

– ମୁମ୍ବାଇ
ମୋ: ୯୮୬୭୧୧୩୧୧୩

### ସତ୍ୟ ଭିତରେ

ଗଜାନନ ମିଶ୍ର

ମିଛ, ମିଛ ନାଟକ, ମିଛ ସଂପର୍କ
ଆଉ ଆଉ ମିଛ ଭିତରେ ସେମାନେ
ସବୁ ଜୀବିତ ଆଉ ମୃତ।

ଥରକୁ ଥର ବଦଳିଲାବେଳେ
ନାଁ ଗାଁ ଠିକଣା ଯିଏ ଯୋଉଠି
ସ୍ଥିର ଆଉ କାଳୁଷ୍ଠ।

ବଦଳିଯାଏ ସ୍ଥାନ କାଳ ପାତ୍ର
ଦେଖୁ ଦେଖୁ ଆଉ ପ୍ରକୃତ ସତ୍ୟ
ବାହାରେ ବାହାରେ ହୋଇଯାଏ ଅସ୍ତ।

ଭିତର ପ୍ରବେଶ ନିଷେଧ ଆଉ
ସବୁ ନିଷେଧାଜ୍ଞା ସମୟ ସମୟରେ
କହି ନ ହେଲାବେଳେ ଘୋଷିତ।
ଉଦ୍ଦେଶ୍ୟ ମହତ ଆଉ ସମସ୍ତ କ୍ରିୟା
ପ୍ରତିକ୍ରିୟା ରହେ ସତ୍ୟ ଭିତରେ ଗୁପ୍ତ।

– ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ମେଘ ଚାଲିଗଲା

ଗୀତି–କବିତା

ପ୍ରଦ୍ୟୁମ୍ନ ପଟ୍ଟନାୟକ

ମେଘ ଚାଲିଗଲା ମେଘ ବାଟରେ
ଫେରିବାର କଥା ଦେଇ
ଏଠି ଭିଜା ମାଟି ଗୁମାନେ ବସିଛି
ବାଟ ତାର ଚାହିଁ ଚାହିଁ।

ଆସିଲା ବଉଦ ବରଷିଲା ପାଣି
ଫୁଟାଇଲା ଶତଦଳ
ଭିଜାଇ ମଜାଇ ଗଲା ଯେବେ ଚାଲି
ଆଖି ହୁଏ ଛଳଛଳ
ନଦୀପଠା ଧାରେ ଶୁଭ୍ର କାଶତଣ୍ଡୀ
ଆଶ୍ୱାସନା ଦେଉଥାଇ।

ନିଃସଙ୍ଗ ନିଶିରେ ଉଦାସୀ ନୟନେ
ଦିହୁଡ଼ି ଜଳୁଛି କେତେ
ଛାତିତଳ ବ୍ୟଥା ଗୁମୁରି ଉଠୁଛି
ନୀଳ ନିରିଜନ ସାଥେ
କୋହର କାକରବିନ୍ଦୁ ଝରୁଥାଇ
ଲୁହ ଟୋପା ଟୋପା ହୋଇ।

ମୋ: ୯୯୬୮୨୮୦୮୯୬

## କାଳକାଳକୁ



**"ନାରୀର ଦେଶ ନାହିଁ, ପୂରା ବିଶ୍ୱ ତା'ର ଦେଶ।"**
– ଭର୍ଜିନିୟା ଉଲ୍‌ଫ

**ଭର୍ଜିନିୟା ଉଲ୍‌ଫଙ୍କ** ଜନ୍ମ ୨୫ ଜାନୁଆରୀ ୧୮୮୨ରେ ଓ ପରଲୋକ ୨୮ ମାର୍ଚ୍ଚ ୧୯୪୧ରେ ଇଂଲଣ୍ଡରେ। ସେ ଉପନ୍ୟାସରେ 'ଚେତନାପ୍ରବାହ ଧାରା'ର ପ୍ରବର୍ତ୍ତିକା ଓ ବିଂଶ ଶତାବ୍ଦୀର ପ୍ରମୁଖ ଆଧୁନିକ ଲେଖକଙ୍କ ମଧ୍ୟରେ ଅନ୍ୟତମା। ଏକାଧାରରେ ଉପନ୍ୟାସ, ପ୍ରବନ୍ଧ ଓ ସମାଲୋଚନା ଲେଖୁଥିବା ଏହି ଲେଖିକାଙ୍କର ପ୍ରଖ୍ୟାତ ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ– 'ଟୁ ଦ ଲାଇଟ୍ ହାଉସ୍' (୧୯୨୭), 'ମିସେସ୍ ଡାଲୋୱେ', 'ଓରଲାଣ୍ଡୋ' (୧୯୨୮), 'ଏ ରୁମ୍ ଅଫ୍ ୱାନ୍ସ ଓନ୍' (୧୯୨୯) ଓ 'ଦ ୱେଭ୍‌ସ' (୧୯୩୧)। ସେ କହନ୍ତି: "ନାରୀମାନେ କୌଳିନ୍ୟ ଓ କଳା ଦ୍ୱାରା ପୁରୁଷଙ୍କ ଅପେକ୍ଷା କଳ୍ପନାରେ ଅଧିକ ନିଆଁ ଧରାନ୍ତି।" ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ସେ ହକ୍‌ଦାର ହୋଇଥିଲେ ମଧ ତାହା ତାଙ୍କୁ ମିଳି ନ ଥିଲେ ବି ମୃତ୍ୟୁର ବହୁ ପରେ ୨୦୧୯ରେ ବେଲଜିୟମ୍‌ର ଏକ ସାହିତ୍ୟ ପ୍ରତିଷ୍ଠାନ ତାଙ୍କୁ ନୋବେଲ ତତ୍ତୁଲ୍ୟ 'ପାରା ପୋର୍ଟା ନୋବେଲ ପୁରସ୍କାର'ରେ ସମ୍ମାନିତ କରିଥିଲେ।

## ଶିଳାଫୁଲ

ଗଳ୍ପ

କାଶୀନାଥ ନନ୍ଦୀ

ସତର ବର୍ଷର ଶୀତୁ ବୁଝିପାରେନା ତା' ଜେଜେଙ୍କୁ। ଏତେ ବୟସର ବୁଢ଼ା ମଣିଷ, ଅଥଚ ଏତେ ସୁନ୍ଦର! ଉଜ୍ଜ୍ୱଳ ମୁହଁ ତାଙ୍କର ସବୁବେଳେ ପରିପୂର୍ଣ୍ଣ ଲାଗୁଥାଏ। ହସ, ଭାଷା ତାଙ୍କର ସବୁବେଳେ ମନୋହର ରହିଥାଏ।

କେମିତି ହେଇପାରୁଥାଏ ଏମିତି? ଦେଖାନ୍ତରେ ଗୋଟେ ହୀନସ୍ତା ଜୀବନ ଭିତରେ ଥାଆନ୍ତି ଜେଜେ। ମମି ତାଙ୍କୁ ବେଖାତିର କରେ। ଯା' ତା' ଫୋ ଫା କରି କୁହେ। ବିରକ୍ତ ହୁଏ। ଏପରି କି ସହି ହେଉ ନ ଥିବା ଅନେକ ଅକଥା କହିଯାଏ। ଏସବୁ ଏଇଥିପାଇଁ ଯେ, ସେ ଏଠି ନ ରୁହନ୍ତୁ। ତାଙ୍କର ଅନ୍ୟ ପୁଅ ଅଛନ୍ତି, ସେ କାହିଁକି ଏଇଠି ସବୁଦିନ ପାଇଁ ରହିବେ? ପୁଣି ଏଇଥିପାଇଁ ଯେ ଜେଜେ ମମିର ସବୁ ଜ୍ୱାଳା ସହିଯାଆନ୍ତି। ଯିଏ ଯାହା କହୁ, କାଠ ପଥର ପରି ସ୍ଥିର ଥାଆନ୍ତି। ଜେଜେଙ୍କ ପାଇଁ, 'କହିବା ଲୋକ ମହତ ନୁହନ୍ତି, ସହିବା ଲୋକ ମହତ।' ଭାରି ମନ କଷ୍ଟ କରେ ଶୀତୁ। କେବେ କେବେ ତ ମମିର ଆଚରଣରେ ସେ ଅତିଷ୍ଠ ହୋଇଯାଏ। ତା' ମନ ହୁଏ ମମିକୁ ଯା' ତା' କହିପକାନ୍ତା। ତେବେ ମମିର ଉଗ୍ରରୂପକୁ ତା'ର ଭାରି ଡର। ତେଣୁ କହିପାରେନା। ମନ ମାରି ରୁହେ।

ସେଦିନ ଦିନବେଳେ ଅନେକ କିଛି ଘଟିଥିଲା। ଶୀତୁ ସାମ୍ନାରେ ହିଁ ସବୁ କିଛି ଘଟିଗଲା। ମମି ସୀମା ଲଙ୍ଘିଯାଇଥିଲା। ଶୀତୁ ଦେଖୁଥିଲା, ଜେଜେ ସବୁକୁ ପଥର ପରି ସହିଯାଉଥିଲେ। ଶୀତୁର ମନ ଭାରି ବିକଳ ହେଉଥିଲା। ତେବେ ସେ କିଛି ବି କରିପାରୁ ନ ଥିଲା। ବାପା ବି ଥିଲେ। ସେ ସେମିତି ହୁଙ୍କାଟେ ପରି ଠିଆ ହୋଇଥିଲେ। ଦିନ ବିତିଗଲା, ଜେଜେ ସେଇ ଗୋଟେ ଜାଗାରେ ନିରବରେ ବସିଥିଲେ। ରାତି ହେଲା। ରାତି ଗଭୀର ହେଲା। ତାଙ୍କୁ କେହି କିଛି କହୁ ନ ଥିଲେ। ବାପା କ'ଣ ଗୋଟେ ବାହାନା କରି ଅନେକ ବେଳରୁ ଘରଛାଡ଼ି ଚାଲିଗଲେ। କେତେବେଳେ ସେ ଫେରିଲେ, ସେ ହିଁ ଜାଣନ୍ତି। କେତେ ରାତିରେ ଜେଜେ ବସିବାଠାରୁ ଉଠିଗଲେ। ସେଇ ରାତିର ଏକ ନିରବ ପ୍ରହରରେ ଜେଜେଙ୍କ ପାଖକୁ ଚୁପ୍‌ଚୁପ୍ ଗଲା ଶୀତୁ। ଜେଜେ ଶୋଇ ନ ଥିଲେ। ତାଙ୍କ ବିଛଣାରେ ବସିଥିଲେ। ଶୀତୁ ମନରେ କେତେ କଥା, ଅଥଚ ସେ କିଛି କହିପାରୁ ନ ଥିଲା। କିଛି କହି ନ ପାରି ସେ ତାଙ୍କ ପାଖରେ ବସିଗଲା। ଛୁଇଁଲା ଜେଜେଙ୍କୁ। ମୁଠେଇ ଧରିଲା ତାଙ୍କ ହାତକୁ, "ତମକୁ ଆଜି ବହୁତ ବାଧିଲା ନା ଜେଜେ...?" ତା' ଆଗକୁ ସେ ଯେମିତି ଆଉ କିଛି କହିପାରୁ ନାହିଁ। ତା' ଭିତରଟା ନଅସି ଯାଉଥିଲା ଦୁଃଖରେ।

ତା'ପରେ ଆଉ ପ୍ରଶ୍ନ ନାହିଁ, ନିବିଡ଼ ଭାବ ମୁହୂର୍ତ୍ତଟେ ଦୁଇଟି ଜୀବନ ଭିତରେ। ସ୍ପର୍ଶ ଏଠି ନିମିତ୍ତମାତ୍ର। ଏତିକିବେଳେ ଗୋଟେ ହୀନ ଗର୍ଜନ ଶୁଭିଲା ଦୁଆରୁ, "ତୁମକୁ ଲଜ୍ଜା ଲାଗୁନାହିଁ, ଶେଷରେ ଗୋଟେ ଛୁଆର ଜୀବନକୁ ବର୍ବାଦ କରୁଛ...।" ହାତରୁ ହାତ ଓହ୍ଲେଇଗଲା। ଦୁହେଁ ଅବାକ୍ ହେଇ ଅନେଇଛନ୍ତି। ଜଣେ ଗର୍ଜି ଚାଲିଛି। ଯେଉଁ କଥା ତୁଣ୍ଡରେ, ସେ କଥା କେହି କହିବେ ନାହିଁ କି ସହିବେ ନାହିଁ। ଇଏ ଆରୋପ, ଯାହାକୁ ସହିପାରିବ ନାହିଁ ବସୁଧା। ଶୀତୁ ନିର୍ବାକ୍। ଜେଜେ ନିର୍ବାକ୍। ଏଇଠି ବାପା ହିଁ ସ୍ୱର ଉଠାଇଲେ। ମମିର ମୁଖରା ମୁହଁକୁ ଭାଙ୍ଗିଦେଲେ। ଶୀତୁ ଦେଖୁଥିଲା, ମମି ଦୁମ୍‌ଦୁମ୍ ହେଇ ଘର ଭିତରକୁ ଚାଲିଗଲା। ବାପା ବି ଚାଲିଗଲେ। ଏଥର ରହିଗଲେ କେବଳ ଏଇ ଦୁଇଜଣ। ଏଇଠି ଅପମାନର ପ୍ରଚଣ୍ଡ ଆଘାତ ଉପରେ ଜେଜେଙ୍କୁ ପ୍ରଶ୍ନ କଲା ଶୀତୁ, "ଜେଜେ, ତମକୁ ମମିର ମିଛ ଆରୋପ ଖୁବ୍ କଷ୍ଟ ଦେଲା ନା...?" ଏଇଠି ତାଙ୍କ ମୁହଁରେ ସେଇ ସାନ ହେଇ କି ହସ ପରି ରେଖାଟିଏ। ତା'ପରେ ସାନ କଥାଟେ, "ହାତରୁ ଖସିଯାଇଥିବା ଟେକା ଓ ପାଟିରୁ ବାହାରିଯାଇଥିବା ବଚନ କ'ଣ ଫେରେ ରେ ମା'...?" ଟିକିଏ ରହି ପୁଣି ସେ କହିଲେ, "ତୁ ଏବେ ଯାଆ...। ଯା' ଶୋଇପଡ଼। କାଲି କଥା ହେବା।"

ଶୀତୁ ଚାଲିଯାଇଥିଲା। ରାତି ଯାଇ ରାତି ପାହିଥିଲା। ସକାଳର ସୂର୍ଯ୍ୟୋଦୟରେ କେହି ଦେଖିଲେ ନାହିଁ ସେଇ ମଣିଷକୁ, ଯିଏ ଜୀବନକୁ କେବଳ ସ୍ୱୀକାର କରି କରି କାଟି ଚାଲିଥିଲେ। ସେ ବି ଆଉ କୋଉ ପୁଅ ଘରକୁ ଯାଇ ନ ଥିଲେ। ସେ ପୂରା ନିରୁଦ୍ଦିଷ୍ଟ ହେଇଗଲେ।



– ଦୁଇ –

ଜେଜେ ଆସୁଛନ୍ତି : କେତେ ବର୍ଷ ପରେ, ଗଣମାଧ୍ୟମରେ ଶୀତୁ ଅନେକ ଅନେକ ବିନୀତ ନିବେଦନ କଲା ପରେ, ଅନ୍ୟ ଗୋଟେ ଅଜଣା ଫୋନ୍‌ରେ ଜେଜେ ତା' ପାଖକୁ କେବଳ ଦୁଇଟି ଶବ୍ଦରେ ମେସେଜ୍ ଦେଲେ, 'ମୁଁ ଯାଉଛି...।' ଏତିକିମାତ୍ର ବାର୍ତ୍ତାରେ ଘର ଯେମିତି ପୂରିଉଠିଛି। ଆଶା ଯେମିତି ଆଲୋକ ପରି ଲାଗୁଛି ଶୀତୁକୁ, ମା'ର ଶେଷଇଚ୍ଛା ପୂର୍ଣ୍ଣ ହେବ। ମରିଯିବା ଆଗରୁ ଜେଜେଙ୍କୁ ମା' ଦେଖିବ। କ୍ଷମା ମାଗିବ। ଭଲ କଥା, ଭଲ ଆଚରଣ ସିନା କହି କି କରିପାରିବ ନାହିଁ, ହାତ ତ ଯୋଡ଼ିପାରିବ।

ସତ ହେଲା କଥା। ଜେଜେ ପହଞ୍ଚିଲେ। ତାଙ୍କ ଚାଲିଆସୁଥିବା ପାଦ ରହିଯାଇଥିଲା। ତାଙ୍କ ଆଖି ସ୍ଥିର ହେଇଗଲା। ତାଙ୍କ ଆଖିରେ ସେମାନେ ତିନିଜଣ ଏକାଠି। ଜଣେ ଶେଯରେ। ଶେଯକୁ ବେଢ଼ି ଆଉ ଦୁଇଜଣ। କେଡ଼େ ଥାଟର ଶକ୍ତ ମଣିଷଟା, ଏବେ ଯେମିତି କଙ୍କାଳଟିଏ। ଆଖି ଦୁଇଟିରେ କେବଳ ଜୀବନ ଦିଶୁଛି।

ଶୀତୁର ଆଖି ପଡ଼ିଗଲା ଜେଜେଙ୍କ ଉପରେ। ଜେଜେଙ୍କ ଆଖି ଛୁଇଁଛି ମମିର ଆଖିକୁ। ଇଏ ମିଳନର ଲଗ୍ନ। ଆଖି ଯେମିତି ଆଖିକୁ ଜାବୁଡ଼ି ଧରିଛି। ଟିକିଏ ଶ୍ୱାସରେ ସେଇଠି ଯେଉଁ ଜୀବନ, ସେଇ ଜୀବନ ସନ୍ଧିରୁ ଲୁହଟିକେ ବହି ଆସି ଆଖି ଦେଇ ଗଡ଼ିଗଲା ମମିର। ଆଖି ଯେମିତି କହୁଥିଲା, 'ମତେ କ୍ଷମା କରିଦିଅ...।' ପୁଣି ହାତ ଉଠୁଥିଲା, ଉଠି ପାରୁ ନ ଥିଲା। ଜୀବନ ଚାହୁଁଥିଲା କିଛି କହିବାକୁ, ପାଟି ଫିଟୁ ନ ଥିଲା। ତା'ପରେ ଶୀତୁ ଦେଖୁଥିଲା ଜେଜେ ବସିଲେ ମମି ପାଖରେ। ଛୁଇଁଲେ ମମିକୁ। ହାତ ଛାଏଁ ହାତ ପଡ଼ିଛି। ଗୋଡ଼ ଛାଏଁ ଗୋଡ଼ ପଡ଼ିଛି। ସେଇଠି କେବଳ ଯୋଡ଼ିଏ ଆଖିରେ ଭାଷା, ଯେଉଁ ଭାଷାକୁ ଲୁହ ଧୋଇ ଦେଉଥିଲା।

ଶୀତୁ ମମି ଉପରୁ ଆଖି ଉଠେଇ ଜେଜେଙ୍କୁ ଚାହିଁଲା। ଜେଜେଙ୍କ ଆଖିରେ ଲୁହ। ମୁହଁକୁ ଚାହିଁଲା, ଯେଉଁଠି ଗୋଟେ ଉଦାର ହୃଦୟ ଛାଇ ହେଇ ଦିଶୁଥିଲା। ସେ ବାପାଙ୍କୁ ଚାହିଁଲା। ସେ ସେଇଠି ହିଁ ଠିଆ ହେଇଥିଲେ ଅପରାଧୀଙ୍କ ପରି। ତାଙ୍କ ଆଖିରେ ବି ଲୁହ। ଏଇଠି ଗୋଟେ ଅଖଣ୍ଡ ନିରବତା ଭିତରୁ ସାନ ସ୍ୱରଟିଏ– "ମାଆରେ.. ମୁଁ ପା' ଆଇଲିଣି। ତୋର ଆଉ କିଛି ହେବନି। ତୁ ଭଲ ହେଇଯିବୁ...।"

....ଏବଂ ଶୀତୁ ଦେଖୁଥିଲା, ଜେଜେ ମମିକୁ ଆବୋରି ନେଉଥିଲେ ସେମିତି, ଯେମିତି ସେଇ ଶେଷ ରାତିରେ ତାକୁ, ତା' ଆବେଗକୁ ଆବୋରି ନେଇଥିଲେ। ଦେଖୁଥିଲା ମମି ତା' ସବୁ ବଳ ଲଗେଇ ଜେଜେଙ୍କୁ ତା' ଛାତିରେ ଚୋଳି ଧରିଛି, ଆଉ ଭୋ ଭୋ କାନ୍ଦୁଛି। କିଛି ବି କହିପାରୁନାହିଁ। ଶୀତୁ ତା' ନିଜ ଲୁହରେ ତା' ଆଗର ଦୃଶ୍ୟକୁ ଲିଭେଇ ଦେଉଛି, ଦେଖିଲା ଜେଜେଙ୍କୁ। ତାଙ୍କ ମୁହଁରେ ସେଇ ପୂର୍ଣ୍ଣତା, ଯେମିତି ପରିପୂର୍ଣ୍ଣ ଥାଏ ଈଶ୍ୱରଙ୍କ ମୁହଁ।

– ରାଉରକେଲା
ମୋ: ୯୮୬୧୬୫୫୩୫୭

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ